

# ନବବଧୂ

ଦୟାନିଧି ସାହୁ

# ନବରଙ୍ଗ

( ରମ୍ୟ ରଚନା )

ରସାନନ୍ଦ ସାହୁ

ପ୍ରକାଶକ—
ଉଦୟ-ଭାରତୀ
୫୮, ଏମ୍. ରୋଡ଼୍
ଜାମସେଦପୁର—୧

ପ୍ରଥମ ମୁଦ୍ରଣ—୧୯୫୭
ମୂଲ୍ୟ—ଏକଟଙ୍କା ପଚିଶ ନୂଆପଇସା

## ଘୋଷଣା

ଏହି ଗଳ୍ପ ଲିଖିତ ସ୍ଥାନ, କାଳ, ପାତ୍ର, ସବୁ କିଛି ପ୍ରକ୍ଷିପ୍ତ ଓ ଲେଖକର କଳ୍ପନା-ପ୍ରସୂତ । କେହି ନିଜ ଚରିତ୍ରର ପ୍ରତିବିମ୍ବ ଏହି ଗଳ୍ପରେ ଖୋଜି ବସିଲେ ଲେଖକ ପ୍ରତି ଅନ୍ୟାୟ ଓ ଅବିଚାର କରାହେବ ।

ଲେଖକ

## —ଏକ—

ଭାରତ ଇତିହାସର କେଉଁ ଏକ ବିସ୍ମୃତ ଯୁଗରେ ଉଜ୍ଜୟିନୀର ପ୍ରାତଃସ୍ମରଣୀୟ, ଗୁଣଗ୍ରାହୀ ମହାରାଜ ବିକ୍ରମାଦିତ୍ୟଙ୍କ ରାଜ-ସଭା ଦେଶର ସୁନାମଧନ୍ୟ ଗୁଣୀ ନବରତ୍ନଙ୍କ ଦ୍ୱାରା ଅଳଙ୍କୃତ ହୋଇ-ଥିଲା । କୁସୁମ ପରିବେଶ ପଟ ବିସ୍ତାରଣ ହେଲା ପରି, ଏହି ନବରତ୍ନଙ୍କ ଅକ୍ଷୟ ଯଶ ଓ ଅସରନ୍ତି ଖ୍ୟାତି ଗୁଣପ୍ରେମୀ ନରପତିଙ୍କୁ ଯୁଗ ଯୁଗ ଧରି ଅମର କରି ରଖିଲା । ଆଶ୍ରିତ ନବରତ୍ନ ରାଜ ସମ୍ମାନ ଓ ରାଜ-ଆଶ୍ରୟ ଲାଭ କରି ଯେତିକି ସମ୍ମାନିତ ଓ ସୁଖୀ ହୋଇଛନ୍ତି, ଆଶ୍ରୟଦାତା ବିକ୍ରମାଦିତ୍ୟ ତାଠାରୁ ଊଣା ସମ୍ମାନିତ ହୋଇ ନାହାନ୍ତି । ରାଜ ଅନୁଗ୍ରହ ଫଳରେ, ରାଜକୀୟ ଭୋଗ ବିଳାସରେ ସମୟ ଅତିବାହିତ କରିବା ସଙ୍ଗେ ସଙ୍ଗେ ନବରତ୍ନଙ୍କ ପ୍ରତିଭା-ପୁଷ୍ପର ସୌରଭ ସମ ବିକଶିତ ହୋଇ ଦେଶ, ବିଦେଶକୁ ମହକିତ କରିଛି । ତତ୍‌ସହ ନରପତି ବିକ୍ରମାଦିତ୍ୟଙ୍କ ଗୁଣଗ୍ରାହିତା ଓ ଉଦାରତା ମଧ୍ୟ ଚତୁର୍ଦ୍ଦିଗରେ ପ୍ରକାଶିତ ହେବାର ସୁଯୋଗ ଲାଭ କରିଛି ।

ସେହି ବିସ୍ମୃତ ଯୁଗର, ବହୁ ପଠିତ ଓ ଏକାଧିକବାର ଶ୍ରୁତ, ଅତି ପରିଚିତ ନବରତ୍ନ-କାହାଣୀ ଏ ସ୍ଥଳରେ ପୁନର୍ବିତାରଣା କରାଯାଉଛି ମନେ କରି, କେହି ଯେପରି

ଲେଖକଙ୍କୁ ଭୁଲ ବିଚାର ନ କରନ୍ତୁ । ସେ ଯୁଗର ସେହି ପୁରାତନ ନବରତ୍ନଙ୍କ ଅଲୌକିକ ପାଣ୍ଡିତ୍ୟ ବା ଅମର ଯଶୋଗାଥା ସମ୍ବନ୍ଧରେ ଏଠାରେ ଆଲୋଚନା ହେଉନାହିଁ । ଏ କାହାଣୀ ଏହି ବିଂଶ ଶତାବ୍ଦୀର ପରମାଣୁ ଯୁଗର ନୂତନ ନବରତ୍ନଙ୍କ ଅଲୌକିକତା ଓ ଯଶୋଗାଥା ଧରି ସମୃଦ୍ଧିଶାଳୀ । ଏହି ନୂତନ ନବରତ୍ନ ଉତ୍କଳପୁରୀର ରାଜ-ସଭା ମଣ୍ଡନ କରିବାର ସୌଭାଗ୍ୟ ଧରି ଜନ୍ମଲାଭ କରି ନଥିଲେ, ଏମାନେ ତତ୍କାଳୀନ ଓଡ଼ିଶା ରାଜଧାନୀ କଟକ ସହରର Bachelor's Mess ଅର୍ଥାତ୍ 'ଅନୂଢ଼-ନିବାସ' ମଣ୍ଡନ କରିଥିଲେ । ଏହି କାହାଣୀ ଭାରତ ଇତିହାସର ବିସ୍ମୃତ ଯୁଗର ଘଟଣା ବିଶେଷ ନୁହେଁ, ଏହା ମାତ୍ର ସେ ଦିନର ଅର୍ଥାତ୍ ବିଗତ ଦ୍ୱିତୀୟ ମହାଯୁଦ୍ଧ ଯୁଗର ଘଟଣା ବିଶେଷ ।

ଆମର ଏହି ବହୁ ବିଖ୍ୟାତ, ସ୍ୱନାମଧନ୍ୟ ବାଚେଲର୍ସ୍ ମେସ୍ ରାଜଧାନୀର ହାର୍ଟ ଅର୍ଥାତ୍ ମଧ୍ୟ ସ୍ଥଳରେ ଅବସ୍ଥିତ । ମେସ୍ ସମ୍ମୁଖରେ ଯେଉଁ କଳା ମାଟିର ସନ୍ତସନ୍ତିଆ ଅଣଓସାରିଆ ଗଳିଟି ଲମ୍ବି ଯାଇଛି ତାକୁ ଲୋକେ ଭଲୁଖିଆ ଗଳି କହନ୍ତି । ଏପରି କିମ୍ଭୂତ କିମାକାର ଉଦ୍‌ଭଟ ନାମକରଣ ମୂଳରେ କି ରହସ୍ୟ ଅଛି ଜାଣିବା ସହଜ ନୁହେଁ, ତେବେ ଏତିକି ଅନୁମାନ କରାଯାଇ ପାରେ ଯେ, ବୋଧହୁଏ ଏହି ଗଳିଟିରେ ଅଧିକାଂଶ ଭୂତ ସରକାରୀ କର୍ମଚାରୀ ଅର୍ଥାତ୍ ବର୍ତ୍ତମାନ ଭଲୁଖିଆ ବୃଦ୍ଧ ଦଳ ବାସ କରୁଥିବାରୁ ଏପରି ନାମକରଣ କରାଯାଇଛି । ଏହି ନାମର ସୃଷ୍ଟି ମୂଳରେ ସୃଷ୍ଟିକର୍ତ୍ତା ଯେଉଁ ଅର୍ଥ ପ୍ରୟୋଗ କରି ଥାଆନ୍ତୁ ନା କାହିଁକି, ଏହି ଗଳିର ବାସିନ୍ଦାଙ୍କ ମଧ୍ୟରେ ଆଜି କିନ୍ତୁ ବିଶେଷ କୌଣସି ଭଲୁଖିଆ ବୃଦ୍ଧ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ବରଞ୍ଚ ଅଧିକ ଚପଳମତି ଯୁବ ଓ ଅନୂଢ଼ ତରୁଣ ଆଖିରେ ପଡ଼ିଥାଆନ୍ତି ।

ଏ କଥାର ପ୍ରଥମ ଓ ପ୍ରଧାନ ପ୍ରମାଣ ଆମର ଏହି ବିଖ୍ୟାତ ବାଚେଲେର୍ସ ମେସ୍ ।

ମେସ୍‌ଟିର ଦୁଇ ଦିଗରେ ପଦସ୍ଥ କର୍ମଚାରୀ ଓ ଧନୀ ଜମିଦାରଙ୍କ ସୁଉଚ୍ଚ, ବିରାଟ, ପ୍ରାସାଦୋପମ ହର୍ମ୍ୟମାଳା । ଅପର ଦୁଇ ପାଖରେ ସମାଜର ତଳିଆ ଜୀବମାନଙ୍କର ମାଟି ଝାଟି ନିର୍ମିତ ନୁଆଁଣିଆ ଚାଳଘରଗୁଡ଼ିଏ । ଏଥିରେ ରିକ୍‌ସାଚାଳକ, ମଟର ଚାଳକ, ବସ୍ କଣ୍ଡକ୍ଟର ଓ ଛାପାଖାନାର କମ୍ପୋଜିଟର ପ୍ରଭୃତି ନବ୍ୟ ସଭ୍ୟତା ସୃଷ୍ଟ କେତେକ ନୂତନ ଦରିଦ୍ର ବାସ କରନ୍ତି । ଗୋଟାଏ ପାଖରେ ଧନୀକର ବିଳାସ, ଅପର ପାଖରେ ଦରିଦ୍ରର ହାହାକାର । ଏକ ପାଖରେ ରେଡ଼ିଓର ପ୍ରେମ ସଙ୍ଗୀତ, ଅନ୍ୟ ପାଖରେ ସ୍ୱାମୀ ନିର୍ଯ୍ୟାତିତା ବୁଭୁକ୍ଷୁ ଗୃହିଣୀର କ୍ରନ୍ଦନ ଧ୍ୱନି । ଏ ଦୁହିଁଙ୍କ ମଧ୍ୟରେ ବାଚେଲରସ୍ ମେସ୍ ଗୋଟାଏ ଜୀବନ୍ତ ଉପହାସ ପରି ଦଣ୍ଡାୟମାନ । ଏହି ମେସ୍ ପ୍ରତି ଏକ ପାଖରୁ ଧନୀଙ୍କର ତାଚ୍ଛଲ୍ୟପୂର୍ଣ୍ଣ ଦୃଷ୍ଟିପାତ ହେଲେ ଅପର ପାଖରୁ ଶଙ୍କାଜନିତ ସମ୍ମାନିତ ଦୃଷ୍ଟି ପଡ଼ିଥାଏ । ଗୋଟାଏ ପାଖର ସମାଜ ଏହି ମେସ୍‌କୁ ଅବହେଳାର ବସ୍ତୁରୂପେ ଜ୍ଞାନ କଲାବେଳେ ଅନ୍ୟପାଖର ସମାଜ ଏହାକୁ ସମୀହ କରି ସଙ୍କୁଚିତ ହୋଇପଡ଼େ । ଏ ପାଖରେ ଅହଙ୍କାର, ସେ ପାଖରେ ସଙ୍କୋଚ । ଏ ପାଖରେ ପ୍ରାଚୁର୍ଯ୍ୟର ଆଡ଼ମ୍ବର, ସେ ପାଖରେ ଅନାଟନର ନିର୍ଲ୍ଲଜତା । ଆଉ ଦୁହିଙ୍କ ମଧ୍ୟରେ ଆମ କାହାଣୀର ପଛଭୂମି ବାଚେଲର୍ସ ମେସ୍ ।

ଏହି ମେସ୍ ଘରଟି ପକ୍କା କୋଠା ନୁହେଁ କିମ୍ବା ମାଟି ଝାଟି ନିର୍ମିତ ଚାଳଘର ବି ନୁହେଁ । ଏହା ପକ୍କା ଓ ଚାଳଘରର ଏକ ସମ୍ମିଶ୍ରଣ । ମାଟି, ଚୂନ ଓ ଇଟାର ଏକ ସଂଯୁକ୍ତ ଏକତ୍ରୀକରଣ । ଏହି ଘରଟିର ନିର୍ମାଣ କୌଶଳ ସମ୍ବନ୍ଧରେ ଆଉ ଟିକିଏ

ପରିଷ୍କାର କରି ନ କହିଲେ କଥାଟା ସହଜରେ ବୋଧଗମ୍ୟ ହେବ ନାହିଁ । ଘରଟିର ସୃଷ୍ଟିକର୍ତ୍ତା ବା ମାଲିକ ଏହାକୁ ଦୋତାଲା କୋଠା ନାମରେ ଅଭିହିତ କରନ୍ତି । ଏହି ତଥାକଥିତ ଦୋତାଲା କୋଠାଟି ଇଟା ଓ ମାଟିରେ ତିଆରି । ଅର୍ଥାତ୍ ମାଟି ସାହାଯ୍ୟରେ ଇଟାଗୁଡ଼ିକୁ ସଂଯୁକ୍ତ କରାଯାଇ କାନ୍ଥ ଉଠିଛି । ମାଧ ଦେବାଲ-ଗୁଡ଼ିକ ଚୂନ ଦ୍ୱାରା ପଲସ୍ତରା ଓ ଧୌତ ହୋଇ ଏକ ଅପୂର୍ବ ପୀତ ରଙ୍ଗ ଧାରଣ କରି ପକ୍କା ଘରର ନାମ ସାର୍ଥକ କରୁଛି । ଛାତ ଉପରେ କଟକ କୁମ୍ଭାର ନିର୍ମିତ କଳା ଟାଇଲଗୁଡ଼ିଏ ବିଛା ଯାଇଁ ପୁଣି ଛାତର ପାଖରେ ଗୋଟିଏ ଇଟାର ଦୈର୍ଘ୍ୟ ବିଶିଷ୍ଟ ଚାରିହାତ ଉଚ୍ଚର ଦେବାଲ ଉଠିଛି । ସେହି ଦେବାଲ ଉପରେ ପୁରୁଷେ ଉଚ୍ଚର ଏକ ଛପର । ଏଇଟା ଉପର ମହଲା । ତାହା ପୁଣି ଦୁଇ ଭାଗରେ ବିଭକ୍ତ ହୋଇ ଦୁଇଟି କୋଠରୀ ହୋଇଛି । ତଳ ମହଲାରେ ତିନି ବଖରା ଘର, ଭଣ୍ଡାର ଘର, ରୋଷେଇ ଘର, ଗାଧୁଆ ଘର ପ୍ରଭୃତି ରହିଛି । ତେଣୁ ଏହି କିମ୍ଭୂତ କିମାକାର ଛାତ-କୋଠାଟି ମଝିରେ ଏକ କାର୍ଟୁନ ପରି ଛିଡ଼ା ରହି ଗୋଟାଏ ପାଖରେ ହର୍ମ୍ମ୍ୟମାଳା-ସମାଜ ଓ ଅପର ପାଖରେ ଛାଲଘର-ସମାଜକୁ ବିଭକ୍ତିକରଣ କରୁଛି । ଗୋଟାଏ ପାଖରେ ହର୍ମ୍ମ୍ୟ-ବିଳାସୀଙ୍କୁ ହିଂସା ଜର୍ଜ୍ଜରିତ ଘୃଣାପୂର୍ଣ୍ଣ ଦୃଷ୍ଟିରେ ଆଉ ଅନ୍ୟ ପାଖରେ ଛାଲଘର-ଦୁଃଖୀଙ୍କୁ ସମବେଦନାସିକ୍ତ ଦୟାପୂର୍ଣ୍ଣ ଦୃଷ୍ଟିରେ ଚାହିଁଛି ।

ମେସ୍ ସମ୍ମୁଖରେ ଯେଉଁ ଚାରିହାତ ଓସାରର ପଚ୍ଚ କଳା-ମାଟିର ସନ୍ତସନ୍ତିଆ ଉଷୁଖିଆ ଗଳିଟି ଲମ୍ବି ଯାଇଛି ସୁତାହାଟ ଉଦ୍ଦେଶ୍ୟରେ ତା'ର ଦୁଇ କଡ଼ରେ କେଉଁ ଅନାଦି କାଳର ଆବର୍ଜ୍ଜନା ଓ ମଇଳା ପାଣି କର୍ଦ୍ଦମ ଭିତରେ ସଢ଼ୁଛି । ସେହି

ନର୍ଦ୍ଦମାର ସୌରଭ ମଝିରେ ମଝିରେ ଦମକା ପବନରେ ଭାସି ଆସି ମେସ୍‌ର ତଳମହଲା ଘରଗୁଡ଼ିକୁ ସୁରଭିତ କରିବା ସଙ୍ଗେ ସଙ୍ଗେ ମେସ୍ ବାସିନ୍ଦା ନବରତ୍ନଙ୍କର ହୃଦୟ-ପ୍ରାଣ ନବରସରେ ଚସାଣିତ କରେ । ଏହି ସୌରଭରେ ମୁଗ୍‌ଧ-ବିଚଳିତ ହୋଇ ଦାର୍ଶନିକ ଓ ସମାଲୋଚକ ଭୂପେନ୍ଦ୍ରକୁମାର ଦିନେ ନବରତ୍ନଙ୍କର ଏକ ଜରୁରୀ ଅଧିବେଶନ ଆହ୍ୱାନ କଲେ । ଅଧିବେଶନରେ ପ୍ରସ୍ତାବ ଆସିଲା ଯେ, ବାଚେଲର୍ସ ମେସ୍‌ର ଆସନ୍ତା ବାର୍ଷିକ ଉତ୍ସବରେ ସଭାପତିତ୍ୱ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବ ଆଉ ମୁଖ୍ୟ ଅତିଥି ରୂପେ ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କୁ ନିମନ୍ତ୍ରଣ କରାଯିବ । ଆଉ ଉତ୍ସବଟି ଏହି ଭଉଖିଆ ଗଳିର ନର୍ଦ୍ଦମା ଉପରେ ପାଳିତ ହେବ । ଉତ୍ସବର ଭୂରି ଭୋଜନ ପୂର୍ବରୁ ପେଟକୁ ପରିଷ୍କାର କରିବା ଦିଗରେ ଏହି ଭଉଖିଆ ଗଳିର ନର୍ଦ୍ଦମା-ସୌରଭ ସଭାପତି ଓ ପ୍ରଧାନ ଅତିଥିଙ୍କୁ ନିଶ୍ଚୟ ବିଶେଷ ଭାବରେ ସାହାଯ୍ୟ କରିବ ।

ଦାର୍ଶନିକ ଭୂପେନ୍ଦ୍ରକୁମାରଙ୍କ ଏହି ପ୍ରସ୍ତାବ ନବରତ୍ନଙ୍କ ଆନନ୍ଦ କୋଳାହଳ ଓ ଚିତ୍କାର ଭିତରେ ସର୍ବସମ୍ମତି କ୍ରମେ ଗୃହୀତ ହେଲା । ବାଚେଲର୍ସ ମେସ୍‌ର ବାର୍ଷିକ ଉତ୍ସବର ଆୟୋଜନ ଖସଡ଼ା ସଙ୍ଗେ ସଙ୍ଗେ ପ୍ରସ୍ତୁତ କରାଗଲା । ମାତ୍ର ହଠାତ୍ ଏହି ବିରାଟ ଆୟୋଜନ ଓ ଅଶେଷ ଉତ୍ସାହରେ ଭଟ୍ଟା ପଡ଼ିଲା ମ୍ୟୁନିସିପାଲିଟିର କମିଶନର ନୂର ମହମ୍ମଦଙ୍କ ଉପଦେଶ ବାଣୀ ଶୁଣି । ସେ ମହାଶୟ ସହରର ମ୍ୟୁନିସିପାଲିଟିରେ ଏହି ଭଉଖିଆ ଗଳି ଓ ଆଖପାଖ ଅନ୍ୟାନ୍ୟ ଗଳିର ପ୍ରତିନିଧିତ୍ୱ କରନ୍ତି । ଏହି ସାହିର ପ୍ରତିନିଧିତ୍ୱ ସେ ଗତ ବାରବର୍ଷ ଧରି କରି ଆସୁଛନ୍ତି । ପୁଣି ନୂତନ ନିର୍ବାଚନରେ ମଧ୍ୟ ସେ ପ୍ରାର୍ଥୀ ରୂପେ ଛିଡ଼ା ହୋଇଛନ୍ତି ।

ମିଆଁ ନୂର ମହମ୍ମଦ ସେଦିନ ସନ୍ଧ୍ୟାରେ ଅତି ଅପ୍ରତ୍ୟାଶିତ ଭାବରେ ବାଚେଲର୍ସ ମେସ୍‌ରେ ପଦାର୍ପଣ କରି ପ୍ରଥମେ ନବରତ୍ନଙ୍କୁ ଗୋଟାଏ ଗୋଟାଏ ଲମ୍ବା ସଲାମ ଠୁକି ପ୍ରତ୍ୟେକଙ୍କ ସହିତ କର-ମର୍ଦ୍ଦନ କରିଗଲେ । ନବରତ୍ନ ଏହି ଅପରିଚିତ ଆଗନ୍ତୁକଙ୍କର ଅଯାଚିତ ଭଦ୍ରବ୍ୟବହାରରେ ବିସ୍ମିତ ହୋଇ ପରସ୍ପର ପରସ୍ପରଙ୍କୁ ଚାହିଁବା ଅବସରରେ ନୂର ମହମ୍ମଦ ସିଗାରେଟ୍ ପ୍ୟାକେଟ୍ ଖୋଲି ସମସ୍ତଙ୍କ ହାତକୁ ଖଣ୍ଡିଏ ଖଣ୍ଡିଏ ବଢ଼ାଇ ଦେଲେ । ସ୍ୱ ହସ୍ତରେ ସମସ୍ତଙ୍କ ସିଗାରେଟ୍‌ରେ ଅଗ୍ନି ସଂଯୋଗ କରି ସାର୍ଟ ପଞ୍ଜାବୀ ପକେଟ୍‌ରୁ ଗୋଟିଏ ଅତର ଶିଶି ଆଉ କିଛି ତୂଳା ବାହାର କଲେ । ତହିଁରେ କ୍ଷୁଦ୍ର କ୍ଷୁଦ୍ର ତୂଳା ଖଣ୍ଡାକୁ ଅତରସିକ୍ତ କରି ସଭିଙ୍କ କାନରେ ଗୋଟିଏ ଗୋଟିଏ ଗୁଞ୍ଜି ସାରି ମିଆଁ ସାହେବ ଏକ ଦିଲ୍‌ଦାରିଆ ହସରେ ମୋ'ର ବୁଲ-କୋଠାଟିକୁ ମୁଖରିତ କରି ଦେଇଲେ । କହିଲେ—"ହେଁ, ହେଁ, ମତେ ଆପଣମାନେ ଚିହ୍ନି ନାହାନ୍ତି; ମୁଁ ଆପଣଙ୍କର ସାହିର ଲୋକ ।"

—"ସାହିର ଲୋକ !" ଏକ ସ୍ୱରରେ ନବରତ୍ନ ବିସ୍ମୟ ପ୍ରକାଶ କଲେ ।

—"ଆଜ୍ଞା, ମୁଁ ଏହି ସାହିର ଲୋକ, ଆପଣମାନଙ୍କ ଖିଦ୍‌ମତଗାର । ଆପଣମାନଙ୍କ ସେବାରେ ଲମ୍ବା ବାର ସାଲ୍ ମୋର ଗୁଜରିଗଲା ।" ନୂର୍ ମହମ୍ମଦ ହସିଲେ ।

—"ଆମର ସେବାରେ ! !"

—"ଆଜ୍ଞା, ଆପଣମାନଙ୍କ ମେହେରବାନୀରୁ ମୁଁ ପିଛିଲା ବାର ସାଲ ଲଗାତର ମ୍ୟୁନିସିପାଲିଟି କମିଶନର ହୋଇ ପାରିଛି । ଆଗଲା କାଲି ସକାଳ ଆଠଟାରେ ଏକାମ୍ର ସ୍କୁଲରେ ପୁଣି ନୂଆ କରି ଭୋଟ ନିଆଯିବ । ତେଣୁ ଆପଣମାନଙ୍କୁ ଟିକିଏ ୟାଦ୍ ଦେବା

ଲାଗି ଏ ଖିଦ୍‌ମତ୍‌ଗାର ଆସିଥିଲା । ମୋର ଆଜ୍ଞା ପୀଲା ରଙ୍ଗର ବକ୍‌ସା । ମେହେରବାନୀ କରି ଆପଣଙ୍କ ଭୋଟ ଟିକଟଗୁଡ଼ିକ ସେହି ପୀଲା ବକ୍‌ସାରେ ପକାଇ ଦେଲେ ଆଜି ଥୋଡ଼ା ଦିନ୍ ଆପଣଙ୍କ ଖିଦ୍‌ମତ୍ ଖଟିବାକୁ ନସିବ୍ ଖୋଲନ୍ତା ।”

ଏଥର ମିଆଁ ନୂର ମହମ୍ମଦଙ୍କ ଅଯାଚିତ ଶୁଭାଗମନର କାରଣ ନବରତ୍ନଙ୍କ ନିକଟରେ ଜଳ ପରି ସ୍ୱଚ୍ଛ ହୋଇଗଲା । ସମାଲୋଚକ ଭୂପେନ୍ଦ୍ରକୁମାର ୱାରଦର୍ପରେ ଆଗେଇ ଆସି ପଚାରିଲେ “ଆପଣ ତା’ ହେଲେ ମ୍ୟୁନିସିପାଲିଟି ଲାଗି ଭୋଟ ପ୍ରାର୍ଥୀ ?”

—“ଆଜ୍ଞା !”

—“ଆପଣଙ୍କ ନାମ ?”

—“ଆଜ୍ଞା, ନୂର ମହମ୍ମଦ ମିଆଁ । ମତେ ଏ ସାହାର ସବୁ ମରଦ, ଔରତ୍, ଛୁଆ ବଚ୍ଚା ଚିହ୍ନନ୍ତି ।”

—“କ’ଣ ପାଶ କରିଛନ୍ତି ?”

ନୂର ମହମ୍ମଦ ଏଥର ଦିଲଦାରିଆ ଅମାୟିକ ହସ ପୁଣି ହସିଲେ । କହିଲେ—“ମୋରତ ନୌକରୀ ବାକରୀର ଦରକାର ନଥିଲା, ତେଣୁ ପାଶ୍ ଫାଶ୍ କରିନାହିଁ । ତେବେ, ମୁଁ ପାଠ ପଢ଼ିଛି । ଓଡ଼ିଆ ପଢ଼ି ଜାଣେ, ଉର୍ଦ୍ଦୁ ବି ପଢ଼ି ଜାଣେ । ମ୍ୟୁନିସିପାଲଟିର ସବୁ କାଗଜ ପତ୍ରରେ ମୁଁ ଦସ୍ତଖତ କରେ, ଫାଲୁପଣ୍ଡା ବଜାରର କମିଶନର ପୀତାମ୍ବର ବଶେଇ ପରି ମୁଁ ଟିପ ଚିହ୍ନ ଦିଏ ନାହିଁ ।”

କବି ଆନନ୍ଦ ପ୍ରକାଶ ଆଗେଇ ଆସି କହିଲେ—“ସତେ ? ଆପଣଙ୍କର ପେଶା କ’ଣ ?”

—“ପେଶା ? କମିଶନର ପେଶା । ଆଜ୍ଞା ଏହି ପେଶା କରି ଲମ୍ବା ବାର ସାଲ ଗୁଜରି ଗଲା ।”

—"ତା ପୂର୍ବରୁ କ'ଣ କରୁଥିଲେ ?"

—"ଆଜ୍ଞା ନିଜ ପେଶା କରୁଥିଲି । ବିଡ଼ି ବଳୁଥିଲି, ଗୁଡ଼ାଖୁ ଭି ତିଆର କରୁଥିଲି ।"

ଜମ୍ନାଷ୍ଟିକ ପ୍ଲେୟାର ସମନ୍ତ ଖାଁ ବାହାର ପଡ଼ି କହିଲେ—

—"କ୍ୟା ମିଆଁ ସାହେବ, ମେଁ ତୋ ବଚପନ୍‌ମେ ଆପକୋ ଗୋସ୍ ବେଚତେ ହୁଏ ଦେଖାହେ !"

ମିଆଁ ସାହେବ ଅବିଚଳିତ ଚିତ୍ତରେ ପୁଣି ଦିଲ୍‌ଦାରିଆ ହସ ହସି ଉଠିଲେ । କହିଲେ—"ହାଁ, ହାଁ, ଥୋଡ଼ା ରୋଜ ଏ କାମ୍ ଭି କିୟା ହୁଁ ।"

ଏଥର ଭୂପେନ୍ଦ୍ରକୁମାର ଓଜନ ପୂର୍ଣ୍ଣ କଣ୍ଠରେ କହିଲେ—"ମାତ୍ର ଆମେ ଆପଣଙ୍କୁ ଭୋଟ ଦେବୁଁ କି ଲଭ ଆଶାରେ ? ଦେଖନ୍ତୁ ସାମନାର ଏହି ଭଗ୍ନିଆ ଗଳିର ଅବସ୍ଥା । ଆଉ ଟିକିଏ ଦେଖନ୍ତୁ ଭଲ କରି ତା'ର ଦୁଇ କଡ଼ରେ ଥିବା ଆବହମାନ କାଳରୁ ଅବିଚଳିତ ନିଥର ନର୍ଦ୍ଦମା ଦୃଶ୍ୟ ।"

ବାହାରେ ଭିତରେ ସାହେବ ବରୁଣ ଦାସ ଟିପଣୀ କାଟିଲେ—"If you don't mind, just have a nice smell of it ?"

ଭୂପେନ୍ଦ୍ରକୁମାର କହିଲେ—"ଏପରି ଅବସ୍ଥାରେ ଆପଣ ଆମର ଭୋଟକୁ ଆଶା ରଖି ପାରନ୍ତି କି ?"

ଏଥର ମିଆଁ ସାହେବ ଭୂପେନ୍ଦ୍ରକୁମାରଙ୍କ କାନ ପାଖକୁ ମୁହଁ ଲମ୍ବାଇ ଆଣିଲେ । ଗୋଟିପଣେ ଆପଣାର ପରି ସହଜ ନିର୍ଲିପ୍ତ କଣ୍ଠରେ କହିଲେ—"ଦେଖନ୍ତୁ, ଆଜିଯାଏ ଏହି ଭଗ୍ନିଆ ଗଳିର ଅବସ୍ଥା ବିଷୟରେ ଏ ସାହିର କେହି ମୋତେ କିଛି କହିଲେ ନାହିଁ । ମୁଁ ସିନା ସାହିଲୋକଙ୍କ ଅରଜ ମ୍ୟୁନିସିପାଲିଟି

ମିଟିଂରେ ପେଶ କରିବ, ମୋର ଅରଜ ତ ଆଜି ପେଶ କରିବି ନାହିଁ । ତା'ହେଲେ ଲୋକେ କହିବେ, ମୁଁ ନିଜର ସ୍ୱାର୍ଥ ଲାଗି କଥାଟା କହୁଛି ବୋଲି । ହଉ, ଆପଣମାନେ ଯେତେବେଳେ ଗଳିଟାର ଅବସ୍ଥା କଥା ମୋ ନଜରକୁ ଆଣିଲେଣି; ଏଥର ଦେଖନ୍ତୁ ମୁଁ କ'ଣ କରୁଛି । ଦୁଇମାସ ଭିତରେ ଯଦି ଗଳିଟାକୁ ପକ୍କା କରି ନ ପାରିଛି, ତା'ହେଲେ ମୋ ନାମରେ କୁକୁର ପାଳିବ । ମରଦ୍‌କା ବାତ ହାତୀକା ଦାନ୍ତ ।"

ମ୍ୟୁନିସିପାଲିଟି କମିଶନର ମିଆଁ ନୂର ମହମ୍ମଦଙ୍କ ଏହି ମରଦକା ବାତ୍ ତଥା ଗମ୍ଭୀର ଆଶ୍ୱାସନା ବାଣୀ ଶୁଣି ବାଚେଲର୍ସ ମେସ୍‌ର ନବରତ୍ନ ଆଶ୍ୱସ୍ତ ହେଲେ । ତେଣୁ ମେସ୍‌ର ବାର୍ଷିକ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଓ ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କୁ ଭତ୍ତୀଗିଆ ଗଳିର ନର୍ଦ୍ଦମା କୂଳରେ ଉଦ୍‌ଘାଟନ କରିବାର ଯେଉଁ ପ୍ରସ୍ତାବ ଥିଲା, ତାହା ପ୍ରତ୍ୟାହାର କରିବାକୁ ପଡ଼ିଲା । ମିଆଁ ସାହେବଙ୍କର ମରଦ୍‌କା ବାତ୍ ପରେ ନବରତ୍ନ ଆନନ୍ଦିତ ଚିତ୍ତରେ, ସମସ୍ୱରରେ ତାଙ୍କୁ ପିଲ୍ସ ବକ୍ସାରେ ଭୋଟ ଦେବାଲାଗି ସମ୍ମତି ପ୍ରକାଶ କଲେ ।

ତା'ପର ଦିନ ସକାଳେ ମୁହଁ ହାତ ଧୋଇବା ପୂର୍ବରୁ ନୂର ମହମ୍ମଦ ଟଣ୍ଡ୍ରେ ଟେଟୋଡ଼ ଅଣି ବାଚେଲର୍ସ ମେସ୍ ସମ୍ମୁଖରେ ହାଜର । "ସଲାମ ସାହେବ ସଲମ ! ଟିକଏ ମୁଣ୍ଡି ଆସନ୍ତୁ ସାହେବ, ଟାଇମ ଗଡ଼ି ଯାଉଛି ।" ମିଆଁ ସାହେବ ଅନୁନୟ ସ୍ୱରରେ କହିଲେ ।

—'What nonsence ! ଆମମାନଙ୍କର ବ୍ରେକ୍‌ଫାଷ୍ଟ ସରି ନାହିଁ ଯେ !" ବରୁଣ ଦାସ କହିଲେ । ବରିଷ୍ଠ ପ୍ରକାଶ-କର୍ତ୍ତା ଭୂପେନ୍ଦ୍ର କୁମାର କହିଲେ—"ମିଆଁ ସାହେବ, ପନ୍ଦର ମିନିଟ ଡେରି ହେବ । ଏଇ ଜଳଖିଆଟା ସାରି ବାହାରିଲୁ ।"

ନୂର ମହମ୍ମଦ ଅନୁନୟ ତଥା ଅମାୟିକ ଭଙ୍ଗୀରେ କହିଲେ—'ଆଜ୍ଞା, ଆପଣମାନଙ୍କର ନାସ୍ତାପାଣିର ଆୟୋଜନ ଏ ଖିଦ୍‌ମତଗାର କରୁଛୁ କରୁଛୁ । ଚାଲନ୍ତୁ ଆଜ୍ଞା, ସେଇଠି ନାସ୍ତାପାଣି କରିବେ । ମୋର ଲୋକ ସେଠାରେ ଅଛନ୍ତି । ସବୁ କରିଦେବେ, ଆପଣଙ୍କୁ କୋଶିବାକୁ ପଡ଼ିବ ନାହିଁ ।"

—"ସତେ ? ନାସ୍ତାପାଣିର ବି ଆୟୋଜନ ହୋଇଛି !! ବୋଲ, ମିଆଁ ନୂର ମହମ୍ମଦଙ୍କ ଜୟ ।" ନବରତ୍ନଙ୍କ ଆନନ୍ଦ—ଚିତ୍କାରରେ ବାଟେଲରହ୍ ମେହ୍‌ର ଛାତ କମ୍ପି ଉଠିଲା । ସଭିଏଁ ଠେଲାପେଲା ହୋଇ ଯାଇ ବଗିରେ ବସିଲେ । ଖିଦ୍‌ମତ୍‌ଗାର ମିଆଏଁ ଯାଇଁ ପଛରେ ଚପରାସି ଆସନରେ ଛିଡ଼ା ହେଲେ । ବଗି ଗଡ଼ ଗଡ଼ ଏକାମ୍ର ସ୍କୁଲରେ ପହଞ୍ଚିଲା । ପୀଲା ବକ୍‌ସାରେ ଭେଟ ଦେବାଲାଗି ଆଉ ଥରେ ସ୍ମରଣ କରାଇ ଦେଇ ମିଆଁ ସାହେବ ନବରତ୍ନଙ୍କୁ ଘର ଭିତରକୁ ଠେଲି ଦେଲେ ।

ଭେଟ ଦେଇ ସାରି ନବରତ୍ନ ବାହାରକୁ ବାହାରି ଆଉ ମିଆଁ ସାହେବ କମ୍ବା ତାଙ୍କର ନାସ୍ତାପାଣିର ଆୟୋଜନ, କାହାର ଚିହ୍ନ ବର୍ଣ୍ଣ ପାଇଲେ ନାହିଁ । ଏପରିକି ତାଙ୍କ ବଗି ଗାଡ଼ିଟିର ମଧ୍ୟ ପତ୍ତା ମିଳିଲା ନାହିଁ । ନବରତ୍ନ ଏ ବିଷମ ପରିସ୍ଥିତିରେ ହତମ୍ଭବ ହୋଇ ପରସ୍ପର ପରସ୍ପରକୁ ଚାହିଁ ରହିଲେ । ତା' ପରେ ଲାଜ ଓ ଷୋଭରେ ମୁହଁ ତଳକୁ କରି ଚାଲି ଚାଲି ମେସ୍‌କୁ ଫେରିଲେ । ଏହି ଘଟଣା ପରେ, ମିଆଁ ସାହେବଙ୍କ କରାମତି ପଣରେ, ଯଦି ଭଣ୍ଡାଖିଆ ଗଳାଟି ଦୁଇମାସ ଭିତରେ ପିଚ୍ ହୋଇଥିବ ବୋଲି ଆପଣ ଆଶା କରି ଥାଆନ୍ତି, ତା' ହେଲେ ଆପଣଙ୍କର ବୁଦ୍ଧିକୁ ତାରିଫ୍ କରିବାକୁ ପଡ଼ିବ ।

ଛାଡ଼ନ୍ତୁ, ସେ ସବୁ ଅବାନ୍ତର କଥା । ଭଗ୍ନଖିଆ ଗଳି ପିଚୁ ନ ହେବା ଫଳରେ ମ୍ୟୁନିସିପାଲିଟି ବା ନୂର ମହମ୍ମଦ ମିଆଁ କିମ୍ବା ଆପଣମାନଙ୍କୁ ଦୋଷ ଦେବାର ପ୍ରଶ୍ନ ଉଠୁ ନାହିଁ । ଏହା ମୂଳରେ ଭଗ୍ନଖିଆଗଳି ବାସିନ୍ଦାମାନଙ୍କର ଭାଗ୍ୟ ଦୋଷ ରହିଛି । ଯେତେଦିନ ଯାଏ ଏହି ନର୍ଦ୍ଦମାର ଅତୁଟ ସୌରଭ ଆଘ୍ରାଣ କରିବା ଲାଗି ଗଳି ବାସିନ୍ଦାଙ୍କ ଭାଗ୍ୟରେ ଲେଖା ଅଛି, ସେତେ-ଦିନ ଯାଏ ଏହି ଭଗ୍ନଖିଆ ଗଳି ବିରାଜମାନ ଥିବ । ଏହି ପୂତିଗନ୍ଧପୂର୍ଣ୍ଣ ନର୍ଦ୍ଦମାରୁ ଫେରି ଆପଣମାନେ ପୁଣି ଆମର ବାଚେଲର୍ସ୍ ମେସ୍‌କୁ ଚାଲନ୍ତୁ ।

ମେସ୍‌ର ଚୂଳ-କୋଠାଟିରେ ତଳମହଲାର ପ୍ରଥମ ଘରେ ଯେଉଁ ରତ୍ନଟି ରହନ୍ତି; ତାଙ୍କର ନାମ ମିଃ ବରୁଣ ଦାସ । ଏ ମହାଶୟ ଏମ୍. ଏ. ପଢ଼ା ଛାଡ଼ି ଓଡ଼ିଶା ସେକ୍ରେଟାରିଏଟ୍‌ରେ କଲମ ପେଷା କରନ୍ତି । ବରୁଣ ଦାସ ପାଶ୍ଚାତ୍ୟ ଦେଶର ଆଚାର ବ୍ୟବହାର ଚାଲି ଚଳନ, ପୋଷାକ ପରିଚ୍ଛଦକୁ ଅନୁକରଣ କରି ଏ ଭଦ୍ରଲୋକ ଗୋଟିଏ କିମ୍ଭୂତ କିମାକାର ଦେଶୀ ସାହେବ ପାଲଟି ଯାଇଛନ୍ତି ।

ମଝି ଘରଟିରେ କବି ଓ ଭାବୁକ ଆନନ୍ଦ ପ୍ରକାଶ ଆଉ ଦାର୍ଶନିକ ଓ ସମାଲୋଚକ ଭୂପେନ୍ଦ୍ର କୁମାର ଏକତ୍ର ବାସ କରନ୍ତି । କବି ଥାର୍ଡ଼ ଇଅରରେ ଆଉ ଦାର୍ଶନିକ ସିକ୍ସଥ ଇଅରରେ ପଢ଼ନ୍ତି । ରୁଚି ଓ ବ୍ୟବହାରରେ ଉଭୟଙ୍କ ମଧ୍ୟରେ ଗୋଟାଏ ପ୍ରଚ୍ଛନ୍ନ ଯୋଗସୂତ୍ର ଥିଲା ପରି ମନେ ହୁଏ । ତା'ଛଡ଼ା ପରସ୍ପର ପରସ୍ପରକୁ ସମ୍ମାନ ଓ ଶ୍ରଦ୍ଧା କରନ୍ତି । ପ୍ରତିଭାର ପ୍ରତିଭା ପ୍ରତି ସମ୍ମାନ । ନବରତ୍ନମାଳାର ଅନ୍ୟାନ୍ୟ ରତ୍ନ ଉଭୟଙ୍କୁ ଟିକିଏ ସମିହ କରି ଚଳନ୍ତି ।

ଶେଷ ଘରଟିରେ ବିଧୁଭୂଷଣ ଓ ସୁବିଦ୍ୟଶଙ୍କର ଏକତ୍ର ବାସ କରନ୍ତି । ଉଭୟଙ୍କ ଭିତରେ ପ୍ରତିଭା ଅଛି, ଉଭୟେ ସଙ୍ଗୀତଜ୍ଞ ଓ ସତ୍ୟାର୍ଥୀ । ଉଭୟେ ସେକେଣ୍ଡ ଇଅରରେ ପଢ଼ନ୍ତି । ଚରିତ୍ର ଦିଗରୁ ବିଚାର କଲେ, ଦୁହେଁ ସନ୍ଦେହଜନକ । ଏହି ବୟସରୁ ଦୁହିଁଙ୍କ ଚରିତ୍ର ଉପରେ କଟାକ୍ଷ କଲାପରି କେତେକ ଗୁପ୍ତ ବଡ଼ ଘଟଣା ସେମାନଙ୍କ ଜୀବନରେ ଘଟି ସାରିଲାଣି । ସତ୍ୟାର୍ଥୀ ହିସାବରେ ପରସ୍ପର ପରସ୍ପରଙ୍କୁ ସ୍ନେହ କରନ୍ତି, ମାତ୍ର ପ୍ରେମ କ୍ଷେତ୍ରରେ ସ୍ପର୍ଦ୍ଧା ସୃଷ୍ଟି ହେଲେ ଉଭୟେ ଉଭୟଙ୍କ ପ୍ରତି ଅନ୍ତର ଭିତରେ ପ୍ରଚ୍ଛନ୍ନ ହିଂସା ପୋଷଣ କରନ୍ତି ।

ଭଣ୍ଡାର ଘରେ କିରାଣୀଜୀବୀ ହୁସେନ୍ ଆଲମ ରହନ୍ତି । ଭଦ୍ରଲୋକଟି ଉନ୍ନୟନ ବିଭାଗରେ ଚାକିରି କରନ୍ତି ଆଉ ଅବସର ସମୟରେ ଯୌବନର ଅଶାନ୍ତ ନିଆଁରେ ପୋଡ଼ି ଜଳି ଦଗ୍ଧ ହୁଅନ୍ତି । ମେସ୍‌ର ଅନ୍ୟାନ୍ୟ ରହିଙ୍କ ସହିତ ବିଶେଷ ଘନିଷ୍ଠତା ରଖନ୍ତି ନାହିଁ ।

ଉପର ମହଲାରେ ଗୋଟିଏ ଘରେ ସମଦ୍ ଖାଁ ଓ ସୁଜିତ ରଞ୍ଜିତ ଏକତ୍ର ରହନ୍ତି । ସମଦ ଖାଁ ଜିମ୍ନାଷ୍ଟିକ୍ ପ୍ଲେୟାର, ସଙ୍ଗୀତ-ପ୍ରେମୀ ଓ ପୁସ୍ତକ ବ୍ୟବସାୟୀ । ସୁଜିତ ରଞ୍ଜିତ ଡାକ ବିଭାଗରେ କିରାଣୀଜୀବୀ । ଅନ୍ୟ ଘରଟିରେ ବାଚେଲରସ୍ ମେସ୍‌ର ପ୍ରତିଷ୍ଠାତା ଓ ପରିଚାଳକ କୃଷ୍ଣଚରଣ ବାବୁ ଏକାକୀ ରହନ୍ତି । ଏ ମହାଶୟ ସପ୍ଲାଇ ବିଭାଗରେ କିରାଣୀ କାମ କରନ୍ତି । ଏହି ନଅଜଣଙ୍କ ଛଡ଼ା ମେସ୍‌ରେ ଅନନ୍ତ ପଣ୍ଡା ପୂଜାରୀ ଆଉ ଅରୂପା ରୋଷେଇଆଣୀ ବି ରହନ୍ତି ।

# — ଘୁରି —

ସେଦିନ କବି ଓ ଗଳ୍ପିକ ଆନନ୍ଦ ପ୍ରକାଶଙ୍କୁ ନେଇ ବାଚେଲରସ୍ ମେସ୍‌ର ନବରତ୍ନଙ୍କ ଭିତରେ ଏକ ମହା କୋଳାହଳ ସୃଷ୍ଟି ହେଲା । ସନ୍ଧ୍ୟାବେଳେ ସମସ୍ତେ ଆସି କବିଙ୍କ କୋଠରୀରେ ରୁଣ୍ଡ ହେଲେ । କିଏ ବିଞ୍ଚଣାରେ କବିଙ୍କୁ ବିଞ୍ଚି ପକାଇଲେ, କିଏ ବା ତାଙ୍କର ମୁଣ୍ଡ ଚିପି ବସିଲେ । କିଏ ଡାକ୍ତର ଡାକିବାର ପ୍ରସ୍ତାବ ବାଢ଼ିଲେ ତ କିଏ କବିଙ୍କ ଲାଗି ପଥ୍ୟ ଆୟୋଜନ କରି ବସିଲେ । ଜିମ୍ନାଷ୍ଟିକ ଚେମ୍ପିୟାର ସମଦ ଖାଁ କବିଙ୍କର ରୁଗ୍ଣ ଶରୀରଟାକୁ ଶେଯରୁ ଉଠାଇ ଶୂନ୍ୟରେ ଦୁଇ ତିନଥର ଚକ୍ରବତ୍ ବୁଲାଇ ପୁଣି ଶୁଆଇ ଦେଇ କହିଲେ—"କସରତ୍ କଲେ ପୁଣି ବଦନଟା ତାଜା ହୋଇ ଉଠିବ ।"

ସହସା ଏମିତି ଅପ୍ରତ୍ୟାଶିତ ଭାବରେ କବି ଆନନ୍ଦପ୍ରକାଶଙ୍କର ହେଲା କ'ଣ ? ସେ କ'ଣ ଅସୁସ୍ଥ ହୋଇ ପଡ଼ିଲେ ? ରୁକ୍ଷ ମୁଣ୍ଡବାଳ ଆଲୁରା ବାଲୁରା ହୋଇ ଆଖି କାନରେ ଆସି ପଡ଼ୁଛି । ମୁହଁ ଶୁଖି ଯାଇଛି । କମ୍ପିତ ଶୁଷ୍କ ଅଧରରେ ହସ ନାହିଁ । କେବଳ ଆଖି ଦୁଇଟି ସତେଜ, ସଜଳ ଓ ଢଳ ଢଳ ଦିଶୁଛି । କବି ଚାହିଁଛନ୍ତି, ମାତ୍ର କେଉଁଠିକୁ ଚାହିଁଛନ୍ତି ତା' ମେ କହି ପାରିବେ ନାହିଁ । କବି ମେସ୍‌ରେ ଶୋଇଛନ୍ତି, ମାତ୍ର ତାଙ୍କର ମନ ପକ୍ଷୀ କେଉଁ ଦୁର୍ଗମ ଝାଞ୍ଚବାର ଶିଖରଚୂଡ଼ାରେ ଉଡ଼ି ବୁଲୁଛି । ତାଙ୍କୁ ଅଷ୍ଟରତ୍ନମଣ୍ଡଳୀ ଚକ୍ରାକାରରେ ଘେରି ବସିଛନ୍ତି, ମାତ୍ର କବି ନିଜେ ସେମାନଙ୍କର ଉପସ୍ଥିତି ଉପଲବ୍ଧି କରି ପାରୁ ନାହାନ୍ତି ।

ହଠାତ୍ ଆନନ୍ଦପ୍ରକାଶ ଏପରି ବେହାଲ ହୋଇ ପଡ଼ିଲେ କାହିଁକି ? ଖାଇବାରେ ରୁଚି ନାହିଁ, ମାତ୍ର ପିନ୍ଧିବାରେ ରୁଚି ଅଛି ।

ଜମ୍ନାଷ୍ଟିକ୍ ପ୍ଲେୟାର ସମଦ ଖାଁର ସାଗିରତ୍ ହେଇ କଚ୍ଛି ଦିନ ହେଲା ଦଣ୍ଡ ବୈଠକ ମାରି ତାଙ୍କର ଛ' ଫୁଟର ଲମ୍ବା ରଜୁ ଶରୀରଟାକୁ ମଜବୁତ୍ କରି ଆଣୁଥିଲେ । ସକାଳୁ କଞ୍ଚା କଞ୍ଚା ଛନ୍ଦା ସୋଲ୍ ଖାଇ ଚେହେରାଟା ବି ଟିକିଏ ଆଖି ଦୁରୁଶିଆ କରି ଆଣିଥିଲେ । ଆଜି ହଠାତ୍ ଏପରି ଅସୁସ୍ଥ ହୋଇ ପଡ଼ିଲେ କେଉଁ କାରଣରୁ ? ତିନି ଦିନ ହେଲା ମେସ୍ ଛାଡ଼ି କଲେଜ ଯାଇନାହାନ୍ତି । ସିନେମା ଯାଇ ନାହାନ୍ତି କି ଥିଏଟର ବି ଯାଇ ନାହାନ୍ତି । ଖାଲି ବିଛଣାରେ ଚିତ୍ ହୋଇ ଝଡ଼ିରହି ଘଣ୍ଟାର କଡ଼କାଠ ଗଣୁଛନ୍ତି— ମନକୁ ମନ କ'ଣ ବଡ଼ ବଡ଼ ହେଉଛନ୍ତି—କେତେବେଳେ ହସୁଛନ୍ତି, କେତେବେଳେ ପୁଣି କାନ୍ଦୁଛନ୍ତି ।

ଦାର୍ଶନିକ ଭୂପେନ୍ଦ୍ରକୁମାର କହିଲେ—"ତୁମମାନଙ୍କର ବ୍ୟସ୍ତ ହେବାର କୌଣସି କାରଣ ନାହିଁ । କବି ଆନନ୍ଦପ୍ରକାଶଙ୍କର କୌଣସି ଶାରୀରିକ ଅସୁସ୍ଥତା ଆସିନାହିଁ, ତାଙ୍କର ମାନସିକ ଅସୁସ୍ଥତା ଘଟିଛି । ସେ କବିତା-ରୋଗଗ୍ରସ୍ତ ହୋଇଛନ୍ତି । ଗୋଟାଏ ଦୁଇଟା ପ୍ରେମ-କବିତା ଲେଖି ପକାଇଲେ ଏ ରୋଗ ଆପେ ଆପେ ଉପଶମ ହେବ । ଡାକ୍ତର ଡାକିବା ଆବଶ୍ୟକ ନାହିଁ ।"

ସାହେବ ତରୁଣ ଦାସ ଖଣ୍ଡେ ସିଗାରେଟ୍‌ରେ ଅଗ୍ନି ସଂଯୋଗ କରି କହିଲେ—"How dangerous ! କି' ଭୟଙ୍କର ଏହି କବିତା ରୋଗ ! It makes a man mad !"

ବିଧୁଭୂଷଣ ପାଟି କରି କହିଲେ—"ପ୍ରେମ-କବିତା ଲେଖିଲେ ଯଦି ଏ ରୋଗ ଛାଡ଼ିଯାଏ, ତା' ହେଲେ ବିଛଣାରୁ ଉଠି ବସି, ନଚେତ୍ ଶୋଇ ଶୋଇ ଲେଖି ପକାଉ ନାହଁ ବେ ଦି'ଗଣ୍ଡା ପ୍ରେମ-କବିତା ? ଯଦି ଉଠି ବସିବାର ଶକ୍ତି ନାହିଁ, ତା ହେଲେ ତୁ ମୁହଁରେ ପଦଗୁଡ଼ାକ ଡାକ ଯା' ମୁଁ ସର୍ଟହ୍ୟାଣ୍ଡରେ

ମିନଟ୍‌କ ଭିତରେ ଲେଖି ଦେଉଛନ୍ତି । ଶଳା, ଆଙ୍କା କବିତା-ରୋଗରେ ପଡ଼ି ମଣିଷଙ୍କୁ ହରବର କରି ମାରିଲ !"

'ନାସ୍ତି-ସ୍ୱଭାବ ସମ୍ପନ୍ନ ସୁକବି ଶ୍ରୀଯୁକ୍ତ କବିଙ୍କର ଏ ଅବସ୍ଥା ଦେଖି କାନ୍ଦିବାର ଉପକ୍ରମ କଲେଣି । ସବୁଠାରୁ ମୁସ୍କିଲ କଥା, ମେସ୍‌ର ପଚିଶ ବର୍ଷର ବୁଢ଼ୀ ରୋଷେଇଆଣୀ ଅରୁପା କବିଙ୍କୁ ପାଗଳ ଭାବି ଆଉ ତାଙ୍କ ପାଖ ମାଡ଼ୁନାହିଁ । ତିନି ଦିନ ହେଲା କବିଙ୍କ ଘର ଝାଡ଼ୁ ଦେଇ ନାହିଁ କମ୍ବା ତାଙ୍କ ଘର ଭିତରକୁ ପଶୁ ନାହିଁ । ଆନନ୍ଦପ୍ରକାଶ ପାଣି ଗିଲାସେ ମାଗିଲେ ଅରୁପା ନିଜେ ନ ଆସି ଦୂରୁଥାଉ ଟୋକା ଅନନ୍ତ ହାତରେ ପଠାଇ ଦେଉଛି । ଏ ଏକ ବିଷମ ସଙ୍କଟ ପଡ଼ିଆସିଲାଣି ।

ସବୁଠାରୁ ବେଶୀ ମନ ଦୁଃଖ କରୁଛନ୍ତି ପୁସ୍ତକ-ବ୍ୟବସାୟୀ ଖାଲିପା ସମଦ୍ ଖାଁ । ବିଚରା ବହୁତ ମେହନତ୍ କରି କବିଙ୍କୁ କସରତ୍ ଶିଖାଇଛନ୍ତି । ତାଙ୍କର ଆଖି ସାମନାରେ ତାଙ୍କ ସାଗିରଦ୍‌ର ଏପରି ଦୁରବସ୍ଥା ଘଟିବ, ଏହା ସେ ସହ୍ୟ କରି ପାରିବେ ନାହିଁ । ଶେଷକୁ ବିରକ୍ତ ହୋଇ ଖାଲିପା ସମଦ୍ ଖାଁ କବିଙ୍କର ଡାହାଣ ହାତଟାକୁ ଭିଡ଼ି ଆଣି ନାଡ଼ି ଚିପି କ'ଣ ଅନୁମାନ କଲେ । ତା' ପରେ ବୀର ବିକ୍ରମରେ ଗୋଟାଏ ଝଟକାରେ କବିଙ୍କୁ ବିଛଣାରୁ ଶୂନେ ଶୂନେ ଟେକି ଆଣି ତଳେ ଛିଡ଼ା କରି ଦେଇ କହିଲେ—"ଶଳା, ପେଖ୍‌ନା ଖେଳିବାକୁ ଆଉ ଜାଗା ପାଇଲୁ ନାହିଁ ? ତବିୟତ୍ ଖରାପ ଅଛି ? ତବିୟତ୍ ତ ଭଲ ଅଛି । ଶଳାକୁ ମୋହବତ୍-ବିମାରି ଧରିଛି ।"

ଘରର ପାଖରୁ ସମସ୍ତେ ବିସ୍ମିତ କଣ୍ଠରେ ଚିତ୍କାର କରି ଉଠିଲେ—"ଏଁ !! କବିଙ୍କୁ ମୋହବତ୍-ବିମାରି ଧରିଛି ?"

ସମଦ୍ ଖାଁ ପୁଣ୍ଡର ମସଲ୍‌କୁ ଆଉ ଦୂର ଇଞ୍ଚ ଫୁଲାଇ କହିଲେ—"ହଁ, ହଁ, ଶଳାକୁ ମୋହବତ୍ ବମାରି ଧରିଛି । ଆରେ ମୋହବତ୍ କରିବୁ ତ ମୋର ସାଗିରଦ୍ ବନିଲୁ କାହିଁକି ? କେତେ ମେହନତ୍ କରି ଶଳାଟାର ବଦନକୁ ବନେଇ ଆଣୁଥିଲି, ଗଧଟା ସବୁ ମାଟି କଲା । ପରେ ମୋହବତ୍ ବମାରି ଧରିଲେ ଆଉ କି ବଦନ୍ ରହିବ ? ହାୟ, ହାୟ, ସବୁ ସାରିଲା, ଶଳା ସବୁ ସାରିଲା ।" ଖାଲିପା ସମଦ୍ ଖାଁ ମୁଣ୍ଡରେ ହାତ ଦେଇ ଅବଶୋଷ କରି ବସି ପଡ଼ିଲେ ।

କବି ଆନନ୍ଦପ୍ରକାଶ ଥରେ ନିର୍ବୋଧ ଦୃଷ୍ଟିରେ ଏଣିକି ତେଣିକି ଚାହିଁ ପୁଣି ଖଟ ଉପରେ ଶୋଇବାର ଉପକ୍ରମ କରୁଥିଲେ ! ସମଦ୍ ହଠାତ୍ ବାଘ ପରି ଝାମ୍ପ ଦେଇ ତାଙ୍କୁ ଭିଡ଼ି ଧରିଲେ ଆଉ ପିଠିରେ ମହଣିକିଆ ଗୋଟାଏ ବିଧା ଥୋଇ କହିଲେ— "ପୁଣି ଶୋଇବ ପରା ସୁନା ମାଣିକ ! ଉଠ୍ ଶଳା, ଉଠ୍ ! ମାର୍ ଦଣ୍ଡ ଏହି ପଟାଣି ଉପରେ – ଗଣି ଗଣି ୫୦ ଦଣ୍ଡ । ଶଳା, ବଦନ୍‌ଟାକୁ ମାଟି କରି ଦେଲୁ ।"

ଆନନ୍ଦପ୍ରକାଶ ଥରେ ଛଳ ଛଳ ସଜଳ ନେତ୍ରରେ ସମଦ୍ ଖାଁକୁ ଚାହିଁ କହିଲେ—"ପଚାଶ ଦଣ୍ଡ ଦୂରର କଥା, ପାଞ୍ଚଟା ଦଣ୍ଡ ବି ମାରିବାର ଶକ୍ତି ଆଉ ମୋ ଦେହରେ ନାହିଁ ସମଦ୍ ! ତା'ଠୁ ବରଞ୍ଚ ତୁ ଗଣି ଗଣି ପଚାଶ ବିଧା ମୋ ପିଠିରେ ଥୋ । ତୋରି ହାତରେ ବିଧା ଖାଇ ଏ ପ୍ରାଣଟା ବାହାରି ଯାଇ ପାରିଲେ ମୁଁ ଜୀବନରେ ବଞ୍ଚି ଯିବି ।"

—"କ'ଣ କହିଲୁ ? ବିଧା ଖାଇବୁ ? ଆବେ ତୁ ହୋସ୍‌ରେ ଅଛୁ ତ ଆଦା ? ଶଳାର ମରିବା ଲାଗି କ'ଣ କମ୍ ସୌକ୍ ହେଲାଣି !"

—"ହଁ, ସମଦ ! ଜୀଇ ରହିବାକୁ ଆଉ ଏତେ ଟିକିଏ ଇଚ୍ଛା ନାହିଁ । ମୁଁ ମରିବାକୁ ଚାହେଁ ।"

—"ଆବେ କାହିଁକି ?" ସମଦ୍ କାନ୍ଦି କାନ୍ଦି ହୋଇ କହିଲେ ।

କବି ଆନନ୍ଦପ୍ରକାଶ ଏଥର ଖଟ ଉପରେ ସ୍ଥିର ହୋଇ ବସି ହୃଦୟର ଅବ୍ୟକ୍ତ, ଦୁର୍ବିସହ ବେଦନାଗାଥା ଅନ୍ତରଙ୍ଗଙ୍କ ନିକଟରେ ପ୍ରକାଶ କଲେ— 'ଦେଖ ସମଦ, ପାଖକୁ ଘୁଞ୍ଚି ଆସି ଶୁଣ ବନ୍ଧୁ, ଆଉ ଆପଣମାନେ ସମସ୍ତେ ଶୁଣନ୍ତୁ । ସମଦ ମୋର ରୋଗର ଲକ୍ଷଣ ଠିକ ଚିହ୍ନି ପାରିଛି । ଗତ କେତେ ଦିନ ହେଲା ମୁଁ ପ୍ରେମ ଜରରେ ଜର ଜର ହେଲିଣି । ଏହି ଜର ଫଳରେ ମୁଁ କ୍ଷୁଧା ତୃଷ୍ଣା ଜୟ କରି ପାରିଛି, ମାତ୍ର ଶରୀରର ସମସ୍ତ ପ୍ରାଣଶକ୍ତି ହରାଇ ଚଳନଶକ୍ତିରହିତ ହୋଇ ପଡ଼ିଛି । ଶଯ୍ୟାରୁ ଉଠି ବସିବାର ଶକ୍ତି ଆଉ ସାମର୍ଥ୍ୟ ମୋର ନାହିଁ । ଏପରି ଅବସ୍ଥାରେ ମୁଁ କଲେଜକୁ ଯିବି ବା କିପରି ? ଆଉ ଏ ଶଳା ସମଦ କହୁଛି ଗଣି ଗଣି ପଚିଶ ଦଣ୍ଡ ମାରି; ସେଇଥିପାଇଁ ମୁଁ କହୁଛି ମୁଁ ନିଜେ ଦଣ୍ଡ ମାରିବା ଅପେକ୍ଷା ଏ ହୁଣ୍ଡା ସମଦ୍ ମୋତେ ଦଣ୍ଡ ଦେଇ ଜୀବନରେ ମାରି ଦେଉ । ମୁଁ ଆଉ ଏ ବିରହ ଯନ୍ତ୍ରଣା, ଏ ପ୍ରେମ ଜରର ଟେମ୍ପରେଚର ସହ୍ୟ କରିପାରୁ ନାହିଁ । କବି ଗୋଟାଏ ହା' ହୁତାଶମୟ ଦୀର୍ଘ ନିଶ୍ୱାସ ଛାଡ଼ି ଗିଲାସେ ପାଣି ମାଗିଲେ ।

ବରୁଣ ଦାସ ଆଉ ଖଣ୍ଡିଏ ସିଗାରେଟରେ ଅଗ୍ନି ସଂଯୋଗ କରି କହିଲେ—"Hopeless ! It has come to climax ! ରୋଗ ଆସି ଚରମ ସୀମାରେ ପହଞ୍ଚିଲାଣି । ଉପଶମର କୌଣସି ଲକ୍ଷଣ ଦେଖାଯାଉ ନାହିଁ ।"

ମ୍ୟାନେଜର କୃଷ୍ଣଚରଣ କବିଙ୍କର ବିରହକାତର ଅବସ୍ଥାରେ ବିଚଳିତ ହୋଇ ସହାନୁଭୂତିପୂର୍ଣ୍ଣ କଣ୍ଠରେ ଧୀରେ ଧୀରେ କହିଲେ—"ଆହା ! ମଣିଷଟା କି ଅସହ୍ୟ ଯନ୍ତ୍ରଣାରେ ଛଟପଟ ନ ହେଉଛି । ପ୍ରଭୁ ! ମଣିଷ ହୃଦୟରେ ବିରହ ଯନ୍ତ୍ରଣା ଯଦି ଦେଲ, ମିଳନର ପଥ ସୁଗମ ନ କଲ କିଆଁ ? କିଏ ବୁଝିବ ତୁମର ମାୟା ପ୍ରଭୁ ହେ ପ୍ରଭୁ !"

ଦାର୍ଶନିକ ଭୂପେନ୍ଦ୍ରକୁମାର ଆଗେଇ ଆସି ଗମ୍ଭୀରତାପୂର୍ଣ୍ଣ କଣ୍ଠରେ କହିଲେ—"କବି ଆନନ୍ଦ, ଶୁଣ ମୋର କଥା । ବ୍ୟସ୍ତ ହେବାର ବା ବିଚଳିତ ହେବାର କୌଣସି କାରଣ ନାହିଁ । ବିରହ ଯନ୍ତ୍ରଣା ଦୁର୍ବଳ ହୃଦୟ ମଣିଷ ପକ୍ଷରେ ଏକ ଅସହ୍ୟକର ଅବସ୍ଥା; ତାହା ମୁଁ ସ୍ୱୀକାର କରୁଛି ମାତ୍ର ସେଥିପାଇଁ ମରିବାକୁ ଯିବା ନିର୍ବୋଧତାର ପରିଚାୟକ—ତାହା ମଣିଷ ଜୀବନରେ ଏକ ଶୋଚନୀୟ ପରାଜୟ । ତୁମକୁ ମରିବାକୁ ମୁଁ ଉପଦେଶ ଦେଇ ନ ପାରେ । ମୁଁ ଏକ ଆଶାବାଦୀ । ତୁମର ମାନସୀ ସହିତ ଯେ ତୁମର ମିଳନ ଘଟିବ ଏ ବିଶ୍ୱାସ ମୋର ଅଛି । ତୁମେବି ସେହି ଆଶାରେ ବଞ୍ଚି ରୁହ । You wait for tomorrow, because tomorrow will be another new day."

ଏଥର ବିଧୂଭୂଷଣ କବି ଆନନ୍ଦପ୍ରକାଶଙ୍କ କାନ ପାଖକୁ ମୁହଁ ଆଣି ଫିସ୍ ଫିସ୍ କଣ୍ଠରେ ପଚାରିଲେ—"କିଏ ସେ ତୋର ମାନସୀରେ ଆନନ୍ଦ ! ଯାହା ବିରହରେ ତୁ ପାଗଳ ହେଉଛୁ ? ନାଁଟା ଟିକିଏ କହନା ।"

ଆନନ୍ଦପ୍ରକାଶ ସହସା ଚମକି ଉଠିଲେ । କ୍ରୋଧ ଜର୍ଜରିତ କଣ୍ଠରେ ବଡ଼ ବଡ଼ ଆଖି କରି କହିଲେ—"ଦେଖ ବିଧୁ ତୋର ଶ୍ଳୀଳତ ମୁଁ ବୁଝେ । ମୋର ମାନସୀ ତୋର ସ୍ୱାମୀ ପରିତ୍ୟକ୍ତା ଲାବଣ୍ୟ ଦେବୀ

ନୁହଁନ୍ତି ଯେ ଗୋଟାଏ ଆଧୁନିକା ସିନେମା ସଙ୍ଗୀତ ଗାଇ ତୁ ତାଙ୍କର ହୃଦୟ ଜୟ କରି ପାରିବୁ । କାମ ଜର୍ଜ୍ଜରିତା ଲବଣ୍ୟ ଦେବୀଙ୍କୁ ବିଗ୍ରହ କଲ୍ପରି ତୋର ଚରିତ୍ରହୀନ ଦୃଷ୍ଟି କୋଣରୁ ସକାଳର ପବିତ୍ର, ଅନାଘ୍ରାତା ପୁଷ୍ପପରି ମୋର ମାନସୀ ପ୍ରତିମାଙ୍କୁ ବିଗ୍ରହ କଲେ, ଖାଲି ଅନ୍ୟାୟ ନୁହେଁ, ତାଙ୍କ ସମ୍ମାନର ଅମର୍ଯ୍ୟାଦା ମଧ୍ୟ କରି ବସିବୁ । ତେଣୁ ତୋ ପରି ଏକ ଚରିତ୍ରହୀନ ସମ୍ମୁଖରେ ମୋ ମାନସୀପ୍ରିୟାର ନାମ ପ୍ରକାଶ କରିବା ଲାଗି ମୁଁ ବାଧ୍ୟ ନୁହେଁ ।

ବିଧୁ ଭୂଷଣ ଅବିଚଳିତ ନିର୍ଲିପ୍ତ କଣ୍ଠରେ କହିଲେ — "ତୋ ସନ୍ଦେହ ଛୁଇଁଛିରେ ଆନନ୍ଦ ! ତୋର ପବିତ୍ର ଅନାଘ୍ରାତା କୁମାରୀ ମାନସୀଙ୍କୁ ଅବମାନନା କରିବାର ସାହସ ମୋର ନାହିଁ । ତା' ଛଡ଼ା ତୁ ତ ଜାଣୁ, ଅନାଘ୍ରାତା କୁମାରୀମାନଙ୍କ ପଛରେ ଲାଗି କୌଣସି ଅନାଗତ ବିପଦ ମୁଣ୍ଡାଇବାର ପ୍ରବୃତ୍ତି ମୋର ନାହିଁ । ଯେଉଁଠାରେ ଦାୟିତ୍ୱ ତୁଲାଇବାର, ବିପଦ ମୁଣ୍ଡାଇବାର ଲେଶ ମାତ୍ର ସମ୍ଭାବନା ନ ଥାଏ, ମୋର ସେହି ସ୍ଥାନରେ ବସାଉଠା । ଏପରି ସ୍ଥଳେ ତୋର ଭୟ କରିବାର କୌଣସି କାରଣ ନାହିଁ । ତୁ ବିନା ସଙ୍କୋଚରେ ତୋର ମାନସୀ ପ୍ରତିମାର ନାମ ପ୍ରକାଶ କରିପାରୁ ।"

ବିଧୁଭୂଷଣର କୈଫିୟତବାଣୀ ଶୁଣି କବି ଆନନ୍ଦପ୍ରକାଶ ଟିକିଏ ଆଶ୍ୱସ୍ତ ହେଲେ । ସଜଳ ଢଳ ଢଳ ଦୃଷ୍ଟିକୁ ନିମ୍ନମୁଖୀ କରି କବି କହିଲେ—"ତା'ହେଲେ ଶୁଣ୍ ବିଧୁ, ଶୁଣ ବନ୍ଧୁଗଣ, ମୋର ମାନସୀ ଏହି ବର୍ଷ ଆସି ଫାଷ୍ଟ ଇଅରରେ ନାମ ଲେଖାଇଛି । କଲେଜକୁ ଆସିବାର ପ୍ରଥମ ଦିନରୁ ତା'ର ମୋ ସହିତ ଦୃଷ୍ଟି ବିନିମୟ ଘଟିଛି । ତା'ର ସେହି କଥାକୁହା କରୁଣ ଦୃଷ୍ଟି, ଅଧରର ସ୍ମିତ ହସ ଆଉ ସର୍ପିଳ ଯୋଡ଼ା ବେଣୀ ଦେଖିଲି

ଦିନରୁ ମୁଁ ତାର ପ୍ରେମରେ ପଡ଼ିଛି । ତା'ର ଉଜ୍ଜ୍ୱଳ ଶ୍ୟାମଳବର୍ଣ୍ଣର ଶରୀରରେ ଶାଢ଼ୀ ପିନ୍ଧିବାର ଯେଉଁ ଅପରୂପ ଭଙ୍ଗୀ, ତାହା ମୁଁ ଆଜି କେଉଁ ଝିଅଠାରେ ଦେଖିବାକୁ ପାଇନାହିଁ । ତା'ର ସୁଗୋଲ ଜଘନ, ସୁଡୌଲ, ନିତମ୍ବ, କ୍ଷୀଣ କଟୀ ଆଉ ଉନ୍ନତ ଉରଜ ଶୋଭା ଦେଖି ମୋର ତା'ପ୍ରେମରେ ପଡ଼ିଯିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ତେଣୁ ମୁଁ ସବୁବେଳେ କଲେଜରେ ତା'ପଛେ ପଛେ ଛାଇପରି ଗୋଡ଼ାଇଲି । ବହୁ କଷ୍ଟ ସ୍ୱୀକାର କରି ବହୁ ନିର୍ଯ୍ୟାତନା ଓ ଅପମାନ ସହି ତାର ନାମ ଓ ପରିଚୟ ସଂଗ୍ରହ କଲି । ତା'ର ନାମ ସୁକାନ୍ତି ମହାନ୍ତି । ଆମ ଇଂରେଜୀ ପ୍ରଫେସର ସତ୍ୟପ୍ରସନ୍ନ ବାବୁଙ୍କର ସେ ଝିଅଟି ।"

ବିରହୀ କବିଙ୍କୁ ବେଢ଼ି ବସିଥିବା ଅଷ୍ଟରହୁଙ୍କ କଣ୍ଠରୁ ବିସ୍ମିତବାଣୀ ଶୁଭିଲା—"ପ୍ରଫେସର ସତ୍ୟପ୍ରସନ୍ନ ବାବୁଙ୍କ ଝିଅଟି !"

—"ହଁ, ସତ୍ୟପ୍ରସନ୍ନ ବାବୁଙ୍କ ଝିଅଟି ସୁକାନ୍ତି ମୋର ମାନସୀ ପ୍ରତିମା । ତା'ରି ବିରହରେ ଆଜି ମୋର ଏ ଅବସ୍ଥା, ତା'ରି ଲାଗି ଆଜି ମୁଁ ହସି ହସି ପ୍ରସନ୍ନ ଚିତ୍ତରେ ମରିବାପାଇଁ ପ୍ରସ୍ତୁତ । ଅନେକ ଦିନ ତା' ପଛରେ ଛାଇପରି ଗୋଡ଼ାଇଲା ପରେ ଦିନେ ଦେଖିଲି; ସେ ମୋତେ ପ୍ରେମପୂର୍ଣ୍ଣ ସଜଳ ଦୃଷ୍ଟିରେ ଫେରି ଚାହିଁଲା । ତା' ପରେ ସ୍ମିତ ହସି ତା' ସଙ୍ଗରେ ଯାଉଥିବା ଅନ୍ୟ ଏକ କିଶୋରୀ କାନରେ କ'ଣ ଚୁପ୍ ଚୁପ୍ କରି କହିଲା । ତା'ପରେ ଦୁଇ ସଖୀ ଖିଲ ଖିଲ ହୋଇ ହସି ଉଠି ଲେଡ଼ିଜ କମନ୍ ରୁମ୍‌ରେ ପଶିଗଲେ । ଏଥିରୁ ବୁଝିଲି ସେ ଯେ ମୋତେ ଗଭୀର ଭାବରେ ପ୍ରେମ କରୁଛି, ଏଥିରେ ସନ୍ଦେହ ନାହିଁ । ସେ ଯେ ମୋତେ ପ୍ରେମ

କରୁଥିବା କଥା ତା'ର ପ୍ରିୟ ସଖୀ କାନରେ ଚୁପି ଚୁପି କହୁଥିଲା ତାହା ମୁଁ ଅନ୍ତର କାନରେ ଶୁଣି ପାରୁଛି ।"

ବଧୂଭୂଷଣ ସମ୍ମତିସୂଚକ ମୁଣ୍ଡ ହଲାଇ କହିଲେ—"ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ଝିଅମାନେ ଖୁବ୍ ଶୀଘ୍ର ପ୍ରେମରେ ପଡ଼ି ଥାଆନ୍ତି । ତା'ପରେ ?"

—"ତା'ପରେ ?" କହି ଆନନ୍ଦପ୍ରକାଶ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ—"ତା'ପରେ, ହଠାତ୍ ସେ ମୋତେ ପଅରଦିନ ପ୍ରେମ ଜଣାଇ ବସିଲା ।"

ଅଷ୍ଟରତ୍ନ ସହସା ଚମକି ପଡ଼ି ପରସ୍ପର ପରସ୍ପର ମୁହଁକୁ ଚାହିଁ ରହିଲେ । ବରୁଣ ଦାସ ପଚାରିଲେ—"How she dared to offer you her love ?"

ଆନନ୍ଦପ୍ରକାଶ କହିଲେ—"ପଅରଦିନ ପିଫ୍‌ଥ ପିରିଅଡ଼ରେ ସୁକାନ୍ତି ତା'ର ପ୍ରିୟ ସଖୀ ସହିତ ବୋଟାନିକାଲ୍ ଗାର୍ଡେନ ଆଡ଼କୁ ବାହାରିଲା । ମୁଁ ବି ଖଣ୍ଡେ ସିଗାରେଟ ଧରାଇ ତା' ପଛେ ପଛେ ଚାଲିଲି । ବାଟରେ ସୁକାନ୍ତି ଥରେ ଥରେ ପଛକୁ ଫେରି ଚାହିଁ ମୋତେ ଦେଖି ସ୍ମିତ ହସରୁ ଛୁରି୍‌କାଏ ଲେଖା ମୋ ଉଦ୍ଦେଶ୍ୟରେ ଫୋପାଡ଼ି ମାରୁଥାଏ । ତା'ପରେ ସେମାନେ ଗାର୍ଡେନରେ ପଶିଲେ । ମୁଁ ବି ପଶିଲି । ସୁକାନ୍ତି ଗୋଟାଏ ଗୋଲାପ ତୋଳି ଉନ୍ମିଳିତ ନୟନରେ ଚାହିଁ ତା'ର ସୌରଭ ଆଘ୍ରାଣ କଲା । ସତେ ଯେପରି ସେ ସୌରଭ ମୋର ନାସିକା ଗହ୍ୱରରେ ପ୍ରବେଶ କରି ମୋତେ ମତୁଆଲା କରି ଦେଲା । ତା'ପରେ ହଠାତ୍ ସେମାନେ ବଗିଚାରୁ ଚାଲିଯାଇଁ ଲାଇବ୍ରେରୀରେ ପଶିଲେ । ମୁଁ ସେହି ଗୋଲାପ ଗଛ ନିକଟକୁ ଯାଇଁ ଦେଖିଲି ଯେ ସୁକାନ୍ତିର ରୁମାଲ ଆଉ ସେହି ଗୋଲାପ ଫୁଲଟି ତଳେ ପଡ଼ି ରହିଛି । ସେ

ଯେ ମୋର ପାଇଁ ତାହା ସବୁ ସେଠାରେ ଥୁଇ ଦେଇ ଯାଇଛି, ତାହା ବୁଝିବା କଷ୍ଟକର ନୁହେଁ । ମୁଁ ଅତି ଯତ୍ନର ସହିତ ତାହା ଉଠାଇ ଆଣି ମୋ ପାଖରେ ରଖିଛି । ଆଉ ସେହି ଦିନରୁ ମୋର ଏ ଅବସ୍ଥା ହୋଇଛି ।"

କବି ତାଙ୍କର ଗୁପ୍ତ ପକେଟରୁ ଗୋଟିଏ ଶୁଖିଲା ଗୋଲାପ ଫୁଲ ଆଉ କାଲିକୋ ମିଲ୍‌ର ଖଣ୍ଡେ ପାତଳ ରୁମାଲ ବାହାର କରି ସମସ୍ତଙ୍କୁ ଦେଖାଇବା ଲାଗି ଟେବଲ ଉପରେ ଥୋଇ ଦେଲେ । ବରୁଣ ଦାସ ରୁମାଲଟି ଉଠାଇ ନେଇ ଆଘ୍ରାଣ କରି କହିଲେ—"O, it is scented ! ସୁକାନ୍ତ ଯେ ନିଶ୍ଚୟ ତୁମକୁ ପ୍ରେମ କରେ ଏଥିରେ ଆଉ ଟିକିଏ ସନ୍ଦେହ କରିବାର ଅବକାଶ ଆସୁନାହିଁ ।"

ମ୍ୟାନେଜର କୃଷ୍ଣଚରଣ ବାବୁ ଚକ୍ଷୁ ମୁଦ୍ରିତ କରି ଗଦଗଦ୍ କଣ୍ଠରେ କହିଲେ—"ଆହା, ଆହା, କି ସ୍ୱର୍ଗୀୟ ପ୍ରେମ ! ପ୍ରଭୁଙ୍କର ଲୀଳା କିଏ ବୁଝିବ ? ହେ ପ୍ରଭୁ, ହେ ତ୍ରାଣକର୍ତ୍ତା ! ଏହି ଦୁଇଟି ସରଳ ନିଷ୍ପାପ ହୃଦୟରେ ଯେଉଁ ସ୍ୱର୍ଗୀୟ ପ୍ରେମ ସଞ୍ଚାର କରିଛ, ତାହା ତୁମରି ଇଚ୍ଛାରେ ଜୟଯୁକ୍ତ ସାର୍ଥକ ହେଉ । ଏହି ଦୁଇଟି କିଶୋର କିଶୋରୀ ହୃଦୟକୁ ଆଉ ଅଧିକ ବିରହ ଜ୍ୱାଳାରେ ଦଗ୍ଧ କର ନାହିଁ । ତୁମରି କରୁଣାରେ, ତୁମରି ଆଶୀର୍ବାଦ ଲାଭ କରି ଏହି ଦୁଇଟି ନିଷ୍ପାପ ଆତ୍ମାର ଶୁଭମିଳନ ଘଟୁ ।" ମ୍ୟାନେଜର କୃଷ୍ଣ ଚରଣ ସେଇଠାରେ ଆଣ୍ଠୁମାଡ଼ି ବସି ଚକ୍ଷୁ ମୁଦ୍ରିତ କରି ପ୍ରାର୍ଥନା କଲେ ।

ଦାର୍ଶନିକ ଭୂପେନ୍ଦ୍ରକୁମାର କହିଲେ—"ଶୁଣ କବି, ମୁଁ ତୁମର ପ୍ରେମ ଇତିହାସ ଶୁଣି ଏତିକି ବୁଝିଛି ଯେ, ତୁମର ପ୍ରେମ ମିଥ୍ୟା ନୁହେଁ; ତାହା ସତ୍ୟ, ତେଣୁ ତାହା ଅବିନଶ୍ୱର । ଜନ୍ମ

ଜନ୍ମାନ୍ତର ଲାଗି ତା'ର ମୃତ୍ୟୁ ଘଟି ନ ପାରେ । ତେଣୁ ଏ ଜନ୍ମରେ ହେଉ କିମ୍ବା ଜନ୍ମାନ୍ତରରେ ହେଉ ତୁମର ନିଶ୍ଚୟ ସୁକାନ୍ତ ସହିତ ମିଳନ ଘଟିବ । ଅନୁକୂଳ ବାତାବରଣ ସୃଷ୍ଟି ହେଲେ ହୁଏତ ଏହି ଜନ୍ମରେ ତୁମର ମିଳନ ଘଟିପାରେ । ନାନା ବାଧାବନ୍ଧ ସମ୍ବଳିତ ମଣିଷ ଜୀବନରେ ସାଧାରଣତଃ ତା'ର ସମସ୍ତ ସ୍ୱପ୍ନ ବାସ୍ତବ ରୂପ ପରିଗ୍ରହ କରି ପାରେ ନାହିଁ । ତେବେ ଭଗବାନ ନ କରନ୍ତୁ, ଯଦି ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହୋଇ ତୁମର ଏ ଜନ୍ମରେ ସୁକାନ୍ତ ସହିତ ମିଳନ ନ ଘଟେ, ତାହାହେଲେ ଜନ୍ମାନ୍ତରରେ ଉଭୟ ଆତ୍ମାର ମିଳନ ସୁନିଶ୍ଚିତ । ହୁଏତ ସେତେବେଳେ ତୁମର ଇନ୍ଦ୍ରିୟ ସର୍ବସ୍ୱ ଜଡ଼ ଶରୀରର ମିଳନ ନ ଘଟିପାରେ ମାତ୍ର ଅବି-ନଶ୍ୱର ଆତ୍ମାର ମିଳନ ଘଟିବ । ଦୈହିକ ମିଳନ ମିଥ୍ୟା, ମାତ୍ର ଆତ୍ମିକ ମିଳନ ସତ୍ୟ ଓ ସୁନ୍ଦର । ତେଣୁ ମୋର ଅନୁରୋଧ, ତୁମେ ଚିନ୍ତା ରୋଗରୁ ମୁକ୍ତ ହୁଅ । ବିରହ ଯନ୍ତ୍ରଣାରେ ନିଜକୁ ଆଉ ଦଗ୍ଧ ହେବାର ସୁଯୋଗ ଦିଅ ନାହିଁ । ଉଠ, ଜାଗ, କର୍ମମୟ ଓ ସାଧନାମୟ ଜୀବନରେ ଜୟମଣ୍ଡିତ ହେବା ଲାଗି ନୂଆ ଉତ୍ସାହରେ ଅଗ୍ରସର ହୁଅ । ତୁମ ପ୍ରତି ମୋର ଶୁଭେଚ୍ଛା ଓ ଆଶୀର୍ବାଦ ରହିଛି ।"

ଖାଲିପା ସମଦ୍ ଖାଁ ଏ ସବୁ ଦର୍ଶନତତ୍ତ୍ୱ ବୁଝନ୍ତି ନାହିଁ । ସେ ବ୍ୟବସାୟୀ ଲୋକ, ତେଣୁ ବାସ୍ତବବାଦୀ । ସେ ଆନନ୍ଦ-ପ୍ରକାଶଙ୍କର ଏ ସବୁ ଉଦ୍ଭଟ ଲକ୍ଷଣ ଦେଖି ଚିଡ଼ି ଉଠି କହିଲେ—

"ସେ ସବୁ ମୋହବତ୍ ଫୋହବତ୍ ମୋ ପାଖରେ ଚଳିବ ନାହିଁ । ଶଳା, ମୋହବତ୍ କରିବୁ ତ, ମୋ ପାଖରେ କସରତ୍ କରିବାକୁ ଆସିବୁ ନାହିଁ । ଶଳା, ଦିବାନା ମଜ୍‌ନୁ ବନିଛୁ । ଉଠ୍, ଅଣ୍ଟା ସିଧା କରି ବସ୍, ନାମର୍ଦ୍ ମାଇଚିଆ କାହାଁକା ।"

ହୁସେନ୍ ଆଲମ ମୁହଁ ବଙ୍କାଇ କହିଲେ—"ଆରେ, ମୋହବତ୍ କରିବ ତ ଏପରି ମୁହଁ ଶୁଖାଇ, ନ ଖା'ଇ ନ ପିଇ ତିନି ରାତି ତିନି ଦିନ ବିଛଣାରେ ଶୋଇ ରହିବ କାହିଁକି ? ଆରେ ମୋହବତ୍ ଯଦି କରୁଛ ତା' ହେଲେ ଚୁଡ଼ିଦାର ପାଇଜାମା ବାହାର କର, ଶିଲ୍କର କଡ଼ା ଇସ୍ତ୍ରୀ ଦିଅ। ଆଦି ପଞ୍ଜାବୀ ବାହାର କର। ଆଖିରେ ସୁର୍ମା ଟିକି ଆଉ ରୁମାଲରେ ଅତର ଦିଅ। ତା ପରେ ବାହାରି ପଡ଼ ମୋହବତ୍ କରିବାକୁ। ଖାଲି ଶୋଇ ରହିଲେ କ'ଣ ମୋହବତ୍ ହୁଏ ?"

ବିଧୂଭୂଷଣ କହିଲେ—"କବି ପ୍ରେମ କରୁଛୁ, କର। ବିରହ ଜ୍ୱାଳାରେ ପୋଡ଼ି ମରୁଛୁ, ମର ! ମାତ୍ର ଆମକୁ ଆଉ ଏପରି ଚିନ୍ତାରେ ସନ୍ତୁଳି ମାର ନାହିଁ । କୁମାରୀ-ପ୍ରେମର ବିପଦ କଥା ଜାଣିଛୁ ତ ? କୁମାରୀ-ପ୍ରେମର ପରିଣତି ଦାୟିତ୍ୱ ମୁଣ୍ଡାଇବାକୁ ଯଦି ପ୍ରସ୍ତୁତରେ ହେମତ୍ ଅଛୁ, ତା' ହେଲେ ଆଗେଇ ଯା' ସେ ଦିଗରେ । ଆଉ ଏଠାରେ ପଡ଼ି ପଡ଼ି ଶୁଖୁଛୁ କାହିଁକି ?"

ଏତିକିବେଳେ ସୁଦୟଶଙ୍କର ପାଟି କରି ଉଠିଲେ—"ତୁମର ପ୍ରେମ ଅଭିଯାନକୁ ମୁଁ ଅଭିନନ୍ଦନ ଜଣାଉଛି କବି ! ତୁମେ ଜୟ-ସାଫଲ୍ୟ ମଣ୍ଡିତ ହୁଅ । ବୋଲ, କବି ଆନନ୍ଦପ୍ରକାଶ କି ଜୟ ! !"

---

## —ତିନି—

କବି କାଳିଦାସ ବିକ୍ରମାଦିତ୍ୟ ରାଜସଭାର ଅଷ୍ଟରତ୍ନ ମାଳାରେ ସର୍ବଶେଷରେ ସଂଯୁକ୍ତ ହେଲାପରି କବି ଆନନ୍ଦପ୍ରକାଶ ବାଚେଲର୍ସ ମେସ୍‌ରେ ସର୍ବଶେଷରେ ଆସି ନବମ ରତ୍ନର ଆସନ ଅଳଙ୍କୃତ କରିଥିଲେ । ମାତ୍ର ସୁକିତ ରାଉତ ତାଙ୍କର ବହୁ ପୂର୍ବରୁ

ଆସି ନିଜ ଆସନରେ ସୁପ୍ରତିଷ୍ଠିତ ଥିଲେ । ତେଣୁ ବାଚେଲର୍‌ସ ମେସ୍‌ର ନବରତ୍ନଙ୍କ ମଧ୍ୟରେ ସେ ଏକ ପ୍ରତିଷ୍ଠିତ ଓ ବିଶିଷ୍ଟ ରତ୍ନ ।

ଶ୍ୟାମଳ ବର୍ଣ୍ଣର ତେଇଶି ଚବିଶି ବର୍ଷର ଯୁବକ ଏଇ ସୁଜିତ ରାଉତ । ବେଶୀ ଲମ୍ବା ନୁହଁନ୍ତି କି ବେଶୀ ଗେଡ଼ା ନୁହନ୍ତି । ଦେଖିବାକୁ ବେଶ୍ ହୃଷ୍ଟପୁଷ୍ଟ । ମୁହଁଟି ସବୁବେଳେ ହସ ହସ । ଦାଢ଼ି ନିଶ ଚିକ୍‌କଣ ଭାବରେ ଗମ୍ଭୀର ଯତ୍ନ ସହିତ କ୍ଷୌର ହୋଇଥାଏ । ନାରୀ ସୁଲଭ ଆଖିର ଚାହାଣୀଟି ସବୁବେଳେ ସଜଳ ଓ ଢଳ ଢଳ । ଆଁଖିରେ ଚଷମା । ମେସ୍ ଭିତରେ ଥିଲେ ସୁଜିତ ରାଉତ ଢିଲା ପାଇଜାମା ଆଉ ଢିଲା ପଞ୍ଜାବୀ ପିନ୍ଧନ୍ତି ମାତ୍ର ବାହାରକୁ ବାହାରିଲେ ଲିନେନ୍ କନାର ଟ୍ରାଉଜର ଆଉ ଦେହରେ ଛିଟ କନାର ହାଓ୍ବାଇ ସାର୍ଟ ପିନ୍ଧନ୍ତି ।

ଗତ ତିନି ବର୍ଷ ହେଲା ସେ ସ୍ଥାନୀୟ ଡାକ ବିଭାଗରେ ଲୋଅର ଡିଭିଜନ କିରାଣୀ କାମ କରୁଛନ୍ତି । ସକାଳୁ ଉଠି ନିୟମିତ କ୍ଷୌର କର୍ମ ସମାପନ କରି ମୁହଁ ହାତ ଧୋଇ ଜଳଖିଆ ଖାଇ ବସନ୍ତି । ତା'ପରେ ନୀରବରେ ଜଳଖିଆ ସାରି ଉପରକୁ ଯାଇଁ ନିଜ ବିଛଣା ଉପରେ ସର୍ଟହାଣ୍ଡ ବହି ବାହାର କରି ସର୍ଟହାଣ୍ଡ୍ ସାଧନା କରନ୍ତି । ନ'ଟା ବେଳେ ସାଧନାରୁ ଉଠି ଗାଧୁଆ ପାଧୁଆ ସାରି ଭୋଜନରେ ବସନ୍ତି । ତା'ପରେ ଟ୍ରାଉଜର ଆଉ ଛିଟକନାର ହାଓ୍ବାଇ ପିନ୍ଧି ଅଫିସକୁ ବାହାରି ଯାଆନ୍ତି । ପାଞ୍ଚଟା ପରେ ଅଫିସ ଛୁଟି ସାରି ମେସକୁ ଫେରନ୍ତି ନାହିଁ; ସିଧା କମରସିଅଲ ସ୍କୁଲ୍‌କୁ ଯାଆନ୍ତି । ସେଠାରୁ ଫେରି ମେସ୍‌ରେ ପହଞ୍ଚିଲା ବେଳକୁ ସାତଟା ବାଜି ସାରିଥାଏ । ମେସ୍‌ରେ ପହଞ୍ଚି ଗାଧୁଆ ପାଧୁଆ ସାରି ଆଠଟା ସାଢ଼େ ଆଠଟାରେ ଭୋଜନରେ ବସନ୍ତି । ତା'ପରେ ବିଛଣାରେ

ପଡ଼ି ଅଳସ ଭାବରେ ଖଣ୍ଡିଏ ଗୁଇନ୍ଦା ଉପନ୍ୟାସ ପଢ଼ୁ ପଢ଼ୁ କେତେବେଳେ ଗାଢ଼ ନିଦରେ ଶୋଇ ପଡ଼ନ୍ତି ।

ଏଇ ହେଲା ସୁଜିତ ରାଉତଙ୍କର ଦୈନନ୍ଦିନ କାର୍ଯ୍ୟର ତାଲିକା । କିଛି ବିଶେଷତ୍ୱ ନାହିଁ । ପ୍ରତ୍ୟହ ସକାଳୁ ସନ୍ଧ୍ୟାଯାଏ ଯନ୍ତ୍ରପରି ସେହି ଏକା କାର୍ଯ୍ୟ କରି ଚାଲିଛନ୍ତି । ଘଣ୍ଟାର କଣ୍ଟାପରି ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଗୋଟାକ ପରେ ଗୋଟାଏ ଯଥା ସମୟରେ କରି ଯାଆନ୍ତି । ସେହି ଏକା ପ୍ରକାରର କାର୍ଯ୍ୟ କରି କରି ତାଙ୍କର ଏପରି ଅଭ୍ୟାସ ପଡ଼ିଗଲାଣି ଯେ, କେଉଁ କାର୍ଯ୍ୟ କେତେବେଳେ କରିବେ, ସେଥିଲାଗି ସମୟ ଜାଣିବା ଦରକାର ପଡ଼େ ନାହିଁ । ଅଭ୍ୟାସବଶରୁ ସବୁ କାର୍ଯ୍ୟ ଠିକ୍ ଠିକ୍ ସମୟରେ ହୋଇଯାଏ ।

ବାଚେଲରସ୍ ମେସ୍‌ର ଅନ୍ୟାନ୍ୟ ଲୋକଙ୍କ ସହିତ ସୁଜିତ ରାଉତ କ୍ୱଚିତ କେତେବେଳେ ଆଳାପ ଆଲୋଚନା କରି ଥାଆନ୍ତି । ଏହାର ଦ୍ୱିବିଧ କାରଣ ରହିଛି । ପ୍ରଥମ କଥା, ରବିବାର ଛଡ଼ା ତାଙ୍କର ଅବସର ନାହିଁ ଦଣ୍ଡେ କାହା ସହିତ କଥାବାର୍ତ୍ତା କରିବା ପାଇଁ । ଆଉ ଦ୍ୱିତୀୟ ଓ ପ୍ରଧାନ କାରଣ ହେଉଛି, ସୁଜିତ ରାଉତ ନିଜେ ମେଳାପି ନୁହନ୍ତି । କାହାରି ସହିତ ଆଳାପ କରିବାକୁ ବାହାରିଲେ ଅନୂଢ଼ା କିଶୋରୀ ପରି ସେ ଲାଜରେ ମାଟି ସହିତ ମିଶି ଯାଆନ୍ତି । କୌଣସି ନାରୀ ସମ୍ମୁଖରେ ତାଙ୍କୁ କଥାବାର୍ତ୍ତା କରିବାକୁ ବାଧ କରାଗଲେ ତାଙ୍କର ପିଣ୍ଡରୁ ପ୍ରାଣ ଉଡ଼ିଯାଏ । ମଥା ଘୂରିଯାଏ । ଗୋଟାଏ କଥା କହିବାକୁ ସ୍ଥିର କରି ହୁଏତ ଶେଷରେ ନିଜ ଅଜାଣତରେ ଗୁଡ଼ାଏ ଅବାନ୍ତର କଥା ଗପି ଯାଆନ୍ତି । ଏତେ ଲାଜ, ଏତେ ସଙ୍କୋଚ, ଏତେ ଛୁଉ ଧଡ଼ପଡ଼ି ଧରି ଏହି ଯୁବକ କିପରି ଭାବରେ ଇଣ୍ଟରଭ୍ୟୁରେ ପାଶ୍ କରି

ଗୃହକର୍ତ୍ତ୍ରୀ ପାଇଲେ, ତାହା! ଚିରଦିନ ରହସ୍ୟ ଭିତରେ ଆଚ୍ଛନ୍ନ ହୋଇ ରହିଲା ।

ସୁଜିତ ରାଉତଙ୍କୁ ଚିଡ଼ାଇ ତାଙ୍କର ନାରୀସୁଲଭ ଲଜ୍ଜା ଓ ସଙ୍କୋଚ ତଥା ତାଙ୍କ ଅଧରର ସଲଜ୍ଜ ହସ ଦେଖିବାଲାଗି ମେସରେ ବଧୂଭୂଷଣ, ସୁଦୟ ଶଙ୍କର ଓ ସମଦ୍ ଖାଁ ବେଳେବେଳେ ତାଙ୍କ ପଛରେ ଲାଗନ୍ତି । ସୁଜିତ ରାଉତଙ୍କର ଲଜ୍ଜା ଓ ସଙ୍କୋଚ ପ୍ରକାଶ ପାଏ ସତ୍ୟ ମାତ୍ର ସେ ଚିଡ଼ନ୍ତି ନାହିଁ । ସେମାନଙ୍କ ପ୍ରଶ୍ନର ସଂକ୍ଷିପ୍ତ ସଲଜ୍ଜ ଉତ୍ତର ଦେଇ ନିଜର ସର୍ଟହ୍ୟାଣ୍ଡ ବହି ଧରି ବସି ପଡ଼ନ୍ତି । ଦୁଷ୍ଟ ବଧୂଭୂଷଣ ଓ ସୁଦୟ ଶଙ୍କର ପ୍ରଭୃତି ହୋ ହୋ ହୋଇ ହସି ଉଠନ୍ତି । ପଚାଶ ବର୍ଷର ବୁଢ଼ୀ ଗୃହକର୍ତ୍ତ୍ରୀ ଅରୁପା ମଧ୍ୟ ସୁଜିତ ରାଉତଙ୍କ ନାରୀ ସୁଲଭ ବଚନ ସ୍ୱଭାବ ଦେଖି ମୁହଁରେ ଲୁଗା ମାଡ଼ି ହସି ପକାଏ ।

ସେଦିନ ଜମ୍ନାଷ୍ଟିକ ପ୍ଲେଆର ସମଦ୍ ଖାଁ ତାଙ୍କୁ କହିଲେ— 'ବୁଝିଲେ ସୁଜିତବାବୁ, ମୋର କଥା ମାନନ୍ତୁ । ଏପରି ନିଶଦାଢ଼ି ସବୁ ଚିକ୍କଣ ଭାବରେ ନ ବନେଇ ଖାଲି ଦାଢ଼ିଟି ବନାନ୍ତୁ, ମାତ୍ର ନିଶକୁ ରଖନ୍ତୁ । ବୁଝିଲେ, ନିଶ ହେଲା ମରଦର ଚିହ୍ନ । ନିଶଟା କାଟି ପକାଇଲେ ମଣିଷର ମରଦାନା ରହେ ନାହିଁ, କେମିତି ଗୋଟାଏ ଜନାନା ଭାବ ଆସିଯାଏ ।'

ସୁଜିତ ରାଉତ ସ୍କୁଲ ବାଳିକା ପରି ଫିକ୍ କରି ହସି ପକାଇଲେ । ଦେହ ଦୋହଲାଇ ଗୃହାଣି ନଚ କରି କହିଲେ— "ଧେତ୍ ! ଆପଣ ବଡ଼ ରହସ୍ୟ କରୁଛନ୍ତି ।"

—"ଆହେ, ରହସ୍ୟ କ'ଣ ହୋ ? ସତକଥା କହିଲେ, ରହସ୍ୟ ! ଆପଣ ତ ଆଜିଯାଏ ନିଶ ରଖିଲେ ନାହିଁ, ଆଉ ନିଶର କେରାମତି ବୁଝିବେ କାହୁଁ ? ହଇହୋ, ନୀଳକଣ୍ଠ ଯୁଗରେ ଜନ୍ମ

ହୋଇ ନଶକୁ ନିନ୍ଦୁଛନ୍ତି ? ଓଡ଼ିଶାରେ ଏହି ନଶ ଆନ୍ଦୋଳନ କି ରୂପ ଧରିଥିଲା ତାହା କ'ଣ ଆପଣ ଜାଣନ୍ତି ନାହିଁ ? କାହିଁକି ଏପରି ଆନ୍ଦୋଳନ ହୋଇଥିଲା ? ଆପଣମାନଙ୍କପରି କେତେକ ମାଖୁନାଙ୍କ ମନର ସଂସ୍କାର ପରିବର୍ତ୍ତନ କରିବା ଲାଗି, ବୁଝିଲେ !"

ସୁଜିତ ରାଜିତ ସଲ୍ଲଜ ହସ ହସି, ଥରେ ଚଷମା ଫାଙ୍କରେ ତଳଉପର ଚାହାଣି ଚୋରା ସମଦ୍‌ଖାଁଙ୍କ ମୁହଁ ପୁଣି ଦୃଷ୍ଟି ନତ କଲେ । ସମଦ୍ ଖାଁ ପୁଣି ଅଧିକ ଉତ୍ସାହ ସହିତ କହିଲେ—"ହସୁଛନ୍ତି କ'ଣ ମ ? ନଶର ଇଜ୍ଜତ ଆପଣ ବୁଝିବେ କାହୁଁ ? ନଶ ଆନ୍ଦୋଳନ ଖାତିରରେ ମୁଁ ଆପଣଙ୍କୁ ନଶ ରଖିବାକୁ କହୁ ନାହିଁ । ନଶର ଇଜ୍ଜତ ଖାତିରରେ ରଖିବାକୁ କହୁଛି । ଶୁଣନ୍ତୁ, ନଶର ଯେପରି ଇଜ୍ଜତ ଅଛି, ନଶୁଆର ମଧ୍ୟ ସେମିତି ଇଜ୍ଜତ ରହିଛି । ନଶର ଯେପରି ଗୋଟାଏ Personality ଅଛି, ନଶ ରଖାଳର ବି ସେହିପରି Personality ରହିବ । ନଶ ପାଇଁ ନଶୁଆର ମର୍ଯ୍ୟାଦା । ନଚେତ୍ ମଣିଷର ମରଦ ପଣିଆର କଉଡ଼ାକର ଦାମ ନାହିଁ । ଆଉ ଗୋଟାଏ ଗୋପନୀୟ କଥା ଆପଣଙ୍କୁ କହି ରଖୁଛି; ଶୁଣନ୍ତୁ । ଦରକାର ବଖତ୍‌ରେ ବଡ଼ କାମରେ ଲାଗିବ ।"

ସମଦ୍ ଖାଁ ସେହି ଗୋପନୀୟ ତଥ୍ୟଟି ପ୍ରକାଶ କରିବା ପୂର୍ବରୁ ଟିକିଏ ନୀରବ ହେଲେ । ସୁଜିତ ରାଜିତ ଉତ୍ସୁକ ଦୃଷ୍ଟିରେ ମୁହଁ ପଚାରିଲେ—"କଣ ଗୋପନୀୟ କଥା ?"

ସମଦ୍ ଖାଁ ଗମ୍ଭୀର ଭାବରେ ଧୀରେ ଧୀରେ କହିଲେ—'ହଁ, ଗୋପନୀୟ କଥା । ଏହି ଜନାନା ଜାତିଟା ଭାରି ନଶର କଦର କରନ୍ତି । ନଶୁଆମାନଙ୍କୁ ଭାରି ମୋହବତ୍ କରନ୍ତି । କରିବେ ନାହିଁ କାହିଁକି କୁହନ୍ତୁ ? ନଶ ହେଲା ମରଦାନାର ଚିହ୍ନ ।

ନିଶ ଯାହାର ଅଛି ସେ ହଚ୍ଛି ମରଦ । ଜନାନାମାନେ ମରଦଙ୍କୁ ମୋହବତ୍, ପ୍ୟାର କରିବେ ନାହିଁ ତ ଆଉ କରିବେ କ'ଣ ଏହି ମାଖ୍ନା, ନା-ମରଦ୍ ମାଇଚିଆମାନଙ୍କୁ ? ସେଇଥିପାଇଁ କହୁଛି, ଆପଣ ଏଣିକି ନିଶ ଗ୍ରୁଡ଼ି ଦିଅନ୍ତୁ ।

ସମଦ୍ ଖାଁ ନାରୀ-ମନସ୍ତତ୍ତ୍ୱ ସମ୍ବନ୍ଧରେ ଆଉ ଅଧିକ କିଛି ବକ୍ତୃତା ଶୁଣାଇ ଥାଆନ୍ତେ, ମାତ୍ର ଠିକ୍ ସେତିକିବେଳେ ଆକାଶରୁ ଛିଡ଼ିଲା ପରି ଆସି ବଧୂଭୂଷଣ ସେଠାରେ ପହଞ୍ଚି ଯାଇଁ ରସଭଙ୍ଗ କଲେ । ହାତରେ ତାଙ୍କର ଖଣ୍ଡେ ଗୋଲାପୀ ରଙ୍ଗର ଲଫାଫା । ଉପରେ Forget me not ପୁଷ୍ପଗୁଚ୍ଛର କମନୀୟ ଛବି । ବଧୂଭୂଷଣ ସୁଜିତ ରାଉତଙ୍କୁ ଅନୁନୟ ସ୍ୱରରେ କହିଲେ—"ସୁଜିତ ବାବୁ ! ଆପଣଙ୍କ ଅଫିସ ଯିବା ବାଟରେ ମୁକ୍ତାର ମନମୋହନ ସେନାନାୟକଙ୍କ ଘର ପଡ଼ିବ । ଟିକିଏ ଅନୁଗ୍ରହ କରି ଏ ଚିଠି ଖଣ୍ଡିକ ତାଙ୍କର ବଡ଼ ଝିଅ ଲାବଣ୍ୟ ଦେବୀଙ୍କ ହାତରେ ଦେଇ ପାରିଲେ ବଡ଼ ଉପକୃତ ହୁଅନ୍ତି । ଖୁବ୍ ଜରୁରି ଚିଠି । ମୋର ଏଣେ ଅନ୍ୟ ସ୍ଥାନରେ ବଡ଼ ଜରୁରୀ କାର୍ଯ୍ୟ ଅଛି, ତେଣୁ ତାଙ୍କ ଘରକୁ ଯିବାର ଅବସର ପାଇବି ନାହିଁ ।"

ସମଦ୍ ଖାଁ ଖେଙ୍କାରି ଉଠିଲେ—"ହୁଁ ଶଳାର ଏହି ବେପାର ଚାଲିଛି ? ଲାବଣ୍ୟ ଦେବୀ, କୁସୁମ ଦେବୀ, ସୁଷମା ଦେବୀ ଶଳା—ଝାଲି ଦେବୀ ବଣ । ଦେବୀମାନଙ୍କ ହାଉଆ ବାଜି ବାଜି ଏଥର ଦେବତା ଘାଲିଟି ଯିବୁ ବେ !"

ବଧୂଭୂଷଣ ଏ ଧରଣର ଥଟ୍ଟା ଉପହାସରେ ସାଧାରଣତଃ ଚିଡ଼ନ୍ତି ନାହିଁ । ମାତ୍ର ସୁଜିତ ରାଉତ ସମ୍ମୁଖରେ ହାଣ୍ଡି ଭାଙ୍ଗି ସମଦ୍ ଖାଁ କଥାଟା ପ୍ରକାଶ କରିଥିବାରୁ ବଧୂବାବୁ ନିଜକୁ ଅପମାନିତ

ମନେ କରି ଚଢ଼ି ଉଠିଲେ—"ଦେଖ୍ ସମଦ୍ । ସବୁବେଳେ ତୋର ଥଟ୍ଟା, ପରିହାସ ଭଲ ଲାଗେ ନାହିଁ ।"

ସମଦ୍ ଖାଁ ମଧ୍ୟ ଉରିଯିବା ପାତ୍ର ନୁହନ୍ତି । କହିଲେ—"ନା, ତା' କେମିତି ଲାଗିବ ? ମୁଁ ତ ଆଉ ଲାବଣ୍ୟ ଦେବୀ ନୁହେଁ । ଶଳା, ଚେହେରା ତ ପାଇଛୁ, ଯାହା କହନ୍ତି—ଅଣ୍ଟା ନଡ଼ ବଡ଼ ବାଉଁଶ କଣି, ସେଥିରେ ପୁଣି ବାବୁ ମୋହବତ୍ କରୁଛନ୍ତି ଅଧ ଉରଜନ ଝିଅଙ୍କୁ । ଶଳା ସେ ଝିଅଙ୍କୁ ଭି ସରମ ନାହିଁ, ତତେ ଭି ସରମ ନାହିଁ ।"

ସମଦ୍ ଖାଁ ମୁହଁରେ ବାଡ଼ବତା ନଥାଏ । ଖାଲରେ ପଡ଼ୁ ଢିପରେ ପଡ଼ୁ ତା' ମନକୁ ଯାହା ଆସିଲା କହି ପକାଇବ । ଏକେତ ଜିମ୍ନାଷ୍ଟିକ୍ ପ୍ଲେୟାର ଗୁଣ୍ଡା, ଦ୍ୱିତୀୟରେ ପୁସ୍ତକ ବ୍ୟବସାୟୀ, ତେଣୁ ପଇସାବାଲା । ବାଚେଲରସ ମେସ୍‌ର ଅନାହାରୀ ଛାତ୍ରଗଣ ପିତୃଦତ୍ତ ଅର୍ଥରେ ସିନେମା ଦେଖି କଲେଜ ଦରମା ନ ଦେଇ ପାରିଲେ ସମଦ୍ ଖାଁ ପାଖରେ ହାତ ପତାନ୍ତି । ଏପରି ସ୍ଥଳେ ସମଦ୍ ଖାଁଙ୍କୁ ସମସ୍ତେ ଖାତିର କରି ଚଳିବା ନିହାତି ସ୍ୱାଭାବିକ । ତେଣୁ ବିଧୁଭୂଷଣ ଆଉ ବିଶେଷ ତର୍କ ତାଙ୍କ ସହିତ ନକରି ସୁଜିତ ରାଉତଙ୍କ ଉଦ୍ଦେଶ୍ୟରେ ଚିଠିଟି ବଢ଼ାଇ ଦେଇ କହିଲେ—"ନେବେ ଚିଠିଟା—?"

ଲାବଣ୍ୟ ଦେବୀ ଜଣେ ମାଈଲା, ସେ ପୁଣି କଲେଜ ଛାତ୍ରୀ । ତାଙ୍କ ସମ୍ମୁଖକୁ ଚିଠି ନେଇ ଯିବା କଥା ସୁଜିତ ରାଉତଙ୍କ ପକ୍ଷରେ ଅତିକ୍ରମଣୀୟ ବ୍ୟାପାର । ମେଷ ଶାବକକୁ ଶ୍ୱାପଦ ସମ୍ମୁଖକୁ ଠେଲି ଦେବା ତଥା ସୁଜିତ ରାଉତଙ୍କୁ ଲାବଣ୍ୟ ଦେବୀଙ୍କ ପାଖକୁ ପଠାଇବା ଏକା କଥା । ଅନ୍ୟ ସମୟ ହୋଇଥିଲେ ସେ ଗୋଟାଏ ମିଥ୍ୟା କାରଣ ଦର୍ଶାଇ ପତ୍ର ବାହକର କାର୍ଯ୍ୟ କରିବା ଦିଗରେ ନିଜର ଅସାମର୍ଥ୍ୟତା

ପ୍ରକାଶ କରି ଥାଆନ୍ତି । ମାତ୍ର ଆଜି ସହସା ସମଦ୍ ଖାଁଙ୍କ ବକ୍ତୃତାର ପ୍ରତିକ୍ରିୟା ତାଙ୍କ ନୈତିକ ଦୁର୍ବଳତାକୁ ଆଘାତ କରିଛି । ତାଙ୍କ ଭିତରେ ଲୁପ୍ତପ୍ରାୟ ପୌରୁଷ ଆଜି ହଠାତ୍ ଜାଗି ଉଠିଛି । ବିଶେଷତଃ ସମଦ୍ ଖାଁଙ୍କ ମାଖୁନା, ନାମରଦ ଓ ମାଇଚିଆ ପ୍ରଭୃତି ବିଶେଷଣ ପ୍ରକାରାନ୍ତରେ ତାଙ୍କରି ପ୍ରତି ପ୍ରୟୋଗ କରାଯାଇଛି ଭାବି ସେ ମନେ ମନେ ଆଘାତ ପାଇଥିଲେ । ତେଣୁ ଅଜି ଆଉ ନାରୀ ସମ୍ମୁଖକୁ ଯିବାକୁ ବିଶେଷତଃ ସମଦ୍ ଖାଁଙ୍କ ସମ୍ମୁଖରେ ଅସମ୍ମତି ପ୍ରକାଶ କରିବାର ସାହସ ତାଙ୍କର ନଥିଲା । ସେ ବିଧୁଭୂଷଣଙ୍କ ହାତରୁ ଚିଠିଟି ଗ୍ରହଣ କରି କହିଲେ—"ଦିଅନ୍ତୁ, ଯଥା ସ୍ଥାନରେ ପହଞ୍ଚାଇ ଦେବି ।"

—"ଧନ୍ୟବାଦ ! ଏକ ବଡ଼ ବିପଦରୁ ଉଦ୍ଧାର କଲେ ।" କହି ବିଧୁଭୂଷଣ ତଳକୁ ଓହ୍ଲାଇ ଗଲେ ।

ସୁଜିତ ରାଉତ ଲାବଣ୍ୟ ଦେବୀଙ୍କ ହସ୍ତରେ ଚିଠିଟି ଦେବା ପୂର୍ବରୁ ଲାବଣ୍ୟ ଦେବୀଙ୍କ ପରିଚୟ ଟିକିଏ ଜାଣି ରଖନ୍ତୁ । ମୁକ୍ତାର ମନମୋହନ ସେନାନାୟକଙ୍କ ଜ୍ୟେଷ୍ଠା କନ୍ୟା ଲାବଣ୍ୟ ଦେବୀ । ତାଙ୍କ ତଳେ ଆଉ ଗୋଟିଏ ଭଉଣୀ ଓ ଦୁଇଟି ଟେଣ୍ଠ ଟେଣ୍ଠ ଭାଇ ଅଛନ୍ତି । ମା' ପାଞ୍ଚବର୍ଷ ତଳେ ମରି ଯାଇଛନ୍ତି । ମନମୋହନ ବାବୁ ବୟସ ଓ ମନ ଉଭୟରେ ବୃଦ୍ଧ ହେଲେଣି । ସେ ତାଙ୍କର କଚେରୀ ଓ ମହକିଲ ନେଇ ଥାଆନ୍ତି । ସଂସାରର କୌଣସି କଥା ପ୍ରତି ତାଙ୍କର ଦୃଷ୍ଟି ଦେବାକୁ ଅବସର ବି ନାହିଁ, ଇଚ୍ଛା ବି ନାହିଁ । ତେଣୁ ଲାବଣ୍ୟ ଦେବୀ ସଂସାରର କର୍ତ୍ତ୍ରୀ ହୋଇଛନ୍ତି । ଭାଇ ଭଉଣୀ ଚାକର ପୂଝାରୀ, ଗଲା ଅଇଲା ସମସ୍ତେ ତାଙ୍କର ଆଦେଶ ଓ ଉପଦେଶ ମାନି ଚଳନ୍ତି ।

ଲବଣ୍ୟ ଦେବୀ ମାଟ୍ରିକ୍ ପାଶ କରି ଊନେଇଶ ବର୍ଷ ବୟସରେ ଜଣେ ଓକିଲଙ୍କୁ ବିବାହ କରିଥିଲେ । ବିବାହିତ ଜୀବନରେ ସେ ଗୋଟିଏ ପୁତ୍ର ସନ୍ତାନର ମା' ହୋଇଥିଲେ । ମାତ୍ର ବିବାହିତ ଜୀବନକୁ ସେ ସୁଖକର ମଣିଲେ ନାହିଁ । ଓକିଲ ସ୍ୱାମୀ ସକାଳେ ଓ ସନ୍ଧ୍ୟାରେ, ଏପରିକି ରାତି ଦଶଟା ପର୍ଯ୍ୟନ୍ତ ମହକିଲ୍ ସହିତ ପ୍ରେମାଳାପ କଲେ । ଦିନସାରା କଚେରୀରେ ରହିଲେ । ଶିକ୍ଷିତା ପ୍ରେମ କାଙ୍ଗାଳିନୀ ଲବଣ୍ୟ ଦେବୀଙ୍କ ବୟସ ଓ ରୂପଲାବଣ୍ୟ ପ୍ରତି ଦୃଷ୍ଟି ଦେବାର ଅବସର ତାଙ୍କର ନଥାଏ । ଟିକିଏ ସିନେମା ଥିଏଟର ଦେଖା, ଟିକିଏ ପ୍ରଦର୍ଶନୀ ଦେଖା କିମ୍ବା ଥରେ ଫୁଟବଲ ମ୍ୟାଚ ଦେଖା, କିନ୍ତୁ ତାଙ୍କ ଭାଗ୍ୟରେ ଘଟିଲା ନାହିଁ । ସତ କହିବାକୁ ଗଲେ, ଲବଣ୍ୟ ଦେବୀଙ୍କ ପ୍ରଥମ ଯୌବନର ଉଦ୍ଦାମ ବାସନା, ଅଶେଷ କ୍ଷୁଧା ତୃପ୍ତି ଲାଭ କରିନାହିଁ । ତେଣୁ ଶେଷରେ ଲବଣ୍ୟ ଦେବୀ ବିଦ୍ରୋହିଣୀ ହେଲେ ।

ଦିନେ ହଠାତ୍ ଦେଶର ଜଣେ ବଡ଼ ନେତାଙ୍କର ତିରୋଧାନ ଘଟିବାରୁ କଚେରୀ ଗୋଟାଏବେଳେ ବନ୍ଦ ହୋଇଗଲା । ଲବଣ୍ୟ ଦେବୀଙ୍କ ସ୍ୱାମୀ ସେଦିନ ଦ୍ୱିପ୍ରହରବେଳେ ଗୃହକୁ ବାହୁଡ଼ି ଅତି ଅପ୍ରତ୍ୟାଶିତ ଭାବରେ ନିଜର ସ୍ତ୍ରୀଙ୍କୁ ଏକ ଅପରିଚିତ ଯୁବକ ସହିତ ନିଜର ଶଯ୍ୟା ଉପରେ ଅତି ଅବାଞ୍ଛନୀୟ ଅବସ୍ଥାରେ ଦେଖିଲେ । ତା'ପରର ଘଟଣା ଓକିଲ ସ୍ୱାମୀ ଅତି ସହଜ ଭାବରେ ଭୁଲିଇବାକୁ ସମର୍ଥ ହୋଇଥିଲେ ।

ସେହି ଦିନଠାରୁ ସ୍ୱାମୀ—ପୁତ୍ର—ପରିତ୍ୟକ୍ତା ହୋଇ ଲବଣ୍ୟ ଦେବୀ ପିତୃଗୃହରେ କର୍ତ୍ତ୍ରୀ ସାଜିଛନ୍ତି । ବୟସ ବର୍ତ୍ତମାନ ପଚିଶି ହେଲାଣି । ବି.ଏ. ଟା ପାଶ କରି ଶିକ୍ଷୟିତ୍ରୀ ଜୀବିକା ଗ୍ରହଣ କରିବାକୁ ମନସ୍ଥ କରିଛନ୍ତି । ତେଣୁ ପୁଣି କଲେଜରେ ନାମ ଲେଖାଇ

ବର୍ତ୍ତମାନ ସେକେଣ୍ଡ ଇଆରରେ ପଢ଼ୁଛନ୍ତି । ବଧୂଭୂଷଣ ତାଙ୍କଠୁ ବୋଧହୁଏ ବର୍ଷେ ଦୁଇ ବର୍ଷ ଗ୍ରେଟ ହେବେ । ଉଭୟ କ୍ଲାସମେଟ— ସହପାଠୀ । ଗୁଣୀକୁ ଗୁଣୀ ଚିହ୍ନିଲା ପରି ପ୍ରେମିକ ବଧୂଭୂଷଣ ଓ ପ୍ରେମିକା ଲାବଣ୍ୟଦେବୀଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ ଅନୁକମ୍ପା ସେହି ପ୍ରଥମ ଶୁଭଚକ୍ଷୁର ମିଳନଠାରୁ ଜନ୍ମିଛି ।

ଯାହାହେଉ, ସେ ସବୁ ପରିଚର୍ଚ୍ଚା ବିଶେଷ ଲାଭଜନକ ନୁହେଁ । ଆମର ବାଚେଲର୍‌ସ ମେସର ରତ୍ନବିଶେଷ, ଲଜ ସହରର ଗନ୍ତାଘର ଶ୍ରୀମାନ୍ ସୁଜିତ ରାଉତଙ୍କ ପାଖକୁ ଫେରି ଆସିଲୁ । ସୁଜିତ ରାଉତ ଅଫିସ ଯିବା ବାଟରେ ପକେଟରେ ବଧୂଭୂଷଣଙ୍କ ଚିଠିଟି ଧରି ବଡ଼ ଚିନ୍ତାଗ୍ରସ୍ତ ଚିତ୍ତରେ ଅଗ୍ରସର ହେଉଛନ୍ତି । ସତ କହିବାକୁ ଗଲେ, ଆଜି ତାଙ୍କର ଅଫିସ ଯିବାର ଉତ୍ସାହ ଏତେ ଟିକିଏ ନାହିଁ । ଆଜି ବିନୁଟା କାଜୁଏଲ ଛୁଟି ନେଇଥିଲେ ଚଳି ଥାଆନ୍ତା । ସମବୟସ୍କ ସମ୍ମୁଖରେ ନିଜର ପୌରୁଷ ଦେଖାଇବା ଲାଗି ଚିଠିଟା ସିନା ସେ ପକେଟସ୍ଥ କରିଥିଲେ, ମାତ୍ର ଚିଠିଟି ଯଥା ସ୍ଥାନରେ ପହଞ୍ଚାଇବାକୁ ଯାଇ ସେ ମନେ ମନେ ଭାବୁଛନ୍ତି ଯେ ସେ ଗୋଟାଏ ଗର୍ହିତ କାର୍ଯ୍ୟ କରି ପକାଇଛନ୍ତି । ଚିଠିଟି ନ ଆଣିଥିଲେ ଭଲ ହୋଇ ଥାଆନ୍ତା ପରା !

ସୁଜିତ ରାଉତ ମୁହୁର୍ମୁହୁ ଗାଧୁଆ ଘରକୁ ଯିବାର ଆବଶ୍ୟକତା ଅନୁଭବ କରୁଛନ୍ତି । ମାତ୍ର କି ମୁସ୍କିଲ, କଟକ ସହରର ରାସ୍ତା ଘାଟରେ କୌଣସି ଗାଧୁଆ ଘର ନାହିଁ । ପୁଣି ବେଞ୍ଚ ଉପରେ କୋଉଥିବା ପରି, ସହରରେ ପାଞ୍ଚ ଆଇନ ଅଛି । ଗଳି କନ୍ଦିରେ, ଦେବାଲ କଡ଼ରେ କମ୍ପା ପାଚେରି ତଳେ ବସି ପଡ଼ିବାର ଉପାୟ ନାହିଁ । କି ମୁସ୍କିଲ କଥା । କାହିଁକି ସେ ବଧୂ-ଭୂଷଣଙ୍କ ଚିଠି ଆଣିଲେ ? ନିଜର ପୌରୁଷ, ମରଦ ପଣିଆ

ଦେଖାଇବା ପାଇଁ ଜୀବନରେ ବହୁତ ସମୟ ବାକି ପଡ଼ିଛି, ଆଜି ଦନୁଟା ନ ଦେଖାଇଲେ କଣ ଚଳି ନ ଥାଆନ୍ତା ? ସୁଜିତ୍ ରାଉତ ମନେ ମନେ ଖୁବ ଆନନ୍ଦିତ ହେଉଛନ୍ତି ଯେ ସେ ଲାବଣ୍ୟ ଘରକୁ ଯିବେ ନାହିଁ । ଚିଠି ଦେବାକୁ ମନେ ପଡ଼ିଲା ନାହିଁ କହି ବଧୂ-ଭୂଷଣଙ୍କଠାରୁ କ୍ଷମା ମାଗି ନେବେ । ମାତ୍ର ଏପରି ଜରୁରୀ ଚିଠି ପହଞ୍ଚାଇ ଦେବାର ଦାୟିତ୍ୱ ଯେତେବେଳେ ନେଇଛନ୍ତି ।

ଶେଷରେ ବଡ଼ ଅନିଚ୍ଛା ସତ୍ତ୍ୱେ, ଛାତି ଧଡ଼ପଡ଼କୁ ହାତ ପାପୁଲିରେ ମାଡ଼ି ବସି ଆଉ ଗାଧୁଆଘର ଯିବାର ଆବଶ୍ୟକତାକୁ ପ୍ରାଣପଣେ ସଂଯତ କରି ସୁଜିତ ରାଉତ ଲାବଣ୍ୟ ଦେବୀଙ୍କ ଘରେ ପହଞ୍ଚିଲେ । ଫାଟକ ଖୋଲି ଖୁବ ସାହସ ସଞ୍ଚୟ କରି ଅଗଣାରେ ଆସି ଛିଡ଼ା ହେଲେ । ତା' ପରେ ଧୀରେ ଧୀରେ କମ୍ପିତ କୋମଳ କଣ୍ଠରେ ଦୁଇଥର ପୁଷ୍ପାଶ୍ରୀ ପୁଷ୍ପାଶ୍ରୀ ବୋଲି ଡାକିଲେ । ସହସା ଲାବଣ୍ୟ ଦେବୀ ପରଦା ଠେଲି ଆସି ସୁଜିତ ରାଉତଙ୍କ ସମ୍ମୁଖରେ ଜିଜ୍ଞାସୁ ଦୃଷ୍ଟିରେ ଚାହିଁଲେ ।

ଗଲା, ସବୁ କଥା ସରିଗଲା । ସୁଜିତ ରାଉତଙ୍କ ଗୋଡ଼ଆଣ୍ଠୁ ଝିମ ଝିମ ହୋଇ ଆସିଲାଣି । ଦେହ ଗୋଟି ପଣେ ଥରିଲାଣି । ସେହି ମାଘ ମାସର ଶୀତ ସକାଳରେ ସୁଦ୍ଧା ତାଙ୍କ ଗେଞ୍ଜି ଓ ଅଣ୍ଡର-ୱେରର ଝାଳରେ ଜୁଡ଼ୁବୁଡ଼ୁ ହେଲାଣି । ବହୁ ଚେଷ୍ଟା କରି ସୁଦ୍ଧା ଦୃଷ୍ଟି ଆଉ ଊର୍ଦ୍ଧ୍ୱମୁଖୀ ହେଉନାହିଁ, ତାହା ଲାବଣ୍ୟ ଦେବୀଙ୍କ ପଦ ପଙ୍କଜରେ ନିବଦ୍ଧ ରହିଛି । ବିଚଳିତ ସଲ୍ଲଜ ଭଙ୍ଗୀରେ ନମସ୍କାରଟାଏ ଅସ୍ଫୁଟ ସ୍ୱରରେ ଜଣାଇ ସୁଜିତ ରାଉତ କମ୍ପିତ ହସ୍ତରେ ଚିଠି ଖଣ୍ଡି ବଢ଼ାଇ ଦେଲେ । ଲାବଣ୍ୟ ଦେବୀ ଚିଠିଟି ପଢ଼ି ସାରି କହିଲେ—'ଓ, ବଧୂବାବୁ ଦେଇଛନ୍ତି । ଆପଣ ବସନ୍ତୁ

ନା ! ଆପଣ କଣ ତାଙ୍କର ମେସରେ ଥାଆନ୍ତି !' ଲାବଣ୍ୟ ସୁଜିତ ରାଉତଙ୍କ ଉଦ୍ଦେଶ୍ୟରେ ଖଣ୍ଡେ ଚୌକି ଠେଲି ଦେଲେ ।

ସୁଜିତ ରାଉତ ସେତିକିବେଳେ ତଳକୁ ଦୃଷ୍ଟି କରି କିଶୋରୀ ବଧୂ ପରି ଲାଜ ଗରି ଗରି ହୋଇ କହିଲେ—'ନାହିଁ ନାହିଁ, ବସି ପାରିବ ନାହିଁ, ଅଫିସ ସମୟ ହେଲାଣି ।'

ଲାବଣ୍ୟ ଦେବୀ କ'ଣ ଭାବି ଟିକିଏ ଅନ୍ୟମନସ୍କ ହୋଇ ପଡ଼ିଥିଲେ ମାତ୍ର ହଠାତ୍ ସୁଜିତ ରାଉତଙ୍କ ନାରୀସୁଲଭ ସ୍ୱଭାବ ଆଉ କିଶୋରୀସୁଲଭ ଲାଜ ଦେଖି ଫିକ କରି ହସି ପକାଇ ତାଙ୍କୁ ଚାହିଁଲେ । କହିଲେ—'ଅଫିସ ସମୟ ଆହୁରି ପନ୍ଦର ମିନିଟ ବାକି ଅଛି । ଟିକିଏ ବସନ୍ତୁ, ଚା ଖାଇ ଯିବେ । ଆପଣ ବଧୂବାବୁଙ୍କ ବନ୍ଧୁ ଯେତେବେଳେ ଆପଣଙ୍କୁ ଚା ଖୋଇ ନଛାଡ଼ିଲେ ବଧୂବାବୁ ଅପମାନିତ ବୋଧ କରିବେ ।'

ଲାବଣ୍ୟ ଦେବୀଙ୍କ ସହଜ ସରଳ କଥା କହିବା ଭଙ୍ଗୀ ଦେଖି ସୁଜିତ ରାଉତ ଆହୁରି ବିପଦରେ ପଡ଼ିଲେ । ସେ ଯଦି ଲାଜ ସଙ୍କୋଚରେ ଅଳ୍ପ କଥା କହି ଥାଆନ୍ତେ, ତା'ହେଲେ ଅବା ସୁଜିତ ରାଉତଙ୍କ ମନରେ ଟିକିଏ ଦମ୍ଭ ଆସି ଥାଆନ୍ତା । ମାତ୍ର ଏ କି ଓଲଟା କଥା । ଏଠାରେ ଯେପରି ଲାବଣ୍ୟ ଦେବୀ ପୁରୁଷ ଆଉ ସୁଜିତ ରାଉତ ନାରୀ । ତଥାପି ଛାତି ଦୃଢ଼ କରିବାର ବୃଥା ଚେଷ୍ଟା କରି ସୁଜିତ'ବାବୁ ବିଚଳିତ କମ୍ପିତ କଣ୍ଠରେ କହିଲେ—'ହଁ, ହଁ, ନା, ନା, ଚା' ଖାଇବ ନାହିଁ । ଅଫିସ ମୋର—ମୋର ଅଫିସ—ଫିସ—ଯିବାକୁ ହେବ ।'

ପେଟ ଭିତରୁ ଉଠି ଆସୁଥିବା ହସର ଜୁଆରକୁ ଲାବଣ୍ୟ ଦେବୀ ବହୁ କଷ୍ଟରେ ସଂଯତ କଲେ, ମାତ୍ର ତାଙ୍କ ଚାହାଣୀ ଓ ଭଙ୍ଗୀରେ ହସ ଦ୍ୱିଗୁଣିତ ହୋଇ ପ୍ରକାଶ ପାଇଲା । ଏହି ଲାଜୁକ

ଯୁବକଟିର ସଙ୍କୋଚ ଭାଙ୍ଗିବା ପାଇଁ ସେ ସୁଜିତ ରାଉତଙ୍କ ହାତ ଧରି ଚୌକିରେ ବସାଇଦେଲେ ଆଉ କହିଲେ —'ଆପଣଙ୍କୁ ବସିବାକୁ ହେବ ଆଉ ଚା' ଖାଇବାକୁ ପଡ଼ିବ ।'

ସରିଗଲା, ସବୁ ସରିଗଲା । ଯୁବତୀ କରପଲ୍ଲବ କୋମଳ ସ୍ପର୍ଶ ଆଉ ଅଧିକାରମୂଳକ ମଧୁର ଅଭ୍ୟର୍ଥନା ପରେ ସୁଜିତ ରାଉତଙ୍କର ଚେତନା ଥିଲା କି ନାହିଁ ଆମେ ଜାଣୁନା, ମାତ୍ର ଲାବଣ୍ୟ ଦେବୀଙ୍କ ଘରୁ ଫେରି ସେ ଯେ ଆଉ ଅଫିସ ନ ଯାଇ ମେସକୁ ଆସି ଶୋଇ ଶୋଇ କଡ଼କାଠ ଗଣିଥିଲେ ତାହା ସମସ୍ତଙ୍କୁ ଜଣା ।

---

## —ଛୁଟି—

ରବିବାର । ଆଜି ସ୍କୁଲ, କଲେଜ, ଅଫିସ, ବଜାର ସବୁ ବନ୍ଦ । ସ୍କୁଲ କଲେଜ ଅଫିସ ପ୍ରଭୃତିକୁ ଅନୁକରଣ କରି ଦୋକାନ ବଜାର ମଧ୍ୟ ସେହି ରବିବାର ଦିନ ବନ୍ଦ ରହିବାର ତାତ୍ପର୍ଯ୍ୟ ବୁଝି ପଡ଼ୁନାହିଁ । ଅବଶ୍ୟ ଦୋକାନ ବଜାରର ବ୍ୟବସାୟୀ ତଥା କର୍ମଚାରୀମାନଙ୍କର ସପ୍ତାହରେ ଗୋଟାଏ ଦିନ ଅବସର ମିଳିବା ବାଞ୍ଛନୀୟ, ତାହା ସମସ୍ତେ ସ୍ୱୀକାର କରିବେ । ମାତ୍ର ସେହି ଅବସର ଦିନଟା କ'ଣ ଏହି ରବିବାରରେ ପାଳିତ ହେବ ? ଅଥଚ ରବିବାର ଦିନ ଦୋକାନ ବଜାର ବନ୍ଦ ରହିବା ଫଳରେ ବ୍ୟବସାୟୀ ତଥା କ୍ରେତା ଉଭୟେ କ୍ଷତିଗ୍ରସ୍ତ ହୁଅନ୍ତି ।

ତେବେ ଏ ସବୁ ଅବାନ୍ତର ଆଲୋଚନା କରିବା ଆମର ଉଦ୍ଦେଶ୍ୟ ନୁହେଁ । ଆମର କହିବା କଥା ଯେ, ଆଜି କଲେଜ୍,

ଅଫିସ୍ ଆଉ ବଜାର ବନ୍ଦ ଥିବାରୁ ବାଚେଲର୍ସ ମେସର୍ Complete set ଅର୍ଥାତ୍ ସମସ୍ତ ରତ୍ନ ମେସ୍‌ରେ ମହଜୁଦ୍ ଅଛନ୍ତି । ଆଜ ଆଉ ଦଶଟା ସମୟରେ ଅଫିସ ଓ ଦୋକାନ ଯିବାର କମ୍ବା ସାଢ଼େ ଦଶଟାରେ କଲେଜ ଯିବାର ବ୍ୟସ୍ତତା ନବରତ୍ନଙ୍କ ମଧ୍ୟରେ ଦେଖାଯାଉ ନାହିଁ । ପୂର୍ଣ୍ଣାଶ୍ରୀ ଟୋକା ଅନନ୍ତ ମଧ୍ୟ ଆଜ ଆଉ ପାକଶାଳାରେ ପଶି ଅରୂପା ରୂକଣୀ ଉଦ୍ଦେଶ୍ୟରେ ଶୀଘ୍ର ପାଣି ଦେବାକୁ ଓ ମସଲା ବାଟି ଦେବାପାଇଁ ଚିତ୍କାର କରୁନାହିଁ । ଅରୂପା ବୁଢ଼ୀ ମଧ୍ୟ 'ଟୋକାଟା କାଏଁ ହେଏଛ୍' କହି କୂଅ ମୂଳରେ ଆଜ ଆଉ ଶରଗର ହେଇ ବାସନ ଧୋଉ ନାହିଁ ।

ସକାଳ ଆଠଟା ବାଜଲାଣି । ସାହେବ ବରୁଣ ଦାସ ବର୍ତ୍ତମାନ ସୁଦ୍ଧା ଶଯ୍ୟା ଗୁଡ଼ି ନାହାନ୍ତି । ମାଘ ମାସର କାଲୁଆ ସକାଳଟାରେ ଏତିକ ବେଳୁ ବାହାରକୁ ବାହାରି ଶରୀରରେ ଥଣ୍ଡା ଲଗାଇବା ଅପେକ୍ଷା ଜେକେଇ ରଜେ ଉଷୁମ ଉପଭୋଗ କରିବା ଶ୍ରେୟସ୍କର । ତେଣୁ ନ'ଟା ପୂର୍ବରୁ ସେ ଯେ ଆଜ ରେଜେଇ ଚଳୁ ବାହାରବେ ଏ ସମ୍ଭାବନା ନାହିଁ । ସମଦ୍ ଖାଁ ବଗିଚ୍ଚ ଭିତରେ ଫୁଲକା ଉପରେ ଦଣ୍ଡ ବୈଠକ ମାରୁଛନ୍ତି । କୃଷ୍ଣ ଚରଣ ବାବୁ ପ୍ରାର୍ଥନା କରିବା ଉଦ୍ଦେଶ୍ୟରେ ଗିର୍ଜାକୁ ଯାଇଛନ୍ତି । ସାଢ଼େ ଚାରଫୁଟ ଉଚ୍ଚତା ବଶିଷ୍ଟ ହୁସେନ ଆଲମ୍ ପାଇଖାନାର ଭେଣ୍ଟିଲେଟର୍ ପଥରେ ଚଢ଼ଶାଘରର କୂଅ ମୂଳକୁ ଚାହିଁଛନ୍ତି । ଦାର୍ଶନକ ଭୂପେନ୍ଦ୍ର କୁମାର ଜଳଖିଆ ଖାଇ ସାରି ସାଲ ଖଣ୍ଡିଏ ଦେହରେ ଘେଡ଼ାଇ ବସି ବସି Victor Hugoଙ୍କ Les Miserable ପଢୁଛନ୍ତି ଆଉ କବି ଆନନ୍ଦ ପ୍ରକାଶଙ୍କୁ ନଜର ଅଭିମତ ସହିତ ଶୁଣାଉଛନ୍ତି । ତେଣେ ଉପରେ ଲଜ୍ଜାଶୀଳ ସୁଜତ ସଉତ ନଜର ସଟହାଣ୍ଡ ବହି ଧରି ବସିଛନ୍ତି । ବାଚେଲର୍ସ ମେସର ଅନ୍ୟାନ୍ୟ ରତ୍ନଗଣ ବଭିନ୍ନ ମୂଲ୍ୟବାନ

କାର୍ଯ୍ୟରେ ଲିପ୍ତ ଥିବା ସମୟରେ ବିଧୁଭୂଷଣ ଘରେ ହାରମୋନିୟମର କର୍କଶ ବେସୁରା ସ୍ୱର ସହିତ ତାଙ୍କର ନାରୀ ସୁଲଭ ସରୁ ଓ କୋମଳ କଣ୍ଠରୁ ରାଗିଣୀ ଫିଟିଛି—

"ଆଜି ଏ ମଧୁର ଜୋଛନା-ନିଶୀଥେ
ତୁମ ଛବି ମନେ ଜାଗେ,
ତୁମରି ବିରହେ ବୁକୁ ତଳେ ମମ
ଅଶେଷ ବେଦନା ଲାଗେ"

ସତୀର୍ଥ ଓ ସମଧର୍ମୀ ସୁଦେସ୍ନ ଶଙ୍କର ତାଙ୍କ ସମ୍ମୁଖରେ ବସି ତାବଲାରେ ଠେକା ଦେଉଥାନ୍ତି । ବଗିଚା ଭିତରୁ ସମଦ୍ ଖାଁ ପାଟି କରି ଉଠିଲେ—"ଏତେ ବିରହ ବେଦନାରେ ପାରିହେଲେ ଛାତି ଫାଟି ଯିବବେ, ଦିବାନା ମଜ୍‌ନୁ !"

ସମଦ୍ ଖାଁଙ୍କ ଟିପଣୀ ଶୁଣି ଆନନ୍ଦ ପ୍ରକାଶ ଟିକିଏ ମୁରୁକି-ହସା ମାରିଲେ । ମାତ୍ର ବିରହ କାତର ବିଧୁଭୂଷଣଙ୍କ କାନରେ ସେ ଟିପ୍‌ପଣୀ ବାଜି ନାହିଁ । ସେ ସଙ୍ଗୀତର କରୁଣ ରସରେ ଆତ୍ମବିସ୍ମୃତ ହୋଇଛନ୍ତି । ବେନି ନୟନ ମୁଦ୍ରିତ କରି, କଣ୍ଠକୁ ଯଥାସାଧ୍ୟ କୋମଳ କରି ଦରଦୀ ପ୍ରାଣରେ ସେ ନିଜର ମାନସୀ ପ୍ରତିମାଙ୍କୁ କହି ଚାଲିଛନ୍ତି—ଏ ଜୋତ୍ସ୍ନା-ମଧୁର ଓ ହେନା-ଗନ୍ଧ-ବିଧୁରା ରାତିରେ ତୁମେ ଆଜି କେଉଁଠି କ'ଣ କରୁଛ ହେ ମୋର ପାଷାଣୀ ମାନସୀ ! ତାଙ୍କର ଏହି ତରୁଣ ସମ୍ବେଦନର ପ୍ରତିକ୍ରିୟା ଫଳରେ ସୁଜିତ୍ ରାଉତଙ୍କ ଆଖିରୁ ଦୁଇବିନ୍ଦୁ ଲୋତକ ଝରି ସର୍ଟହ୍ୟାଣ୍ଡ ବହି ଉପରେ ଥପ୍ ଥପ୍ ହୋଇ ପଡ଼ିଲାଣି । ବିରହୀ ଯକ୍ଷ ଆଷାଢ଼ର ନବ ଜୀମୂତ ହସ୍ତରେ ନିଜର ବେଦନାସିକ୍ତ ବାର୍ତ୍ତା ପ୍ରିୟତମାଙ୍କ ପାଖକୁ ପଠାଇଲା ପରି ବିରହୀ ବିଧୁଭୂଷଣ ମେଘ୍ ସଂଲଗ୍ନ ଆକାଶର ଇଥର ହାତରେ ତାଙ୍କ କଣ୍ଠର କରୁଣ ମୂର୍ଚ୍ଛନା ଅଦେଖା ମାନସୀ

ଉଦ୍ଦେଶ୍ୟରେ ପଠାଇବାର ଚେଷ୍ଟା କରୁଛନ୍ତି । ଆଷାଢ଼ର ପ୍ରଥମ ବାଦଲ ଗୁରୁ ଗମ୍ଭୀର ବଜ୍ର-ନିନାଦରେ ଯକ୍ଷ-ବାର୍ତ୍ତା ବହନ କରି ନେବାର ସମ୍ମତି ଜ୍ଞାପନ କଲାପରି ବିଧୁଭୂଷଣଙ୍କ ବାର୍ତ୍ତାବହ ସହସା ମହିଷ ରୂପ ଧରି ବାଚେଲର୍ସ ମେସର ସଦର ଦରଜାରେ ମହା ଚିତ୍କାର ଆରମ୍ଭ କରିଦେଲେ ।

ଏହି ବଜ୍ର ନିନାଦ ତୁଲ୍ୟ ଗମ୍ଭୀର ଚିତ୍କାରରେ ମେସ୍‌ର ଗୃହ-କୋଠାଟି ଦୁଲକି ଉଠିଲା । ସମଦ୍ ଖାଁ ଫୁଲିକା ଉପରେ ଦଣ୍ଡ ମାରୁ ମାରୁ ଅଧା ଦଣ୍ଡ ମାରିବା ଭଙ୍ଗୀରେ ଲେପଟ୍ ପଡ଼ି ଅଟକି-ଗଲେ । ଭୂପେନ୍ଦ୍ର କୁମାର ଡଡ଼ା ବନ୍ଦ କରି ମୁହଁ ଖୋଲା ଅବସ୍ଥାରେ ବିସ୍ଫାରିତ ଦୃଷ୍ଟିରେ କବିଙ୍କୁ ଚାହିଁ ରହିଲେ । କବି ଆନନ୍ଦ ପ୍ରକାଶ ଏ ଚିତ୍କାରରେ ଚମକି ପଡ଼ି ବିଚଳିତ ଭଙ୍ଗୀରେ ସ୍ୱୈରିପରି ଏଣେ-ତେଣେ ଶୂନ୍ୟ ଦୃଷ୍ଟିରେ ଚାହୁଁ ଥିଲେ । ସୁଜିତ ରାଉତଙ୍କ ଆଖିର ଲୁହ ସହସା ଶୁଖି ଗଲା । ବିଧୁଭୂଷଣଙ୍କ କଣ୍ଠର କରୁଣ ରାଗିଣୀ ଆଜି ସୁଦୟୁ ଶଙ୍କରଙ୍କ ତାବଲା ବୋଲି ହଠାତ୍ ରାଣ ଦେଲା ପରି ବନ୍ଦ ହୋଇଗଲା । ତେଣେ ସାହେବ ବରୁଣ ଦାସଙ୍କ ସୁଖନିଦ୍ରା ଏ ବିକଟ ଚିତ୍କାରରେ ଭାଙ୍ଗି ଯିବାରୁ ବିରକ୍ତି ପ୍ରକାଶ କରି ଚିତ୍କାର କଲେ—"Who is that man howling like an idiot ?" ଗୃହିଣୀ ଅରୂପା ହଠାତ୍ ଚମକି ପଡ଼ିବା ହେତୁ ତା' ହାତରୁ ବାସନ ଗୁଡ଼ାକ ଝଣ ଝଣ ନାଦ କରି କୂଅ ମୂଳରେ ବିଞ୍ଚାଡ଼ି ହୋଇ ପଡ଼ିଲା । ପୁଷ୍ପାଶ୍ୱ ଟୋକା ଏପରି ଚିତ୍କାର କରି ତାକୁ ଚମକାଇଲା ମନେ କରି ସେ ତା' ଉଦ୍ଦେଶ୍ୟରେ ଗାଳି ବର୍ଷଣ କରି କହିଲା—"କାହିଁ ପାଟିକରି ମରୁଛୁରେ ଟୋକା ?"

ମାତ୍ର ଏହି ବିକଟ ଚିତ୍କାର ସେତେବେଳେ ଘରେ ବସି ଡାଲି ଘୋଟୁଥିବା ପୁଷ୍ପାଶ୍ୱ ଟୋକା ଅନନ୍ତ ପଣ୍ଡାର ନୁହେଁ; ଏ ଚିତ୍କାର

ବାଚେଲର୍‌ସ ମେସ୍‌ର ସଦର ଦରଜା ନିକଟରେ ଥିବା କୌଣସି ଅଦୃଶ୍ୟ ମାନବର । ତେଣୁ ସମସ୍ତେ ସଦର ଦରଜା ଉଦ୍ଦେଶ୍ୟରେ ଦୌଡ଼ିଲେ । ସମଦ୍ ଖାଁ ଲେଙ୍ଗଟା ଉପରେ ଲୁଙ୍ଗିଟା ପିନ୍ଧି, ଅନନ୍ତ ପଣ୍ଡା ତାଙ୍କ ହାତରେ ଆଉ ଭୂପେନ୍ଦ୍ର କୁମାର Les Miserable ଗ୍ରନ୍ଥ ହସ୍ତରେ ଆଉ କରୁଣା ଦାସ ରାତି ପୋଷାକରେ ଅସ୍ତବ୍ୟସ୍ତ ହୋଇ ଧାଇଁ ଆସି ସଦର ଦରଜା ପାଖରେ ପହଞ୍ଚିଲେ । ମାତ୍ର ଦରଜା ଖୋଲିବ କିଏ ? ଦରଜା ଖୋଲି କୌଣସି ଅପ୍ରତ୍ୟାଶିତ, ଅବାଞ୍ଛିତ ବିପଦର ପ୍ରଥମ ଧକ୍‌କା ନିଜ ମୁଣ୍ଡରେ ସହିବାକୁ କେହି ପ୍ରସ୍ତୁତ ନୁହନ୍ତି । ତେଣୁ ସମସ୍ତେ ପରସ୍ପରକୁ ଖୋଲିବା ପାଇଁ ନିର୍ଦ୍ଦେଶ ଦେଉ ଥାଆନ୍ତି କେବଳ । ଶେଷରେ ସମଦ୍ ଖାଁ ତାଙ୍କର ପଇଁତ୍ରିଶ ଇଞ୍ଚ ଛାତି ଫୁଲାଇ ଆଗେଇ ଆସି କହିଲେ—"ହଟିଯା' ସାମନାରୁ; ଯେତେ ସବୁ ନାମରଦ୍ । ଇଠ ମୁଁ ଦରଜା ଖୋଲିବ ।"

ସଦର ଦରଜା ଖୋଲିବା ପରେ ଯେଉଁ ଦୃଶ୍ୟ ଆଖିରେ ପଡ଼ିଲା, ସେଥିରେ ପଇଁତ୍ରିଶି ଇଞ୍ଚ ଛାତି ବିଶିଷ୍ଟ ସମଦ୍ ଖାଁ ମଧ୍ୟ ସହସା ଚମକି ପଡ଼ି ଦୁଇପାଦ ପଛକୁ ହଟି ଆସିଲେ । ମେସ୍‌ର ଅନ୍ୟାନ୍ୟ ଉନ୍ନ ତ ଗ୍ରର ! ସମସ୍ତେ ବିବର୍ଣ୍ଣ ମଳିନ ମୁଖ, ବିସ୍ମୟ ବିସ୍ଫାରିତ ନେତ୍ର ଆଉ ଅନାଗତ ଆଶଙ୍କା ବିହ୍ୱଳିତ ଚିତ୍ତରେ ସେହି ଦୃଶ୍ୟକୁ ମୂକପରି କେବଳ ଚାହିଁ ରହିଲେ । ଅନନ୍ତ ପଣ୍ଡାଙ୍କୁ ପଞ୍ଚିଶ୍ରା ଦେଖାଇବାରୁ ସେ ଗାଧୁଆ ଘରକୁ ପଳାଇଗଲି । ବଧୂଭୂଷଣ ଧାଇଁ ଆସୁ ଆସୁ ସହସା ସମ୍ମୁଖରେ ଏ ଭୟଙ୍କର ଦୃଶ୍ୟ ଦେଖି ଲେଉଟି ଯାଇଁ ନିଜ କୋଠରୀରେ ପଶି ଭିତରୁ ବନ୍ଦ କରିଦେଲେ ।

ମେସ୍ ସଂଲଗ୍ନ ଏକ ଗୃହଘର ବାସିନ୍ଦା ମଟର ଡ୍ରାଇଭର ଗୁଣନିଧି ରାଉତ ହାତରେ ଗୋଟାଏ ମୂଳଆ ବାଉଁଶର ଠେଙ୍ଗା

ଧରି ସହରର ଦରଜାରେ ଛିଡ଼ା ହୋଇଛି । ଯମଦୂତ ପରି ତା'ର ଭୟଙ୍କର ରୂପ, ଜବାଫୁଲ ପରି ରକ୍ତବର୍ଣ୍ଣର ଚକ୍ରାକାର ନେତ୍ର ସହୋପରି ମୂଳିଆ ବାଉଁଶର ଠେଙ୍ଗା ସମ୍ବଳିତ ତା'ର ଏହି ଅସ୍ୱାଭାବିକ ଅବସ୍ଥା ସନ୍ଦର୍ଶନରେ ଯେ କୌଣସି ସୁସ୍ଥ ଦମ୍ପିଲ ବ୍ୟକ୍ତି ଯେ ସହସା ଭୟ ପାଇବ, ଏଥିରେ ସନ୍ଦେହ ନାହିଁ । ତା'ଛଡ଼ା ମୁହଁରୁ ତା'ର ଉତ୍କଟ ତାଡ଼ିର ଗନ୍ଧ ବାହାରି ପରିସ୍ଥିତି-ଟାକୁ ଆହୁରି ଭୟାବହ କରି ତୋଳୁଛି ।

ଏହି ଗୁଣନିଧି ରାଉତ କଣ୍ଟ୍ରାକ୍ଟର ବେଣୁଧର ମିଶ୍ରଙ୍କର ଟ୍ରକ୍ ଚଳାଏ । ମାସକୁ ପଚାଶ ଟଙ୍କା ବେତନ ପାଏ । ଗତ ପାଞ୍ଚବର୍ଷ ଧରି ଏହି ଭଗ୍ନଖିଆ ଗଳିର ଖଣ୍ଡିଏ ଖୁଲଘରେ ମାସକୁ ପାଞ୍ଚଟଙ୍କା ଭଡ଼ାରେ ସେ ତା'ର ସ୍ତ୍ରୀ ଓ ପିଲାମାନଙ୍କୁ ଧରି ରହେ । ବୟସ ବୋଧହୁଏ ଖୁଲଶି ହେବ । ସ୍ତ୍ରୀର ବୟସ ତିରିଶ ବା ତା'ରି ପାଖଆଖ । ତିନୋଟି ସନ୍ତାନ । ବଡ଼ଟିର ବୟସ ଦଶବର୍ଷ ହେବ । ଗୁଣ ରାଉତ ପ୍ରତ୍ୟହ ସକାଳେ ସାଢ଼େ ପାଞ୍ଚଟାରେ ଘରୁ ବାହାରିଯାଏ । ମାଲିକ ଘରୁ ଟ୍ରକ୍ ବାହାର କରି କାର୍ଯ୍ୟ କ୍ଷେତ୍ରକୁ ଯାଏ । ଦିନ ଗୋଟାକ ବେଳେ ଟ୍ରକ୍ ସଙ୍ଗରେ ନେଇ ଘରକୁ ଆସେ ଆଉ ଖିଆପିଆ ସାରି ଦୁଇଟା ବେଳକୁ ବାହାରିଯାଏ । ପୁଣି ଘରକୁ ଫେରେ ରାତି ନ'ଟାରେ ମଦ ନିଶାରେ ଟଳି ଟଳି । ଭାତ ଥାଳରେ ବସି ମଦ ନିଶାରେ ପାଟିକୁ କଛି ଅସୁଆଦ ଲାଗିଲେ ଦିନେ ଦିନେ ତା' ସ୍ତ୍ରୀକୁ ମାରେ ନଚେତ୍ ଚୁପ୍ ହୋଇ ଶୋଇପଡ଼େ ।

ଭଗ୍ନଖିଆ ଗଳିର ଅନ୍ୟାନ୍ୟ ବାସିନ୍ଦା କମ୍ବା ତା'ର ପଡ଼ୋଶୀ-ମାନଙ୍କ ସହିତ ଗୁଣ ରାଉତର କଦବା କେତେବେଳେ ସାକ୍ଷାତ ବା ଆଲାପ ଘଟିଥାଏ । ସମସ୍ତଙ୍କୁ ସେ ହସି ହସି ଦିଲ୍‌ଦାରିଆ

କଥା କୁହେ ଆଉ ଭଦ୍ର ବ୍ୟବହାର ଦେଖାଏ । ସେ ନିଜର ସଂସାର, ନିଜର ଗୃହକର୍ମ ଆଉ ଫୁର୍ତ୍ତି ଲାଗି ନିଶାପାଣି ଛଡ଼ା ଦୁନିଆର ଆଉ କୌଣସି ଭଲ ମନ୍ଦରେ ନ ଥାଏ । ସେହି ଅର୍ଦ୍ଧ ଶିକ୍ଷିତ, ସରଳ ପ୍ରକୃତିବିଶିଷ୍ଟ ମଟର ଡ୍ରାଇଭର ଗୁଣ ସାଉତ ଆଜି ଏପରି ଭୟଙ୍କର ମୂର୍ତ୍ତି ଧରି ନୂଆ ବାଉଁଶର ଠେଙ୍ଗା ହାତରେ ସହସା ବାଚେଲର୍ସ୍ ମେସ୍‌ର ସଦର ଦରଜାରେ ଚିତ୍କାର କରୁଛି କାହିଁକି ?

ମେସ୍‌ର ସଦର ଦରଜା ଫିଟିବା ପରେ ଏପରି ଗୁଡ଼ାଏ ଲୋକଙ୍କୁ ଏକକାଳୀନ ସମ୍ମୁଖରେ ଦେଖି ବୋଧହୁଏ ଗୁଣ ସାଉତର ତାଡ଼ି ନିଶା ସହସା ଛୁଟିଗଲା । ସେ ଅର୍ଦ୍ଧଚେତନ ଅବସ୍ଥାରେ କଥାରେ ଭଦ୍ରତା ଫୁଟାଇ କହିଲା—"ବାବୁମାନେ, ଆପଣମାନେ ଭଦ୍ରଲୋକ ଅଛ । ମୋର ଆପଣମାନଙ୍କ ସହିତ କିଛି ଦୁଷମନି ନାହିଁ । ମୁଁ ସେ ଶଳା ବିଧୁଭୂଷଣ ବାବୁଙ୍କୁ ଖୋଜୁଛି । ତା'ର ଚଉଦ ପୁରୁଷରେ କେଉଁ ଶଳା ବାବୁ ହୋଇଥିଲା ଟିକଏ ତାକୁ ପଚାରି ବୁଝିବି । ଆପଣମାନେ ସେ ଶଳାକୁ ଟିକଏ ଡାକି ଦିଅନ୍ତୁ, —ଆପଣଙ୍କ ଗୋଡ଼ ଧରୁଛି ।"

ଗୁଣ ସାଉତର ଏ ପ୍ରଳାପ ମେସ୍‌ର କୌଣସି ଇନ୍ହଙ୍କ ପକ୍ଷରେ ବୁଝିବା କଷ୍ଟକର । ସମସ୍ତେ ପରସ୍ପର ମୁହଁକୁ ବିସ୍ମୟ-ବିସ୍ଫାରିତ ଦୃଷ୍ଟିରେ ଚାହିଁ ରହିଲେ । ଗୁଣ ସାଉତ କ'ଣ ସତରେ ବିଧୁଭୂଷଣ ବାବୁଙ୍କ ଚଉଦ ପୁରୁଷର ଇତିହାସ ସଂଗ୍ରହ କରିବାକୁ ତାଙ୍କୁ ଲୋଡ଼ୁଛି ନା ମଦନିଶାରେ ନିଜର ବୋଧଶକ୍ତି ଲୋପ ହେବା ଫଳରେ ଏଠାରେ ଆସି ଗୁଡ଼ାଏ ଅବାନ୍ତର ପ୍ରଳାପ କରୁଛି ? ସମଦ୍ ଖାଁ ଟିକଏ ଧମକ ପୂର୍ଣ୍ଣ କଣ୍ଠରେ କହିଲେ—"ହଇହୋ ଡ୍ରାଇଭର ବାବୁ, ଆଜି ତୁମର ନିଶାଟା ଜୋର ହୋଇ ଯାଇଛି । ଯାଅ, ଘରେ ଚୁପ୍ ହୋଇ ଶୋଇ ପଡ଼ିବ ।"

ଗୁଣ ଡ୍ରାଇଭର କହିଲା—"ନାହିଁ ମିଆଁ ସାହେବ ! ଓସ୍ତାଦ ଛାଡ଼ି କ'ଣ କହିଲେ ମତୁଆଲ ରସରେ ଗୁଣ ଡ୍ରାଇଭରର ନିଶା ହୁଏ ନାହିଁ । ମୁଁ ହୋସ୍‌ରେ ଅଛି ଆଜ ମୋ ମୁଣ୍ଡ ଠିକ୍ ଅଛି । ମୁଁ ଖାଲି ଟିକିଏ ସେ ଶଳା ବିଧୁଭୂଷଣବାବୁ ସହିତ କଥାବାର୍ତ୍ତା କରିବାକୁ ଆସିଛି । ସେ ଶଳାର କ'ଣ ମା ଆଉ ଭଉଣୀ ନ ଥିଲେ ଯେ ଶେଷରେ ମୋର ସ୍ତ୍ରୀର ଇଜ୍ଜତ ନେବାକୁ ଥିଲା ? ସେ ମୋ ସ୍ତ୍ରୀର ଇଜ୍ଜତ ନେଇଛି । ତେଣୁ ଟିକେ ସେ ଶଳା ସହିତ କଥାବାର୍ତ୍ତା ହେବ । ଶଳା ଗୁଣ ଡ୍ରାଇଭରକୁ ଚିହ୍ନିନାହିଁ ପରା !"

ସମଦ୍ ଖାଁ ତାଂର ଲୁହା ପରି କଠିଣ ମୁଷ୍ଟି ଭିତରେ ଗୁଣ ରାଉତର ଦୁଇ ହାତକୁ ଚାପି ଧରି ଚିତ୍କାର କରି କହିଲେ—"ଡ୍ରାଇଭର ବାବୁ, ଗୁଣ ଡ୍ରାଇଭର, ହୋସରେ ଆସ । ତୁମେ କେଉଁଠି କାହା ପାଖରେ ଠିଆ ହୋଇଛ ଖିଆଲ କର । ନିଶାରେ ମତୁଆଲା ହୋଇ କ'ଣ ଅଣ୍ଡିସଣ୍ଡି ଗପି ଚାଲିଛ ? ଯାଅ, ଘରକୁ ଯାଅ ।"

ଗୁଣ ରାଉତ ଟିକିଏ ନରମ କଣ୍ଠରେ କହିଲା—"ମିଆଁ ସାହେବ, କହିଲି ପରା, ମୁଁ ମଦ ଖାଇଛି ସତ, ହେଲେ ମାତାଲ ହୋଇ ନାହିଁ । ସେ ଶଳାବାବୁ ମୋର ସ୍ତ୍ରୀର ଇଜ୍ଜତ ନେଇ ନାହିଁ ବୋଲି କ'ଣ ଭାବୁଛନ୍ତି, ମୋ କଥା କ'ଣ ବିଶ୍ୱାସ କରୁନାହାନ୍ତି ? ତା'ହେଲେ ଦେଖନ୍ତୁ ଏ ଚିଠି କାହାର ? କିଏ ସେ ଚିଠି ମୋ ସ୍ତ୍ରୀ ନାଁରେ ଲେଖିଛି ?"

ଗୁଣ ରାଉତ ସତକୁ ସତ ପକେଟରୁ ଖଣ୍ଡିଏ ଗୋଲାପି କାଗଜରେ ଲେଖା ଚିଠି ବାହାର କରି ଦେଖାଇଲା । ସମସ୍ତେ

ଏକାଥରେ ଝୁଙ୍କି ପଡ଼ ବସ୍ମିତ ଦୃଷ୍ଟିରେ ଚିଠିଟି ଦେଖିଲେ । ବାସ୍ତବକ ଏହା ବଧୁଭୂଷଣ ବାବୁଙ୍କ ହସ୍ତାକ୍ଷର ଆଉ ଚିଠିଟି ତାଙ୍କର ଲେଟର ପ୍ୟାଡ୍ କାଗଜରେ ଲେଖା । ମେସ୍‌ର ଉପସ୍ଥିତ ଭଦ୍ରଗଣ ଚିଠିଟିକୁ ମନେ ମନେ ପଢ଼ିଗଲେ । ବାସ୍ତବକ୍ ଏହା ଖଣ୍ଡିଏ ନଭେଲା ପ୍ରେମପତ୍ର । ବରହୀ ପ୍ରେମିକ ତା'ର ମାନସୀ ପ୍ରତିମା ସହିତ ଅନାଗତ ମିଳନ ଲଗ୍ନର ସୂଚନା ଓ ସଂକେତ-ବାଣୀ ଏହି ପତ୍ର ଜରିଆରେ ପଠାଇଛି ।

ବରୁଣ ଦାସ ଗମ୍ଭୀର ବସ୍ମୟ ପ୍ରକାଶ କର କହିଲେ—'Oh Lord ! Actually the letter is written by Bidhu Bhusan !"

ଭୂପେନ୍ଦ୍ରକୁମାର ସମ୍ମତିସୂଚକ ମୁଣ୍ଡ ହଲାଇଲେ । ଗୁଣ ରାଉତର ସମସ୍ତ ପ୍ରଳାପ ଉପସ୍ଥିତ ଭଦ୍ରଙ୍କ ସମ୍ମୁଖରେ ଜଳପର ସ୍ୱଚ୍ଛ ହୋଇଗଲା । କୁଟି ଦିନର ସକାଳଟାରେ ସେ କାହିଁକି ତାଡ଼ି ଖାଇ ଭସ୍ୱଙ୍କର ମୂର୍ତ୍ତି ଧରିଛି ଆଉ କାହିଁକି ମୂଳଆ ବାଉଁଶ ଠେଙ୍ଗା ଧର ମେସ୍ ଦରଜାରେ ଚକ୍କାର କରୁଛି, ତାହା ବର୍ତ୍ତମାନ ପରିଷ୍କାର ହୋଇଗଲା । ଗୁଣ ରାଉତ ମଦାନଶାରେ ଗୋଟାଏ କିଛି ଅକଲ୍ୟାଣକର ଘଟଣା ଘଟାଇ ପାରେ, ଏହି ଆଶଙ୍କାରେ ମେସ୍‌ର ସମସ୍ତ ଭଦ୍ର ମୂକ ପାଲଟି ସାରିଲେଣି । ମାତ୍ର ସମଦ୍ ଖାଁ ବଡ଼ ଚତୁରତା ସହିତ ଅବସ୍ଥାଟାକୁ ସମ୍ଭାଳ ନେଲେ । ସେ ଗୁଣ ରାଉତ ପିଠିରେ ହାତ ମାରି କହିଲେ—"ଗୁଣ ବାବୁ, ଟିକଏ ମୋ କଥା ଶୁଣ । ତୁମେ ତ ଆମର ଦୋସ୍ତ ଅଛ । ଏତେ ଦିନ ହେଲା ପାଖାପାଖି ହୋଇ ଏକା ସାହିରେ ପଡ଼ୋଶୀ ହୋଇଅଛେଁ, ଆଉ ଆଜ ହଠାତ୍ ମୂର୍ଖଙ୍କ ପରି କଲି କଜିଆ, ଦଙ୍ଗା ହାଙ୍ଗାମା କରିବାଟା କ'ଣ ଭଲ ହେବ ?"

ଗୁଣ ରାଉତ ଏକ ଜିଗିର ଧରିଛି—"ବାବୁ, ଆପଣମାନେ ମୋର ଦୋସ୍ତ । ହେଲେ ସେ ଶଳା ବିଧୁଭୂଷଣ ବାବୁ ମୋର ଦୁଷମନ । ମୁଁ ତାଙ୍କୁ ଖୁନ କରିବି । ଏ କଟକ ସହରରେ ସେ ରହୁ, ନଚେତ ମୁଁ ରହେ; ଯିଏ ହେଲେ ଜଣେ ରହିବ—ଆଉ ଜଣକୁ ଖତମ ହେବାକୁ ପଡ଼ିବ । ସେ ଶଳା ଗୁଣ ଡ୍ରାଇଭରକୁ ଚିହ୍ନି ନାହିଁ ।"

ସମଦ୍ ଖାଁ କ୍ଷଣକ ପାଇଁ ନୀରବ ରହି ସ୍ଥିର ଦୃଷ୍ଟିରେ ଗୁଣ ରାଉତକୁ ଚାହିଁ ରହିଲେ । ତାପରେ ଗମ୍ଭୀର କଣ୍ଠରେ କହିଲେ—"ତୁମ କଥା ଆମ୍ଭେମାନେ ସମଜି ପାରିଲୁ ଗୁଣବାବୁ ! ତୁମେ ଯାହା ଯାହା କହିଲ, ଝୁଟ ନୁହେଁ । ତେବେ ବିଧୁଭୂଷଣ ବାବୁଙ୍କୁ ତ ଖୋଜି ବାହାର କରିବା ମୁସ୍କିଲ ହେବ । କାରଣ ତାଙ୍କୁ ତ ଆମ୍ଭେମାନେ ଗୁରିଦାନ ତଳେ ମେସରୁ ବାହାର କରି ଦେଇଛୁଁ । ତାଙ୍କର ଯେପରି ବଦ୍ ପ୍ରକୃତି ଆଉ ଅଭଦ୍ର ସ୍ୱଭାବ, ସେଥିଲାଗି ତାଙ୍କୁ ଏ ମେସ୍ ଛାଡ଼ିବାକୁ ହେଲା । ବିଧୁଭୂଷଣ ବାବୁ ଆଉ ଏ ମେସ୍‌ରେ ରହୁ ନାହାନ୍ତି । କଟକର ଆଉ କେଉଁ ମେସ୍‌ରେ ସେ ରହୁଛନ୍ତି—ତୁମକୁ ଖୋଜି ବାହାର କରିବାକୁ ପଡ଼ିବ । ତା'ଛଡ଼ା ତୁମକୁ ଆଉ ଗୋଟାଏ କଥା ଦୋସ୍ତି ଖାତିରରେ କହୁଛି ଗୁଣ ବାବୁ ! ବିଧୁଭୂଷଣ ବାବୁଙ୍କ ସହିତ ଦଙ୍ଗା କରିବାକୁ ଯାଇଁ ତୁମ ସ୍ତ୍ରୀର ଇଜ୍ଜତ ଏପରି ଭାବରେ ବାଣ୍ଡରେ ଡବ ଡବ କରିବାଟା କ'ଣ ଭଲ ଦିଶୁଛି ? ତାଙ୍କ ସହିତ ଦଙ୍ଗା କରିପାର, ମାତ୍ର ଏପରି ଡବ ଡବ କରି ନ କରିଲେ କ'ଣ ଚଳିବ ନାହିଁ ? ତେଣୁ ଯାହା କରିବାର କଥା ଟିକିଏ ଧୈର୍ଯ୍ୟ ଧରି ଧୀରେ ସୁସ୍ଥେ କର । ଏପରି ଭାବରେ ସ୍ତ୍ରୀର ଇଜ୍ଜତ ବାଣ୍ଡରେ ପକାଇ ହସର ଖୋରାକ ପାଇବା କର ନାହିଁ ।"

ମାତାଲ ଗୁଣ ଗାଉଛି ବୋଧହୁଏ ସମଦ୍ ଖାଁଙ୍କ କଥାରୁ ଗୁରୁତ୍ୱ ଉପଲବ୍ଧି କରି ପାରିଲା । ସେ ମେସ୍ ସମ୍ମୁଖରେ ଭଦ୍ରବ୍ୟକ୍ତିଙ୍କ ନିକଟରେ ଚିତ୍କାର ଆଉ ଆସ୍ଫାଳନ କରି ଯାହା ସୃଷ୍ଟି କରିବାର ଉତ୍ସାହ ହରାଇ ବସିଲା । ନିଜର ସ୍ତ୍ରୀ ସମ୍ବନ୍ଧରେ ଅପ୍ରିୟ କଥା ପ୍ରଚାର କରିବାଟା ନିଜର ସମ୍ମାନ ଦୃଷ୍ଟିରୁ କ୍ଷତିକର ଭାବି କିମ୍ବା ସମଦ୍ ଖାଁ ପହଲମାନି ଶରୀରର ଉନ୍ନତ ଓ ସ୍ଫୀତ ମସଲ୍‌ରାଶି ଦେଖି ସେ ଆଉ ଚିତ୍କାର ନ କରି କିଂକର୍ତ୍ତବ୍ୟ-ବିମୂଢ଼, ଆହତ ସରୀସୃପ ସମ ଗରଗର ହୋଇ ନିଜର ଘରକୁ ଫେରିଗଲା ।

ଏଥର ମେସ୍‌ର ରହିଗଣ ସ୍ୱସ୍ତିର ନିଶ୍ୱାସ ଛାଡ଼ି ମେସ୍ ଭିତରକୁ ଫେରିଗଲେ । ଗୋଟାଏ ଅବାଞ୍ଛିତ ଓ ଅସମ୍ମାନକର ପରିସ୍ଥିତିରୁ ଉଦ୍ଧାର ପାଇ ପାରିଥିବାରୁ ସମସ୍ତେ ଏକମୁଖରେ ସମଦ୍‌ଖାଁଙ୍କ ପ୍ରତ୍ୟୁତ୍ପନ୍ନମତିତାର ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏହି ପରିସ୍ଥିତିର ସୃଷ୍ଟିକର୍ତ୍ତା ବିଧୁଭୂଷଣବାବୁଙ୍କ ପ୍ରତି ହେୟଭାବ ପୋଷଣ କଲେ । ବିଧୁଭୂଷଣଙ୍କର ଏହି ହୀନ ବିବେଚିତ କାର୍ଯ୍ୟ ଲାଗି ମେସ୍‌ର ସମସ୍ତ ରହି ମି ପ୍ରମାଣ ହେବା ସଙ୍ଗେ ସଙ୍ଗେ ନିଜକୁ ସେପରି ଜଣେ ଜଣେ ଅପରାଧୀ ଜ୍ଞାନ କଲେ । ସହସା ସମଦ୍‌ଖାଁ ବୀରଦର୍ପରେ ଚମକି ଯାଇଁ ବିଧୁଭୂଷଣ ଥିବା ଘରର ଦରଜାରେ ଦୁଇ ଗୋଇଠା ଦେଇ ପାଟି କଲେ—"ସାଲା ବିଧୁଆ, ଦରଜା ଖୋଲୁଛୁ ନା ଭାଙ୍ଗିବି ଦରଜା ? ଶାଲା, ମୋହବତ୍ କରିବୁ ତ ଠେଙ୍ଗାମାଡ଼ ଖାଇବାର ହେମତ୍ ରଖିନାହୁ କାହିଁକି, ଶାଲା ନା ମରଦ୍ !"

ଧଡ଼୍‌କରି କବାଟ ଫିଟିଗଲା । ବିଧୁଭୂଷଣବାବୁ ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ଅସ୍ତବ୍ୟସ୍ତ ହୋଇ ବାହାରି ପଡ଼ି ସମଦ୍ ଖାଁଙ୍କୁ ଦୁଇ-

ହାତରେ ଜାବୁଡ଼ି ଧରିଲେ । କହିଲେ—"ସମଦ୍, ତୁହି ମୋ ଜୀବନ ରକ୍ଷା କଲୁ । ଆଜଠାରୁ ମୁଁ ତୋ ଗୋଡ଼ତଳେ କଣା ଗୁକର ହୋଇ ରହିଲି । ଏଣିକି ତୋର କଥା ମାନି ବସିବି ଉଠିବି, ଖାଇବି ଶୋଇବି । ହେଇ କାନ ମୋଡ଼ି ହେଉଛି, ଜାବୁଡ଼ା ମାରି ହେଉଛି, ଆଉ ଯେବେ ହେଲେ ଏ ଶଳା ପ୍ରେମ କରିବ ନାହିଁ । ତୁ ମୋତେ ବଞ୍ଚାଇଲୁ, ତୋର ଯଦି ମନ ହେଉଛି, ତା'ହେଲେ ଗଣି ଗଣି ମୋ ପିଠିରେ ଦଶ ଯୋତା ମାର ।"

—"ଶଳା, ମାଡ଼ ଖାଇବାକୁ ଯଦି ସଉକ ଥିଲା ତା'ହେଲେ ଦରଜା ବନ୍ଦ କରି ଘରେ ପଶିଲୁ କାହିଁକି ? ଗଲୁ ନାହୁଁ ଗୁଣ୍ଡାଇଭର ସାମନାକୁ—ଶଳା, ନା ମରଦ କାହାଁକା ? ହଇବେ, ମୋହବତ୍ କରିବାକୁ ଆଉ କ'ଣ କେହି ଜୁଟିଲେ ନାହିଁ ଯେ ଶେଷରେ ତିନି ତିନିଟା ପିଲାର ମା' ଗୋଟାଏ ନା ଜବାନି, ତିରିଶ ସାଲର ଜନାନାକୁ ମୋହବତ୍ କରି ବସିଲୁ ! ତୋ ମୁହଁରେ ଆଉ ତୋ ମୋହବତ୍ ମୁହଁରେ ମୁଁ......ଧେତ୍ ଶଳା ! ହଇବେ କେତେଦିନ ହେଲା ତମ ଭିତରେ ଏ ପେରମ ଗ୍ଲୁଲିଛି ?"

ବିଧୁଭୂଷଣ ବାବୁ ମୁହଁ ତଳକୁ କରି କହିଲେ—"ଠିକ୍ ମନେ ପଡ଼ୁନାହିଁ । ହେବ ବୋଧହୁଏ ଛ' ମାସ । ସମୟ ସୁଯୋଗ ନେଇ କେତେବେଳେ ମୁଁ ତା' ଘରକୁ ଯାଏ—ଆଉ ତୁମେ ସବୁ ନ ଥିଲାବେଳେ ସେ ମୋ ଘରକୁ, ଏହି ମେସକୁ ଆସେ । ତା'ର ଦଶବର୍ଷର ପୁଅ ବାର୍ତ୍ତାବହର କାର୍ଯ୍ୟ ଏତେଦିନ ହେଲା ଚଳାଇ ଆସିଛି । ଚିଠିପତ୍ର ସବୁ ତାର ହାତରେ ଦିଆନିଆ ହେଉଛି । ଅବଶ୍ୟ ସେଥିପାଇଁ ମଝିରେ ମଝିରେ ତା' ପୁଅକୁ ଚକୋଲେଟ୍ ଖୋଇବାକୁ ମୋତେ ପଡ଼ୁଛି । ସବୁ ଠିକ୍ ଗ୍ଲୁଲିଥିଲା । ମାତ୍ର ଆଜ

ହଠାତ୍ ତାଂ ସ୍ୱାମୀ ଉପରେ ଈର୍ଷା ଆସିଗଲା । ମୁଁ ସେଇକଥା ଭାବି ସ୍ଥିର କରି ପାରୁନାହିଁ ।”

ଠିକ୍ ସେତିକିବେଳେ ଗୁଣ ସାଉତ ଘରୁ ନିର୍ମମ ପ୍ରହାର ଶବ୍ଦ ଆଉ ନାରୀ କଣ୍ଠର ଆର୍ତ୍ତ ଚିତ୍କାର ଭାସି ଆସିଲା । ବୋଧହୁଏ ଗୁଣ ସାଉତ ବିଧୂଭୂଷଣଙ୍କ ସହିତ ଦଙ୍ଗା କରିବାର ସୁଯୋଗ ନ ପାଇ ତାର ସମସ୍ତ ରୋଷ ଓ ଆକ୍ରୋଶ ନିଜ ସ୍ତ୍ରୀ ମଥାରେ ଦ୍ୱିଗୁଣିତ କରି ଢାଳୁଛି । ସେହି ଆର୍ତ୍ତ ଚିତ୍କାର ଓ କରୁଣ ବିଳାପ ଧ୍ୱନି ଶୁଣି ବିଧୂଭୂଷଣ ଅପରାଧୀ ପରି ତଳକୁ ଦୃଷ୍ଟି କଲେ ଆଉ ମେସର ଅନ୍ୟାନ୍ୟ ଋନ୍ନ ନିର୍ବାକ ନିସ୍ପନ୍ଦ ହୋଇ ବସି ରହି ଗଭୀର ଅନ୍ତର୍ଦାହ ଭୋଗ କଲେ ।

---

## —ପାଞ୍ଚ—

ଅନୁଢ଼ ନିବାସ ବା ବାଚେଲରସ୍ ମେସ୍ର ନବରତ୍ନଙ୍କ ମଧ୍ୟରୁ ପଞ୍ଚରତ୍ନ ଆଜି ସନ୍ଧ୍ୟାକାଳରେ ସିନେମା ଦର୍ଶନ ଉଦ୍ଦେଶ୍ୟରେ ବାହାରିଛନ୍ତି । ଏହି ପଞ୍ଚରତ୍ନଙ୍କ ଭିତରେ କବି ଆନନ୍ଦ ପ୍ରକାଶ, ପ୍ରେମିକ ବିଧୂଭୂଷଣ, ଦାର୍ଶନିକ ଭୂପେନ୍ଦ୍ରକୁମାର ସଙ୍ଗୀତ ଶିଳ୍ପୀ ସୁଦର୍ଶନଙ୍କର ଆଉ ପୁସ୍ତକ-ବ୍ୟବସାୟୀ ସମଦ୍ ଖାଁ ଅଛନ୍ତି । ବେପାରୀ ସମଦ୍ ଖାଁ ସାଧାରଣତଃ ଦୋକାନ ଛାଡ଼ି ସନ୍ଧ୍ୟାରେ ସିନେମା ଦେଖନ୍ତି ନାହିଁ । ଅତି ବାଧ୍ୟବାଧକତା କରି ସଣ ନିୟମ ପକାଇ ଡାକିଲେ ସୁଦ୍ଧା ସେ ସନ୍ଧ୍ୟା ସମୟରେ ଦୋକାନ ଖଟୁଲି ଉପରୁ ତଳକୁ ଓହ୍ଲାଇବେ ନାହିଁ । ଏହାର କାରଣ ସମ୍ବନ୍ଧରେ ପଚାରିଲେ ସେ କହନ୍ତି—“ଆରେ ବୁଝିଲ, ସିନେମା ଦେଖିବାର

ସଉକ୍, କି ସିନେମା ଦେଖି କେଉଁ ଝିଅଲକୁ ମୋହବତ୍ କରିବାର ତାମାନ୍ନା ମୋ ଜିନ୍ଦଗିରେ ନାହିଁ । ତେବେ ମୋହବତ୍ ମୁଁ କରି ଜାଣେ, ଖୁବ୍ ସୁରତ୍, ସୁରମାବାଲି ଝିଅଲକୁ ନୁହେଁ—ରୂପେୟାକୁ, ହଁ । ହଁ । ଗୋଲ ଚକ୍ତିକୁ । ମୁଁ ଟଙ୍କାକୁ ମୋହବତ୍ କରେ । ତେଣୁ ସନ୍ଧ୍ୟା ସମୟରେ, ମଫସଲର ଗହ୍ଳି ଯେତେବେଳେ ଦୋକାନରେ ଆସି ଭିଡ଼ ଜମାନ୍ତି, ସେତିକବେଳେ ମୁଁ ସିନେମା ଗଲେ ବ୍ୟବସାୟରେ ତ ପଚିଶି ଟଙ୍କା କ୍ଷତି ସହିବ; ତା'ଛଡ଼ା ସିନେମାରେ ବୃଥାଟାରେ କିଛି ଖର୍ଚ୍ଚ କରିବ । ତା'ଠୁ ବରଂ ସିନେମା ନ ଯିବା ଭଲ ।”

ବିଧୁଭୂଷଣ ସନ୍ଦେହମିଶା ଚାହାଣୀରେ ଚାହିଁ କହିଲେ—“ଶଳା, ଗୁଣ୍ଡାଏ ଗାଲୁ ଝାଡ଼ିଲା । ଆବେ, ବେପାର ତ କରୁଛୁ କହିଲ—ଓଡ଼ିଶା ଦେଶରେ ଯାହାର ଦାମ କାଣି କଉଡ଼ିଟିଏ ବି ନୁହେଁ, ଆଉ ସେଥିରେ ପୁଣି ଏକା ସନ୍ଧ୍ୟାରେ ପଚିଶ ଟଙ୍କାର ବହି ବିକି ହୁଏ ? ଆବେ, ଏ ଦେଶରେ ବହି ପଢ଼େ କିଏ ?”

ସମଦ ଖାଁ ଟିକିଏ ହସିଲେ, କହିଲେ—“ଗାଲୁ ଝାଡ଼ି ମୋର ରୋଜଗାରର ଅଙ୍କଟା ମୋଟା ଧରଣର କହି ମୋର ଯାହା ଲାଭ ଆସୁ ନା କାହିଁକି, କ୍ଷତିଟା ଅଧିକ ପରିମାଣରେ ଆସିବ । କାରଣ ସରକାରଙ୍କ ସେଲ୍ସ ଟ୍ୟାକ୍ସ ଆଉ ପ୍ରିୟା-ପ୍ରୀତିଙ୍କ ଅଗ୍ରକଳ୍ପଷ୍ଟ ହସ୍ତ ପ୍ରସାରଣ । ତଥାପି ମୁଁ କହୁଛି ଶୁଣ, ପ୍ରତ୍ୟେକ ସନ୍ଧ୍ୟାରେ ମୋର ପଚିଶିଟଙ୍କାର ବହି ବିକି ହୁଏନାହିଁ—ହୁଏ ଶହେ କିମ୍ବା ଶହେ କୋଡ଼ିଏ ଟଙ୍କାର । ତଦ୍ଵାରା ମୋର ଲାଭ ପଚିଶି କିମ୍ବା ତିରିଶ ଟଙ୍କା ହୁଏ । ଏ ଦେଶରେ ଲୋକେ ବହି ପଢ଼ନ୍ତି ନାହିଁ ବୋଲି ତୁ କହିଲୁ । ମାତ୍ର ଏ ଦେଶରେ ତଥାକଥିତ ଶିକ୍ଷିତ ସମାଜ ସିନା ପକେଟରୁ ପଇସା ଖର୍ଚ୍ଚ କରି

ପଢ଼ନ୍ତି ନାହିଁ ମାତ୍ର ଦେଶର ଅର୍ଦ୍ଧଶିକ୍ଷିତ ଆଉ ଅଶିକ୍ଷିତ ସମାଜ ଅଣ୍ଟାରୁ ପଇସା ଦେଇ ବହି ପଢ଼ନ୍ତି । ସେ କଥା ତୁମେ ଜାଣନାହିଁ ମାତ୍ର ଆମେ ବହି ବେପାରୀମାନେ ଜାଣୁ । ତେବେ ଏ କଥା ମୁଁ ସ୍ୱୀକାର କରୁଛି ଯେ, ସେମାନେ ତୁମର ଉପନ୍ୟାସ, କବିତା, ସାହିତ୍ୟ, ନାଟକ, ପ୍ରବନ୍ଧ, ସମାଲୋଚନା ଇତ୍ୟାଦି ଗ୍ରନ୍ଥ ପଢ଼ି ପାରନ୍ତି ନାହିଁ ।”

କବି ଆନନ୍ଦ ପ୍ରକାଶ ବିସ୍ମୟ ପ୍ରକାଶ କରି କହନ୍ତି—“ଯଦି ଏ ସବୁ ନ ପଢ଼ନ୍ତି, ତାହାହେଲେ ସେମାନଙ୍କର ପଢ଼ିବା ପାଇଁ ଓଡ଼ିଆ ସାହିତ୍ୟରେ ଆଉ କ'ଣ ବାକି ରହିଲା ?”

—“ସେମାନଙ୍କର ପଢ଼ିବା ପାଇଁ ଅନେକ ବହି ଆମ ସାହିତ୍ୟରେ ଅଛି । ତାହା ସବୁ ମଧ୍ୟ ଉପନ୍ୟାସ, କବିତା ଓ ନାଟକ; ମାତ୍ର ସେ ସବୁର ସାହିତ୍ୟିକ ଷ୍ଟାଣ୍ଡାର୍ଡ଼ ହେଉଛି ଅର୍ଦ୍ଧ ଶିକ୍ଷିତ ପାଠକଙ୍କ ରୁଚି ମାପକାଠିରେ ତଉଲ ହୋଇ ସ୍ୱୀକୃତ ହୋଇଛି । ସେମାନଙ୍କର ଶିକ୍ଷା, ସେମାନଙ୍କର ଜ୍ଞାନ ସର୍ବୋପରି ସେମାନଙ୍କର ରୁଚି ଅନୁରୂପ ସାହିତ୍ୟ ସୃଷ୍ଟି ନ ହେଲେ ସେମାନେ ପଢ଼ିବେ କାହିଁକି ? ତେଣୁ ଆମ ଦେଶରେ ଦଳେ ସାହିତ୍ୟିକ ଅଛନ୍ତି, ସେମାନଙ୍କୁ ତୁମେ ସାହିତ୍ୟିକ ନ କହି ଲେଖକ କହିପାର; ମାତ୍ର ସେମାନେ ନିୟମିତ ଭାବରେ ଏହି ଅର୍ଦ୍ଧ ଶିକ୍ଷିତ ପାଇଁ ଆଶାତୀତ ସୃଷ୍ଟି କରୁଛନ୍ତି ଆଉ ତାହାସବୁ ଯଥା ସ୍ଥାନରେ ବିଶେଷ ଆଦୃତ ହେଉଛି ।”

—“ଆଜ୍ଞେ ସେ ସବୁ କି ବହି ? କୋକ ଶାସ୍ତ୍ର ନା ବିବାହ ବିଜ୍ଞାନ ?” ବିଧୁଭୂଷଣ କହିଲେ ।

—“ନା, କୋକଶାସ୍ତ୍ର ନୁହେଁ । ସେ ସବୁ ଯୌନ ଉତ୍ତେଜନା ମୂଳକ ଅର୍ଥହୀନ ଗ୍ରନ୍ଥ । ସହରର ଶିକ୍ଷିତ ସମାଜ ପଢ଼ନ୍ତି ଆଉ ପଢ଼ିସାରି

ଯୌନ ଉତ୍ତେଜନାରେ ଉନ୍ମାଦ ହୋଇ ପ୍ରତିକ୍ରିୟା, ଅପକ୍ରିୟା ଆଉ କୁକ୍ରିୟା ଫଳରେ ଅକାଳପକ୍ୱତା ପ୍ରାପ୍ତ ହୁଅନ୍ତି । ମଫସଲର ଅଶିକ୍ଷିତ ଆଉ ଅର୍ଦ୍ଧ'ଶିକ୍ଷିତ ମଣିଷ ତା'ର ସହଜ ସରଳ ଜୀବନ ପ୍ରତିକ୍ରିୟାରେ କୋକଶାସ୍ତ୍ରର କୌଣସି ଅର୍ଥ ଖୋଜି ପାଏନାହିଁ । ସେମାନେ ଭିନ୍ନ ଧରଣର ସାହିତ୍ୟ ପଢ଼ନ୍ତି । ଯେଉଁ ସାହିତ୍ୟରେ ଆମ ଦେଶର ମାଟି କାଦୁଅର ମଣିଷ ଜୀବନ ପ୍ରତିଫଳିତ ହେଉଛି, ମଣିଷର ସୁଖ ଦୁଃଖ, ହସ କାନ୍ଦ, ଆଉ ଭଲମନ୍ଦ ସରଳ ଓ ସହଜ ପ୍ରକାଶ ଭଙ୍ଗୀରେ ବାସ୍ତବରୂପ ପରିଗ୍ରହ କରିଛି, ତାହାହିଁ ସେମାନେ ପଢ଼ନ୍ତି । ହୁଏତ ତାହା ସାହିତ୍ୟ ନୁହେଁ, ସେଥିରେ ବ୍ୟାକରଣର କୌଣସି ଜଟିଳ ନିୟମ ହୁଏତ ଅନୁସୃତ ହୋଇନାହିଁ, ଅଳଙ୍କାରର ମାଧୁର୍ଯ୍ୟ ହୁଏତ ସେଥିରେ ଲେଶ ନାହିଁ ତଥାପି ତାହା ଦେଶର ଅଗଣିତ ପାଠକଙ୍କ ରୁଚି ଅନୁରୂପ ।"

କବି ଆନନ୍ଦ ପ୍ରକାଶ ହୋ ହୋ ହୋଇ ହସିଉଠିଲେ । କହିଲେ—"ବୁଝିଛି, ତୁ ତା' ହେଲେ ସେହି ପାଣି ଧୋବଣୀ ଫାର୍ଷ, ଜେମାଦେଈ କାନ୍ଦଣା, ସଙ୍ଗୀତ ପାଚିଲା କଦଳୀ, ଢଅର ଭାଉଜ ରହସ୍ୟର ପ୍ରଶସ୍ତି ବାଢ଼ୁଛୁ । ହଁ, ଏ ଧରଣର ବହି ମଫସଲ ଯାତମାନଙ୍କରେ ଭଲ କାଟତି ହୁଏ । ତୁ ତ ବ୍ୟବସାୟୀ ଲୋକ, ଏ ସବୁ ବହି ବିକି ଦି' ପଇସା ଯେତେବେଳେ ପାଉଛୁ, ସେତେବେଳେ ସେ ବହି ଗୁଡ଼ିକର ପ୍ରଶଂସାରେ ଉଚ୍ଛ୍ୱସିତ ହେବା ଅସମୀଚୀନ ନୁହେଁ ।"

ସମଦ ଖାଁ ମୂର୍ଖ ବ୍ୟବସାୟୀ ନୁହନ୍ତି । ସେ ମାଟ୍ରିକ୍ ପାଶ କରିଛନ୍ତି ଆଉ ସେ ସଂସ୍କୃତ ଓ ଓଡ଼ିଆ ସାହିତ୍ୟର ଛାତ୍ର, ଭକ୍ତ ଓ ଗ୍ରାହକ । ତେଣୁ ଓଡ଼ିଆ ସାହିତ୍ୟ ସେ ଭଲ ବୁଝନ୍ତି । ଗମ୍ଭୀର ସାହିତ୍ୟକ ଓ ସମସ୍ୟାମୂଳକ ଆଲୋଚନା ସମ୍ପର୍କରେ ସେ ଶୁଦ୍ଧ ଓଡ଼ିଆ ଭାଷାରେ

କଥା କହନ୍ତି; ମନ ଲାଗିଗଲେ, କିମ୍ବା ଅଚ୍ଛା ପରିହାସ କଲେ ସେ ଓଡ଼ିଆ କଥା ଭିତରେ ଗୋଟାଏ ଗୋଟାଏ ଉର୍ଦ୍ଦୁ ଶବ୍ଦ ବ୍ୟବହାର କରି ପକାନ୍ତି । କବି ଆନନ୍ଦ ପ୍ରକାଶ ତାଙ୍କୁ କେବଳ ବ୍ୟବସାୟୀ ଦୃଷ୍ଟିକୋଣରୁ ବିଚାର କରୁଥିବାର ଦେଖି ସେ ମନେ ମନେ ଦୁଃଖିତ ହେଲେ । କହିଲେ—"ଦେଖ୍ ଆନନ୍ଦ, ମୁଁ ତୋପରି ପ୍ରତିଷ୍ଠିତ ସାହିତ୍ୟିକ ହୋଇ ନ ପାରେ, ମାତ୍ର ସାହିତ୍ୟର କିଛି କିଛି ବୁଝେ । ମୁଁ ଏସବୁ ସୁଆଙ୍ଗ, କାନ୍ଦଣା, ସଙ୍ଗୀତ, ରହସ୍ୟର ସାହିତ୍ୟିକ ପ୍ରଶସ୍ତି ବାଢ଼ି ନାହିଁ । ମୁଁ ଏସବୁର ଆଦର ସମ୍ବନ୍ଧରେ କହୁଥିଲି । ତେବେ ଏ ସବୁ ଅସାହିତ୍ୟ ପଢ଼ିବା ଫଳରେ କ୍ରମେ କ୍ରମେ ସାହିତ୍ୟ ପଢ଼ିବା ଲାଗି ମଧ୍ୟ ଦେଶରେ ଯେ ଆଗ୍ରହ ସୃଷ୍ଟି ହେଉଛି; ସେହି ଦୃଷ୍ଟିକୋଣରୁ ବିଚାର କଲେ କ'ଣ ଏହି ସବୁ ସୁଆଙ୍ଗ, କାନ୍ଦଣାର କୌଣସି ମୂଲ୍ୟ ଦିଆଯିବ ନାହିଁ ?"

ସମଦ ଖାଁ ଯେ କେବଳ ଜଣେ ଅର୍ଥପିପାସୁ, ସ୍ୱାର୍ଥପ୍ରେମୀ ପୁସ୍ତକ ବ୍ୟବସାୟୀ ତା' ନୁହେଁ, ସେ ଏକାଧାରରେ ଜଣେ ସଙ୍ଗୀତଜ୍ଞ ଡ୍ରାମାଟିକ୍ ପ୍ଲେଅର୍, ଶିକ୍ଷିତ ଓ ସାହିତ୍ୟ ରସିକ । ସେ ଦିନ ସାହିତ୍ୟିକ ଆଲୋଚନାରେ ତାଙ୍କର ଗମ୍ଭୀର ଅକାଟ୍ୟ ଯୁକ୍ତି ଶୁଣି ସମସ୍ତେ ତାଙ୍କୁ ସପ୍ରଶଂସ ଦୃଷ୍ଟିରେ ଚାହିଁ ରହିଥିଲେ । ଏକଥା ସତ ଯେ ସମଦ ଖାଁଙ୍କ ଦୋକାନରେ କେବଳ ଏହି ନିମ୍ନ ସ୍ତରର ସାହିତ୍ୟ ବହି ବିକ୍ରି ହୁଏ; ଆଉ ଏହା ବି ସତ ଯେ ଏହିସବୁ ବହି ବିକି ସମଦ ଖାଁ ଦିନକୁ ତିରିଶ ଚାଳିଶି ଟଙ୍କା ଲାଭବାନ ହୁଅନ୍ତି । ମଫସଲର ବହୁ ଗ୍ରାହକ, ପାଠକ, ପୁସ୍ତକ ବେପାରୀ ତଥା ଟାଉଟର କଚେରୀ ଫେରନ୍ତା ପାଞ୍ଚ ଦଶ ଟଙ୍କାର ବହି କିଣି ନେଇ ଯାଆନ୍ତି । ତେଣୁ ସଂଧ୍ୟା ସମୟରେ ସମଦ ଖାଁ ଦୋକାନ ଛାଡ଼ି କେଉଁଠିକୁ ଯିବାର ଅବସର ପାଆନ୍ତି ନାହିଁ । ମାତ୍ର ଆଜି ଛୁଟି

ଧନ ଥିବାରୁ ସମଦ ଖାଁ ମେସର ଅନ୍ୟାନ୍ୟ ରହନ୍ତଙ୍କ ସହିତ ସିନେମା ଦେଖି ବାହାରିଛନ୍ତି ।

ସମଦ ମିଆଁଙ୍କ ବୟସ ବୋଧହୁଏ ତେଇଶି ହେବ, ମାତ୍ର ତାଙ୍କର ରାଶଭାରୀ ମିଜାଜ ଆଉ ଲସଭାରୀ ଚେହେରା ଦେଖିଲେ ଆହୁରି ଦଶବର୍ଷ ବେଶୀ ମନେ ହେବ । ଉଚ୍ଚତା ସାଢ଼େପାଞ୍ଚ ଫୁଟ ଆଉ ଛାତି ପଇଁଚାଳିଶ ଇଞ୍ଚ । ବାହୁ ଯୋଡ଼ିକ ଶାଳଗଜା ପରି ଆଉ ଗୋଡ଼ ଯୋଡ଼ିକ ଉଲଟ ଉମ୍ବା ପରି । ମୁହଁଟି ଚନ୍ଦ୍ରାକାର ଆଉ ମାଂସଳ । ଆଖିର ଚାହାଣି ସ୍ନିଗ୍ଧ ଓ କୌତୁକପୂର୍ଣ୍ଣ । ହଠାତ୍ ଦେଖିଲେ କ୍ଷୁଦ୍ର ହସ୍ତି ଶାବକଟି ବୋଲି ଭ୍ରମ ଜନ୍ମେ । ମାତ୍ର ସମଦ ଖାଁଙ୍କ ଚରିତ୍ରର ଗୋଟାଏ ବିଶେଷତ୍ୱ ଏହି ଯେ, ସେ ଶରୀର ଚର୍ଚ୍ଚା ତଥା ଶରୀର ଯତ୍ନ ନେବାରେ ଯେତେ ସତର୍କ ଓ ଦାୟିତ୍ୱଶୀଳ, ପୋଷାକ ପରିଚ୍ଛଦରେ ସେତେ ଅଯତ୍ନଶୀଳ ଓ ଉଦାସୀନ । ତାଙ୍କର ଦୁଇଖଣ୍ଡ ମାର୍କିନ କନାର ପାଇଜାମା ଆଉ ଦୁଇଖଣ୍ଡ ସେହି କପଡ଼ାରେ ତିଆରି ପଞ୍ଜାବୀ, ଖଣ୍ଡେ ଲୁଙ୍ଗି ଆଉ ହଳେ ଚପଲରେ ବେଶ ଚଳିଯାଏ । ସେ କୌଣସି ଦିନ ଗେଞ୍ଜିଟିଏ କିମ୍ବା ଗାମୁଛା ଖଣ୍ଡିକର ଆବଶ୍ୟକତା ଉପଲବ୍ଧି କରି ନାହାନ୍ତି । ଏହା ମୂଳରେ ଦୁଇଟି କାରଣ ଥାଇପାରେ । ହୁଏତ ସେ ଆଡ଼ମ୍ବରପୂର୍ଣ୍ଣ ଜୀବନ ଯାପନକୁ ଘୃଣା କରନ୍ତି ନଚେତ ସେ କୃପଣ । ମେସ୍‌ର ଅନ୍ୟାନ୍ୟ ରହନ୍ତ ଏହି ଶେଷ କାରଣଟି ଉପରେ ବିଶେଷ ଜୋର ଦେଇଥାଆନ୍ତି । ମାତ୍ର ସେମାନଙ୍କର ଏହି ଅଳୀକ ଧାରଣା ଶରତ ଆକାଶର ହାଲୁକା ମେଘ ପରି ପବନର ଗୋଟାଏ ଫୁତ୍କାରରେ କେବେ କେବେ ଉଡ଼ି ଯାଇଛି । କୃପଣତା ଯେ ସମଦ୍ ଖାଁଙ୍କର ନକଲି ସ୍ୱଭାବ ତାହା ନାନା ଘଟଣାରୁ ପ୍ରମାଣିତ ହୋଇ ସାରିଛି । ହୁଏତ ସେ ନିଜ ପାଇଁ କୃପଣ ହୋଇ ପାରନ୍ତି । ମାତ୍ର ପର ପାଇଁ,

ବନ୍ଧୁ ପାଇଁ, ଅଭାବଗ୍ରସ୍ତ ପାଇଁ ସେ ସବୁବେଳେ ଦାତାକର୍ଣ୍ଣ । ସବୁବେଳେ ମହାନୁଭବ । ତେଣୁ ତାଙ୍କର ଜିମ୍ନାଷ୍ଟିକ୍ ପୁଷ୍ଟ ପଇଁଚଳିଶ ଇଞ୍ଚ ଛାତି ତଳେ ଗୋଟିଏ ନାରୀ ସୁଲଭ କୋମଳ, ଦୟାଶୀଳ ଓ କ୍ଷମାଶୀଳ ହୃଦୟ ଲୁଚି ରହିଛି । ଏହା ସହଜରେ କେହି ଧାରଣା କରି ପାରିବେ ନାହିଁ ।

ତେବେ ଏଠାରେ ପ୍ରଶ୍ନ ଉଠୁଛି, ଯେଉଁ ସମଦ୍ ଖାଁ ନିଜର ପୋଷାକ ପରିଚ୍ଛଦ, ଆନନ୍ଦ ଉତ୍ସବ ଦିଗରେ ଅଧଲାଟାଏ ଖର୍ଚ୍ଚ କରିବାକୁ ମହା କୁଣ୍ଠିତ ସେ ଆଜି ଅନ୍ୟାନ୍ୟ ଭନ୍ନଙ୍କ ସହିତ ସିନେମା ଦେଖି ବାହାରିଲେ କିପରି ? ସମଦ୍ ଖାଁ ନିଜେ ସ୍ବତଃପ୍ରବୃତ୍ତ ହୋଇ ସିନେମା ଦେଖି ବାହାରିଛନ୍ତି କହିଲେ ଭୁଲ ବୁଝାଯିବ । ତାଙ୍କୁ ଅନ୍ୟାନ୍ୟ ଭନ୍ନ ଜବରଦସ୍ତ ସିନେମା ଦେଖାଇବାକୁ ଟାଣି ଆଣିଛନ୍ତି । ତାଙ୍କ ପାଇଁ ଜବ ଆନନ୍ଦ ପ୍ରକାଶଙ୍କ ପକେଟରୁ ଟିକେଟର ମୂଲ୍ୟ ଦିଆଯିବ । ତା'ଛଡ଼ା ସମଦ୍ ଖାଁ ନିଜେ ଜଣେ କଳା ପ୍ରେମୀ । ତେଣୁ ସିନେମା ଦେଖିବାରେ ତାଙ୍କର ବିଶେଷ ଆନ୍ତରିକ ଅସମ୍ମତି ନାହିଁ; କେବଳ ନିଜ ପକେଟରୁ ପଇସା ଖର୍ଚ୍ଚ କରିବା କଥା ଉଠିଲେ ଯେତେ ଗଣ୍ଡଗୋଳ ।

ପଞ୍ଚଭନ୍ନ ଯଥା କାଳରେ ଆସି ପ୍ରଭାତ ସିନେମାର ସିଂହ ଦରଜାରେ ପହଞ୍ଚିଲେ । ସେଦିନ ଗୋଟାଏ କ'ଣ ନୂତନ ଛବି ପ୍ରଦର୍ଶିତ ହେଉଥାଏ । ତେଣୁ ପ୍ରଭାତ ସିନେମାର ବାରଣ୍ଡା, କମ୍ପାଉଣ୍ଡ ଆଉ ସମ୍ମୁଖର ରାସ୍ତାଟି ମଧ୍ୟ ବହୁ ତରୁଣ ତରୁଣୀ ଦ୍ୱାରା ପୂର୍ଣ୍ଣ ହୋଇ ଉଠିଛି । ଯେଉଁଆଡ଼େ ଚାହିଁବ ଖାଲି ମର୍ସିରାଇଜ୍ଡ଼ ଧୋତି, ପଞ୍ଜାବୀ, ଜର୍ଜେଟ, ଶାନ୍ତିପୁରୀ ଆଉ ଚଷମା । ବୁକିଂ ଅଫିସ ସମ୍ମୁଖରେ ଅସମ୍ଭବ ଭିଡ଼ । ଦଶଟା ଧୋତି ପଞ୍ଜାବୀ କିମ୍ବା ଜର୍ଜେଟ ଶାନ୍ତିପୁରୀ ସହିତ ଧକ୍କା ନ ଖାଇଲେ ବୁକିଂ ଅଫିସ ସମ୍ମୁଖକୁ

ଯିବା କଷ୍ଟକର । ପଞ୍ଚରତ୍ନ ବହୁ କଷ୍ଟରେ ଭିଡ଼ ଠେଲି, ଧକ୍କା ଖାଇ, ଧକ୍କା ଦେଇ ଧୀରେ ଧୀରେ ଅଗ୍ରସର ହେଲା ବେଳକୁ ସମଦ୍ ଖାଁ ପଶ୍ଚାତ୍‌ରେ ମହା ବିପଦରେ ପଡ଼ିଛନ୍ତି । ଯେଉଁ ଭିଡ଼ ଭିତରେ ଛୁଞ୍ଚିଟିଏ ଗଳାଇବା କାଠିକର ପାଠ ସେଥିରେ ସାଧାରଣ ବୃତଜଣ ମହିଷର ଏକଜିବିତ କଳେବର ସମଦ୍ ଖାଁ ଗଳୁଛନ୍ତି କିପରି ? ବହୁ କଷ୍ଟରେ ଶରୀର ବଞ୍ଚେଇ ସମଦ୍ ଖାଁ ଅଗ୍ରସର ହେଲା-ବେଳକୁ ତାଙ୍କର ଶରୀର ଘର୍ଷଣ ଫଳରେ ଜଣେ ଅନ୍ୟମନସ୍କା ତରୁଣୀ ଦାର୍ଶନିକ ଉପେନ୍ଦ୍ର କୁମାରଙ୍କ ବକ୍ଷ ଉପରେ ବଡ଼ ଅପ୍ରତ୍ୟା-ଶିତ ଭାବରେ ଆଶ୍ରୟ ନେଲେ । ଏକାଥରେ ଦୁଇ ଷଣ୍ଢୋଟି ମର୍ସିରାଇଜ ଧୋତି; ପଞ୍ଜାବୀ, ଚଷମା ହାଁ ହାଁ କରି ଧାଇଁ ଆସି ସମଦ୍ ଖାଁଙ୍କ ହାତକୁ ସେମାନଙ୍କର ଅସ୍ଥିସାର ମୁଷ୍ଟିରେ ଜାବୁଡ଼ି ଧରି ନାରୀ ସୁଲଭ କୋମଳ ତରଳ କଣ୍ଠରେ କହିଲେ—"ଆପଣଙ୍କର କ'ଣ ଭଦ୍ରତା ଜ୍ଞାନ ନାହିଁ ? ସ୍ତ୍ରୀ ଲୋକଙ୍କ ଅଙ୍ଗସ୍ପର୍ଶ କରିବାକୁ ଆପଣ ଲଜ୍ଜା ବୋଧ କରନ୍ତି ନାହିଁ ?"

—"ନା; ଅଙ୍ଗ ସ୍ପର୍ଶ କରିବା ଲାଗି ଯେଉଁଠି ଅଯାଚିତ ନିମନ୍ତ୍ରଣ ଥାଏ, ସେଠାରେ ଲଜ୍ଜାର ପ୍ରଶ୍ନ ଉଠେ ନାହିଁ । ଆପଣମାନେ ବୋଧହୁଏ ବିଶେଷ ଭଦ୍ର । ତେବେ ପଥ ମଧ୍ୟରେ ଏପରି ଲଜ୍ଜାହୀନ ଭଙ୍ଗୀରେ ଛିଡ଼ା ହୋଇ ହାସ୍ୟ ଆଳାପ କରିବା ଅପେକ୍ଷା ଅନ୍ୟକୁ ଯିବା ଲାଗି ପଥ ଛାଡ଼ିଦେବା କ'ଣ ଆପଣଙ୍କ ଭଦ୍ରତା-ବିଜ୍ଞାନରେ ଲେଖା ନାହିଁ ?"

—"କ'ଣ କହିଲେ ? ଆମେ ଅଭଦ୍ର, ମୁହଁ ସମ୍ଭାଳି କଥା କହିବେ, ନହେଲେ ଆମେ ପୋଲିସକୁ ଡାକିବୁ ?"

ସମଦ୍ ଖାଁ ହୋ ହୋ ହୋଇ ହସି ଉଠିଲେ । କହିଲେ—"ପୋଲିସକୁ ଡାକି ନିଜ କ୍ଲୀବତ୍ୱର ପରିଚୟ ଦେବାଟା ସୁନ୍ଦର

ହେବ ନାହିଁ । ଗାଁ ଛଡ଼ା, ଝଗଡ଼ା ଝାଣ୍ଟି ଆଜି ତମା ହାଙ୍ଗାମାକୁ ମୋର ପ୍ରାଣେ ଭୟ । ଆପଣମାନେ ଭବିଷ୍ୟତରେ ଆଉ ଏପରି ପଥରୋଧ କରି ହାସ୍ୟ ପରିହାସ କରିବେ ନାହିଁ ବୋଲି ଉପଦେଶ ଦେବା ସଙ୍ଗେ ସଙ୍ଗେ ମୁଁ ଅନୁରୋଧ କରୁଛି ଯେ ଟିକିଏ ଦୟା କରି ମୋ ହାତଟା ଛାଡ଼ି ଦିଅନ୍ତୁ । ଦୀର୍ଘ ସମୟ ଧରି ଏପରି ମୋ ହାତକୁ ମୁଠାଇ ଧରିଲେ ଆପଣମାନଙ୍କ ଶିରୀଷ କୋମଳ ହାତକୁ ବ୍ୟଥା ଲାଗିବ ।

ସେହି ମର୍ସିରାଇଜ୍ଡ଼ ଧୋତି, ପଞ୍ଜାବୀ, ଚଷମା ସମଦ ଖାଁଙ୍କ ଗମ୍ଭୀର ତାତ୍ପର୍ଯ୍ୟପୂର୍ଣ୍ଣ କଥା ଓ ଅର୍ଥପୂର୍ଣ୍ଣ ହସରୁ କ'ଣ ବୁଝିଲେ କେଜାଣି କିମ୍ବା ତାଙ୍କର ବଳିଷ୍ଠ ଚେହେରା ଓ ଆଖିର ଚାହାଣୀରୁ କ'ଣ ଦେଖିଲେ କେଜାଣି ସମସ୍ତେ ଏକାଥରେ ତାଙ୍କର ହାତ ଛାଡ଼ି ଦେଇ ଦୁଇ ପାଦ ପଛକୁ ଘୁଞ୍ଚି ଆସିଲେ । କହିଲେ—"ଚାଲ ! ଚାଲ ! ଗୁଣ୍ଡାଙ୍କର ପୁଣି ଭଦ୍ରତା ଜ୍ଞାନ କେଉଁଠୁ ହେବ ?"

ସମଦ୍ ଖାଁ ମୁରୁକି ହସି ମାରିକି ନିର୍ବିକାର ଭଙ୍ଗୀରେ ଅଗ୍ରସର ହେଲେ । ଏଥର ଅଯାଚିତ ଭାବରେ ସମସ୍ତେ ତାଙ୍କ ଲାଗି ପଥ ଛାଡ଼ି ଦେଲେ । ପଞ୍ଚରତ୍ନ ଠେଲା ପେଲା କରି ସମଦ ଖାଁଙ୍କୁ ବୁକିଂ ଅଫିସରୁ ଟିକଟ୍ କରିବାକୁ ପଠାଇଲେ । ଟିକଟ୍ କରିସାରି ସେମାନେ ପୁଣି ଆସି ବାହାର କମ୍ପାଉଣ୍ଡରେ ଭିଡ଼ ଭିତରେ ଛିଡ଼ା ହେଲେ । ଖେଳ ଆରମ୍ଭ ହେବାକୁ ଆହୁରି ପନ୍ଦର ମିନିଟ୍ ବାକିଥାଏ । ସମଦ ଖାଁ ଓ ଦାର୍ଶନିକ ଭୂପେନ୍ଦ୍ରକୁମାରଙ୍କୁ ବାଦ ଦେଇ ଅନ୍ୟାନ୍ୟ ତିନି ଖଣ୍ଡିଏ ଖଣ୍ଡିଏ ସିଗାରେଟ୍ ଧରାଇଲେ । ଭୂପେନ୍ଦ୍ରକୁମାର ପାନ ଦୋକାନରୁ ଟିକିଏ ଗୁଆଗୁଣ୍ଡି ମାଗିଆଣି କଳରେ ଜାକିଲେ । ହଠାତ୍ ସମଦ ଖାଁ କବି ଆନନ୍ଦ-ପ୍ରକାଶଙ୍କୁ ପଚାରିଲେ—"ଆଜ୍ଞା, ତୋ ପାଖରେ ପଇସା ଅଛି ?"

—"ଆଜ ମୋଟେ ଢ'ଅଣା ପଇସା ଅଛି । ସିଗାରେଟ୍ କଣିବ ।"

—"ଦେ, ଦେ, ସେ ଢ'ଅଣା ପଇସା ମୋତେ ଦେ । ମୁଁ ସିଗାରେଟ୍ ଆଣିବ" କହି ସମଦ ଖାଁ ଆନନ୍ଦପ୍ରକାଶ ଉଦ୍ଦେଶ୍ୟରେ ହସ୍ତ ପ୍ରସାରଣ କଲେ ।

ସମଦ ଖାଁ ନିଜେ ସିଗାରେଟ ଖାଆନ୍ତି ନାହିଁ । ହଠାତ୍ ଆଜି ସିଗାରେଟ ଖାଇବାକୁ ମନ କରିଥିବେ ଭାବି ଆନନ୍ଦପ୍ରକାଶ ସନ୍ଦିଗ୍ଧ ଦୃଷ୍ଟିରେ ଚାହିଁ ତାଙ୍କ ହାତକୁ ଦୋ'ଣିଟି ବଢ଼ାଇ ଦେଲେ । ସମଦ୍ ଖାଁ ପଇସା ନେଇ ଅଞ୍ଜନଙ୍କ ବିସ୍ମୟ ବିସ୍ଫାରିତ ଦୃଷ୍ଟି ସମ୍ମୁଖରେ ନିକଟସ୍ଥ ରେସ୍ତୋରାଁରୁ ଗୋଟାଏ ରସଗୋଲା କିଣି ଗଳାଧଃକରଣ କରି ରୁମାଲରେ ମୁହଁ ପୋଛି ପୋଛି ଆସି ପହଞ୍ଚିଲେ । କହିଲେ—"ଓଃହୋ ! ଠିକଏ ଚକ୍‌କଣା ପଡ଼ିଗଲା……!"

କବି ଆନନ୍ଦ ପ୍ରକାଶ ଗର୍ଜି ଉଠିଲେ—"ହଇରେ ସମଦ୍, ତୋର ଚକ୍‌କଣା ଖାଇବା ଲାଗି ମୁଁ କ'ଣ ପଇସା ଦେଇଥିଲି ? ଶଳା, ବାହାର କର ପଇସା, ମୁଁ ସିଗାରେଟ ଆଣିବ ।"

—"ଓଃ, କାହିଁକି ପାଟିଟା କରୁଛୁ ବେ ? ଇହ ଇହ, କେଡ଼େ ସୁନ୍ଦର ଗୀତଟାଏ ଗାଉଛି……।" କହି ସମଦ୍ ଖାଁ ସେହି ସୁନ୍ଦର ଗୀତଟି ପ୍ରତି ସମସ୍ତଙ୍କ ମନ ଓ କର୍ଣ୍ଣ ଆକର୍ଷଣ କରିବାକୁ ଚେଷ୍ଟା କଲେ ।

ପ୍ରଭାତ ସିନେମାର ଦ୍ୱିତଳ ବାଲ୍‌କୋନି ଉପରୁ ଲାଉଡ୍-ସ୍ପିକାର କଣ୍ଠରୁ କରୁଣ ମଧୁର ଝଙ୍କାର ଫୁଟିଥାଏ—

"ଏଖନ ଉଠବେ ଚାନ୍ଦ

ଆଧୋ ଆଲୋ ଆଧୋ ଛାୟାତେ;

କାହିକି ଏତେ ପ୍ରିୟ
ହାତ ଖାନ ରଖେ ହାତେ ।"

ସହସା ସମଦ ଖାଁ ପଞ୍ଚରତ୍ନଙ୍କୁ ବିମୂଢ଼ସ୍ତମ୍ଭୀଭୂତ କରି ଅତି ଅପ୍ରତ୍ୟାଶିତ ଭାବରେ ଗୁମ୍ଫକୁ ଦୁଇ ହାତ ପାପୁଲିରେ ମାଡ଼ି ଧରି ତକ୍ତାରେ ବସିପଡ଼ିଲେ । ଅନ୍ୟାନ୍ୟ ଭଦ୍ର ବିସ୍ମୟ-ଶଙ୍କିତ କଣ୍ଠରେ ପଚାରିଲେ—"କ'ଣ ହେଲା ସମଦ୍ ?"

—"ବିରହ, ଆରେ ବିରହ ନିଆଁରେ ମୋ ଗୁମ୍ଫଭିତର ଖଟା ଜଳିଗଲା । ଗିଲାସେ ବରଫ ଦିଆ ଥଣ୍ଡା ସରବତ ମୋତେ କେହି ଦିଅ ।"

ଦମସ୍ତେ ହୋ ହୋ କରି ହସି ଉଠି ସ୍ଥାନଟିକୁ ମୁଖରିତ କରିବା ସଙ୍ଗେ ସଙ୍ଗେ ବହୁ ତରୁଣ ତରୁଣୀଙ୍କ ଦୃଷ୍ଟି ଆକର୍ଷଣ କଲେ । ବିଧୂଭୂଷଣ ପାଟିକରି କହିଲେ—"ଶଳା; ମରି ବିରହ-ନିଆଁରେ ପୋଡ଼ି ହେଇ ।"

କଟକ ସହରରେ ସମଦ୍ ଖାଁ ଜଣେ ନାମଜାଦା ସଙ୍ଗୀତଜ୍ଞ । ସେ ଶାସ୍ତ୍ରୀୟ ସଙ୍ଗୀତର ଜଣେ ବଡ଼ ଭକ୍ତ ଓ ବିଶିଷ୍ଟ ସାଧକ । ସହରର ବିଶେଷ ବିଶେଷ ସଙ୍ଗୀତ ଆସରରେ ତାଙ୍କ ପାଇଁ ଗୋଟାଏ ବିଶିଷ୍ଟ ଆସନ ନିର୍ଦ୍ଦିଷ୍ଟ ହେଇଥାଏ । କଳା ପ୍ରେମୀ ସଙ୍ଗୀତଜ୍ଞଙ୍କ ନିକଟରେ ତାଙ୍କ ପ୍ରତିଭାର ବିରାଟ ଆଦର ଓ ଆପ୍ୟାୟନ ମିଳିଥାଏ । ମାତ୍ର ସମଦ୍ ଖାଁଙ୍କର ଗୋଟାଏ ଦୋଷ କି ଗୁଣ କହି ହେବ ନାହିଁ; ସେ ଶସ୍ତା ଆଧୁନିକ ସଙ୍ଗୀତର ନାକ କାନ୍ଦଣା ସ୍ୱର ଶୁଣିବା ମାତ୍ରେ ପଦ୍ମତୋଳା ଶୁଣି ଉତ୍ଫଣିତ ନାଗ ପରି ଫଁ ଫଁ ହୁଅନ୍ତି । କହନ୍ତି—"ଶଳା ଗୀତ ଗାଉଛୁ ନା ନାକରେ କାନ୍ଦୁଛୁ ?"

ଆଜ ସମଦ୍ ଖାଁ ପ୍ରଭାତ ସିନେମା ସମ୍ମୁଖରେ ବିରହୀ ଗାୟକର କରୁଣ ବିଳାପ ଶୁଣି ଯେଉଁ ଅବାଞ୍ଛିତ ପରିସ୍ଥିତି ସୃଷ୍ଟି କଲେ ତା' ଫଳରେ ବନ୍ଧୁ ଭ୍ରାତୃ ଭଗ୍ନୀଙ୍କର ଅଗ୍ନିବର୍ଷି କଟାକ୍ଷ ପାତରେ କ୍ଷତ ବିକ୍ଷତ ହେବା ଛଡ଼ା ତାଙ୍କର ଅନ୍ୟଗତି ନଥିଲା । ବିରହୀ ଗାୟକଙ୍କୁ ଉପହାସ କରିବାକୁ ଯାଇଁ ସମଦ୍ ଖାଁ ବନ୍ଧୁ ପ୍ରେମିକ ପ୍ରେମିକାଙ୍କ ନିକଟରୁ ନୀରବ ଅଭିସମ୍ପାତ ଉପହାର ପାଇଲେ । ମାତ୍ର ଚତୁର ସମଦ୍ ଖାଁ ଚତୁର୍ଦ୍ଦିଗର ଭ୍ରାତୃ ଭଗ୍ନୀଙ୍କ ଅଗ୍ନିବର୍ଷି କଟାକ୍ଷ ବାଣକୁ ଲକ୍ଷ୍ୟକରି କହିଲେ—"ନାଃ; ଏ ଜିନ୍ଦଗିରେ ଆଉ କେହି ଏ ହତଭାଗାକୁ ମୋହବତ କରିବାର ଆଶା ଦେଖା ଯାଉ ନାହିଁ । ଏ ଭବ ସାଗରରେ ମୁଁ କେବଳ ଏକେଲା ଡିଙ୍ଗ୍‌ବୁଡ଼ା ଖାଉଛି ପ୍ରଭୁ! ତୁମେ ଏ ନୟନ ହୀନକୁ ରାହ୍ ଦେଖାଓ ପ୍ରଭୁ ! ନଚେତ୍ ପଗ୍ ପଗ୍ ଠୋକ୍‌କର ଖାଇଲି ।"

ପୁଣି ହସର ବୋମା ଫାଟିଲା । ସିନେମାର ପ୍ରଥମ ଘଣ୍ଟା ବାଜିଲା । ବିଧୁଭୂଷଣ ସମଦ୍ ଖାଁର ହାତ ଧରି ଟାଣି ଟାଣି ଛିଡ଼ା କଲେ । ଚତୁପାର୍ଶ୍ୱର ଘୃଣା ଓ ଅବଜ୍ଞା ପୂର୍ଣ୍ଣ ଚାହାଣୀ ସମ୍ମୁଖରେ ପଞ୍ଚରତ୍ନ ସମଦ୍ ଖାଁଙ୍କୁ ଧରି ସିନେମା ଘର ଭିତରେ ପଶିଲେ ।"

ସିନେମାରୁ ଫେରି ମେସ୍‌ରେ ପହଞ୍ଚି ସମଦ୍ ଖାଁ କହିଲେ—"ସ୍ମୃତି ଭିତରଟା ବିରହ ଜ୍ୱାଳାରେ କମିତି କମିତି ଲାଗୁଛି । ହଠାତ୍ ଫକୀର ବନି ମକ୍‌କା କି ମଦିନା ଚାଲି ଯିବାକୁ ଇଚ୍ଛା ହେଉଛି । ସତରେ କ'ଣ ଏ ହତଭାଗାକୁ ଆଉ କେହି ମୋହବତ୍ କରି ପାରିବେ ନାହିଁ ? ଆଚ୍ଛା ଅରୂପା, ସତ କହିଲୁ; ତୁଇ କ'ଣ ମୋତେ ବାହା ହେବାକୁ ଅମଙ୍ଗ ହେବୁ ?"

ଷାଠିଏ ବର୍ଷର ବୁଢ଼ୀ ରୁକଗଣୀ ଅରୂପା ସମଦ୍ ଖାଁଙ୍କ କଥା ଶୁଣି କୃତ୍ରିମ କାନ୍ଦଣା ସ୍ୱରରେ କହିଲା—"ଦେଖ ଭାଇ, ଏମିତା କଥା

କହିଲେ ମୁଇଁ ଦଣ୍ଡେ ଏଠି ନାହିଁ ରହିବି । ସବୁ ଛୁଡ଼୍‌ଛୁଡ଼୍ ଦେଇ ଜଙ୍ଗଲେ ପଳାଇବି ।"

—"କ'ଣ କହିଲୁ ? ଜଙ୍ଗଲେ ପଳେଇବୁ ? ତା' ହେଲେ ତୁ କି ମୋତେ ମୋହବତ୍ କରି ପାରିବୁ ନାହିଁ ? ତା'ହେଲେ ଆଉ ଏ ସଂସାରରେ ରହି ଲାଭ କ'ଣ ? ଆଚ୍ଛା, ବଧୂଆ, ଚୁପ, ସବୁ ଶୁଣ ମୁଁ କାଲି ସକାଳୁ ଫକୀର ବେଶ ମକ୍‌କା ଚାଲିଲି । ମୋ ପାଇଁ ପଛରେ କେହି କାନ୍ଦିବ ନାହିଁ ।"

ହଠାତ୍ ପୁଷ୍ପାଙ୍କ ଠୋକା ଖାଇବାକୁ ଡାକିବାରୁ ଫକୀର ହେବା କଥା ପଛକୁ ରଖି ସମଦ୍ ଖାଁ ଆଗ କାମ କରିବାକୁ ବୀରଦର୍ପରେ ଅଗ୍ରସର ହେଲେ ।

---

## —ଛଅ—

ବିଗତ ଏକମାସ ହେଲା ଦାର୍ଶନିକ ଭୂପେନ୍ଦ୍ରକୁମାରଙ୍କର ଗୋଟାଏ ବିଶେଷ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ସେ ସୁହାସା ଖଲିଫା ସମଦ୍ ଖାଁଙ୍କର ଜଣେ ପକ୍‌କା ଭକ୍ତ ଓ ସାଗିରଦ୍ ପାଲଟି ଯାଇଛନ୍ତି । ଶୁଖିଲା ଦର୍ଶନତତ୍ତ୍ୱ ମନ୍ଥି ଚକଟି ତାଙ୍କର ଅନ୍ତର ତଳଟା କ୍ରମେ କ୍ରମେ ଶୁଖିଲା ଟାଙ୍ଗରା ଭୂଇଁରେ ପରିଣତ ହେଲାଣି ବୋଲି ସେ ହଠାତ୍ ଦିନେ ଆବିଷ୍କାର କରି ବସିଲେ । ସେ ଅନୁଭବ କଲେ ଯେ, ଏହି ଶୁଷ୍କ ଦର୍ଶନତତ୍ତ୍ୱ ତାଙ୍କର ନବୀନ ଯୌବନର ସରସ ମଧୁର ମୂର୍ଚ୍ଛନାର ଭ୍ରୂଣହତ୍ୟା କରିବାକୁ ବସିଛି । ମନଟା ନିହାତି ଖାପ ଛଡ଼ା, ପ୍ରାଣଟା ନିରସ ଲାଗୁଛି ଆଉ ହୃଦୟ ତଳ ଜୀବ ଓ ଜୈବ ସମାଲୋଚନାରେ ଭାରାକ୍ରାନ୍ତ

ଲାଗୁଛି । ଆଦ୍ୟ ଯୌବନରେ ଏପରି ସିନିକ୍ ସନକ୍ ଭାବ ଏପରି ଖାପଛଡ଼ା ଧରଣ ଶୁଭ ଲକ୍ଷଣ ନୁହେଁ । ଭୂପେନ୍ଦ୍ର କୁମାରଙ୍କ ହୃଦୟର ନିଭୃତ କୋଣରେ ଏହା ଫଳରେ କ୍ଷୀଣ ଆଶଙ୍କାର ରେଖାପାତ ଘଟିଲା । ଯେ ଭୟ କଲେ ଯେ, ସେ ବୋଧହୁଏ ଦିନେ ସନ୍ୟାସୀ କିମ୍ବା ସଂସାର ଉଦାସୀନ ହୋଇ ପଡ଼ିବେ ।

ତାଙ୍କର ଅପ୍ରତ୍ୟାଶିତ ପରିବର୍ତ୍ତନର ମୂଳରେ ଏହି ଆଶଙ୍କା ନିଭୃତରେ ରହି କାର୍ଯ୍ୟ କରୁଛି । ସେ ବର୍ତ୍ତମାନ ଶୁଖିଲା ଦର୍ଶନତତ୍ତ୍ୱରୁ ଘୁଞ୍ଚି ମନପ୍ରାଣକୁ ନବରସରେ ଟିକିଏ ରସାଣିତ କରି ନେବାକୁ ମନସ୍ଥ କରିଛନ୍ତି । ତନ୍ୱୀ ଯୌବନର ମଧୁର ନୂପୁର-ନିକ୍ୱଣ ଟିକିଏ ଉପଭୋଗ କରିବାକୁ ନିଜକୁ ସଜାଡ଼ି ବସିଛନ୍ତି । ଜୀବନ ଧର୍ମର ମଧୁସିକ୍ତ ବେଣୁଧ୍ୱନି ଥରେ ଶ୍ରବଣ କରିବା ଲାଗି ସେ ନିଜକୁ ପ୍ରସ୍ତୁତ କରି ବସିଲେ । ସବୁଜ ଯୌବନର ନୟନାଭିରାମ କମନୀୟ ସୁଷମାରାଜି ଥରେ ମଣିଷ ଆଖିରେ ଦେଖିବା ଲାଗି ଉତ୍କଣ୍ଠିତ ହେଲେ । ଜୀବନର ଅମୃତଧାରା ଥରେ ଆସ୍ୱାଦନ କରିବା ଉଦ୍ଦେଶ୍ୟରେ ଉଦ୍‌ବିଗ୍ନ ହୋଇ ପଡ଼ିଲେ ।

ଅନ୍ତରର ଉତ୍କଣ୍ଠା ଉଦବିଗ୍ନତା ତ କେବଳ ମଣିଷର ଇପ୍ସିତ ଅଭିଳାଷକୁ ପରିତୃପ୍ତ କରି ପାରେ ନାହିଁ । କାମନାର ପୂର୍ତ୍ତି ଲାଗି ମଣିଷକୁ ମଧ୍ୟ ସାଧନା କରିଆରେ ପରିବର୍ତ୍ତନ ହେବାକୁ ପଡ଼େ । ତେଣୁ ଭୂପେନ୍ଦ୍ର କୁମାର ଜୀବନ ଓ ଯୌବନର ମଧୁରତା ଆସ୍ୱାଦନ କରିବା ଲାଗି ଉପାୟ ଚିନ୍ତା କଲେ—ନିଜକୁ ସେଥିଲାଗି ପ୍ରସ୍ତୁତ କରିବାକୁ ଚେଷ୍ଟା କଲେ । ତାଙ୍କୁ ରକ୍ତ ମାଂସର, ହସ କାନ୍ଦର ଆଉ ହୃଦୟ ଦାନ ପ୍ରତିଦାନର ମଣିଷଟିଏ କରି ଦେବା ଲାଗି ସେ ଖଲିଫା ସମଦ୍ ଖାଁଙ୍କୁ ଗୁରୁ କରି ମାନିଲେ । ସମଦ୍ ଖାଁ ମଧ୍ୟ ଦାର୍ଶନିକ ତଥା ସିକ୍ଥିଇଅର ଗୁରୁ ଭୂପେନ୍ଦ୍ରକୁମାରଙ୍କୁ ସାଗିରଦ

ରୁପେ ପାଇ ତାଙ୍କର ପଇଁତ୍ରିଶ ଇଞ୍ଚ ବିଶିଷ୍ଟ ଗ୍ରୀବାକୁ ଆଉ ଦୁଇ ଇଞ୍ଚ ଫୁଲାଇବାକୁ କାର୍ପଣ୍ୟ ଦେଖାଇଲେ ନାହିଁ ।

ଭୂପେନ୍ଦ୍ରକୁମାରଙ୍କ ହାତରେ ଖାଲିଫା ସମଦ ଖାଁ ସାଗିରଙ୍କ ରାଷି ବନ୍ଧନ କଲା ଦିନରୁ ସେ ମନ ପ୍ରାଣ ଦେଇ ଶରୀର ସାଧନା ଓ କଣ୍ଠ ସାଧନାରେ ଲାଗି ପଡ଼ିଛନ୍ତି । ଯୌବନ ମଧୁରସ ଆସ୍ୱାଦନ କରିବାକୁ ହେଲେ ପ୍ରଥମେ ଶରୀରଟାକୁ ତାଜା ଆଉ ବଳିଷ୍ଠ ପେଶୀ ବହୁଳ କରିବା ବାଞ୍ଛନୀୟ । ଦାର୍ଶନିକର ଅସ୍ଥିସାର ଶରୀର ନିର୍ଜୀବ ପାକସ୍ଥଳୀ ଧରି ଯୌବନ କିମ୍ବା ଜୀବନ ଉପଭୋଗ କରା-ଯାଇ ନ ପାରେ । ଶରୀରକୁ ପେଶୀବହୁଳ ଆଉ ବଳିଷ୍ଠ କରିବା ସଙ୍ଗେ ସଙ୍ଗେ କଣ୍ଠକୁ କୋମଳ, ଦରଦୀ ଆଉ ରସସିକ୍ତ କରିବା ସର୍ବୋପରି ଆବଶ୍ୟକ । ନଚେତ ହୃଦୟଟା ହୃଂସ୍ପନ୍ଦବାପନ୍ନ ହୋଇ ପଡ଼ିବ । ତେଣୁ ସଙ୍ଗୀତ ଚର୍ଚ୍ଚାର ନିତାନ୍ତ ପ୍ରୟୋଜନ ।

ତେଣୁ ଭୂପେନ୍ଦ୍ରକୁମାରଙ୍କ ଦୈନନ୍ଦିନ କାର୍ଯ୍ୟର ନିର୍ଘଣ୍ଟ ଖାଲିଫା ସମଦ ଖାଁ ଏହିପରି ଭାବରେ କରିଛନ୍ତି; ଯଥା—ଭୋର ଚାରିଟାରୁ ପାଞ୍ଚଟା ପର୍ଯ୍ୟନ୍ତ ହାରମୋନିୟମ ସହିତ କଣ୍ଠ ସାଧନା; ଅର୍ଥାତ୍ ସାରଗମ୍ ରିଓ୍ୱାଜ; ପାଞ୍ଚଟାରୁ ଛ'ଟା ପର୍ଯ୍ୟନ୍ତ ବଗିଚା ଫୁଲକିଆ ଉପରେ ଲେଙ୍ଗୋଟ ପିନ୍ଧି କଳେବରରେ ଦଣ୍ଡ ବୈଠକ କରଣ; ତତ୍ପରେ ଚାଟିଆଏ ଗଜାସୋଲା କିମ୍ବା ହୋଲଗତ ସନ୍ଧ୍ୟାରେ କିଣି ନପାରିଥିଲେ ମେସ୍‌ର ଡାଲି ହେବା ପାଇଁ ରକ୍ଷିତ ମୁଗରୁ ଚାଟିଆଏ ଭିଜାଇ ଭକ୍ଷଣ, ମେସ ବଗିଚାରେ ଥିବା କଞ୍ଚା ଅମୃତଭଣ୍ଡାରୁ ଦୁଇଟା ଚର୍ବଣ ଆଉ ମେସ ବଗିଚାରୁ ତୋଳି ଆଣିଥିବା କାଗଜ-ଲେମ୍ବୁ ରସରେ ପ୍ରସ୍ତୁତ ଗିଲାସେ ସରବତ ପାନ । ତାପରେ ସାଢ଼େ ନ'ଟା ପର୍ଯ୍ୟନ୍ତ କଲେଜ ପାଠ ସାଧନ; ତତ୍ପରେ ସ୍ନାନ ଭୋଜନ ଓ କଲେଜ ଗମନ । ସେଠାରୁ ଚାରିଟାରେ ଫେରି ଅର୍ଦ୍ଧ-

ସେର ଦୁଗ୍ଧପାନ ଆଉ କାବୁଲି ବାଦାମ ଚର୍ବଣ । ତତ୍ପରେ ସନ୍ଧ୍ୟା ଛ'ଟା ପର୍ଯ୍ୟନ୍ତ ଫୁଲକା ଉପରେ ଦଣ୍ଡ ବୈଠକ କରଣ, ଇତ୍ୟାଦି ଇତ୍ୟାଦି ।

ଭୂପେନ୍ଦ୍ରକୁମାର ଖଲିଫାଙ୍କ ନିର୍ଦ୍ଦେଶମତେ ଘଡ଼ି କଣ୍ଟାକୁ ସମ୍ମୁଖରେ ରଖି ପ୍ରତ୍ୟହ ତାଙ୍କର ଶରୀର ସାଧନା ଆଉ କଣ୍ଠ ସାଧନା ନିୟମିତ ଭାବରେ କରି ଚାଲିଲେ । ପ୍ରଥମେ ପ୍ରଥମେ ଭୋର ଚାରିଟାରେ ଉଠିବା ତାଙ୍କ ପକ୍ଷରେ ମହା କଷ୍ଟକର ବ୍ୟାପାର ହୋଇଥିଲା । ତେଣୁ ସେ ଟାଇମ ପିସ୍‌ରେ ଏଲାରାମ ଦବି ଦେଇ ରଖିଲେ । ପ୍ରତ୍ୟହ ଚାରିଟାରୁ ଉଠି ଶେଯ ଉପରେ ହାରମୋନିୟମ ଧରି ବସି ସେ କଣ୍ଠ ସାଧନା ନାମରେ ଯେଉଁ କର୍ଣ୍ଣ ପ୍ରତି ଅତ୍ୟାଚାର ସୃଷ୍ଟି କଲେ ସେଥିରେ ତଳ ମହଲାରେ ରହୁଥିବା ସମସ୍ତ ରନ୍ଧ୍ର ଅତିଷ୍ଠ ହୋଇ ଉଠିଲେ । କିନ୍ତୁ ଆନନ୍ଦପ୍ରକାଶଙ୍କର ବିଶେଷ ଅସୁବିଧା ହେଲା ନାହିଁ । କାରଣ ସେ ଭୂପେନ୍ଦ୍ରକୁମାରଙ୍କ ବହୁପୂର୍ବରୁ ସମଦ୍‌ଖାଁଙ୍କ ସାଗିରଦ ହୋଇ ସାରିଥିଲେ । ସେ ମଧ୍ୟ ସକାଳୁ ଉଠି ଫୁଲକା ଉପରେ ଯାଇଁ ଦଣ୍ଡ ବୈଠକ ମାରନ୍ତି । ଯେତେ ଅସୁବିଧାରେ ପଡ଼ିଲେ ସାହେବ ବରୁଣ ଦାସ, ସମଧର୍ମୀ; ଯୁଗଳ ଆତ୍ମା ବିଧୁଭୂଷଣ ଓ ସୁଦର୍ଶନଙ୍କର ଆଉ ବୁକସାଜାବା ହୁସେନ୍ ଆଲମ । ଭୂପେନ୍ଦ୍ରକୁମାରଙ୍କ କଣ୍ଠ ସାଧନାମୂଳକ ବିକଟ ଚିତ୍କାରରେ ରୁକ୍ମଣୀ ଅରୁପା ଆଉ ପୂର୍ଣ୍ଣାଶୀ ଅନନ୍ତର ବିଶେଷ ସୁବିଧା ହେଲା । କାରଣ ଏହି ଚିତ୍କାରରେ ସେମାନେ ସକାଳ ନିଦରୁ ଉଠି କାମରେ ଲାଗି ପାରିଲେ ।

ମି: ବରୁଣ ଦାସ ସହସା ନିଦ୍ରାଭଙ୍ଗ ଜନିତ ବିରକ୍ତି ପ୍ରକାଶ କରି କହୁଥିଲେ—"ମି: ଭୂପେନ୍ଦ୍ରକୁମାର Excuse me ମିଉଜିକ୍ ପ୍ରାକଟିସ୍ କରୁଛନ୍ତି, କରନ୍ତୁ; ମୋର ସେଥିରେ ଅବ୍‌ଜେକସନ୍

କରିବାର କଥିନାହିଁ । But yon should not distrub in others sleep !"

ବିଧୁଭୂଷଣ ମଇନର ସ୍କୁଲରେ ଭୂପେନ୍ଦ୍ରକୁମାରଙ୍କ ସହପାଠୀ ଥିଲେ । ମାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦୁହିଁଙ୍କର ଅନ୍ତରଙ୍ଗତାକୁ ସହାନୁଭୂତି ଦୃଷ୍ଟି କୋଣରୁ ବିଚାର କଲେ ନାହିଁ । ତେଣୁ ଦୁହିଁଙ୍କୁ ବନ୍ଧୁତା ମଝିରେ ଦୀର୍ଘ ଗୁରେଟି ବର୍ଷର ଦୂରତ୍ୱ ସୃଷ୍ଟି କରି ଜଣକୁ ସିକ୍ସଥଇଆର ଆଉ ଜଣକୁ ସେକେଣ୍ଡ ଇଆରରେ ରଖିଲେ । ବିଶ୍ୱବିଦ୍ୟାଳୟର ଜ୍ଞାନ ମାପ କାଠିରେ ତଉଲ ହୋଇ ସେମାନେ ପରସ୍ପରଠୁଁ ବିଚ୍ଛିନ୍ନ ହୋଇଥିଲେ ସୁଦ୍ଧା ମେସ ଜୀବନରେ ସେମାନେ ଆଜି ସୁଦ୍ଧା ଅବିଚ୍ଛିନ୍ନ । "ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ" ବୋଲି ସ୍ମରଣ କରି ବିଶ୍ୱବିଦ୍ୟାଳୟ ନୀତିକୁ ସମାଲୋଚନା କରିବା ସଙ୍ଗେ ସଙ୍ଗେ ବିଧୁଭୂଷଣ ଏମ: ଏ ଛାତ୍ର ଭୂପେନ୍ଦ୍ରକୁମାରଙ୍କ ସହିତ ସେହି ପୁରାତନ ବନ୍ଧୁତ୍ୱ ବଜାୟ ରଖି ପାରିଛନ୍ତି । ତେଣୁ ସେ ବିଛଣା ଉପରେ ଚିହିଁକି ଉଠି କଣ ଘରୁ ପାଟି କରିଥିଲେ—"କିରେ ଭୁପି ଆ, ଅଧରାତିରେ ଏପରି ଭେରଣ୍ଡା ପରି ବୋବାଳି ଛାଡ଼ୁଛୁ କାହିଁକି ? ଟୀକ ଶିଖିବାକୁ ଯଦି ସଉକ୍ ହୋଇଛି, ଶିଖିବାକୁ ଆଉ କ'ଣ ବେଳ ମିଳିଲା ନାହିଁ ? ରାତିଠାରେ ସମସ୍ତଙ୍କୁ ନିଦରୁ ଉଠାଇ ମୁଣ୍ଡ କଣୁଛୁ ! ଶଳା, ଏପରି ଭେରେଣ୍ଡା ପରି ଯଦି ଅଧରାତିରେ ବୋବାଳି ଛାଡ଼ିବୁ ତା'ହେଲେ କାଲିଠାରୁ ଗଡ଼ଗଡ଼ିଆକୁ ଯିବୁ ।"

ହୁସେନ୍ ଆଲମ ଭଣ୍ଡାର ଘର ଭିତରେ ଶୋଇ କ୍ଷୀଣ ସ୍ୱରରେ ପ୍ରତିବାଦ କରି କହିଲେ—" ଏ କିପରି ବେଆଦବ କଥା ! ଆମେ ହେଲୁଁ ଗୁକରିଆ ଲୋକ । ଦିନର ହାଡଭଙ୍ଗା ମେହନତ୍ ପରେ ରାତିରେ ଆରାମ କରିବାଟା ଆମ ପକ୍ଷରେ ଏକଦମ ଜରୁରତ୍ ।

ତେବେ ଏମିତି ଅଧରାତିରୁ ଉଠି ହଲା କଲେ ମଣିଷ ଟିକଏ ଶୋଇବ କିପରି ? ନାଃ, ମୋତେ କାଲିଠାରୁ ଦୁସରା ମେସ ବନ୍ଦୋବସ୍ତ କରିବାକୁ ପଡ଼ିବ ।

ସତ କହିବାକୁ ଗଲେ, ଏସବୁ ପ୍ରତିବାଦ ବାଣୀ ନୂତନ କଣ୍ଠସାଧକ ଭୂପେନ୍ଦ୍ରକୁମାରଙ୍କ କର୍ଣ୍ଣଗୁହାରେ ପ୍ରବେଶ କରିବାର ସୁବିଧା ନଥିଲା । କଣ୍ଠ ସାଧନା ବା ସାରଗମ୍ ଉତ୍ପାଜ ଜନିତ ତାଙ୍କ ନିଜ କଣ୍ଠର ବିକଟ ଚିତ୍କାର ଧ୍ୱନିରେ ତାଙ୍କର ନିଜ କର୍ଣ୍ଣ ପରିପୂର୍ଣ୍ଣ ଥିବା ହେତୁ ଆଉ କାହାର କଣ୍ଠ ଧ୍ୱନି ସେଠାରେ ପ୍ରବେଶ କରିବା କଷ୍ଟକର କଥା । ତେଣୁ ଭୂପେନ୍ଦ୍ରକୁମାର ନିର୍ବିକାର ନିର୍ବିକଳ୍ପ ଭାବରେ ନବୀନ ଉତ୍ସାହ ସହିତ କଣ୍ଠ ସାଧନା ଓ ଶରୀର ସାଧନାରେ ମନ ପ୍ରାଣ ଢାଳି ଦେଲେ । ତାଙ୍କର ଏ ନୂଆ ସାଧନା ମୂଳରେ ନବ ଉନ୍ମାଦନା ଓ ଗଭୀର ଉତ୍ସାହ ସନ୍ଦର୍ଶନରେ ମନେ ହେଲା ସତେ ଯେପରି ସେ କୌଣସି ଜଟିଳ ପରୀକ୍ଷା, ବା ମଲ୍ଲଯୁଦ୍ଧ ଲାଗି ନିଜକୁ ପ୍ରସ୍ତୁତ କରୁଛନ୍ତି ।

ପ୍ରତ୍ୟହ ନିୟମିତ କଣ୍ଠ ସାଧନା ଓ ଶରୀର ସାଧନା ଫଳରେ ଭୂପେନ୍ଦ୍ରକୁମାର ଉଭୟ କ୍ଷେତ୍ରରେ ଅତି ଆଶାତୀତ ଭାବରେ ସାଫଲ୍ୟ ମଣ୍ଡିତ ହେଲେ । ତାଙ୍କର ଅସ୍ଥିସାର କଳେବରରେ କ୍ରମେ କ୍ରମେ ମେଦ ବୃଦ୍ଧି ହେଲା ଆଉ ମେସ୍ ବଗିଚାର ଅମୃତଭଣ୍ଡା ଗଛ ଓ କାଗଜ ଲେମ୍ବୁ ଗଛ କ୍ରମେ କ୍ରମେ ଅୁଣ୍ଡା ହେଲେ । ଖାଲି ସେତିକି ନୁହେଁ, ମେସ୍ ଭଣ୍ଡାରରେ ଥିବା ମୁଗ, ସୋଲା ପ୍ରଭୃତି ଡାଲି ଓ ସୋରିଷ ତେଲ ଟିଣ କ୍ଷିପ୍ରଗତିରେ ଶୂନ୍ୟ କଳେବର ଧାରଣ କଲେ । ପ୍ରତ୍ୟହ କସରତ୍ କରି ସାରିବା ପରେ ଏକ ଛଟାଙ୍କି ଖାଣ୍ଟି ସୋରିଷ ତେଲ ଅଙ୍ଗରେ ମର୍ଦ୍ଦନ କରିବା ଲାଗି ଯେଉଁ ନିର୍ଦ୍ଦେଶ ଖାଲିପା ସମଦ୍ ଖାଁ ଦେଇଥିଲେ, ଏହି ଶୂନ୍ୟତା ତା'ରି

ପରିଣାମ । ଆହ୍ଲାଦନଙ୍କ ଆଶ୍ଚର୍ଯ୍ୟ ଦ୍ୱୀପର ଋଦସମସ୍ତ ପ୍ରତ୍ତିଜିସ୍ୱା ଫଳରେ ମେସ୍‌ର ଖର୍ଚ୍ଚ ଦ୍ୱିଗୁଣ ଉନ୍ନତି ଲାଭ କରିଛି ବୋଲି ମ୍ୟାନେଜର କୃଷ୍ଣଚରଣ ଆନନ୍ଦ ବାର୍ତ୍ତା ପ୍ରଚ୍ଚୁର କଲେ । ଖାଲି ପ୍ରଚ୍ଚୁର କରି କ୍ଷାନ୍ତ ହେଲେ ନାହିଁ, ଆସନ୍ତା ମାସରେ ମେସ୍‌କୁ ଜୀବନରେ ରଖିବାକୁ ହେଲେ ଦ୍ୱିଗୁଣ ମେସ୍ ଖର୍ଚ୍ଚ ଦେବାକୁ ପଡ଼ିବ ବୋଲି ସତର୍କ ବାଣୀ ଶୁଣାଇ ଦେଲେ ।

ଏହି ଅପ୍ରତ୍ୟାଶିତ ବଜ୍ରପାତରେ ମେସ୍ ଭିତରେ ନବରତ୍ନଙ୍କ ମଧ୍ୟରେ ଗୋଟାଏ ଆର୍ତ୍ତ ଚହଲ ପଡ଼ିଗଲା । ଏ କି ନିଦାରୁଣ ବାର୍ତ୍ତା ! ପିତୃଦେବଗଣ ଗାଁରେ ଗାମୁଛା ପିନ୍ଧି, ବଗଡ଼ା ଗୁଣ୍ଡିଲ ଭାତ ଓ କୋଳଥ ଡାଲି ଖାଇ ବହୁ କଷ୍ଟରେ ସଞ୍ଚୟ କରିଥିବା ଧନରୁ ସାମାନ୍ୟ ଯାହା ପଠାନ୍ତି ସେଥିରେ କଲେଜ ଫିସ୍ ଆଉ ମେସ୍ ଖର୍ଚ୍ଚ ବାଦ ସିନେମା ଦେଖିବା ପାଇଁ ଅଧଲାଟାଏ ବଳେ ନାହିଁ । ସେଥିରେ ପୁଣି ଦ୍ୱିଗୁଣ ମେସ୍ ଖର୍ଚ୍ଚ ଦିଆଯିବ କିପରି ? ନାଃ, ଏହି ନିଦାରୁଣ ପରିସ୍ଥିତିରୁ ଉଦ୍ଧାର ପାଇବା ଲାଗି ଗୋଟାଏ କିଛି ଉପାୟ ସ୍ଥିର କରିବାକୁ ପଡ଼ିବ ।

ରବିବାର ଦିନ ସମସ୍ତ ରତ୍ନ ମେସରେ ମହଜୁଦ ଥିବା ଅବସ୍ଥାରେ ବିଧୁଭୂଷଣ ପ୍ରଥମେ ପ୍ରସଙ୍ଗଟିର ସୂତ୍ରପାତ କଲେ । କହିଲେ—"ଭୂପ, ମୋର ସାନ କଥା ଟିକେ ମାନ୍ । ମେସ୍ ଭିତରେ ଏକା ସମଦ୍ ଖାଁକୁ ନେଇ ଆମେ ସବୁ ଅତିଷ୍ଠ । ସେ ଗୋଟାଏ ମଣିଷ, ଚ୍ଚରିଜଣ ସାଧାରଣ ଲୋକର ଖୋରାକ ତାଙ୍କୁ ମେସ୍‌ରୁ ଯୋଗାଇବାକୁ ପଡ଼ୁଛି । ଯେଉଁଦିନ ସେ ପ୍ରଥମେ ଖାଇ ବସୁଛି ସେଦିନ ଅନନ୍ତା ପୁଝାରୀ ଆଉ ଅରୂପା ବ୍ରଜଗଣି ସମେତ ଆଉ ଜଣେ ଦୁଇଜଣ ଉପବାସ ରହୁଛନ୍ତି । ନଚେତ୍ ତାଙ୍କ ପାଇଁ ପୁଣି ଥରେ ରନ୍ଧା ଯାଉଛି । ସେଥିପାଇଁ ମୁଁ, ସମଦ୍ ଖାଁ ଗାଧୋଇ

ସେଷେଇ ଘରକୁ ଫେରିବା ପୂର୍ବରୁ ଭୋଜନକ୍ରିୟା ବଢ଼ାଇ ଦିଏ । ସେ ଆଗେ ଖାଇ ବସି ହାଣ୍ଡି ଆଟିକା ଖାଲି କଲେ, ମୁଁ ଅଭାବ କ୍ଲିଷ୍ଟ ଲୋକ, ହୋଟେଲରେ ଖାଇବାକୁ କେଉଁଠୁ ପଇସାଟାଏ ପାଇବି ?”

ସମଦ୍ ଖାଁ କାବୁଲି ବାଦାମ ଚୋବାଉ ଚୋବାଉ କହିଲେ—“ଲାବଣ୍ୟ ଦେବୀଙ୍କ ଘରେ ପହଞ୍ଚି ଗଲେ ପେଟ ପୂରିଯିବ ।”

ବିଧୂଭୂଷଣ ଗମ୍ଭୀର କଣ୍ଠରେ କହିଲେ—“ଥଟ୍ଟା ନୁହେଁ ସମଦ୍ ! ସବୁବେଳେ ଥଟ୍ଟା ପରିହାସର ମୂଲ୍ୟ ରହେ ନାହିଁ । ଆଗେ ମୋ କଥା ଶୁଣି ସାର, ତା'ପରେ ଥଟ୍ଟା କରିବୁ ।”

—“ଆଚ୍ଛା, ତୁ କହି ସାର ।”

ବିଧୂଭୂଷଣ ପୁଣି ଭୂପେନ୍ଦ୍ର କୁମାରଙ୍କୁ ଉଦ୍ଦେଶ୍ୟ କରି କହିଲେ—“ହଁ, ବୁଝିଲୁ ଭୂପ, ଏକା ସମଦ୍ ଖାଁ ଚାରିଜଣ ମଣିଷର ଖୋରାକ ନିର୍ବିକଳ୍ପ ଭାବରେ ଖାଉଛି...।”

ସହସା କଥା ମଝିରେ ବାଧା ଦେଇ ସମଦ୍ ଖାଁ କହି ଉଠିଲେ—“ଶଳା, ମୋ ଖାଇଲା ଉପରେ ତୋର ଏତେ ନଜର କାହିଁକି ? ବଦନ୍‌କୁ ନଜର କଲେ କିଛି ମୋର କହିବାର ନାହିଁ । କାରଣ ତୁ ଜନାନା ନୋହୁଁ ଯେ ମୋ ବଦନ୍ ଉପରେ କଟାକ୍ଷ ହାଣିଲେ ମୁଁ ଶୁଖିଯିବି । ତେବେ ମୋ ଖାଇବା ଉପରେ ନଜର ତୋର କାହିଁକି ? ଶଳା, ମୁଁ କ'ଣ ତୋ ପରି ଅଣ୍ଟା ନଡ଼ବଡ଼ ବାଉଁଶ କଣି ନାମରଦ୍ ହୋଇଛି ଯେ ଛାଟିଆଏ ଖାଇ ଉଠିଯିବି । ନିଜେ ତ ଖାଇପାରୁ ନାହଁ ଆଉ ଅନ୍ୟର ଖାଇବାରେ ହିଂସା କରୁଛୁ କାହିଁକି ?”

—“ଦେଖ ସମଦ୍, ତୁ ଚାରିଜଣଙ୍କର ଖୋରାକ ଖା କି ଆଠ ଜଣକର ଖୋରାକ ଖା, ମୋର ସେଥିରେ ହିଂସା କରିବାର

କୌଣସି କାରଣ ନାହିଁ । ତେବେ ମୋର ବକ୍ତବ୍ୟ ସମ୍ପୂର୍ଣ୍ଣ ନ ହେଉଣୁ ତୁ ଯେ ଏପରି ଜଳାତଙ୍କ ରୋଗୀ ପରି ଚିହିଁକି ଉଠୁଛୁ, ତୋର ଏହି ଅଭଦ୍ର ବ୍ୟବହାରରେ ମୋତେ ଦୁଃଖ ପ୍ରକାଶ କରିବାକୁ ପଡ଼ୁଛି ।"

ମ୍ୟାନେଜର କୃଷ୍ଣଚରଣ ସତ୍ପଥି ଆସନରୁ ରୁଲିଂ ଜାରି କଲେ—"ମାନ୍ୟବର ସମଦ୍ ଖାଁଙ୍କର ଏପରି ଅଧୈର୍ଯ୍ୟ ହେବା ବିଧେୟ ନୁହେଁ । ବିଧୁଭୂଷଣଙ୍କ ବକ୍ତବ୍ୟ ମଝିରେ ବାଧା ସୃଷ୍ଟି କରିବା ମଧ୍ୟ ଅନୁଚିତ ।"

ମି: ବରୁଣ ଦାସ ଟିପ୍ପଣୀ କାଟିଲେ—"Exactly" !

ସମଦ୍ ଖାଁ ଗିଲାସେ ସରବତ୍ ଖାଇ ସାରି ଭୂପେନ୍ଦ୍ରକୁମାରଙ୍କ ବିଛଣା ଉପରେ ପଦ୍ମାସନରେ ବସି କହିଲେ—"ଆଚ୍ଛା, କହିଲୁ ତେବେ, ତୋର ବକ୍ତବ୍ୟ କ'ଣ ?"

ବିଧୁଭୂଷଣଙ୍କର ମଙ୍ଗଳାଚରଣ ସୂତ୍ର ସେତେବେଳକୁ ବିଚ୍ଛିନ୍ନ ହୋଇ ସାରିଲାଣି । ସେ ବାରମ୍ବାର କଥା ମଝିରେ ବାଧାପାଇ ମନର ଉତ୍ସାହ ଓ ସାହସ ହରାଇ ସାରିଲେଣି । ବର୍ତ୍ତମାନ ସମଦ୍ ଖାଁଙ୍କର ବକ୍ତବ୍ୟ ଶୁଣିବା ଲାଗି ପ୍ରସ୍ତୁତ ହେବା ଦେଖି ସେ ଟିକିଏ ସଙ୍କୁଚିତ ହୋଇ ପଡ଼ିଲେ । ଅତମତ ଗଳାରେ ଢୋକ ଗିଳି ସେ କହିଲେ—"ନାହିଁ, ଆଉ ବକ୍ତବ୍ୟ କ'ଣ କି ? ଏହି ଧର ତୁ, ଭୂପ, ଆମ୍ଭା ସମସ୍ତେ ଏଣିକି ଦଣ୍ଡବୈଠକ ଆରମ୍ଭ କରି ଦେଲଣି । ତା ଫଳରେ ତୁମମାନଙ୍କର ଖୋରାକ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏଇ କେଇଦିନ ଭିତରେ ଭୂପର ଖାଇବା ମଧ୍ୟ ଦ୍ୱିଗୁଣ ବଢ଼ି ସାରିଛି । ଅବଶ୍ୟ ଆମ୍ଭାର ଖାଇବା ବିଶେଷ ବୃଦ୍ଧି ପାଇନାହିଁ......।"

ଏଥର ଭୂପେନ୍ଦ୍ରକୁମାର ବକ୍ତବ୍ୟ ମଝିରେ ବାଧା ସୃଷ୍ଟି କଲେ । କହିଲେ—"ନା, ଆନନ୍ଦଙ୍କ ଖୋରାକ ଉପରେ ଚୋର ନଜର ପଡ଼ିବ କିପରି ? ତାଙ୍କ ଖାଇବା ଉପରେ ଦୃଷ୍ଟି ହାଣିଲେ ତାଙ୍କର ଗାଁରୁ ଆସୁଥିବା ଚୂଡ଼ା ଆଉ ଘିଅର ଭାଗ ତୋତେ ମିଳିବ କିପରି ?"

"ନା, ଥରକୁ ଥର ମୋ କଥା ମଝିରେ ବାଧା ଦେଲେ ମୁଁ ଆଉ କିଛି କହିବି ନାହିଁ । ଆପଣ କୁହନ୍ତୁ ମି: ବରୁଣ ଦାସ !" ବିଧୁଭୂଷଣ ପ୍ରଚ୍ଛନ୍ନ କ୍ରୋଧ ଓ ବିରକ୍ତିରେ ନୀରବତା ଅବଲମ୍ବନ କଲେ ।

ମି: ବରୁଣ ଦାସ ଝଲକାଏ ସିଗାରେଟ ଧୂଆଁ ଛାଡ଼ି କହିଲେ —"Yes let we speak—ମି: ଖାଁ, ମି: କୁମାର ଆଣ୍ଡ ମି: ପ୍ରକାଶ ! ଆପଣମାନେ ଦିନକୁ ଟୁଆଇସ ଏକ୍ସାଇଜ କରିବା ପରିବର୍ତ୍ତେ ଫୋର ଟାଇମସ୍ କରନ୍ତୁ, ସେଥିରେ ଆମର ଅବ୍-ଜେକ୍ସନ କରିବାର କିଛି ନାହିଁ; But, one thing, ଆପଣ-ମାନେ ଏକ୍ସରସାଇଜ କରିବା ଫଳରେ ଆପଣମାନଙ୍କର ଖାଇବା କାପାସିଟି ବୃଦ୍ଧି ପାଉଛି, ଖୋରାକ ବଢ଼ିବା ସଙ୍ଗେ ସଙ୍ଗେ ମେସ୍‌ର ଖର୍ଚ୍ଚ ମଧ୍ୟ ଦିନକୁ ଦିନ, ଆଇ ମିନ ଗ୍ରାଜୁଏଲି ବଢ଼ି ଚାଲିଛି । ମେସ୍ ଖର୍ଚ୍ଚ ବଢ଼ିବା ସଙ୍ଗେ ସଙ୍ଗେ ଆମ୍ଭମାନଙ୍କର ଅସନ୍ତୋଷ ମଧ୍ୟ ବଢ଼ି ଚାଲିଛି । Am I true Mr. Krishr.a Charan !"

ମ୍ୟାନେଜର କୃଷ୍ଣଚରଣ ସମ୍ମତିସୂଚକ ମସ୍ତକ ସଞ୍ଚାଳନ କଲେ । ଛଅଫୁଟ ଉଚ୍ଚତା ବିଶିଷ୍ଟ ହୁସେନ୍ ଆଲମ କହିଲେ—"ଖାଣ୍ଟି ସଚ୍ଚା କଥା । ଦିନକୁ ଦିନ ଏମିତି ଖର୍ଚ୍ଚ ବଢ଼ି ଚାଲିଲେ ମୋତେ ବାଧ୍ୟ ହୋଇ ଅନ୍ୟ ମେସ୍ ତଲାସ କରିବାକୁ ପଡ଼ିବ ।

ଏଠାରେ ଯଦି ମେସ୍ ଖର୍ଚ୍ଚରେ ସମସ୍ତ ରୋଜଗାର ବ୍ୟୟ କରିବ ତା' ହେଲେ ଜୀବନରେ ସାଧ କରି ପାରିବ ନାହିଁ ।"

ମି. ବରୁଣ ଦାସ କହିଲେ—'Then just think over this matter. ଆପଣମାନେ ଏ ବିଷୟ ବିଚାର କରନ୍ତୁ । Excuse me, ଯଦି କିଛି ମନେ ନ କରନ୍ତି ତା ହେଲେ ଆପଣ-ମାନଙ୍କୁ ଗୋଟାଏ ସଜେସନ—ହଁ, ଗୋଟାଏ କଥା—ହଁ, ମିଃ କୃଷ୍ଣଚରଣ, ଆପଣ ସଜେସନଟା ସମ୍ବନ୍ଧରେ କହନ୍ତୁ ନା !"

ମ୍ୟାନେଜର କୃଷ୍ଣଚରଣ ଏହି ଅପ୍ରତ୍ୟାଶିତ ଆକ୍ରମଣରେ ଟିକିଏ ବିଚଳିତ ହୋଇ ପଡ଼ିଲେ । ମାତ୍ର ନିଜକୁ ସଂଯତକରି ସେ ଧୀର କୋମଳ କଣ୍ଠରେ କହିଲେ—ହଁ, ମୁଁ କହୁଛି । ପ୍ରଭୁଙ୍କ ଅପାର କୃପାରୁ ମୁଁ ଯେତେବେଳେ ଏ ବାଚେଲର୍ସ ମେସ୍‌ର ଦାୟିତ୍ୱ ମୁଣ୍ଡାଇଛି ତାହା ଉପଯୁକ୍ତ ଭାବରେ ନ ତୁଲାଇଲେ ମୋତେ ପାପ ପଙ୍କରେ ଆକଣ୍ଠ ନିମଗ୍ନ ହେବାକୁ ପଡ଼ିବ । ତେଣୁ ବାଚେଲରସ୍ ମେସ, ନିବାସୀ ଓ ମୋର ନିଜ ସ୍ୱାର୍ଥ ଦୃଷ୍ଟିରୁ ମୋତେ ଜଣାଇ ଦେବାକୁ ପଡ଼ୁଛି ଯେ ଭବିଷ୍ୟତରେ ସମଦର୍ଶୀ, ଭୂପେନ୍ଦ୍ର କୁମାର ଓ ଆନନ୍ଦପ୍ରକାଶଙ୍କୁ ମେସ୍ ଖର୍ଚ୍ଚ ଦ୍ୱିଗୁଣ ଦେବାକୁ ପଡ଼ିବ । ହୁଏତ ସେମାନେ ନିଜ ନିଜର ଖୋରାକ ସାଧାରଣ ସ୍ତରକୁ କମାଇ ଆଣନ୍ତୁ ନଚେତ ମେସ୍ ଖର୍ଚ୍ଚ ଡବଲ ଦିଅନ୍ତୁ ।"

ଏହି ଆକସ୍ମିକ ବଜ୍ରପାତରେ ଦାର୍ଶନିକ ଭୂପେନ୍ଦ୍ର କୁମାର ଓ କବି ଆନନ୍ଦ ପ୍ରକାଶ ମୂକ ପାଲଟି ଗଲେ । ଖାଲିପା ସମଦର୍ଶୀଙ୍କ ସ୍ୱାଗିରତ ହୋଇ ଟିକିଏ ସ୍ୱାସ୍ଥ୍ୟ ବଢ଼ାଇବାକୁ ସିନା ସେମାନେ ଆଶା କରିଥିଲେ, ମାତ୍ର ସ୍ୱାସ୍ଥ୍ୟ ବଢ଼ିବା ଫଳରେ ଯେ ମେସ ଖର୍ଚ୍ଚ ଦ୍ୱିଗୁଣ ଦେବାକୁ ପଡ଼ିବ ଏ କଳ୍ପନା ତ କରି

ନ ଥିଲେ । ତେଣୁ କବି ଓ ଦାର୍ଶନିକ ଏହି ସମ୍ଭ ଫଳରେ ପରସ୍ପରଙ୍କୁ କେବଳ ନୀରବ ବିସ୍ଫାରିତ ଦୃଷ୍ଟିରେ ଗୃହିଁ ରହିଲେ ।

ସମଦ୍ ଖାଁ ହୋ ହୋ ହୋଇ ହସି ଉଠିଲେ । କହିଲେ—“ଏଇ କଥା, ଏଇଥିପାଇଁ ଏତେ ବନ୍ଦନା, ମଙ୍ଗଳା ଚରଣ, ମୁଖବନ୍ଧ ! ! ଆମ୍ଭେମାନେ ନବରତ୍ନ ସମ୍ଭକୁ ମାନି ନେଲୁ । ତେବେ ମୋ ସହିତ ତୁଳନା କରି ଭୂପ ଓ ଆଦାକୁ ଡବଲ ଗୃର୍ଯ ଦିଆ ଗଲେ ଅନ୍ୟାୟ ହେବ । ଆମ ତିନିଜଣଙ୍କ ପାଇଁ ଛ’ଟା ମିଲର ଗୃର୍ଯ ନ ନେଇ ପାଞ୍ଚଟା ମିଲର ଗୃର୍ଯ ନେବା ବିଧେୟ । ସେ ଦୁହିଁଙ୍କର ଗୋଟାଏ ଅଧିକା ଗୃର୍ଯ ମୁଁ ବହନ କରିବାକୁ ରାଜି ଅଛି ।”

ସମଦ୍ ଖାଁଙ୍କଠାରୁ ଅଭୟ ବାଣୀ ଶୁଣି ଦାର୍ଶନିକ ଓ କବି ସ୍ୱସ୍ତିର ନିଃଶ୍ୱାସ ଗ୍ରଡ଼ିଲେ ।

---

## —ସାତ—

ସେଦିନ ସକାଳେ ନବରତ୍ନଙ୍କ ମଧ୍ୟରୁ ହୁସେନ ଆଲମ ବ୍ୟତୀତ ଅବଶିଷ୍ଟ ଅଷ୍ଟରତ୍ନ ଏକତ୍ର ବସି ଜଳଖିଆ ଖାଉଥିଲେ । ହୁସେନ ଆଲମ ସେତେବେଳେ ସୁଦ୍ଧା ଶଯ୍ୟା ଗ୍ରଡ଼ି ନଥିଲେ । ଗୃକିରିଆ ଲୋକ । ଦିନସାରା ଅଫିସରେ ହାଡ଼ଭଙ୍ଗା ଖଟଣୀ ଖଟି ରାତିରେ ଟିକିଏ ଗାଢ଼ ନିଦ୍ରାରେ ଶୋଇ ପଡ଼ନ୍ତି । ମଝିରେ ମଝିରେ ସେ ଏହିପରି ସକାଳ ଆଠଟା ପର୍ଯ୍ୟନ୍ତ ଶୋଇବାର ଅନ୍ୟାନ୍ୟ ରତ୍ନ ଲକ୍ଷ୍ୟ କରିଛନ୍ତି । ଆଠଟା ପରେ ଅରୁପା ଗୃକରାଣୀ ଘର ପରିଷ୍କାର କରିବା ଲାଗି ଯାଇଁ ଡକାହକା କଲେ ସେ ବିଛଣା ଗ୍ରଡ଼ି ଉଠନ୍ତି ।

ଆଜି ମଧ୍ୟ ହୁସେନ ଆଲମଙ୍କ ସକାଳ ଆଠଟା ପର୍ଯ୍ୟନ୍ତ ଶୋଇ ରହିବାରେ କୌଣସି ବିଶେଷତ୍ୱ ନ ଥିଲା । ଅଷ୍ଟରତ୍ନ ତାଙ୍କର ଅନୁପସ୍ଥିତି ଉପରେ ବିଶେଷ ଗୁରୁତ୍ୱ ଆରୋପ ନ କରି ଯୁଦ୍ଧ ସମାଚାର ସମ୍ବନ୍ଧରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଚା' ପାନ କରିବାରେ ଲିପ୍ତ ଥିଲେ । ମାତ୍ର ସହସା ଗୃହକର୍ତ୍ତ୍ରୀ ଅରୂପା ଆସି ଅଷ୍ଟରତ୍ନଙ୍କ ସମ୍ମୁଖରେ ହୁସେନ ଆଲମଙ୍କ ସମ୍ବନ୍ଧରେ ଏକ ଅଟମ ବୋମା ଫୁଟାଇ ସମସ୍ତଙ୍କୁ ବିସ୍ମୟାବିଭୂତ ତଥା ମୂକ କରି ଦେଲା । ଅରୂପା ଆସି ଅଷ୍ଟରତ୍ନଙ୍କୁ ଫିସ ଫିସ କଣ୍ଠରେ ଏକ ବିସ୍ମୟଜନକ ଗୋପନ ସମାଚାର ଦେଲା—'ଭାଇ ଗୋ, ମୋର ଗୁପ୍ତ ଭିତରଟା କାଣା କାଣା ହୋଇ ଯାଏଛି ଗୋ ! କେନ୍ତା କଥାଟାଏ ଆଜି ବଡ଼ି ସକାଳଟାରେ ମୁଇଁ ଦେଖିଲିଗୋ !

ବାଚେଲର୍ସ ମେସ୍‌ର ଗୃହକର୍ତ୍ତ୍ରୀ ଅରୂପାର ବାପଘର ଓ ଶାଶୁଘର ଉଭୟ ବଲାଙ୍ଗୀର ଜିଲ୍ଲାରେ ଥିଲା । ବଲାଙ୍ଗୀର ଜିଲ୍ଲାର କୌଣସି ଏକ ଅଖ୍ୟାତ ପଲ୍ଲୀରେ ସେ ପ୍ରାୟ ଷାଠିଏ ବର୍ଷ ତଳେ ଜନ୍ମଲାଭ କରିଥିଲା । ସେ ଯେତେବେଳେ ଅଷ୍ଟାଦଶ ବର୍ଷୀୟା ଯୁବତୀ ହେଲା ତା'ର ବାପ ମା' ନିକଟସ୍ଥ ଗୋଟିଏ ଗ୍ରାମର ଯୁବକ ଘୁଟୁ ତନ୍ତୀ ସହିତ କୋଡ଼ିଏ ଟଙ୍କା ବିନିମୟରେ ତାକୁ ବିବାହ ଦେଇଥିଲେ । ତାର ବାପ ମା' ଯେପରି ମୂଲ ମଜୁରି ଲାଗି ଦୁଃଖ ଧନ୍ଦା ଖଟି ଚଳୁଥିଲେ ସ୍ୱାମୀ ଘୁଟୁ ତନ୍ତି ମଧ୍ୟ ସେହିପରି ଠିକାଦାର ପାଖରେ କୁଲି କାମ କରି ପେଟ ପୋଷେ । ବିବାହ ହେବା ପୂର୍ବରୁ ବାପଘରେ ଥିଲାବେଳେ ଅରୂପା ମଧ୍ୟ ଠିକାଦାର ପାଖରେ ମଜୁରି ଖଟିଥିଲା । ମାତ୍ର ବିବାହ ହେବା ପରେ ପ୍ରାୟ ଗୋଟିଏ ବର୍ଷ ପର୍ଯ୍ୟନ୍ତ ଘୁଟୁ ତନ୍ତି ତାକୁ କାମ କରିବା ପାଇଁ ଛାଡ଼ି

ନ ଥିଲା । ତା' ପରେ ସେ ମଧ୍ୟ ସ୍ୱାମୀ ସହିତ ଯାଇଁ ଠିକାଦାର ପାଖରେ କାମ କଲା ।

ପ୍ରାୟ ଛ'ମାସ ପରେ ଦେଖାଗଲା ଯେ, ଅରୂପା ଠିକାଦାରର ଟ୍ରକ୍ ଡ୍ରାଇଭର ସୁନ୍ଦର ସିଂ ନାମକ ଏକ ଶିଖ ଯୁବକ ସହିତ ସମ୍ବଲପୁର ପଳାଇ ଯାଇଛି । ଦୀର୍ଘ ସାତବର୍ଷ ପର୍ଯ୍ୟନ୍ତ ସେ ସୁନ୍ଦର ସିଂ ସହିତ ଘର କରିଥିଲା ଆଉ ଗୋଟିଏ କନ୍ୟା ସନ୍ତାନର ମା' ହୋଇଥିଲା । ଝିଅଟିକୁ ଯେତେବେଳେ ପାଞ୍ଚବର୍ଷ ବୟସ, ପଞ୍ଜାବ ଦେଶରୁ ଆସିଥିବା ଏକ ଶିଖ ବ୍ୟବସାୟୀଙ୍କୁ ପାଞ୍ଚଶହ ଟଙ୍କା ବିନିମୟରେ ବାପ ସୁନ୍ଦର ସିଂ ତାକୁ ବିକିକରି ଦେଲା । ଠିକ୍ ତା'ର ଛଅମାସ ପରେ ସୁନ୍ଦର ସିଂ ଛତିଶଗଡ଼ର ଗୋଟିଏ ଯୁବତୀକୁ ଘରକୁ ଆଣିଲା ଆଉ ଅରୂପାକୁ ତା'ର ପ୍ରେମର ପ୍ରତିଦାନ ହାତ-ଗୋଡ଼ ଓ ଠେଙ୍ଗାରେ ଦେଇ ସାରି ଘରୁ ବାହାର କରି ଦେଲା ।

ତା' ପର ଇତିହାସ ଅତି ସାଧାରଣ । ଅରୂପା ତା' ପରେ ବହୁ ଦରଖ ଓ ଦୟାବନ୍ତଙ୍କ ହାତରେ ଗଡ଼ି ଗଡ଼ି ନାନା ଘାଟରୁ ପାଣି ପିଇ ଶେଷରେ ପଞ୍ଚାବନ ବର୍ଷ ବୟସରେ ଆସି କଟକ ସହରର ବାଚେଲର୍ସ ମେସରେ ଜୁଟିଛି । ସେ ବି ପ୍ରାୟ ପାଞ୍ଚବର୍ଷ ତଳର କଥା । ଅରୂପା ବୁଝିଛି ଯେ ଏହି ବିରାଟ ଦୁନିଆରେ ତା'ର ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟ ନାହିଁ, ଆହା କହିବାକୁ କେହି ତା'ର ଆତ୍ମୀୟ ନାହାନ୍ତି । ଦିନେ ତା'ର ସବୁ ଥିଲା—ଆଜି କିଛି ନାହିଁ । ଆଜି ସେ ସମ୍ପୂର୍ଣ୍ଣ ଏକାକିନୀ । ତେଣୁ ସେ ମେସ୍‌କୁ ନିଜର ଘର ପରି ପ୍ରାଣରୁ ବଳି ଭଲପାଏ । ଅତି ଆପଣାର ମନେକରି ମେସ୍‌ର ଓ ନବରତ୍ନ-ଙ୍କର ଯତ୍ନ କରେ । ସଭିଙ୍କୁ ସେ ଭାଇ ବୋଲି ଡାକେ । ସେ ନବରତ୍ନଙ୍କର ଆଦରର ଅଲିଅଳି ସାନ ଭଉଣୀଟିଏ । ମେସ୍‌ରୁ ସେ ଖୋରାକ ବ୍ୟତୀତ ମାସକୁ ନ'ଟଙ୍କା ବେତନ ପାଏ । ସେ ଟଙ୍କାରେ

ସେ ଶାଢ଼ୀ କଣେ, ବ୍ଲାଉଜ କଣେ, ସାବୁନ କଣେ । ତା'ର ନାଙ୍ଗ ଜୀବନର ସମସ୍ତ ଅତୃପ୍ତି, ସବୁ ଅପୂର୍ଣ୍ଣତା, ସେ ଆଜ ବୃଦ୍ଧାବସ୍ଥାରେ ନିଜର ଶିଥିଳ କଳେବରକୁ ଶାଢ଼ୀ ବ୍ଲାଉଜରେ ସଜାଇ ପାଶୋରି ଯିବାକୁ ଚେଷ୍ଟା କରେ ।

ସେଦିନ ଷାଠିଏ ବର୍ଷର ବୁଢ଼ୀ ଯୁବକରାଣୀ ପୁଣି ଗେହ୍ଲେଇ ହୋଇ ନବରତ୍ନଙ୍କୁ କହେ—"ହାଇ ଗୋ, ମୁଇଁ ଆସି ବୁଢ଼ୀଟାଏ ହେଲନ । ଆଉ କେଉଁଠାନ୍ ନାଇଁ ଯାବନ । ତୁମରମାନଙ୍କ ପାଖରେ ମରବା-ତକ୍ ଥିବନ । ମରିଗଲେ ମୋତେ ନଦୀରେ ଫୋପାଡ଼ ଦେବ ଗୋ !"

ନବରତ୍ନ ହୋ ହୋ ହୋଇ ହସି ଉଠନ୍ତି । ବଧୂ ଭୂଷଣ ପରିହାସ ଛଳରେ କହନ୍ତି—"ଆଲୋ ଅରୂପା, ତୁ ଏତେ ଶୀଘ୍ର ମରିଯିବୁ ନାହିଁ ମ ! ସୁନ୍ଦର ସିଂ ପତ୍ର ଚିଠି ଲେଖିଛି, ତତେ ଆସି ତା' ଘରକୁ ନେଇଯିବ ।"

ସୁନ୍ଦର ସିଂ କଥାରେ ବୁଢ଼ୀର କୋଟରଗତ ଆଖିକୋଣ ଛଳଛଳ ହୋଇଆସେ । ସଂସାରର ବନ୍ଧୁର ପଥରେ ସେ ବହୁ ଖାଲ ଢିପ ଅତିକ୍ରମ କରିଛି, କେତେ ଧନୀ ଦରିଦ୍ରଙ୍କ ହାତ ଓ ଗୁଣ୍ଡର ସ୍ପର୍ଶ ପାଇଛି । ମାତ୍ର ତା'ର ପ୍ରଥମ ଯୌବନର ରଙ୍ଗୀନ ଯୁଗରେ ପ୍ରେମିକ ସୁନ୍ଦର ସିଂ କଥା ସେ ଆଜଯାଏ ଭୁଲି ପାରିନାହିଁ । ସେ ଆଖି ଛଳଛଳ କରି କହେ—"ନାହିଁ ଗୋ, ସେ ଆଉ କେବେ ମୋର ପାଖେ ଆସିବ । ମୋତି ଆଉ କାଣା ଅଛି ଗୋ ? ବୟସ୍ ଅଛି ନା ରସ୍ ଅଛି··· ?"

ବାଚେଲର୍ସ ମେସ୍‌ର ଅନ୍ୟାନ୍ୟ ରତ୍ନ ଅରୂପାର କଥା ଶୁଣି ହୋ ହୋ ହୋଇ ହସି ଉଠିଲା ବେଳେ କବି ଆନନ୍ଦ ପ୍ରକାଶ ସେ ହସ କୋଳାହଳର ଭାଗ ନେଇ ପାରନ୍ତି ନାହିଁ । ସେ ଦାର୍ଶନିକ ଭୂପେନ୍ଦ୍ର କୁମାରଙ୍କୁ ସମ ବେଦନା ସିକ୍ତ କରୁଣ କଣ୍ଠରେ କହନ୍ତି—

"ନାରୀ ମନସ୍ତତ୍ତ୍ୱ ବଡ଼ ଅଦ୍ଭୁତ, ଭୂପେନ୍ଦ୍ର ବାବୁ ! ଯେଉଁ ସୁନ୍ଦର ସିଂ ଅରୂପାର ରଙ୍ଗୀନ ଯୌବନର ସମସ୍ତ ରସ ଚିପୁଡ଼ି ଆକଣ୍ଠ ପାନ କରି ସାରିବା ପରେ ଗୋଇଠା ମାରି ତଡ଼ି ଦେଇଛି, ତାଙ୍କୁ ସେ କେବେ କ୍ଷମା ଦେଇପାରି ଆଜି ସୁଦ୍ଧା ତା'ରି ପ୍ରତି ଅନୁରକ୍ତା ରହିଛି । ବଡ଼ ବିଚିତ୍ର ସ୍ୱଭାବ ଏହି ନାରୀ ଜାତିଟାର ।"

ନବରତ୍ନଙ୍କ ଆଦରର ସାନ ଭଉଣୀ, ସେହି ବିଚିତ୍ର ସ୍ୱଭାବ-ସମ୍ପନ୍ନ ମେସ୍‌ର ସ୍ୱାମିନୀ ଓ ଗୃହିଣୀ ଅରୂପା ଆଜି ସକାଳେ ଫିସ୍ ଫିସ୍ କଣ୍ଠରେ କହିଲା—"ଭାଇ ଗୋ, ମୋର ସ୍ମୃତି ଭିତରଟା କାଣ କାଣା ହୋଇ ଯାଉଛି ! କେନ୍ତା କଥାଟାଏ ଦେଖିଲି ଗୋ··· !"

ଅଷ୍ଟରତ୍ନ ଏକାଥରେ ଗଭୀର ବିସ୍ମୟରେ ଚମକି ଉଠିଲେ । ସୁଜିତ ସଇତ ନିହାତି ଅପ୍ରସ୍ତୁତ ଅବସ୍ଥାରେ ଥିବାରୁ ହଠାତ୍ ଚମକି ପଡ଼ିବା ଫଳରେ ତାଙ୍କ ହାତରୁ କପ୍‌ଟା ତଳେ ପଡ଼ି ଶତଧା ବିଚୂର୍ଣ୍ଣ ହେଲା । ଭୂପେନ୍ଦ୍ର କୁମାର ଖଣ୍ଡେ ପରୋଟା ଆଉ ମେଞ୍ଚାଏ ସନ୍ତୁଳା ମୁହଁରେ ପୂରାଇ ଚର୍ବଣ କରୁଥିଲେ । ଗଭୀର ବିସ୍ମୟ ଓ ହଠାତ୍ ଚମକ ଫଳରେ ସେ ତାହା ଗଳାଧଃକରଣ କରିବାର ଅବସର ପାଇଲେ ନାହିଁ; ଅର୍ଦ୍ଧ ଚର୍ବିତାବସ୍ଥାରେ ପାଟି ଆଁ କରି ବିସ୍ମିତ ବିସ୍ଫାରିତ ସ୍ଥିର ଦୃଷ୍ଟିରେ ଅରୂପାକୁ ଚାହିଁ ରହିଲେ । ବିଧୁଭୂଷଣ କହିଲେ—"କ'ଣ କଲେ ଅରୂପା ! ପୁଣି କ'ଣ ସେହି କଳାଭୂଆଁ ବିରାଡ଼ିଟାକୁ ଦେଖି ଉଠିଲୁ କି ?"

ସୁଦୟ ଶଙ୍କର ପାଣି ପିଇ ସାରି କହିଲେ—"ନାହିଁ, ବୋଧହୁଏ ଏ ପୂଝାରୀ ଟୋକା ପୁଣି ମୁହଁରେ କଳାବୋଳି ତାଙ୍କୁ ଗତ ରାତିରେ ଡରାଇଛି ।"

ଅରୂପା ଅନୁଚ୍ଚ ସ୍ୱରରେ କଥାକୁ ଲମ୍ବାଇ କହିଲା—"ନାଇନ ଭାଇ, ସେ ମୋତେ ଡରାଇ ନାହିଁନ ।"

—"ତା'ହେଲେ ବୁଝାଗଲା । ସେହି କଳାଭୂଆ ବସନ୍ତକୁ ପୁଣି ଦେଖିଛୁ ।" ବଧୂଭୂଷଣ ନିଶ୍ଚିନ୍ତ କଣ୍ଠରେ ଦୃଢ଼ତା ଆଣି କହିଲେ ।

—"ହାଇଁ ଗୋ ଭାଇ, ଚିହ୍ନି ନାଇଁ ନ; ଟୁକ୍‌ଲି ଗୋ ଟୁକ୍‌ଲି —ଜଣେ ଯବାନ ଝିଅଲାଟା ଗୋ !"

ସହସା ହିରୋସିମା ଉପରେ ଅଟମ ବୋମା ପଡ଼ିଲା । ଅଷ୍ଟରତ୍ନ ଏକାଥରେ ବିସ୍ମିତ କଣ୍ଠରେ ଅରୂପା କଥାର ପୁନରାବୃତ୍ତି କଲେ—"କଣ କହିଲୁ ? ଜଣେ ଯବାନ ଝିଅଲା !"

—"ହଁ ଗୋ ଭାଇ, ଯବାନ ଝିଅଲାଟା ବଡ଼ି ସକାଲ୍‌ଟାରେ ଏହି ହୁସେନ ଭାଇ ଘରୁ ବାହାରି ଚାଲିଗଲା । ତୁମେମାନେ ତ ଆପଣା ଆପଣା ଘରେ ସବୁଁ ଶୋଇଥିଲେ । ମୁଁ ଉଠି ଗାଧୁଆ ଘରକୁ ବାହାରିଛି । କାଣା କହିବ ଗୋ ଭାଇ, ହୁସେନ୍ ଭାଇ ଘର ଦରଜାଟା ଖୋଲି ଝିଅଲାଟା ଚୁପ୍ତେ ଚୁପ୍ତେ . ବାହାରି ଗଲା । ଏତ୍ତା କଥାଟା ଦେଖିଲାବେଳୁଁ ମୋର ଗୁଣ୍ଡିଟା କାଣା କାଣା ହୁଏ ଯାଉଛ ଗୋ !"

ଅରୂପାର ବିସ୍ମୟ ବିମୂଢ଼ ଅବସ୍ଥା, ଶଙ୍କିତ ଚାହାଣୀ ଆଉ ଫିସ୍ ଫିସ୍ କଣ୍ଠରେ କଥା କହିବା ଭଙ୍ଗୀ ଦେଖିଲେ, ସେ ଯେ ବାସ୍ତବିକ୍ ଭୟ କରୁଛି, ଅନୁମାନ କରିବା ବିଶେଷ କଷ୍ଟ ସାଧ୍ୟ ନୁହେଁ । କାରଣ ଅରୂପାର କଥା ଶୁଣି ସେତେବେଳକୁ ନବରତ୍ନଙ୍କ ଅବସ୍ଥା ନିହାତି ଶୋଚନୀୟ । ସମସ୍ତେ ପ୍ରାୟ ଅଚେତନ ହୋଇ ଚଟାଣକର ଶୋଇବା ଉପରେ । କାହାରି ମୁହଁରୁ ଆଉ କଥାଟି ଫିଟୁ ନାହିଁ । ସୁଜିତ ଗଜୁଚ ଗାଧୁଆ ଘରକୁ ଦୌଡ଼ିଲେଣି । ତେବେ ସମୟ ଖାଁ ଟିକିଏ ଗୁଣ୍ଡ ଦମ୍ଭିଲା ମଣିଷ । ସେହି ପ୍ରଥମେ ମାଉନତା ଭଙ୍ଗ କରି ପଚାରିଲେ, "ଆଲୋ ଅରୂପା, ସେ ଝିଅଲାଟା କିଏ ଚିହ୍ନିଛୁ ?"

—"ନାଇଁ ନ ଖାଇ, ଚାହିଁ ନାହିଁ ପାରିଲି । ଜାଙ୍ଗ୍‌ଲୁ ଜାଙ୍ଗ୍‌ଲୁ ଗାଉ ଥିଲି । ଆଉ ଭିତରଙ୍କଟା ଶାଢ଼ୀରେ ମୁହଁ ଲୁଚାଇ ଘୁଣ୍ଟେ ଘୁଣ୍ଟେ ପଳାଇ ଗଲାନ ।"

ବଧୂଭୂଷଣ ପାଟି କରି ଉଠିଲେ—"ଓ, ବାବୁଙ୍କର ଭିତରେ ଭିତ୍ତରେ ତା'ହେଲେ ଏହି କୀର୍ତ୍ତି ଚାଲିଛି । ଏଇଥିପାଇଁ ରାତି ଜାଗ୍ରତ ରହି ସକାଳେ ବିଛଣା ଛାଡ଼ିବାକୁ ବାବୁଙ୍କର ନ'ଟା ବାଜି ଯାଉଛି ପରା !"

ସୁଦୟୁ ଶଙ୍କର ମୁରୁକି ହସି କହିଲେ—"ବାଃ, ବଡ଼ ମଜାର କଥା ! ଆମ ମେସ୍‌ଟା ତା'ହେଲେ କ୍ରମେ କ୍ରମେ ମିଳନ-କୁଞ୍ଜରେ ପରିଣତ ହେଉଛି । ଏଥର ଆମକୁ ସବୁ ଲଳିତା, ବିଶାଖାଙ୍କ ପାର୍ଟ ଅଭିନୟ କରିବାକୁ ପଡ଼ିବ ।"

କବି ଆନନ୍ଦ ପ୍ରକାଶ ଭାବ ଗଦ୍‌ଗଦ୍ କଣ୍ଠରେ ଚକ୍ଷୁ ଅର୍ଦ୍ଧ ଉନ୍ମୀଳନ କରି କହିଲେ—"ଧନ୍ୟ ! ଧନ୍ୟ ତୁ ଅନନ୍ତ ନିବାସ, ଆଇ ମିନ୍ ବ୍ୟାଚେଲରସ ମେସ୍ ! ତୋର ଭାଗ୍ୟରେ ଭଗବାନ ସୁଧାକଳସ ଢାଳିଛନ୍ତି । କେତେ ଜନ୍ମର ତପସ୍ୟା ଫଳରେ, କେଉଁ ସୁକୃତି ବଳରେ ତୁ ଆଜି ଅଭିସାରିକାର ଶଙ୍କିତ ପଦ ସ୍ପର୍ଶରେ ମହାନ ପବିତ୍ର ହେଲୁ । ତା'ର ଧୀରୁ କୋମଳ ଚରଣ ସ୍ପର୍ଶ ତଥା ମିଳନ—ପୁଲକିତ ଦୀର୍ଘଶ୍ୱାସରେ ତୁ ଧନ୍ୟ ହେବା ସଙ୍ଗେ ସଙ୍ଗେ ତୋ କୋଳରେ ବସା ବାନ୍ଧିଥିବା ନବରତ୍ନଙ୍କୁ ମଧ୍ୟ ଧନ୍ୟ କଲୁ ।"

ଦାର୍ଶନିକ ଭୂପେନ୍ଦ୍ର କୁମାର କହିଲେ—"ବାସ୍ତବିକ୍ ମଣିଷ ଜୀବନରେ ଏହା ଗୋଟାଏ ମାହେନ୍ଦ୍ର ଲଗ୍ନ, ଯେତେବେଳେ ଦୁଇଟି ଆତ୍ମା ମିଳନ ଆଶାରେ ଉନ୍ମୁଖ ହୋଇ ଉଠନ୍ତି, ଜୀବନରେ ଇପ୍ସିତ ମିଳନ ବିବିଧ ରୂପରେ ଘଟିଥାଏ । ପ୍ରଥମତଃ ସ୍ଥୂଳ ରୂପ — ଅର୍ଥାତ୍, ଇନ୍ଦ୍ରିୟ ସର୍ବସ୍ୱ ଜଡ଼ ଶରୀର···।"

ସମଦ ଖାଁ ସହସା ଭୂପେନ୍ଦ୍ର କୁମାରଙ୍କ ଦର୍ଶନ ଚର୍ଚ୍ଚା ମଝିରେ ବାଧା ଦେଇ ଖୋଷଣ ଗର୍ଜନ କରି ଉଠିଲେ—"ଶଳା, ଇନ୍ଦ୍ରିୟ ସର୍ବସ୍ୱ ଜଡ଼ ଶରୀରକୁ ଚୋର ଲୁଙ୍ଗି ଆଉ ଗେଞ୍ଜିରେ ଘୋଡ଼ାଇ ରଖ । ଏମାର ବେସରମ ପରି ଦେଖେଇ ହୋ ନାହିଁ । ଶଳାଏ ଗୁଡ଼ି ଧନ ଖାଲି ପ୍ରେମ ଆଉ ମିଳନର ସପନ ଦେଖୁଛନ୍ତି । ଯେତେ ସବୁ ବେସରମ ନା ମରଦ ! ଆବେ, ମିଳନ କରିବ ତ, କ'ଣ ଏହି ମେସ୍ ଭିତରେ କରିବ ? ଗୁଣ ଡ୍ରାଇଭରର ମୂଳିଆ କାଉଁଶ ଠେଙ୍ଗା କଥା ଭୂଲି ଗଲଣି ? ପୁଣି ଗୋଟାଏ କେଲେଙ୍କାରୀ କରି ମେସର ନାଁ ପକାଇବାକୁ କ'ଣ ସଉକ୍ ହେଲାଣି ?"

ଏଥର ସମଦ ଖାଁ କଥାରେ ସମସ୍ତେ ପୁଣି ଥରେ ଚମକି ଉଠିଲେ । ଗୁଣ ଡାଇଭରର ମୂଳିଆ କାଉଁଶ ଠେଙ୍ଗା କଥା ସହଜରେ ଭୁଲିଯିବାର ନୁହେଁ । ସୁଜିତ ରାଉତଙ୍କୁ ଗାଧୁଆ ଘର ଛଲବ ଦେଖାଇବାରୁ ସେ ଆତ୍ମସଂଯମ କରି ଯୋଗଯୁକ୍ତ ହୋଇ ବସି ରହିଲେ । ଅନାଗତ ଆଶଙ୍କାରେ ନବରତ୍ନଙ୍କ ବଦନ ମଣ୍ଡଳ ବିବର୍ଣ୍ଣ ମଳିନ ହୋଇ ଉଠିଲା । ମ୍ୟାନେଜର କୃଷ୍ଣଚରଣ କହିଲେ —"ପ୍ରଭୁଙ୍କର ଅପାର କୃପା । ସମଦ ଖାଁଙ୍କ କଣ୍ଠରେ ସେ ନିଜର ମୂଲ୍ୟବାନ ବାଣୀ ପ୍ରକାଶ କଲେ । ପୁଣି ଗୋଟାଏ ନିଶ୍ଚିତ ବିପଦ ମୁଖରୁ ଉଦ୍ଧାର ପାଇବା ଲାଗି ଉପାୟ କରିବାକୁ ସେ ଯଥା ସମୟରେ ଆମକୁ ସତର୍କ କରାଇ ଦେଲେ । ପ୍ରଭୁ ତାଙ୍କର ମଙ୍ଗଳ ବିଧାନ କରନ୍ତୁ ।"

ବିଧୁଭୂଷଣ ପଚାରିଲେ—"ତୋର ବକ୍ତବ୍ୟ କ'ଣ କହିଲୁ ସମଦ ! ଏ ବିପଦରୁ କିପରି ଉଦ୍ଧାର ପାଇବା ତା'ର ଉପାୟ କହ ।"

ସମଦ୍ ଖାଁ ମୃଦୁଗମ୍ଭୀର ଗମ୍ଭୀର କଣ୍ଠରେ କହିଲେ—"ପ୍ରଥମେ ହୁସେନ ଆଲମ ଘରକୁ ଚାଲ । ତା'ଠୁ ଆଗ କଥାଟା ସାଫ ସାଫ

ବୁଝିଲେ ଯାଇଁ ଗୋଟାଏ କଛି ଉପାୟ କରାଯିବ । ଶଳା, ଯେତେ ସବୁ ଆସିକ୍, ଦିବାନା, ସବୁ ଆସି ଏହି ମେସ୍‌ରେ ଜୁଟିଲେ । ଶେଷକୁ ବାଚେଲରସ୍ ମେସକୁ ପାଗଲଖାନା ବନାଇ ଛାଡ଼ିବେ । ଶଳା—।"

ଖାଲିପା ସମଦ୍ ଖାଁଙ୍କ ନେତୃତ୍ୱରେ ସମସ୍ତ ଚିହ୍ନ ଗାର ଦର୍ପରେ ଯାଇଁ ହୁସେନ ଆଲମଙ୍କ ଭଣ୍ଡାର ଘରେ ପ୍ରବେଶ କଲେ । ବେଚାରା ହୁସେନ ଆଲମ ରାତି ସାରା ନିଦ୍ରାହୀନ ଅବସ୍ଥାରେ କଟାଇ ସକାଳର ହାଲୁକା ଓ ଥଣ୍ଡା ପବନରେ ଗାଢ଼ ନିଦ୍ରାରେ ନିମଗ୍ନ ଅଛନ୍ତି । ଦୀର୍ଘ ନିର୍ଯାତିତ, ଅନାଦୃତ ଓ ଅବହେଳିତ ଭଙ୍ଗୀରେ ଶାୟିତ କୋମଳ ଶଯ୍ୟାଟି ଉପରେ କେତୋଟି ବିବର୍ଣ୍ଣ ବାସୀଫୁଲ ଓ ନାଗ କେଶର ସ୍ଖଳିତ ଦୁଇଟି କଣ୍ଢା ପଡି ରହିଛି । ସପ୍ତଜନଙ୍କ ସପ୍ତଯୁଗଳ ପଦଧ୍ୱନିରେ ହୁସେନ ଆଲମଙ୍କର ଚେତନା ଫେରିଲା ନାହିଁ । ବିଛଣା, ତକିଆ ଆଉ ହୁସେନ ଆଲମଙ୍କ ଗୁଣ୍ଫୁଟର ଶରୀରଟି ବାସୋଗର ସତା ଅନ୍ତରରେ ଭୁରୁ ଭୁରୁ ହେଉଥାଏ । ସମଦ୍ ଖାଁଙ୍କର ଏସବୁ ଦୃଶ୍ୟ ଦେଖିବା ପରେ ଆଉ ଧୈର୍ଯ୍ୟ ନ ଥିଲା । ସେ ହୁସେନ ଆଲମଙ୍କୁ ଜୋରରେ ହଲାଇ ଦେଇ କହିଲେ— "କ୍ୟା ମିଆଁ ସାହେବ, ଆପ କ୍ୟା ଦିନକୋଭି ଶୋତେ ହେଁ ?"

ଏହି ଅପ୍ରତ୍ୟାଶିତ ବିଷମ ଧକ୍କାରେ ହୁସେନ ଆଲମ ଧଡ଼ପଡ଼ ହେଇ ଉଠି ବସିଲେ । ନିଜ ଶଯ୍ୟା ପାଖରେ ମେସର ସମସ୍ତ ଚିହ୍ନଙ୍କୁ ଦେଖି ବିସ୍ମୟ ବିମୂଢ଼ ପାଲଟି ଗଲେ । ବିସ୍ମିତ କଣ୍ଠରେ ପଚାରିଲେ—"କ୍ୟା ବାତ ! ଆପଣମାନେ ସମସ୍ତେ ଆସି ଏଠାରେ ରୁଣ୍ଡ ହେଇଛନ୍ତି କାହିଁକି ?"

ବିଧୂଭୂଷଣ ନିର୍ଦ୍ଦୟ କଣ୍ଠରେ କୌଣସି ଭୂମିକା ନ କରି ସିଧା ସଳଖ ପଚାରି ବସିଲେ—"ଆମେମାନେ ଜାଣିବାକୁ

ଆସିଛନ୍ତି ଯେ, ଆଜ ସକାଳେ ଯେଉଁ ସ୍ତ୍ରୀ ଲୋକଟି ଆପଣଙ୍କ ଘରୁ ବାହାରି ଗଲେ, ସେ କିଏ ସେ ?"

—"ଆଉ ସେ କାହିଁକି ରାତିରେ ଏଠାରେ ଥିଲେ ?" ସୁଦୟ ଶଙ୍କର କହିଲେ ।

"Exactly now come forward ! କଥାଟା ପରିଷ୍କାର କରି କହିବାକୁ ପଡ଼ିବ ।" ସାହେବ କରୁଣ ଦାସ କହିଲେ ।

ଏକାଥରେ ଚତୁର୍ଦ୍ଦିଗରୁ ଏପରି ଅପ୍ରତ୍ୟାଶିତ ଆକ୍ରମଣରେ ଯେ କୌଣସି ବ୍ୟକ୍ତି ବିବ୍ରତ ବିଚଳିତ ହୋଇ ପଡ଼ିବା ସ୍ୱାଭାବିକ । ମାତ୍ର ଆଶ୍ଚର୍ଯ୍ୟର କଥା, ଏହି ସବୁ ଅପ୍ରତ୍ୟାଶିତ ପ୍ରଶ୍ନବାଣରେ ହୁସେନ ଆଲମ ଲେଶମାତ୍ର ସଙ୍କୁଚିତ ହେଲେ ନାହିଁ । ସେ ମୁରୁକି ହସି ନିର୍ଲିପ୍ତ, ଅବିଚଳିତ କଣ୍ଠରେ କହିଲେ—"ତୋବା ତୋବା, ଆଜିର ଦିନରେ ଆପଣମାନେ ସମସ୍ତେ ମୋର ପ୍ରେମିକାକୁ ଦେଖି ପକାଇଲେ ? ବଡ଼ ମଜାର କଥାତ ! କଥାଟା ଯେତେବେଳେ ଜାଣି ସାରିଲେଣି, ଆଉ ଲୁଚାଇ ଫାଇଦା ନାହିଁ । କହୁଛି ଶୁଣନ୍ତୁ । ସେ ଭଦ୍ରଲୋକଟି ଏଇ ଜମାଲ ଉଦ୍ଦିନ ମିଆଁଙ୍କର ଓ୍ୱାଇଫ୍ ନଂ: ଥ୍ରୀ । ଅର୍ଥାତ୍ ତାଙ୍କର ତୃତୀୟ ପକ୍ଷ ସ୍ତ୍ରୀ । ଆଉ ସେ କାହିଁକି ରାତିରେ ଏଠାରେ ଥିଲେ, ତାହା ଅନ୍ଦାଜ କରିବାର ଉମର ଆପଣମାନଙ୍କର ଆସି ସରିଛି ।"

ବିସ୍ମିତ ଶଙ୍କିତ କଣ୍ଠରେ ଏକାଥରେ ନବଚନ୍ଦ୍ର ମିଳିତ ଚିତ୍କାର କରି ଉଠିଲେ—"ମିଆଁ ଜମାଲ ଉଦ୍ଦିନଙ୍କ ତୃତୀୟ ପକ୍ଷର ସ୍ତ୍ରୀ ! ! ସେ ପୁଣି ଆସି ବାଚେଲରସ୍ ମେସରେ ନବଚନ୍ଦ୍ର ମେଳରେ ରାତି କଟାଉଛନ୍ତି ! କି' ଭୟଙ୍କର କଥା ! !"

ମିଆଁ ଜମାଲ ଉଦ୍ଦିନ ସହରର ଜଣେ ବିଖ୍ୟାତ ବ୍ୟବସାୟୀ ଓ ଲକ୍ଷପତି । ଦେଶର ବିଖ୍ୟାତ ବିଖ୍ୟାତ ସ୍ଥାନରେ ତାଙ୍କର

ଚମଡ଼ା ଗୋଦାମମାନ ରହିଛି । ଲକ୍ଷ ଲକ୍ଷ ଟଙ୍କାର କାରବାର । ଓଡ଼ିଶାରେ ଏପରି କେହି ଜଣେ ମିଳିବେ ନାହିଁ ଯେ କି ଲକ୍ଷପତି ଜମାଲଉଦ୍ଦିନ୍‌ଙ୍କ ନାମ ଶୁଣି ନାହାନ୍ତି । ଭଉଖିଆ ଗଳିରେ ବାଚେଲର୍ସ ମେସ୍‌କୁ ଲାଗି ତାଙ୍କର ପ୍ରାସାଦୋପମ ବିରାଟ ଦ୍ୱିତଳ ଅଟ୍ଟାଳିକା ବିରାଜମାନ । ତାଙ୍କ କୋଠାର ପଛପାଖ ଦରଜା ଆଉ ମେସ୍‌ର ସଦର ଦରଜା ମଧ୍ୟରେ ପ୍ରାୟ କୋଡ଼ିଏ ହାତର ଦୂରତ୍ୱ ରହିଛି । ମିଆଁ ସାହେବଙ୍କର ବୟସ ବର୍ତ୍ତମାନ ବୋଧହୁଏ ଷାଠିଏ ହେବ । କଳା ମୁଗୁନି ପଥରର ବିରାଟ ବିଶାଳକାୟ ଚେହେରା । ମିଆଁଏ ବଡ଼ ଧର୍ମପରାୟଣ ବ୍ୟକ୍ତି । ଭୋଜନ, ଶୟନ, ପାନ ଇତ୍ୟାଦି ସମସ୍ତ ଦୈନନ୍ଦିନ କାର୍ଯ୍ୟ ସେ ଶାସ୍ତ୍ରାନୁମୋଦିତ ନିୟମ ମାନି କରନ୍ତି । ଦିନ ଭିତରେ ପ୍ରାୟ ଦଶଥର ନମାଜ ପାଠ କରନ୍ତି । ସେ ଚାରିଗୋଟି ଯୁବତୀଙ୍କର ପାଣିଗ୍ରହଣ କରିଛନ୍ତି । ପଚିଶ ବର୍ଷ ବୟସରେ ସେ ପ୍ରଥମ ସ୍ତ୍ରୀଙ୍କୁ ବିବାହ କଲେ । ପଇଁତିରିଶ ବର୍ଷରେ ଦ୍ୱିତୀୟ ସ୍ତ୍ରୀଙ୍କ ପାଣିଗ୍ରହଣ କଲେ । ପଇଁଚାଳିଶି ବର୍ଷରେ ତୃତୀୟ ସ୍ତ୍ରୀଙ୍କ ପାଣିଧାରଣ ଓ ପଞ୍ଚାବନ ବର୍ଷରେ ଚତୁର୍ଥ ସ୍ତ୍ରୀଙ୍କ ପାଣିପୀଡ଼ନ କଲେ । କହିବା ବାହୁଲ୍ୟ ଯେ, ସମସ୍ତ ସ୍ତ୍ରୀ ଜୀବିତ ଅଛନ୍ତି । ପ୍ରଥମ ଓ ଦ୍ୱିତୀୟ ସ୍ତ୍ରୀ ତାଙ୍କୁ ତେରଟି ସନ୍ତାନ ଦାନ କରିଛନ୍ତି । ଶେଷ ଦୁଇଟି ଯୁବତୀଙ୍କର ଆଜି ସୁଦ୍ଧା କୌଣସି ସନ୍ତାନ ହୋଇନାହିଁ । ଗତ ପନ୍ଦରବର୍ଷ ଭିତରେ ତିନି ଝିଅ ଓ ଗୋଟିଏ ପୁଅ ବିବାହ କରି ସାରି କାଖରେ କୋଳରେ ପିଲା ଧରିଲେଣି । ସେହି ଲକ୍ଷପତିଙ୍କ ତୃତୀୟପକ୍ଷ ଯୁବତୀ ସ୍ତ୍ରୀ 'ପର୍ଦ୍ଦାନସିନା, ପ୍ରାସାଦ ବିହାରିଣୀ ଅସୂର୍ଯ୍ୟମ୍ପଶ୍ୟା ପ୍ରତ୍ୟହ ବାଚେଲର୍ସ ମେସ୍‌ରେ ଆସି ରାତ୍ରି ଯାପନ କରନ୍ତି, ଏ କଥା କିଏ ବିଶ୍ୱାସ କରିବ ? ସେ ପୁଣି ଅନୂଢ଼ ନବରତ୍ନଙ୍କ ମଧ୍ୟରେ ଛଅଫୁଟ ଉଚ୍ଚତା ଓ ଅଠେଇଶ ଇଞ୍ଚ

ଗୁଣ୍ଡ ବଶିଷ୍ଟ ହୁସେନ୍ ଆଲମ୍ ଘରେ ! ଏହାଠାରୁ ହାସ୍ୟକର ଓ ବିସ୍ମୟକର କଥା ବୋଧହୁଏ ସଂସାରରେ ଆଜଯାଏ ଘଟିନାହିଁ ।

ସେ ଯାହାହେଉ, ନବରତ୍ନଙ୍କ ଆଶଙ୍କା ଜନିତ ଦପ୍ ଦପ୍ ଗୁଣ୍ଡ, ହିଂସା ଜନିତ କମ୍ପିତ ହୃଦୟ ତଥା ବିସ୍ମୟ ଜନିତ ବିସ୍ଫାରିତ ନେତ୍ର ସମ୍ମୁଖରେ ସମଦ୍ ଖାଁ ସହସା ଗମ୍ଭୀର ମାଇବତା ଭଙ୍ଗ କରି ଧୀର ଅଥଚ ଦୃଢ଼ କଣ୍ଠରେ କହିଲେ—"ମିଆଁ ସାହେବ, ଆପ୍‌କା ମୋହବତ୍ କୋ ହାମ୍ ସବ୍ ବଧେଇ କର୍‌ତେ ହୈ । ମଗର୍ ମେହେର୍‌ବାନ କର୍‌କେ ଏଇସା ମୋହବତ୍ ଇସ୍ ମେସ୍‌କା କୋନେମେ ଆଇନ୍ଦା ମତ୍ କରିଏ । ଇସେ ଆପ୍‌କା ଜାନ୍, ସାଥ୍ ସାଥ୍ ହାମ୍ ସଭିକା ଜାନ୍ ଖତ୍‌ରାକା ମୁକାବିଲା କରେଗା ।"

ମ୍ୟାନେଜର କୃଷ୍ଣଚରଣ ତାଙ୍କର ରୁଲିଂ ଜାରିକଲେ—"ଶୁଣନ୍ତୁ ଆଲମ ସାହେବ, ଏପରି ପରକୀୟା ପ୍ରୀତି ଏ ଅନୁଢ଼ ନିବାସରେ ଚଳିବ ନାହିଁ । ଆପଣ ଅନ୍ୟ ମେସ୍ ବନ୍ଦୋବସ୍ତ କରନ୍ତୁ । ଆପଣଙ୍କୁ ସାତ ଦିନ ସମୟ ଦିଆଗଲା ।"

ହୁସେନ୍ ଆଲମ ନିର୍ଲିପ୍ତ କଣ୍ଠରେ କହିଲେ—"ମୁଁ ଆଜ ଯାଉଛି ।"

ନବରତ୍ନ ମୂକ ନିର୍ବୋଧ ସମ ହୁସେନ୍ ଆଲମଙ୍କୁ ଗୁହିଁ ରହିଲେ । ହୁସେନ୍ କହିଲେ—"ମୋର ବେଆଦବ ଲାଗି ମୁଁ ଆପଣଙ୍କୁ ମାଫି ମାଗୁଛି । ସତରେ ମୁଁ ଆଜ ଗାଁକୁ ଯାଉଛି । ମୋର ସାଦିର ସମସ୍ତ ବନ୍ଦୋବସ୍ତ ହୋଇ ସାରିଛି । ଖାଲି ମୋର ଯିବାକୁ ସେମାନେ ଅପେକ୍ଷା କରୁଛନ୍ତି । ଆଲମଗୁନ୍ଦ ବଜାରରେ ଗୋଟିଏ ଘର ଠିକ୍ କରିଛି । ସ୍ତ୍ରୀକୁ ସଙ୍ଗରେ ଆଣି ସେଇଠି ରହିବି । ଜମାଲ ଉଦ୍ଦିନଙ୍କ ତହଶୀଲୁ ପଞ୍ଚ ସହିତ ଆଜି ମୋର ବିବାହ ଉଚ୍ଚା ଥିଲା । ସେଇଥିପାଇଁ ଆଜ ତା'ର ଲେଉଟିବାରେ

ଟିକଏ ଡେରି ହେଲା, ଯାହାଫଳରେ ଆଜ ସେ ଆପଣମାନଙ୍କ ପାଖରେ ଧରା ପଡ଼ିଗଲା ।" ହୁସେନ ଆଲମ୍ ଅଳସ ଭଙ୍ଗି, ଗୋଟାଏ ହାଇ ମାରି ନବୀନ ଉତ୍ସାହରେ ପୁଷ୍ଟାସ୍ମ ଟୋକାକୁ କପେ ଚା' ଦେବାକୁ ଡାକ ଛାଡ଼ିଲେ ।

---

## —ଆଠ—

କୌଣସି ଗୋଟାଏ ପର୍ବ ଉପଲକ୍ଷେ ସେଦିନ କଲେଜ ବନ୍ଦ ଥିଲା । ମାତ୍ର ଅଫିସ ଓ ବଜାର ଯଥାରୀତି ଖୋଲାଥିଲା । ତେଣୁ ମଧ୍ୟାହ୍ନ ଭୋଜନ ପରେ ମେସ୍‌ର ବୃକସ୍ଥାଖାବା ରତ୍ନଗଣ ନିଜ ନିଜର କାର୍ଯ୍ୟାଳୟକୁ ଯଥାସମୟରେ ଗମନ କଲେ । ସମଦ୍ ଖାଁ ନିଜର ବସ୍ତ୍ର ଦୋକାନ ଫିଟାଇବାକୁ ଚାଲିଗଲେ । ବିଧୁଭୂଷଣ ତାଙ୍କର କାଉ ଖୁମ୍ପା ପିଆ ଖାଇସାରି ଅଳସ ମଧ୍ୟାହ୍ନଟା ଟିକଏ ରସ-ମଧୁର ଭଙ୍ଗୀରେ ଯାପନ କରିବା ଉଦ୍ଦେଶ୍ୟରେ କୌଣସି ଗ୍ରାମସ୍ଥ ବାନ୍ଧବୀଙ୍କ ଘରକୁ ବାହାରି ଗଲେଣି । ମେସ୍‌ରେ କେବଳ କବି, ଦାର୍ଶନିକ ଆଉ ସଙ୍ଗୀତ ପ୍ରେମୀ ତିନୋଟି ପ୍ରତିଭାସମ୍ପନ୍ନ ରତ୍ନ ରହି ଯାଇଥିଲେ ।

କୂଅ ମୂଳରେ ବସି ଚାକରାଣୀ ଅରୂପା ମଧ୍ୟାହ୍ନର ଉଚ୍ଛିଷ୍ଟ ବାସନ ଧୌତ କରୁଛି । ପୁଷ୍ଟାସ୍ମ ଟୋକା ଅନନ୍ତର ଦେହ ମନରେ ନୂଆ ଦକ୍ଷିଣା ପବନ ବାଜିବାକୁ ଆରମ୍ଭ କରିଛି । ତେଣୁ ସେ ପିଆ ପିଆ ସାରି କାସୀ ଲୁଗା ଆଉ କମିଜ ପିନ୍ଧି, ଯତ୍ନ ସହିତ କେଶ ବିନ୍ୟାସ କରି ବଡ଼ ଟାଣୁ ଟାଣୁ ଖଣ୍ଡିଏ ଦେଇ ନିକଟରେ

ସ୍ୱଳପର ସମାଜରେ ଘୂରି ବୁଲୁଛନ୍ତି । କବି ଆନନ୍ଦ ପ୍ରକାଶ ନିଜ ବିଛଣାରେ ଶୋଇ ଶୋଇ ଠାକୁରଙ୍କର ଏକ ପ୍ରଣୟ କବିତା ଆବୃତ୍ତି କରି ଦାର୍ଶନିକ ଭୂପେନ୍ଦ୍ର କୁମାରଙ୍କୁ ଶୁଣାଉଛନ୍ତି । ସହସା ବୈଶାଖର ପ୍ରଚଣ୍ଡ ଝଡ଼ ପରି ସଙ୍ଗୀତ ପ୍ରେମୀ, ଦ୍ୱିତୀୟ ବାର୍ଷିକ ଛାତ୍ର ତଥା ମେସର ଜଣେ ବିଶିଷ୍ଟ ରତ୍ନ ସୁଦୟ ଶଙ୍କର ସେ କୋଠରୀରେ ପ୍ରବେଶ କଲେ । କବି ଓ ଦାର୍ଶନିକ ଥରେ ଅନ୍ୟ ମନସ୍କ ଭାବରେ ତାଙ୍କ ପ୍ରତି ଦୃଷ୍ଟିପାତ କରି ପୁଣି ପୂର୍ବ ପରି ରବିଠାକୁରଙ୍କ କବିତା ରାଜ୍ୟରେ ପ୍ରବେଶ କଲେ । ଆନନ୍ଦ ପ୍ରକାଶ ପୁଣି କବିତାଟିର ଗୋଟିଏ ପଂକ୍ତି ଶେଷ କରିବା ପୂର୍ବରୁ ସୁଦୟ ଶଙ୍କରଙ୍କ କାତର କଣ୍ଠ ଧ୍ୱନି ମଝିରେ ପ୍ରତିବନ୍ଧକ ସୃଷ୍ଟି କଲା । ସେ ବଡ଼ କାତର ବିଚଳିତ କଣ୍ଠରେ କହିଲେ—"କବି, ଦାର୍ଶନିକ, ମୁଁ ଏକ ମହା ବିପଦର ସମ୍ମୁଖୀନ ହୋଇଛି । ମୋର ମସ୍ତିଷ୍କର କାର୍ଯ୍ୟକାରୀ ଶକ୍ତି ଲୋପ ପାଇ ଯାଇଛି । ମୁଁ ବୋଧହୁଏ ଉନ୍ମାଦ ହୋଇ ଉଠିବି । ମୋତେ ଏ ଜଟିଳ ପରିସ୍ଥିତିରୁ ଉଦ୍ଧାର ପାଇବାର ପଥ ପ୍ରଦର୍ଶନ କରନ୍ତୁ...।"

ଆନନ୍ଦ ପ୍ରକାଶ ଓ ଭୂପେନ୍ଦ୍ର କୁମାର ଉଭୟେ ବିସ୍ମୟ ବିସ୍ଫାରିତ ଜିଜ୍ଞାସୁ ଦୃଷ୍ଟିରେ ସୁଦୟ ଶଙ୍କରଙ୍କୁ ଚାହିଁ ରହିଲେ । ସଙ୍ଗୀତ ଶିଳ୍ପୀ, ସରଳ ହୃଦୟ ଏହି ନବୀନ ତରୁଣଙ୍କ ପ୍ରଳାପର ଲେଶମାତ୍ର ବୁଝିବା ଉଭୟଙ୍କ ପକ୍ଷରେ ନିହାତି କଷ୍ଟକର କଥା । ସୁଦୟ ଶଙ୍କରଙ୍କ ଆଖିର ଚାହାଣି ସଜଳ ଛଳଛଳ ଓ କରୁଣ ସିକ୍ତ ହୋଇ ଉଠିଛି । ଶୁଷ୍କ ବିବର୍ଣ୍ଣ ଅଧର କ୍ଷଣେ କ୍ଷଣେ କମ୍ପି ଉଠୁଛି । ଅନ୍ତରର ଉତ୍ତେଜନା ଓ ଅଧୈର୍ଯ୍ୟ ଫଳରେ ତାଙ୍କର ସୁଗୌର ବଦନ ମଣ୍ଡଳ ପାଟଳ ବର୍ଣ୍ଣ ଧାରଣ କରିଛି । କ୍ଷଣକୁ କ୍ଷଣ ନାସା ପୁଡ଼ା ଫୁଲାଇ ବୁକୁଫଟା ଦୀର୍ଘ ନିଶ୍ୱାସ ନିର୍ଗତ ହୋଇ କୋଠରୀର

ବାପୁ ମଣ୍ଡଳକୁ ଉଦ୍ଭ୍ରାନ୍ତ ଓ ଉଦ୍‌ବ୍ୟସ୍ତ କଲଣି । ତାଙ୍କର ଏପରି ଅସଂଯତ ବେଶଭୂଷା ଓ ବୈରାଗ୍ୟର ପୂର୍ବ ଲକ୍ଷଣ ଦର୍ଶନରେ କବି ଆନନ୍ଦ ପ୍ରକାଶ ବିସ୍ମୟ ଶଙ୍କିତ କଣ୍ଠରେ ପଚାରିଲେ—"ବସ, ବାଣୀ କୁମାର, ସେ ଚୌକିଟାରେ ବସ । ତୁମେ ବଡ଼ ବିଚଳିତ ହୃଦୟ ଓ ଅସ୍ଥିର ଚଞ୍ଚଳ ମାନସ ଧରି ଏଠାକୁ ଆସିଛ ବୋଲି ମନେ ହେଉଛି । ତୁମେ କିପରି ଓ କେଉଁ ଧରଣର ବିପଦର ସମ୍ମୁଖୀନ ହୋଇଛ, ପ୍ରଥମେ ପରିଷ୍କାର କରି କୁହ । ଏପରି ଅଧୈର୍ଯ୍ୟ ହୁଅ ନାହିଁ ।"

ସୁଦୟ ଶଙ୍କର ନଥକରି ପାଖ ଚୌକିରେ ବସି ପଡ଼ି ନିଜ ମଥାର କେଶ ଛିଣ୍ଡାଉ ଛିଣ୍ଡାଉ କହିଲେ—"ହଁ କବି, ସବୁକଥା ଆପଣମାନଙ୍କ ସମ୍ମୁଖରେ କହିବି; ମୂଳରୁ ଶେଷଯାଏ ସବୁକଥା ପରିଷ୍କାର କରି କହିବି; କୌଣସି କଥା ଗୋପନ କରିବାକୁ ଚେଷ୍ଟା କରିବି ନାହିଁ । କାରଣ କଥାଟା ଗୋପନ କରି ରଖିବାର ସମୟ ଅତିବାହିତ ହୋଇ ସାରିଲଣି । ତା' ଛଡ଼ା ସବୁକଥା ଖୋଲିଖୋଲି ଭାବରେ ଆପଣମାନଙ୍କ ଆଗରେ ପ୍ରକାଶ ନ କଲେ ଏ ବିପଦରୁ ଉଦ୍ଧାର ପାଇବାର ଉପାୟ ଗଢ଼ା ଯାଇ ପାରିବ ନାହିଁ । ତେଣୁ ମୁଁ ସବୁ କଥା କହିବା ପୂର୍ବରୁ ଆପଣମାନେ ପ୍ରଥମେ ଏ ଚିଠାଉଟି ପାଠ କରନ୍ତୁ ।"

ସୁଦୟ ଶଙ୍କର ତାଙ୍କର ଗୁପ୍ତ ପକେଟରୁ ଖଣ୍ଡିଏ ଚିଠି ବାହାର କରି ବଡ଼ ସାବଧାନତା ସହିତ ଆନନ୍ଦ ପ୍ରକାଶଙ୍କ ହାତକୁ ବଢ଼ାଇ ଦେଲେ । ସେହି ଅଗୁରୁ ସିକ୍ତ, ଲତାକୁଞ୍ଜ ଅଙ୍କିତ ବିଚିତ୍ର ଗୋଲାପି କାଗଜର ଚିଠିଟି ଖୋଲି କବି ଅନୁଚସ୍ୱରରେ ଭୂପେନ୍ଦ୍ର କୁମାରଙ୍କୁ ଶୁଣାଇ ଶୁଣାଇ ପାଠ କଲେ—

"ମୋର ତିର ଜନମର କାମନା,

ଏହି ଚିଠିଟି ଲେଖିବାକୁ ବସି ଆଜ ଆଉ ମୋର ଅଶ୍ରୁର ପଥରୋଧ କରିପାରୁ ନାହିଁ—ତାହା ଅବିରାମ ଧାରାରେ ବହି ଯାଉଛି । ମୋର ଅନ୍ତର ତଳେ ଦାବାନଳ ଦାଉ ଦାଉ ହୋଇ ଜଳୁଛି । ଆଉ ଅଳ୍ପକାଳ ପରେ ତୁମର ଆଦରର ଧନ ମୋର ଏହି ସୁନାର ଅଙ୍ଗ ପଲ୍ଲବ ସେହି ପ୍ରଖର ଅଗ୍ନି ତାପରେ ଭସ୍ମ ହୋଇଯିବ । ମୋର ଗୁପ୍ତ ଭିତରର ଦୁର୍ବିସହ ଜ୍ୱାଳା ମୁଁ ଭାଷାରେ ପ୍ରକାଶ କରି ପାରୁ ନାହିଁ ।

ମୋର ବିବାହର ସମସ୍ତ ଆୟୋଜନ ପିତାମାତା କରି ସାରିଲେଣି । ଆଉ ମାତ୍ର ଦଶଦିନ ବାକି ରହିଲା । ସେମାନେ ଜାଣିବେ କିପରି ଯେ, ମୋର ବିବାହ ବହୁ ଦିନ ତଳେ ଫାଲ୍‌ଗୁନର ଏକ ଚନ୍ଦ୍ରିକା ସୁରଭିତ ମଧୁର ରଜନୀରେ ହୋଇ ସାରିଛି ବୋଲି । ସେମାନେ ଜାଣିବେ କିପରି ଯେ ମୋର ପ୍ରାଣ, ମନ, ଦେହ ସବୁ ମୁଁ ବହୁ ଦିନରୁ ତୁମରି ଚରଣ ତଳେ ସମର୍ପି ଦେଇଛି ବୋଲି । ତେଣୁ ସେମାନେ ଅସୀମ ଉତ୍ସାହରେ ମୋର ବିବାହ ଆୟୋ-ଜନରେ ଲାଗି ପଡ଼ିଛନ୍ତି ।

ହେ ମୋର ଚିର ଜନମର ଦେବତା, ତୁମ ଛଡ଼ା ମୋତେ ଏ ଘୋର ବିପଦ ସାଗରୁ ଆଉ କିଏ ଉଦ୍ଧାର କରିବ ? କିଏ ଆଉ ମୋର ଅଶ୍ରୁସିକ୍ତ ଗଣ୍ଡରେ ଚୁମ୍ବନ ଆଙ୍କି ଦେଇ ମୋର ମନ ପ୍ରାଣରେ ସିହ୍ରାଇ ସୃଷ୍ଟି କରିବ ? କିଏ ମୋତେ ଆଉ ସଂସାରର ଏ ବିଭତ୍ସ ଅନ୍ଧକାର ଭିତରେ ଜ୍ୟୋତିର ସନ୍ଧାନ ଦେବ ? ତେଣୁ ଏହି ବିବାହ-ପୂର୍ବରୁ ମୋର ମରଣ ଶ୍ରେୟସ୍କର ।

ହେ ମୋର ଜନ୍ମ ଜନ୍ମାନ୍ତରର ସାଥି, ମୋର ନିଶ୍ଚିତ ମରଣ ପୂର୍ବରୁ ଆଜ ଏହି ବିଦାୟ ଲଗ୍ନରେ ଗୋଟାଏ ମହା ସତ୍ୟ ବାଣୀ ତୁମକୁ କହିଯାଉଛି । ଏହି ବିରାଟ ଦୁନିଆ ଭିତରେ ମୁଁ ତୁମ ଛଡ଼ା

ବିଶ୍ୱାସ କାହାରିକୁ ଭଲ ପାଇ ପାରିବ ନାହିଁ—ତୁମ ଛଡ଼ା ଅନ୍ୟ କାହାରିକୁ ବିବାହ କରି ପାରିବ ନାହିଁ । ତେଣୁ ଅଶୋକ ବନରେ ବନ୍ଦିନୀ ସୀତା ଦେବୀ ରାମଭକ୍ତ ହନୁମାନ ଜରିଆରେ ତାଙ୍କୁ ଉଦ୍ଧାର କରିବା ଲାଗି ରାମଚନ୍ଦ୍ରଙ୍କୁ କାତର ପ୍ରାର୍ଥନା କଲାପରି, ପିତାମାତାଙ୍କ ଗୃହରେ ବନ୍ଦିନୀ ତୁମର ପ୍ରାଣର ଉମା ଆଜି ତୁମ ଭକ୍ତ ଅରୁଣା ଜରିଆରେ ତାଙ୍କୁ ଉଦ୍ଧାର କରିବା ଲାଗି କାତର ପ୍ରାର୍ଥନା କରୁଛି । ତୁମେ ଦକ୍ଷିଣର ସ୍ୱୈର ମଳୟ ପରି ଲୁଚି ଲୁଚି ଆସି ମୋତେ ଏହି କାରାଗାରରୁ ମୁକ୍ତ କରି, ନଚେତ ବିବାହ ଲଗ୍ନ ପରେ ତୁମର ଆଦରର ଉମା ଏ ଇହ ସଂସାରରୁ ମୁକ୍ତି ପାଇ ସାରିଥିବ ।" ଇତି

ହତଭାଗିନୀ—ଉମା

କବି ଆନନ୍ଦ ପ୍ରକାଶ ଏହି ବିରହ କାତରବାଣୀ ସମ୍ବଳିତ ଦୀର୍ଘ ପତ୍ରଟି ପାଠ କରି ସାରି ସୁଦୟ ଶଙ୍କରଙ୍କୁ ବିସ୍ମୟ ବିସ୍ଫାରିତ ଦୃଷ୍ଟିରେ ଚାହିଁ ରହିଲେ । ସେତେବେଳକୁ ସୁଦୟ ଶଙ୍କରଙ୍କର ବାହ୍ୟ ଚେତନା ନ ଥିଲା । ସେ ଚକ୍ଷୁ ମୁଦ୍ରିତ କରି ଅର୍ଦ୍ଧଚେତନ ଅବସ୍ଥାରେ ନିର୍ଜୀବ ଜଡ଼ ପରି ଚୌକିଟିରେ ବସି ରହିଥିଲେ । ଦୁଇ ଆଖିରୁ ଦୁଇଧାର ଲୋତକ ଶ୍ରାବଣର ବାରିଧାରା ପରି ଅବିରାମ ଗତିରେ ବହି ଛାତି ପାଖର ଲାଲ ଗେଞ୍ଜିଟିକୁ ଅର୍ଦ୍ଧସିକ୍ତ କଲାଣି । ଛାତିର ପିଞ୍ଜରା ଥରାଇ ମୁହୁର୍ମୁହୁ ଗଭୀର ଦୀର୍ଘ ନିଶ୍ୱାସ ଛୁଟି କୋଠରୀଟିର ପରିସ୍ଥିତିକୁ ନିତାନ୍ତ ନିଦାରୁଣ ତଥା ଅସହନୀୟ କରି ତୋଳୁଥାଏ । ଲେଖକଙ୍କର ଏହି ଶୋଚନୀୟ ଅବସ୍ଥା ଦେଖି କବି ଆନନ୍ଦ ପ୍ରକାଶଙ୍କର ଛାତି ତଳୁ ମଧ୍ୟ ତୁହାକୁ ତୁହା କୋହ ଉଠି ଆସିବାର ଉପକ୍ରମ ହେଲାଣି ।

ବହୁକ୍ଷଣ ପରେ ଦାର୍ଶନିକ ଭୂପେନ୍ଦ୍ରକୁମାର ଏହି ନିଦାରୁଣ ନୀରବତା ଭଙ୍ଗ କରି ଧୀର କୋମଳ କଣ୍ଠରେ ପଚାରିଲେ—"ହଁ,

ଚଠିଟି ପଡ଼ି ଜଣ୍ଟି ବୁଝ଼ା ପଡ଼ିଲା । ଏଥର ତୁମେ ସବୁକଥା ମୂଳରୁ ଅରେ କୁହ । ଘଟଣାଟା ସମ୍ବନ୍ଧରେ ସମସ୍ତ କଥା ଆମୂଳଚୂଳ ଶୁଣିଲାପରେ ପରିସ୍ଥିତିଟାର ବିଚାର କରାଯିବ ।"

ଏଥର ସୁଦୟ ଶଙ୍କର ଆଖି ଫିଟାଇ ଅଟରେ ସଜଳ ଉଲଉଲ ଦୃଷ୍ଟିରେ ଭୂପେନ୍ଦ୍ରକୁମାରଙ୍କୁ ଚାହିଁଲେ । ବୁକୁଫଟା ତପ୍ତ ଦୀର୍ଘ ନିଶ୍ୱାସଟାଏ ଛାଡ଼ି କହିଲେ—"ହଁ, କହୁଛି, ଶୁଣନ୍ତୁ । ଆପଣମାନେ ବୋଧହୁଏ ମଧୁସୂଦନ ରାଉତରାୟଙ୍କ ଏକମାତ୍ର କନ୍ୟା ଉମାକୁ ଚିହ୍ନନ୍ତି—"

ମଧୁସୂଦନ ବାବୁ ଭଗ୍ନିଖିଆ ଗଳିର ଜଣେ ସ୍ୱନାମ ଧନ୍ୟ ବିଖ୍ୟାତ ବାସିନ୍ଦା । ସେ ଜଣେ ଅଫିସର ଗ୍ରେଡ଼ର କର୍ମଚାରୀ । ମାସିକ ସାତଶହ ଟଙ୍କା ବେତନ ପାଆନ୍ତି । ମେସ୍‌କୁ ଲାଗି ଭଗ୍ନିଖିଆ ଗଳିରେ ସେ ଏକ ବିରାଟ ଅଟ୍ଟାଳିକା ନିର୍ମାଣ କରି ଏକମାତ୍ର କନ୍ୟା ଓ ପତ୍ନୀଙ୍କୁ ଧରି ବାସ କରନ୍ତି । ଉମା ତାଙ୍କର କେବଳ ଏକମାତ୍ର କନ୍ୟା ନୁହନ୍ତି । ଏକମାତ୍ର ସନ୍ତାନ ମଧ୍ୟ । ଭଦ୍ର-ବ୍ୟକ୍ତିଙ୍କର ଆଉ କୌଣସି ସନ୍ତାନ ସନ୍ତତି ନାହାନ୍ତି । ମଧୁସୂଦନବାବୁ ବେଶ ଶାନ୍ତ ସରଳ ଅମାୟିକ ଭଦ୍ରବ୍ୟକ୍ତି । ତାଙ୍କ ପତ୍ନୀ ମଧ୍ୟ ସ୍ୱାମୀଙ୍କର ସ୍ୱଭାବ ଧରି ତାଙ୍କର ସଂସାର ତୁଲାଉଛନ୍ତି ।

ଭୂପେନ୍ଦ୍ର କୁମାର କହିଲେ—ମଧୁସୂଦନବାବୁଙ୍କ ସହିତ ବାଟନିକ ପରିଚୟ ନ ଥିଲେ ସୁଦ୍ଧା ଚାକ୍ଷୁସ ପରିଚୟ ଅଛି । ମାତ୍ର ଉମାଦେବୀଙ୍କୁ ଚିହ୍ନିଲାପରି ସ୍ମରଣ ଆସୁନାହିଁ ।"

—"ଉମା ତାଙ୍କର ଏକମାତ୍ର ଆଦରର କନ୍ୟା—ବାଳିକା ବିଦ୍ୟାଳୟରେ ଦଶମଶ୍ରେଣୀରେ ଅଧ୍ୟୟନ କରେ । ତାର ମା'ପରି ସେ ମଧ୍ୟ ଦେଖିବାକୁ ଅନିନ୍ଦ୍ୟ ସୁନ୍ଦରୀ ଆଉ ବଡ଼ ଶାନ୍ତ ସରଳ ନିର୍ଦ୍ଦୋଷ ପ୍ରକୃତିର । ସ୍କୁଲକୁ ଯିବା ଆସିବା ପଥରେ ଆପଣମାନେ ମଧ୍ୟ ତାକୁ ବହୁଥର ଦେଖିଛନ୍ତି ।"

ଆନନ୍ଦ ପ୍ରକାଶ ମହା ଉତ୍ସାହରେ ଚିତ୍କାର କରି ଉଠିଲେ—"ଆରେ, ହଁ, ହଁ। ଝିଅଟିକୁ ମୁଁ ତ ଅନେକଥର ଦେଖିଛି। ପ୍ରତ୍ୟହ ବଗିଗାଡ଼ିରେ ସ୍କୁଲକୁ ଯିବା ଆସିବା କରନ୍ତି। ଆଖିରେ ଚଷମା ପିନ୍ଧନ୍ତି। ପାଦତଳକୁ ଦୃଷ୍ଟି ରଖି ପଥ ଚାଲନ୍ତି। ଆରେ ସେତ ନିତାନ୍ତ ବାଳିକା ବୟସର ଝିଅଟିଏ। ବାସ୍ତବିକ୍ ତାଙ୍କର ଆକୃତି ପ୍ରକୃତିରୁ ବୁଝାପଡ଼େ ଯେ ସେ ବଡ଼ ଶାନ୍ତ ଓ ସରଳ ସ୍ୱଭାବର ବାଳିକା। ସଂସାରର କୌଣସି ଆବିଳତା ତାଙ୍କୁ ସ୍ପର୍ଶ କରି ପାରିନାହିଁ ବୋଲି ମନେ ହୁଏ। ମାତ୍ର ସେ ମଧ୍ୟ ଭିତରେ ଭିତରେ···!"

—"ଆପଣ ଠିକ୍ ଚିହ୍ନିଛନ୍ତି କବି। ସେ ନିତାନ୍ତ ଶାନ୍ତ, ସରଳ ସ୍ୱଭାବ ସମ୍ପନ୍ନା ବାଳିକାଟିଏ—ସଂସାରର ଏତେ ଟିକିଏ ଆବିଳତା ତାଙ୍କର ପୁଷ୍ପପରି ପବିତ୍ର କୋମଳ ହୃଦୟକୁ ସ୍ପର୍ଶ କରି ପାରିନାହିଁ। ସେ ମୋତେ ପ୍ରାଣରୁ ବଳି ଭଲପାଏ। ତେଣୁ ଏ ବିବାହ ଆୟୋଜନରେ ତା'ର ଅସମ୍ମତି ଜ୍ଞାପନ ସ୍ୱାଭାବିକ। ତା'ର ଇଚ୍ଛା ବିରୁଦ୍ଧରେ ପିତା, ମାତା ତାଙ୍କୁ ସେହି ଅପରିଚିତ ଯୁବକ ସହିତ ବିବାହ ବନ୍ଧନରେ ଛନ୍ଦି ଦେଲେ ସେ ଯେ ନିଶ୍ଚୟ ଦ୍ୱିତଳ ଅଟ୍ଟାଳିକାରୁ ଲମ୍ଫ ପ୍ରଦାନ କରି ଆତ୍ମହତ୍ୟା କରିବ, ଏଥିରେ ସନ୍ଦେହର ଲେଶ ନାହିଁ। ହାୟ, ହାୟ, ମୁଁ କି ମହା ବିପଦରେ ପଡ଼ିଲି! ଶେଷରେ ମୋରି ପ୍ରେମ ଲାଗି ମୋର ପ୍ରାଣର ମାନସୀ ଆତ୍ମାହୁତି ଦେବ, ଏହା ମୁଁ ଜୀବନ ଧରି ସହିବି କିପରି? ଭଗବାନ୍, ମୋତେ ଏ ବିପଦରୁ ଉଦ୍ଧାର କର—ମୋତେ ପଥ ଦେଖାଇ ଦିଅ। ପ୍ରଭୁ ହେ!"

ସୁଦୟ ଶଙ୍କର ମୁହୁର୍ମୁହୁ ଦୀର୍ଘଶ୍ୱାସ ଛାଡ଼ିବାକୁ ଲାଗିଲେ। ଆନନ୍ଦଶଙ୍କର ଓ ଭୁପେନ୍ଦ୍ର କୁମାର ତାଙ୍କର ଏପରି ଶୋଚନୀୟ ବିଚଳିତ ଅବସ୍ଥା ଦେଖି ଓ ହା'ହୁତାଶମୟ ପ୍ରଳାପ ଶୁଣି ମନେ

ମନେ ବଡ଼ ଶଙ୍କିତ ହୋଇ ଉଠିଲେ । ବୋଧହୁଏ ନେକଟା ହାର୍ଟ-ଫେଲ କରି ମରିଯିବ ! ଭୂପେନ୍ଦ୍ର କୁମାର ସମବେଦନା ଓ ଆଶ୍ୱାସନା—ଆର୍ଦ୍ର ବାଣୀ ଶୁଣାଇଲେ—"ଆହା କି ଗଭୀର ବେଦନାଦାୟକ ଘଟଣା । ଏପରି ପବିତ୍ର ଓ ବାସ୍ତବ ପ୍ରେମ ଏ ଯୁଗରେ ବିରଳ । ତେବେ ସୁଦୟ ଶଙ୍କର, ତୁମେ ଏପରି ବିଚଳିତ ହୁଅ ନାହିଁ । ଟିକିଏ ଧୈର୍ଯ୍ୟ ଧର । ଧୀର ପାଣି ପଥର କାଟେ । ଯାହା କିଛି କରିବା କଥା ସବୁ ଧୀରେ ସୁସ୍ଥେ କରାଯିବ । ତୁମ ଦୁହିଁଙ୍କ ପ୍ରେମର ଗଭୀରତା ତଉଲ କରିବା ମୂଳରେ ଆଜି ଗୋଟିଏ ସାଧାରଣ କୌତୂହଳପ୍ରଦ ପ୍ରଶ୍ନ ଉଠୁଛି ଯେ, ତୁମେ ଉଭୟେ ପରସ୍ପରର ସଂସ୍ପର୍ଶରେ କିପରି ଆସିଲ ?"

—"ଓ, ସେଥିପାଇଁ ଆମ ଉଭୟଙ୍କୁ ଦୀର୍ଘ ସମୟ ଧରି ସାଧନା-ମାର୍ଗରେ ନିରବଚ୍ଛିନ୍ନ ଗତି କରିବାକୁ ପଡ଼ିଛି । ପ୍ରାୟ ଛ' ମାସ ପୂର୍ବରୁ ମୁଁ ନିୟମିତ ଭାବରେ ତାଙ୍କର ବଗିଚାଡ଼ ପଛରେ ସାଇକେଲ ଛୁଟାଇଛି । କେତେଦିନ ପରେ ମୁଁ ଲକ୍ଷ୍ୟ କଲି ଯେ, ତାଙ୍କର ପଦ୍ମଜଳ ନିବିଡ଼ ଦୃଷ୍ଟି କ୍ରମେ ମୋ ପ୍ରତି ସଞ୍ଚାଳିତ ହେଉଛି । ତା'ପରେ ଆଖିରେ ଆଖିରେ ବହୁଦିନ କଥାବାର୍ତ୍ତା ହୋଇଛି । କ୍ରମେ ହାସ୍ୟ, ଶିହରଣ, ଲଜ୍ଜା, ସଙ୍କୋଚ ଇତ୍ୟାଦି ଅନୁରାଗର ପୂର୍ବ ଲକ୍ଷଣମାନ ପରସ୍ପରଠାରେ ପ୍ରକାଶିତ ହୋଇଛି । ତେବେ ସତ କହିବାକୁ ଗଲେ, ଆମ ପ୍ରେମ ମୂଳରେ ଅରୂପାର ନିସ୍ୱାର୍ଥପର ମୂଲ୍ୟବାନ ସହାୟତା ବିଶେଷ ଉଲ୍ଲେଖଯୋଗ୍ୟ । ଆମ ପ୍ରେମସୌଧ ମୂଳରେ ଅରୂପାହିଁ ସୁଦୃଢ଼ ଭିତ୍ତି ।"

କବି ଓ ଦାର୍ଶନିକ ଏକାଥରେ ଗମ୍ଭୀର ବିସ୍ମିତ କଣ୍ଠରେ ଚିତ୍କାର କରି ଉଠିଲେ—"ଆମ ମେସର ବୃଦ୍ଧା ରୁକ୍ଷକରଣୀ ଅରୂପା !"

ସୁନ୍ଦର ସଙ୍ଗିନୀ ମାନସୀ ଅରୂପା ଏହି ପବିତ୍ର ପ୍ରେମ ମୂଳରେ ଦୂତିକାର ଅଂଶ ଗ୍ରହଣ କରିଛି !"

—"ହଁ, ଅରୂପାହିଁ ଆମ ପ୍ରେମ ଓ ମିଳନ ମୂଳରେ ସର୍ବସ୍ୱ । ତା'ର ନିସ୍ୱାର୍ଥପର ସହାୟତା ନ ମିଳିଥିଲେ ମୋର ମାନସ-ପ୍ରତିମା ଉମା ସହିତ ମିଳନ ଘଟିବା ଅସମ୍ଭବ ହୋଇଥାଆନ୍ତା । ସେହି ଆମ ପ୍ରେମ ମୂଳରେ ଦୂତିକା ଓ ମିଳନ ମୂଳରେ ପ୍ରହରିକା କାର୍ଯ୍ୟ ସୁଷ୍ଠୁରୂପେ ସମ୍ପୂର୍ଣ୍ଣ କରିଛି । ଆପଣମାନେ ବୋଧହୁଏ ଜାଣନ୍ତି ନାହିଁ ଯେ, ଅରୂପା ପ୍ରାୟ ନିୟମିତ ଦ୍ୱିପ୍ରହର ସମୟରେ ଉମା ଘରକୁ ବୁଲିବାକୁ ଯାଏ । ଉମାକୁ ମଝିରେ ମଝିରେ ଏକାକିନୀ ପାଇ ତା' ସହିତ ରହସ୍ୟାଳାପ କରେ । ସେହି ସୂତ୍ରରେ ଉମା ଅରୂପା ଜରିଆରେ ମୋର ସଙ୍ଗୀତ କଳା ଓ ଅନ୍ୟାନ୍ୟ ଗୁଣ ସମ୍ବନ୍ଧରେ ଶୁଣି ମୋ ପ୍ରତି ମୁଗ୍‌ଧା ଓ ଅନୁରକ୍ତା ହୋଇ ପଡ଼ିଲା । ଅବଶ୍ୟ ମୋର ପ୍ରତିଭା ସମ୍ବନ୍ଧରେ ଟିକିଏ ଅଧିକ ମନୋହାରୀ ପ୍ରଚାର ଚଳାଇବା ପାଇଁ ତାକୁ ଯଥୋଚିତ ନିର୍ଦ୍ଦେଶ ଦିଆଯାଇଥିଲା । ସେ ଯାହାହେଉ, ଅରୂପା ଓ ମୋର ଶ୍ରମ ସାର୍ଥକ ହେଲା ସେହିଦିନ, ଯେବେ ସେ ତା ଜରିଆରେ ମୋତେ ଖଣ୍ଡେ ଉପନ୍ୟାସ ମାଗି ପଠାଇଲା । ତା' ପରେ ଯଥାରୀତି ଖଣ୍ଡେ ପ୍ରେମମୂଳକ ଉପନ୍ୟାସ ପୃଷ୍ଠା ଭିତରେ ମୋର ଖଣ୍ଡେ ପ୍ରେମପତ୍ର ତା'ର ହସ୍ତଗତ ହେଲା । ଚାଲିଲା ତେଣିକି ପ୍ରାତ୍ତଃଭର କାଠଯୋଡ଼ି ସ୍ରୋତ ପରି ପ୍ରେମ ପତ୍ରର ଆଦାନ ପ୍ରଦାନ । ତା'ପରେ··· ।"

ସୁଦୀପ୍ତ ଶଙ୍କର ଦମ୍ ନେବା ପାଇଁ ଟିକିଏ ନୀରବ ହେଲେ । କବି ଓ ଦାର୍ଶନିକ ଦମ୍ ବନ୍ଦ କରି ଉତ୍କଣ୍ଠିତ କଣ୍ଠରେ ପଚାରିଲେ— "ହଁ, ତା' ପରେ ?"

—"ତା' ପରେ ସଫଳ ପ୍ରେମ କ୍ଷେତ୍ରରେ ଯାହା ପରିଣତି ଘଟିଥାଏ, ତାହାହିଁ ଘଟିଛି । ତା' ପରେ ଏକ ଶୁଭ ଲଗ୍ନରେ ଜ୍ୟୋତ୍ସ୍ନା-ମନ୍ଦିର ଗୃହରେ ଆମ ଉଭୟଙ୍କ ମଧ୍ୟରେ ମିଳନ ଘଟିଲା । ମଝିରେ ମଝିରେ ସନ୍ଧ୍ୟା ସମୟରେ ତା'ର ପିତା ମାତା ସିନେମା, ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଘରକୁ ଯାଆନ୍ତି । ଆଉ ଉମା ମୁଣ୍ଡ ବିନ୍ଧିବାର ଛଳନା, କିମ୍ବା ପଢ଼ାପଢ଼ିର ଛଳନା କରି ଘରେ ରହିଯାଏ । ତା'ପରେ ଅରୂପା ଯଥାରୀତି ଆସି ମୋତେ ମିଳନ ଲଗ୍ନର ସମ୍ବାଦ ଦିଏ ଆଉ ମୁଁ ତାଙ୍କ ଘରେ ପ୍ରବେଶ କରିବା ପରେ ସେ ସଦର ଦରଜାରେ ପ୍ରହରୀର କାର୍ଯ୍ୟ ତୁଲାଏ । ଏମିତି ଦୀର୍ଘ ଚରିମାସ ହେଲା କେତେ ସୁରୁଖୁରୁରେ କଟି ଆସିଛି । କିନ୍ତୁ ଆଜ ଏକ ନିଦାରୁଣ ବଜ୍ରପାତ !! ମୋର ପ୍ରାଣର ପ୍ରିୟତମା ଆଜି ମୋର ଲାଗି ଆତ୍ମହତ୍ୟା କରିବାକୁ ବସିଛି ! ପ୍ରଭୁ ହେ, ଏ ମହାପାତକରୁ ମୋତେ ଉଦ୍ଧାର କର··· ।"

ଶାନ୍ତ, ସରଳ ଓ ଅନାବିଳ ପ୍ରକୃତିର ବାଳିକା ଉମାଦେବୀଙ୍କ ଗୋପନ ପ୍ରେମ-ଦକ୍ଷତାରେ କିମ୍ବା ସୁନ୍ଦରସିଂ ମାନସୀ ବୃଦ୍ଧା ଯୁକରଣୀ ଅରୂପାର ଦୂତିକା ପଣରେ ବିସ୍ମୟ ପ୍ରକାଶ କରିବା ଲାଗି କବି ଓ ଦାର୍ଶନିକ ପକ୍ଷରେ ବର୍ତ୍ତମାନ ଉପଯୁକ୍ତ ସମୟ ନୁହେଁ । ବର୍ତ୍ତମାନ ଏହି ବିରହ କାତର, ଆଶାହତ ସୁଦୟ ଶଙ୍କରଙ୍କୁ ଆଶ୍ୱାସନା ବାଣୀ ଶୁଣାଇବା ପ୍ରଧାନ କର୍ତ୍ତବ୍ୟ । ତେଣୁ ଆନନ୍ଦ-ପ୍ରକାଶ କହିଲେ—"ବାଣୀ କୁମାର, ତୁମେ ଧୈର୍ଯ୍ୟ ଧର । ଉମା ଦେବୀଙ୍କର ଅପର ଯୁବକ ସହିତ ବିବାହ ଆୟୋଜନ ଫଳରେ ତୁମର ବିଚଳିତ ହେବା କାପୁରୁଷତାର ପରିଚୟସୂଚକ ହେବ । ଶୁଭ-ଲଗ୍ନରେ ସେମାନଙ୍କର ବିବାହକାର୍ଯ୍ୟ ସମ୍ପନ୍ନ ହେବାରେ ତୁମେ ଅଯାଚିତ ଭାବରେ ସାହାଯ୍ୟ କର । ବିବାହ ପରେ ଦେଖିବ, ତୁମ

ଦୁହିଁଙ୍କ ଭିତରେ ଅନୁରାଗ ଏକ ନବୀନ—ମଧୁର ଭଙ୍ଗୀରେ ସୃଷ୍ଟି ହେବ । ନାରୀ ଜୀବନର ପ୍ରଥମ ପ୍ରେମ ଅବିସ୍ମରଣୀୟ—ତାହା ଲକ୍ଷ୍ମୀଙ୍କ ଗଚ୍ଛିତ ଧନର ସଦୃଶ ନାରୀ ହୃଦୟରେ ଯତ୍ନ ସହିତ ସଞ୍ଚିତ ଥାଏ । ଆଜି ନାରୀ କୌଣସି ଯୁଗରେ ନିଜର ଇଚ୍ଛା ବିରୁଦ୍ଧରେ ଅପର ଯୁବକକୁ ବିବାହ କରି ଆତ୍ମହତ୍ୟା କରିନାହିଁ ! ତେଣୁ ଉମାଦେବୀ ମଧ୍ୟ ଆତ୍ମହତ୍ୟା କରିବେ ନାହିଁ । ବରଞ୍ଚ ବିବାହ ପରେ ତୁମେ ତାଙ୍କର ସଂସ୍ପର୍ଶରେ ଆସି ପାରିଲେ, ସେ ନାନା ଦିଗରୁ ତୁମର ଉପକାର କରିବାକୁ ଚେଷ୍ଟିତା ହେବେ ।”

ଭୂପେନ୍ଦ୍ର କୁମାର ଗମ୍ଭୀର କଣ୍ଠରେ ପଚାରିଲେ—“ବାଣୀ-କୁମାର, ତୁମେ ଉମା ଦେବୀଙ୍କୁ ଧରି ଗୋପନରେ କଲିକତା ପଳାଇ ଯାଇ ପାରିବ ?”

ସୁଦର୍ଶନଙ୍କର ଏହି ଅବାଞ୍ଛିତ ପ୍ରଶ୍ନ ଶୁଣି ହଠାତ୍ ଚମକି ପଡ଼ିଲେ । କହିଲେ—“କ’ଣ କହିଲେ ? ଉମାକୁ ସାଙ୍ଗରେ ଧରି ଗୋପନରେ କଲିକତା ପଳାଇବି ? ନା, ତାହା ମୁଁ ପାରିବି ନାହିଁ । ସେପରି କାର୍ଯ୍ୟ କରିବା ମୂଳରେ ଯେଉଁ ମାନସିକ ଓ ଆର୍ଥିକବଳ ଆବଶ୍ୟକ, ତାହା ମୋ ନିକଟରେ ନାହିଁ ।”

—“ତୁମେ ମଧୁସୂଦନ ବାବୁଙ୍କୁ ଯାଇଁ କହି ପାରିବ ଯେ, ତାଙ୍କ ଝିଅଙ୍କୁ ବିବାହ କରିବା ଲାଗି ତୁମେ ଇଚ୍ଛୁକ ?”

—“ହେ ଭଗବାନ ! ଏକଥା ମୁଁ ମଧୁସୂଦନ ବାବୁଙ୍କୁ କହିବି କିପରି ? ଏ ଦୁଃସାହସିକତା ଦେଖାଇବା ପୂର୍ବରୁ ମୋର ହାର୍ଟଫେଲ୍ ହୋଇ ସାରିଥିବ ।”

—“ତା’ ହେଲେ ବୁଝା ପଡ଼ିଲା, ତୁମେ ଜଣେ ଭୀରୁ ଓ ଦାୟିତ୍ୱହୀନ ମାଇଚିଆ ପ୍ରେମିକ । ତୁମେ ଗୋପନରେ ପ୍ରେମ କରି-ପାର, ମାତ୍ର ତା’ର ପରିଣତି ଦାୟିତ୍ୱ ମୁଣ୍ଡାଇବାକୁ ତୁମର ସତ୍-

ସାହସ ନାହିଁ । ତୁମେ ଅନ୍ଧକାରକୁ ଭଲପାଅ, ମାତ୍ର ଆଲୋକ ଦେଖିଲେ ତୁମର ହୃତ୍‌କମ୍ପ ଜାତ ହୁଏ । ତଥାପି ତୁମପ୍ରତି ମୋର ସମବେଦନା ଅଛି । ଉମାଦେବୀଙ୍କର କୌଣସି ଦାୟିତ୍ୱ ବହନ କରିବାକୁ ତୁମେ ଯେତେବେଳେ ଅପାରଗ, ତେବେ ତାଙ୍କର ବିବାହ ଆୟୋଜନରେ ତୁମେ ଦୁଃଖିତ କାହିଁକି ? ଏ ବିବାହ ହୋଇ ଯିବାକୁ ଦିଅ । ତୁମର ଉମାଦେବୀଙ୍କ ସହିତ ଆତ୍ମିକ ଓ ଦୈହିକ ମିଳନ ଘଟି ସାରିଛି । ସଂସାରରେ ସାମାଜିକ ମିଳନ କେବଳ ଗୋଟାଏ ବାହ୍ୟ ପ୍ରକାଶ, ସେଥିରେ ଏତେ ଟିକିଏ ସତ୍ୟତା ନାହିଁ । ତେଣୁ ତାହା ସୁନ୍ଦର ବା ଚିରନ୍ତନ ନୁହେଁ । ଏ ବିବାହ ଫଳରେ ତୁମର ବା ଉମାଦେବୀଙ୍କର କୌଣସି କ୍ଷତି ଆସୁ ନାହିଁ ।"

କବି ଓ ଦାର୍ଶନିକଙ୍କ ଆଶ୍ୱାସନା ବାଣୀରେ ସୂର୍ଯ୍ୟଶଙ୍କରଙ୍କ ବିରହ ଦଗ୍ଧ ଅନ୍ତର କିଞ୍ଚିତ ଶୀତଳ ହେବା ପରି ବୋଧ ହେଲା । କାରଣ ସୂର୍ଯ୍ୟଶଙ୍କର ସେଠାରୁ ନୀରବରେ ଉଠିଯାଇଁ ନିଜ ବିଛଣାରେ ମୁହଁମାଡ଼ି ଶୋଇ ରହିଲେ । ତାଙ୍କର ପୂର୍ବର ଅସ୍ଥିର ଚଞ୍ଚଳ ବିଚଳିତ ଭଙ୍ଗୀ ଆଜି ନ ଥିଲା ।

ଏହି ଘଟଣା ପରେ ଦୀର୍ଘ ଏକମାସ ଗତ ହୋଇ ଗଲାଣି । ସହରର ଏକ ଯୁବକ ସବ୍‌ଡେପୁଟି ସହିତ ଉମାଦେବୀଙ୍କର ବିବାହ ନିର୍ବିଘ୍ନରେ ହୋଇ ସାରିଛି । ଉମାଦେବୀଙ୍କ ପକ୍ଷରୁ କୌଣସି ଦୁର୍ଘଟଣା ଘଟିନାହିଁ । କବି ଓ ଦାର୍ଶନିକ ପ୍ରତ୍ୟହ ସମାଜ କାଗଜରୁ ଆତ୍ମହତ୍ୟା ସମ୍ବାଦ ଖୋଜି ଖୋଜି ବ୍ୟର୍ଥ ମନୋରଥ ହୋଇଛନ୍ତି । ହଠାତ୍ ଦିନେ କବି ଆନନ୍ଦ ପ୍ରକାଶ ସୂର୍ଯ୍ୟଶଙ୍କରଙ୍କୁ ଧରି ପକାଇ ପଚାରିଲେ—"କହେ ବାଣୀ କୁମାର, ଖବର କ'ଣ ? ଆଜିକାଲି ସମସ୍ୟା ଗୁଡ଼ାକ କିପରି କଟୁଛି ?"

ସୁଦର୍ଶନଙ୍କର ସଫଳ ପ୍ରେମିକର ଲାକ୍ଷଣିକ ମଧୁର ହସ ହସିଲେ । କହିଲେ—"କବି, ଆପଣ ଜଣେ ଭବିଷ୍ୟଦର୍ଶୀ ମହା-ପୁରୁଷ ! ଆପଣଙ୍କ ବାଣୀ ଅକ୍ଷରେ ଅକ୍ଷରେ ସତ୍ୟ ହୋଇଛି । ବିବାହପରେ ଉମା ଏହି ସହରରେ ଅଛି ଆଉ ମଝିରେ ମଝିରେ ତା'ର ବାପ ଘରକୁ ମଧ୍ୟ ଆସୁଛି । ଏଣିକି ଆମ୍ଭମାନଙ୍କର ମିଳନ ନବ ରସରେ, ନବ ଭଙ୍ଗୀରେ ମଧୁରତର ହୋଇ ଉଠିଛି । ଏବେ ଆଉ ଅରୂପାର ସହାୟତା ଆବଶ୍ୟକ ହେଉନାହିଁ କମ୍ବା ରାତ୍ରିର ଅନ୍ଧକାର ମଧ୍ୟ ଦରକାର ପଡୁନାହିଁ । ଏଣିକି କର୍ମକୋଳା-ହଳମୟ ଦିବାଲୋକରେ ମଧ୍ୟ ଆମ୍ଭମାନଙ୍କର ମିଳନ ମୂଳରେ ସୁଯୋଗ ସୃଷ୍ଟି ହୋଇଛି । ଉମାକୁ ପଚାରିଥିଲି—"ତୁମେ ଆଉ ଡରୁନା ?" ସେ ନିର୍ଭୀକ କଣ୍ଠରେ ଉତ୍ତର ଦେଲା—"ଏଣିକି ଆଉ କି ଡର ? ମୋ କପାଳରେ ତ ବିବାହ ଛାପ ବସି ସାରିଛି··· ।" ଉମାର ପ୍ରତ୍ୟୁତ୍ପନ୍ନମତିତାର ପ୍ରଶଂସା କରୁଁ କରୁଁ ଆପଣଙ୍କର ଭବିଷ୍ୟ ବାଣୀ ମୋର ମନେ ପଡ଼ିଗଲା । ସେଇଥି ପାଇଁ କହିଲି, ଆପଣ ଜଣେ ମହାପୁରୁଷ । ଦିଅନ୍ତୁ ଆପଣଙ୍କର ପାଦ ଧୂଳି ମୁଣ୍ଡରେ ମାରେ ।"

ସୁଦର୍ଶନ ଶଙ୍କର ନଇଁ ପଡ଼ି ସତକୁ ସତ କବିଙ୍କ ପାଦ ଧୂଳି ଆଣି ମୁଣ୍ଡରେ ମାରିଲେ । ଆନନ୍ଦ ପ୍ରକାଶ ସ୍ମିତ ହସି କହିଲେ —"ବେଶ୍ ବେଶ୍, ତୁମ ଆନନ୍ଦରେ ମୁଁ ଆନନ୍ଦିତ । ତୁମ ପ୍ରେମ ଓ ପ୍ରେମିକା ଅବିନଶ୍ୱର ହୁଅନ୍ତୁ ।"

# —ନଅ—

ଅନୁଗୁଳ ନିବାସୀ ଅଷ୍ଟମରତ୍ନ ମି: ବରୁଣ ଦାସଙ୍କୁ ଆପଣମାନେ ନିଶ୍ଚୟ ଚିହ୍ନନ୍ତି । କଟକ ସହରର ପାନବାଲାଠାରୁ ହାକିମଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ବରୁଣ ଦାସ ସୁପରିଚିତ । ଆପଣ ଚିହ୍ନନ୍ତି ନାହିଁ କହିଲେ କେହି ବିଶ୍ୱାସ ଯିବେ ନାହିଁ । ହୁଏତ କହି ପାରନ୍ତି ଯେ, ତାଙ୍କର ଚେହେରା ସ୍ମରଣ ପଡ଼ୁ ନାହିଁ । ତେଣୁ ସ୍ମରଣ ଶକ୍ତିର ଉତ୍କର୍ଷତା ଦିଗରେ ଆପଣଙ୍କୁ ସହାୟତା କରିବାଲାଗି ଆମ୍ଭେମାନେ ସବୁବେଳେ ପ୍ରସ୍ତୁତ ଅଛୁଁ ।

ପ୍ରତ୍ୟେକ ଅପରାହ୍ନ ପାଞ୍ଚଟା ସମୟରେ ଯେଉଁ ଭଦ୍ରଲୋକଟି ଲିନେନ୍ ସୁଟ ଆଉ ଫେଲଟ୍ ହ୍ୟାଟ୍ ପିନ୍ଧି ହାତରେ ସିଙ୍ଗବାଡ଼ି ଆଉ ଅଧରରେ କ୍ୟାପଷ୍ଟାନ୍ ସିଗାରେଟ ଧରି ଓଡ଼ିଶା ସେକ୍ରେଟେରିଏଟ୍ରୁ ବାହାରି ଆସନ୍ତି ସେହି ସାହେବ ଜଣକ ଆମର ବହୁ ପରିଚିତ ବ୍ୟାଚେଲର୍ସ ମେସ୍‌ର ଅଷ୍ଟମ ରତ୍ନ ବିଶେଷ । ଭଦ୍ରବ୍ୟକ୍ତିଙ୍କୁ ଦେଖିବା ମାତ୍ରେ ଜଣେ ସଦ୍ୟ ବିଲାତାଗତ ସାହେବ ପୁଙ୍ଗବ ମନେ କରିବାରେ କେହି ଏତେ ଟିକିଏ ତ୍ରୁଟି କରିବେ ନାହିଁ । ବରୁଣ ଦାସ ସେକ୍ରେଟେରିଏଟ୍‌ର କୌଣସି ଗୋଟାଏ ବିଭାଗରେ ଅପର ଡିଭିଜନ କିରାଣି କାର୍ଯ୍ୟ କରନ୍ତି ।

ବ୍ୟାଚେଲର୍ସ ମେସ୍‌ର ଏହି ରତ୍ନ ବିଶେଷ ଉଚ୍ଚତାରେ ଛ' ଫୁଟ ତିନ ଇଞ୍ଚ, ଛାତିର ଦୈର୍ଘ୍ୟ ଅଠତିରିଶ ଇଞ୍ଚ । ସୁଦୀର୍ଘ ଋଜୁ ଶରୀର । ଗୋଲାକୃତି ବଦନ ମଣ୍ଡଳ । ଆଖିରେ ସୁନା ଫ୍ରେମ୍‌ର ଚଷମା ଆଉ ଅଧରରେ ସନ୍ତୋଷଜନକ ଅମାୟିକ ହସ । ଧୀର ଗମ୍ଭୀର କଣ୍ଠରେ କଥା କହନ୍ତି ଆଉ ମନ୍ଥର ମ୍ୟାଜେଷ୍ଟିକ୍ ଷ୍ଟାଇଲ୍‌ରେ ପଥ

ଚାଲନ୍ତି । କଥା କହିଲାବେଳେ ଅଧିକ ବିଦେଶୀ ଭାଷାରେ ଆଉ ଅଳ୍ପ ମାତୃଭାଷାରେ କହନ୍ତି ।

କଲିକତା ବିଶ୍ୱବିଦ୍ୟାଳୟରେ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ର ଥିବା ଅବସ୍ଥାରେ ବରୁଣ ଦାସ ବଡ଼ ଅପ୍ରତ୍ୟାଶିତ ଭାବରେ ଏହି ଚାକିରିଟି ପାଇଗଲେ । ସେ ପ୍ରାୟ ଚାରିବର୍ଷ ତଳର କଥା । ମାତ୍ର କିରାଣୀଗିରି କରିବା ସାହେବ ସ୍ୱଭାବ ସମ୍ପନ୍ନ ବରୁଣ ଦାସଙ୍କ ଜୀବନର ଲକ୍ଷ୍ୟ ନୁହେଁ, ଜୀବନରେ ସବ୍‌ଡେପୁଟି ହେବା ତାଙ୍କର ଲକ୍ଷ୍ୟ । କିନ୍ତୁ ସବ୍‌ଡେପୁଟି ହେବାକୁ ହେଲେ ପ୍ରଥମେ କିରାଣୀସୋପାନ ଅତିକ୍ରମ କରିବାକୁ ହୁଏ, ଏହି ମହାବାଣୀ କୌଣସି ମହାନୁଭବ ମହା ମହା ଉଦାହରଣ ଦେଖାଇ ବୁଝାଇ ଦେବାରୁ ସେ ଭଦ୍ରବ୍ୟକ୍ତି ଏହି ଚାକିରିଟି ଗ୍ରହଣ କରିବାକୁ ବାଧ୍ୟ ହେଲେ । ତେବେ ଚାକିରି ଜୀବନରେ ଉନ୍ନତି ଲାଭ କିମ୍ବା ସବ୍‌ଡେପୁଟି ପଦ ନିକଟରେ ପହଞ୍ଚିବା ଲାଗି ଯାହା କିଛି ଚେଷ୍ଟା ଚରିତ୍ର ଆବଶ୍ୟକ, ସବୁ ସେ ପ୍ରାଣ ମନ ଦେଇ ଅବିଶ୍ରାନ୍ତ ଭାବରେ କରି ଚାଲିଛନ୍ତି ।

ବରୁଣ ଦାସ ପ୍ରତ୍ୟହ ଆଠଟା ସମୟରେ ବିଛଣାରୁ ଉଠି ପ୍ରଥମେ ଉତ୍ତମ ରୂପେ କ୍ଷୌର କାର୍ଯ୍ୟ ସମାଧା କରନ୍ତି । ତତ୍ପରେ ମୁଖ ପ୍ରକ୍ଷାଳନ ଓ ଜଳଖିଆ କରଣ । ପରେ ଅନୂଢ଼ ନିବାସ ବନ୍ଧୁ ମଣ୍ଡଳୀ ସହିତ କିଞ୍ଚିତ ଯୁଦ୍ଧ ସମ୍ବନ୍ଧୀୟ, ଅଫିସ ସମ୍ବନ୍ଧୀୟ କିମ୍ବା ଗତ କାଲିର ଉତ୍ତେଜନାପୂର୍ଣ୍ଣ ସମ୍ବାଦ ବିଷୟରେ ଆଲୋଚନା କରଣ । ଦଶଟାରେ ସ୍ନାନ ଓ ଭୋଜନ ପରେ ଅଫିସ ଗମନ । ସେଠାରୁ ପାଞ୍ଚଟା ସମୟରେ ଫେରିବା ପଥରେ ସିଧା ହାକିମଙ୍କ ଘର ଗମନ । ରାତି ନଅଟା ସମୟରେ ହାକିମଙ୍କ ଘରୁ ପ୍ରତ୍ୟାବର୍ତ୍ତନ, ତତ୍ପରେ ମେସ୍‌ରେ ଭୋଜନ ଓ ଦଶଟା ସମୟରେ ଶୟନ ।

ଆପଣମାନେ ବଡ଼ ସନ୍ଦେହୀ ପ୍ରକୃତିର ଲୋକ । ହାକମଙ୍କ ଘରେ ମିଃ ବରୁଣ ଦାସ ସନ୍ଧ୍ୟାଠାରୁ ରାତି ନଅଟା ପର୍ଯ୍ୟନ୍ତ କ'ଣ କରନ୍ତି, ତାହା ଜାଣିବା ଲାଗି ଏତେ ଉଦ୍‌ବେଗ—କୌତୂହଳୀ ହେବା ଅନ୍ୟାୟ କଥା । ସେ ସବୁ ତାଙ୍କର ନିହାତି ବ୍ୟକ୍ତିଗତ କଥା । ତଥାପି ଆପଣଙ୍କର ଅନ୍ୟାୟ କୌତୂହଳ ମଧ୍ୟ ଦମନ କରିବା ଲେଖକର ଏକ କର୍ତ୍ତବ୍ୟ ମନେକରି ଏଠାରେ ତାଙ୍କର ବ୍ୟକ୍ତିଗତ କାର୍ଯ୍ୟାବଳୀର କଳ୍ପିତ ସୂଚନା ଦିଆଗଲା ।

ଧରନ୍ତୁ, ହାକମଙ୍କ ଘରେ ଆଜି କୌଣସି ପର୍ବ ଦିନ । ତେଣୁ ସନ୍ଧ୍ୟାରେ ଭୋଜି ଓ ଉତ୍ସବର ଆୟୋଜନ ହେଉଛି । ସନ୍ଧ୍ୟା ସମୟରେ ହାକମ ପରିବାରର ଆବାଳ ବୃଦ୍ଧ ବନିତାଙ୍କ ଉପସ୍ଥିତି ବାଞ୍ଛନୀୟ । ମାତ୍ର ହାକମଙ୍କ ସାନଝିଅ ମିସ୍ ଇଳା ରାୟ କନଭେଣ୍ଟ୍ ସ୍କୁଲ ହଷ୍ଟେଲରେ ରହନ୍ତି । ତାଙ୍କୁ ଆଣିବାକୁ ଜଣେ କେହି ଯିବା ଦରକାର । ବେଶ୍, ଆଦେଶ ପାଇବାମାତ୍ରେ ବରୁଣ ଦାସ ସାଇକେଲ ରିକ୍‌ସା ଚଢ଼ି ଇଳା ରାୟଙ୍କୁ ଆଣିବାକୁ ବାହାରି ଗଲେ ।

ଧରନ୍ତୁ ହାକମଙ୍କ ବଡ଼ ଝିଅ, ଷ୍ଟୁଆର୍ଟ କଲେଜର ଛାତ୍ରୀ । ମିସ୍ ଇଭା ରାୟ ଗୋଧୂଳି ଲଗ୍ନରେ ନିଜର ବ୍ୟାଡ୍‌ମିଣ୍ଟନ୍ କୋର୍ଟକୁ ଆସି ଦେଖିଲେ, ଆଜି ତାଙ୍କ ସହିତ ଖେଳିବା ଲାଗି ତାଙ୍କର ଦେଢ଼ ଡଜନ ତରୁଣ ବନ୍ଧୁଙ୍କ ଭିତରୁ ଜଣେ ହେଲେ ଉପସ୍ଥିତ ନାହାନ୍ତି । ଠିକ୍ ସେତିକିବେଳେ ମିଃ ବରୁଣ ଦାସ ଫେଲ୍‌ଟହ୍ୟାଟ୍ ବାମ ହସ୍ତରେ ଉତ୍ତୋଳନ କରି ହସ ହସ ମୁଖରେ ପହଞ୍ଚି ମଧୁର କଣ୍ଠରେ ଅଭିବାଦନ ଜଣାଇଲେ—"Good afternoon miss !" ତା'ପରେ ମିସ୍ ଇଭା ରାୟଙ୍କ ନିମନ୍ତ୍ରଣ କ୍ରମେ ତାଙ୍କ ସହିତ ବ୍ୟାଡ୍‌ମିଣ୍ଟନ ଖେଳ କ୍ରମଃ କ୍ରମଃ ମଜିଲେ ।

ଧରନ୍ତୁ ସନ୍ଧ୍ୟା ସମୟରେ ବରୁଣ ଦାସ ହାକମଙ୍କ ଘରେ ପହଞ୍ଚି ଦେଖିଲେ ଯେ, ମିସେସ୍ ଗୁପ୍ତ ବଜାର କରିବା ଉଦ୍ଦେଶ୍ୟରେ ବାହାରିଛନ୍ତି । ବରୁଣ ଦାସ ଅନୁଗତ ଭୃତ୍ୟପରି ମିସେସ୍‌ଙ୍କୁ ଶୁଭ ସନ୍ଧ୍ୟା ଜଣାଇ କହିଲେ—"ଆପଣଙ୍କୁ ମାର୍କେଟିଂ କରିବାରେ ମୁଁ କୌଣସି ସାହାଯ୍ୟ କରି ପାରିବିକି । ସତ କହିବାକୁ ଗଲେ, ମିସେସ୍ ଗୁପ୍ତ ବାସ୍ତବିକ୍ ଜଣେ ସାହାଯ୍ୟକାରୀ ମନେ ମନେ ଲୋଡ଼ୁଥିଲେ । ତେଣୁ ତାଙ୍କର ସମ୍ମତି କ୍ରମେ ବରୁଣ ଦାସ ତାଙ୍କ ପଛେ ପଛେ ଚାଲିଲେ ।

ଧରନ୍ତୁ ହାକମଙ୍କ ବଡ଼ଝିଅ ମିସ୍ ଇଲା ଗୁପ୍ତ ସନ୍ଧ୍ୟା ସମୟରେ ନିଜର ପଢ଼ାଘରେ ବସି ପଠନ ଅଭ୍ୟାସ କରୁଛନ୍ତି । ମିଃ ବରୁଣ ଦାସ ଠିକ୍ ସେତିକିବେଳେ ସେଠାରେ ପହଞ୍ଚି ତାଙ୍କୁ ଶୁଭସନ୍ଧ୍ୟା ଜ୍ଞାପନ କରି ଅଯାଚିତ ଭାବରେ ଆଲ୍‌ଜେବ୍ରାର ଫର୍ମୁଲା ତଥା ଇଂରାଜୀ କବିତା ବୁଝାଇବାକୁ ଯାଇଁ ବସି ପଡ଼ିଲେ ।

ଧରନ୍ତୁ··· । ନା, ଆଉ ଅଧିକ ଉଦାହରଣ ଉଲ୍ଲେଖ ନ କଲେ ବି ଆପଣମାନେ ବରୁଣ ଦାସଙ୍କର କାର୍ଯ୍ୟାବଳୀର ଧାରଣା କରି ସାରିଲେଣି । ଅଧିକ ଉଦାହରଣ ବାହୁଲ୍ୟତା ଦୋଷରେ ଦୂଷଣୀୟ ହେବ । ତେବେ ହାକମଙ୍କ ଘରେ ସନ୍ଧ୍ୟା ସମୟରେ ବରୁଣ ଦାସଙ୍କ ଉପସ୍ଥିତି ତଥା ତାଙ୍କର ସେଠାରେ ସ୍ୱେଚ୍ଛାସେବା ମୂଳକ କାର୍ଯ୍ୟାବଳୀ ଯେ ନିୟମିତ କର୍ତ୍ତବ୍ୟ ହୋଇ ଉଠିଥିଲା,ତାହା ଆମ୍ଭେମାନେ ବିଶ୍ୱସ୍ତ ସୂତ୍ରରୁ ଜାଣି ପାରିଛୁଁ । ହାକମ ଘରର ବଜାର ସଉଦା କିଣିଦେବା, ତାଙ୍କ ପିଲାମାନଙ୍କୁ ସାନ୍ଧ୍ୟ ଭ୍ରମଣ ଲାଗି ସଙ୍ଗରେ ନେବା, ତାଙ୍କ ପରିବାରଙ୍କୁ ସିନେମା ଦେଖାଇ ନେବା, ତାଙ୍କ ପିଲାମାନଙ୍କୁ ପଢ଼ାରେ ସାହାଯ୍ୟ କରିବା ଇତ୍ୟାଦି କର୍ମ ବରୁଣ ଦାସ ସ୍ୱତଃ ପ୍ରବୃତ୍ତ ହୋଇ ନିଃସ୍ୱାର୍ଥପର ଭାବରେ ଆଜଯାଏ

ଚଳାଇ ଆଣିଛନ୍ତି । ଏହାର କୈଫିୟତ ସ୍ୱରୂପ କରୁଣ ଦାସ କହନ୍ତି —"ବୃଥାରେ ସମୟ କଟାଇବା ଅପେକ୍ଷା କିଛି କାର୍ଯ୍ୟ କଲେ, ଆଉ କିଛି ନ ମିଳୁ, ଅତ୍ୟନ୍ତ ମାନସିକ ଶାନ୍ତି ଓ ଆତ୍ମସନ୍ତୋଷ ମିଳେ ।" ମାତ୍ର ଅସହଣୀୟ ଲୋକେ ଭିନ୍ନ ପ୍ରକାରର ମନ୍ତବ୍ୟ କରନ୍ତି । ସେମାନେ କହନ୍ତି—"ଘଟୁ ଖାଇ ଘୋଡ଼ା ଆଗରେ ଡେଇଁବା ପ୍ରକୃତିର ଲୋକ କରୁଣ ଦାସ ନୁହନ୍ତି । ହାକିମ ଓ ହାକିମ ପରିବାରର ସେବା କରିବା ମୂଳରେ ତାଙ୍କର ପ୍ରଚ୍ଛନ୍ନ ବିରାଟ ସ୍ୱାର୍ଥ ରହିଛି । ହାକିମଙ୍କ ଜ୍ୟେଷ୍ଠା କନ୍ୟା ମିସ୍ ଇନ୍ଦ୍ରା ରାୟଙ୍କ ହୃଦୟ ଜୟ କରିବା ଲାଗି ସେ ନିରବଚ୍ଛିନ୍ନ ସାଧନା କରୁଛନ୍ତି । ହାକିମ କନ୍ୟାଙ୍କ ପାଣି ଗ୍ରହଣ କରି ପାରିଲେ ତାଙ୍କର ଚିର ଇପ୍‌ସିତ ହାକିମ ଗାଦିଟିର ମଧ୍ୟ ପାଦ ତଳେ ଆସି ଥୁଆ ହେବ । ଇତ୍ୟାଦି ଇତ୍ୟାଦି ।"

ଏସବୁ ପରଶ୍ରୀକାତର ପର ନିନ୍ଦୁକଙ୍କ କଥାରେ ଆମ୍ଭେମାନେ ବିଶେଷ ଗୁରୁତ୍ୱ ଆରୋପ କରୁନା । ଏସବୁ କଥାରେ ସତ ବା କେତେ ଆଉ ମିଛ ବା କେତେ, ତାହା ଅନୁମାନ ସାପେକ୍ଷ । ସଂସାରରେ ବହୁ ଲୋକ ଅଛନ୍ତି, ଯେଉଁମାନେ ଅନ୍ୟର ସୌଭା-ଗ୍ୟକୁ ସହ୍ୟ କରି ପାରନ୍ତି ନାହିଁ । ତେଣୁ ସୌଭାଗ୍ୟବାନର ପ୍ରତ୍ୟେକ କାର୍ଯ୍ୟ ମୂଳରେ ଛିଦ୍ର ଅନ୍ୱେଷଣ କରି ଥାଆନ୍ତି । ଅଥଚ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଏହି ପର ନିନ୍ଦୁକ ଶ୍ରେଣୀ ଏତାଦୃଶ ସୌଭାଗ୍ୟ ଲାଗି ସଭିଙ୍କଠାରୁ ଅଧିକ ଲାଳାୟିତ ।

କରୁଣ ଦାସଙ୍କ ମନର ନିଭୃତ କୋଣରେ ପ୍ରଚ୍ଛନ୍ନ ସ୍ୱାର୍ଥ ବା ବାସନା ଯାହା ଥାଉ ନା କାହିଁକି ସେ କିଛି ଗୋପନରେ ହାକିମଙ୍କ ଘରକୁ ଯାଆନ୍ତି ନାହିଁ । ସେ ପର ନିନ୍ଦୁକଙ୍କ କଟାକ୍ଷ ବା ନିନ୍ଦାକୁ ଭ୍ରୂକ୍ଷେପ ନ କରି ଉଜ୍ଜଳ ଦିବାଲୋକରେ ପ୍ରତ୍ୟହ

ହାକମଙ୍କ ଘରକୁ ଯାଆନ୍ତି ଆଉ ସ୍ୱେଚ୍ଛା ପ୍ରଣୋଦିତ ହୋଇ ହାକମ ପରିବାରଙ୍କ ସେବା କରନ୍ତି । ତାଙ୍କର ପରିସ୍ଥିତି ବା ସେବା ଯଦି ଅନ୍ୟର ଚକ୍ଷୁଶୂଳ ହୁଏ, ସେଥିଲାଗି କରୁଣ ଦାସ ଦାୟୀ ନୁହନ୍ତି ।

ଆମର ପୂର୍ବପୁରୁଷମାନେ ଦୁଇଟି ଅତ୍ୟାନ୍ତ ସତ୍ୟବାଣୀ କହିଯାଇଛନ୍ତି—'କଷ୍ଟ କଲେ ଇଷ୍ଟ ପ୍ରାପ୍ତି ହୁଏ' ତଥା 'ସାଧନାରେ ସିଦ୍ଧି ଲାଭ ହୁଏ' । କରୁଣ ଦାସଙ୍କର ଏହି ନିରବଚ୍ଛିନ୍ନ ସାଧନାର ମଧ୍ୟ ସୁଫଳ ଅଛି । ତାଙ୍କର ନିୟମିତ ନିସ୍ୱାର୍ଥପର ଭାବରେ ହାକମ ବା ହାକମ ପରିବାର-ସେବା ବୃଥା ଯିବ ନାହିଁ । ସେହି ଘଟଣାଟି ଉଲ୍ଲେଖ କରିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ।

ସେଦିନ କର୍ମମୁଖର କଟକ ସହର ବକ୍ଷରେ ଫାଲଗୁନର ଗୋଟିଏ ସ୍ନିଗ୍ଧ ମୁଖରିତ ଗୋଧୂଳି ଓହ୍ଲାଇ ଆସିଥାଏ । ନବ ବସନ୍ତର ରଙ୍ଗୀନ ଆଲୋକ ସମ୍ପାତରେ ସହରଟିର ନବ ଯୌବନ ଫେରି ଆସିବା ପରି ମନେ ହେଉଥାଏ । ବିଶେଷତଃ କାଠଯୋଡ଼ି କୂଳରେ ଯୋଡ଼ୀ ଯୋଡ଼ୀ ତରୁଣ ତରୁଣୀଙ୍କର ସାନ୍ଧ୍ୟ ସମୀରଣ ସେବନ ତଥା ପ୍ରଭାତ, କ୍ୟାପିଟାଲ, ଅନ୍ନପୂର୍ଣ୍ଣା ପ୍ରାଙ୍ଗଣରେ ସେମାନଙ୍କର ହାସ୍ୟ-ମୁଖରିତ ପରିବେଶ ସୃଷ୍ଟିରୁ ସହରର ଗୋଟିଏ ଅଭିନବ ପରିବର୍ତ୍ତନର ସୂଚନା ମିଳୁଥିଲା ।

ଫାଲ୍‌ଗୁନର ଏହିପରି ଗୋଟିଏ ସୁରଭିତ ଗୋଧୂଳି ଲଗ୍ନରେ ମି: କରୁଣ ଦାସ ରୁମାଲରେ ଜେସ୍‌ମିନ ସିକ୍ତ କରି, ଅଧରରେ କ୍ୟାପଷ୍ଟାନ ସଂଯୋଗ କରି ହସ ହସ ବଦନରେ ହାକମ ମି: ରାୟଙ୍କ ଘରକୁ ଚାଲିଛନ୍ତି । ବିଗତ କେତେଦିନ ହେଲା ମି: କରୁଣ ଦାସଙ୍କ ମନଟା ବି ଉତ୍‌ଫୁଲ୍ଲ ଥିବା ପରି ମନେ ହେଉଛି । ହାକମଙ୍କ ଜ୍ୟେଷ୍ଠା କନ୍ୟା ମିସ୍ ଇଭା ରାୟ ଆଜକାଲି ଯେପରି କରୁଣ ଦାସଙ୍କ ପ୍ରତି ଟିକଏ ସଦୟ ଥିବା ପରି ଜଣା ପଡ଼ୁଛି । ପଠନ ଅଭ୍ୟାସରେ

ବ୍ୟାଡ୍‌ମିଣ୍ଟନ ବା କ୍ୟାରେମ ଖେଳରେ, ସେନେମା ଟିକଟ କିଣି ଦେବାରେ ଇଭା ଗୁପ୍ତ ବରୁଣ ଦାସଙ୍କ ନିକଟରୁ ଅଯାଚିତ ସାହାଯ୍ୟ ଲାଭ କରି ତାଙ୍କ ପ୍ରତି ବୋଧହୁଏ ଟିକିଏ ଅନୁରକ୍ତା ହୋଇ ଉଠି-ଛନ୍ତି । ତେଣୁ ମଝିରେ ମଝିରେ ଇଭା ଗୁପ୍ତ ତାଙ୍କୁ ସ୍ମିତ ହାସ୍ୟ ଓ କଟାକ୍ଷ ଉପହାର ଦେବା ସଙ୍ଗେ ସଙ୍ଗେ ଚକୋଲେଟ୍, ରିବନ, ଏସେନ୍‌ସ୍, ସିନେମା ମାଗାଜିନ ଇତ୍ୟାଦି ଆଣି ଦେବା ଲାଗି ଫରମାସ କରି ଥାଆନ୍ତି । ବରୁଣ ଦାସ ଇଭା ଗୁପ୍ତଙ୍କ ଅନୁକମ୍ପାକୁ ପ୍ରଣୟର ପୂର୍ବ ରାଗ ମନେ କରି ଅନ୍ତର ଭିତରେ କୃତଃ କୃତଃ ହେବା ସଙ୍ଗେ ସଙ୍ଗେ ଧାର କରଜ କରି ତାଙ୍କର ଫରମାସି ପୂରଣ କରି ଥାଆନ୍ତି । ଆଜ ମଧ୍ୟ ବରୁଣ ଦାସ ବକ୍‌ସି ବଜାରର ଏକ ଦୋକାନରୁ ଗୋଟିଏ ଚକୋଲେଟ୍ ବାକ୍‌ସ କିଣି ଇଭା ଗୁପ୍ତଙ୍କ ଦରବାରକୁ ଚାଲିଛନ୍ତି ।

ବରୁଣ ଦାସ ମିଃ ଗୁପ୍ତଙ୍କ ଘରେ ପହଞ୍ଚିବା ବେଳକୁ ମୁହଁ ଅନ୍ଧାର ହୋଇ ସାରିଥିଲା । ବଙ୍ଗଳାଟିର ଚତୁର୍ଦ୍ଦିଗରେ ଉଜ୍ଜ୍ୱଳ ବିଜୁଳି ବତି ଜଳୁଥିବା ସତ୍ତ୍ୱେ ଯେପରି ଟିକେ ନିର୍ଜୀବ ନୀରବ ମନେ ହେଉ-ଥିଲା । ମିଃ ଗୁପ୍ତ ଦୁଇଦିନ ହେଲା କଲିକତା ଯାଇଛନ୍ତି, ଏକଥା ବରୁଣ ଦାସ ଜାଣନ୍ତି । ତଥାପି ମିସେସ୍ ଗୁପ୍ତ ଇଭା ଆଉ ରୁକର ପୁଷ୍ପାଙ୍ଗୀ ତ ଅଛନ୍ତି । ମାତ୍ର ବରୁଣ ଦାସ ହଠାତ୍ କାହାରି ଉପସ୍ଥିତି ଉପଲବ୍‌ଧି କରି ପାରିଲେ ନାହିଁ । ସତେ ଯେପରି ବଙ୍ଗଳାଟି ମୂକ ବଧିର ପାଲଟି ଯାଇଛି, କେବଳ ଯାହା ବିଜୁଳିବତି-ଆଖିରେ ଜଳ ଜଳ କରି ଚାହିଁ ରହିଛି ।

ପଢାଘରେ ମିସ୍ ଇଭା ଗୁପ୍ତ ଅନୁପସ୍ଥିତ ଥିଲେ । ବରୁଣ ଦାସଙ୍କ ମନ ଭିତରର ଆନନ୍ଦ ଓ ଉଲ୍ଲାସ ଟିକିଏ ଦମିଗଲା । ସେ ଟିକିଏ ଶଙ୍କିତ, ଆଶାହତ ହୃଦୟରେ ଫେରିଯିବା କଥା ଚିନ୍ତା କରୁ

କରୁ ଗୁଲ ଗୁଲ ହୋଇ ବାରନ୍ଦାରେ କେଇ ପାଦ ଆଗେଇ ଗଲେ । ଗୃହର ବାହର କାହାରି ଦେଖା ମିଳିଲେ ହାକିମ ପରିବାରଙ୍କ ଅନୁପସ୍ଥିତି କାରଣ ଜଣା ପଡ଼ନ୍ତା । ଏହି ଆଶାରେ ବରୁଣ ଦାସ ଏପାଖ ସେପାଖ ଚାହିଁ ଚାହିଁ ହଠାତ୍ ପାଖ ଶୋଇବା ଘରର ବାତାୟନ ପଥରେ ଦେଖି ପାରିଲେ ଯେ, ମିସ୍ ଇଭା ରାୟ ଘର ଭିତରେ ବସି କେଶ ପ୍ରସାଧାନ କରୁଛନ୍ତି । ସହସା ତାଙ୍କର ଧମନୀକୁ ଝଲକାଏ ଗରମ ରକ୍ତ ଉଠି ଆସିଲା । ବଙ୍ଗଳାଟି ଭିତରେ ଏପରି ଜନଶୂନ୍ୟ ନୀରବ ମଧୁର ପରିବେଶ । ତା'ଛଡ଼ା ବସନ୍ତର ଏହି ସ୍ନିଗ୍ଧ ମନୋରମ ସନ୍ଧ୍ୟା । ଏପରି ପରିସ୍ଥିତିରେ ନିଜର ମାନସୀ ପ୍ରତିମାକୁ ଏକାକୀ ଦେଖିଲେ ଖାଲି ବରୁଣ ଦାସ ନୁହନ୍ତି, ଜଗତର ସବୁ ତରୁଣଙ୍କ ଅବସ୍ଥା ସେପରି ହେବ । ତାଙ୍କର ଦୋଷ କ'ଣ ?

ଏହି ମନୋରମ ନୀରବ ପରିବେଶଟିକୁ ଟିକିଏ ରସ-ମଧୁର ଭଙ୍ଗୀରେ ଉପଭୋଗ କରିବା ଉଦ୍ଦେଶ୍ୟରେ ବରୁଣ ଦାସ କମ୍ପିତ ବକ୍ଷ ଓ ଧୀର ପଦକ୍ଷେପରେ ପର୍ଦ୍ଦା ଟେକି ଘର ଭିତରକୁ ପ୍ରବେଶ କଲେ । ଅତି ସନ୍ତର୍ପଣରେ ନିଶ୍ୱାସ ବନ୍ଦ କରି ଧୀରେ ଧୀରେ ଆଗେଇ ଇଭା ରାୟଙ୍କ ପଶ୍ଚାତରେ ଆସି ଠିଆ ହେଲେ । କିଛିକ୍ଷଣ ନୀରବରେ ଦଣ୍ଡାୟମାନ ରହି ଇଭା ରାୟଙ୍କ ଆଲୁଲାୟିତ ବିପୁଳ କୃଷ୍ଣ କେଶ ସମ୍ଭାରର ସୌନ୍ଦର୍ଯ୍ୟ ଉପଭୋଗ କରିବା ସଙ୍ଗେ ସଙ୍ଗେ ଇଭିନିଂ ଇନ୍ ପ୍ୟାରିସର ସୁରଭି ନିଶାରେ ଚେତନା ଶକ୍ତି ହରାଇ ବସିଲେ । ତାପରେ ହଠାତ୍ ଗୋଟାଏ ଚିତ୍ତ-ଉନ୍ମାଦନାରେ ସେ ଇଭା ରାୟଙ୍କ ବେନି ସ୍କନ୍ଧ ଦେଶରେ ନିଜର ବେନି କର ପଲ୍ଲବ ସ୍ଥାପନ କଲେ ।

ସହସା ଘର ଭିତରେ ଲକ୍ଷ ଲକ୍ଷ ବିଜୁଳିବତୀ ଧପ୍ କରି ଜଳି ଉଠିଲେ । ଅଦୂରରେ ଯେପରି ବୈଶାଖୀ ଝଂଜା ଭିତରେ

ଭୀଷଣ ଅଶନିପାତ ଶବ୍ଦ ଶୁଣାଗଲା । ମିସ୍ ଇଭା ରାୟ ହଠାତ୍ 'କଏ କଏ' ବୋଲି ଆର୍ତ୍ତ ଚିତ୍କାର କରି ଉଠିଲେ । ବ୍ରୁକର ଓ ଡ୍ରାଇଭର ବଙ୍ଗଳାରେ ସେତେବେଳେ ଉପସ୍ଥିତ ନ ଥିଲେ । ମାତ୍ର ପୁଷ୍ପାଶ୍ରୀ ଆଉ ଆୟା "କ'ଣ ହେଲା, କ'ଣ ହେଲା ମା' କହି ଧାଇଁ-ଆସି ଦ୍ୱିଗୁଣ ଚିତ୍କାର ଆରମ୍ଭ କରି ଦେଲେ । ହଠାତ୍ ସମ୍ମୁଖରେ ସରୀସୃପ ଦର୍ଶନସମ ଭୀଷଣ ଭୟଜାତ ଫଳରେ କରୁଣ ଦାସଙ୍କ ଚକ୍ଷୁ ଓ ମୁଖ ବିସ୍ଫାରିତ ହେଲା । ମାତ୍ର ଦୃଷ୍ଟି ସମ୍ମୁଖରେ କେବଳ ଅନ୍ଧକାର ଆଉ ତା ମଧ୍ୟରେ ସହସ୍ର ଜୋନାକି ଛଡ଼ା ସେ ଆଉ କିଛି ଦେଖି ପାରୁ ନ ଥିଲେ । ମିସ୍ ଇଭା ରାୟଙ୍କ ଆର୍ତ୍ତ ଚିତ୍କାର କିମ୍ବା ପୁଷ୍ପାଶ୍ରୀ ଆୟାଙ୍କ ବିକଟ ଚିତ୍କାର ଫଳରେ ସେ ଯେ ଭୟ ପାଇଲେ ତାହା ନୁହେଁ, ମିସ୍ ଇଭା ରାୟଙ୍କ ପରିବର୍ତ୍ତେ ସେଠାରେ ମିସେସ୍ ରାୟଙ୍କୁ ଦେଖି ସେ ଏପରି ଭୀତ ସଙ୍କୁଚିତ ଓ ଚେତନାହତ ଦଶା ପ୍ରାପ୍ତ ହେଲେ । ତାଙ୍କର ଅଙ୍ଗସାରା ସ୍ୱେଦବାରି ପ୍ରବାହିତ ହେବା ଫଳରେ ମୂଲ୍ୟବାନ ଲିନେନ୍ ସୁଟ୍‌ଟି ଆର୍ଦ୍ର ହୋଇ ଉଠିଲା । ଅବଶେଷରେ ସେ ନିଜର ସମସ୍ତ ଶକ୍ତି ଓ ଶରୀରର ଭାରସାମ୍ୟ ହରାଇ କମ୍ପିତ କଳେବରରେ ଧପ୍ କରି ଗୋଟିଏ ଚୌକିରେ ବସି ପଡ଼ିଲେ । ଅର୍ଦ୍ଧଚେତନ ଅବସ୍ଥାରେ, ଜଡ଼ିତ ଭାଷାରେ ତାଙ୍କ ମୁଖରୁ କେବଳ ଗୋଟିଏ ପଦ ନିର୍ଗତ ହୋଇଥିଲା—"Excuse me Madam !"

ମି: କରୁଣ ଦାସ ଏକ ଅଶୁଭ ମୁହୂର୍ତ୍ତରେ ଦୃଷ୍ଟିଭ୍ରମ ଫଳରେ ଯେଉଁ ଅକ୍ଷମଣୀୟ ଅପକର୍ମ କରି ବସିଲେ ତା'ର ଏକ ଅବିସ୍ମରଣୀୟ ଓ ଅପ୍ରତ୍ୟାଶିତ ମଧୁର ପ୍ରତିକ୍ରିୟା ସୃଷ୍ଟି ହେବା କଥା ଦେଖି ସେ ସମ୍ପୂର୍ଣ୍ଣ ବିସ୍ମୟ-ବିହ୍ୱଳିତ ହୋଇ ପଡ଼ିଲେ । ମିସେସ୍ ରାୟଙ୍କ ନିକଟରୁ ସେ ନିଜର ଅପକର୍ମ ଲାଗି ଯେଉଁ ଧରଣର ବ୍ୟବହାର

ଆଶାକର ଭୟରେ ମୂକ ପାଲଟି ଯାଇଥିଲେ; ତାହା କ୍ଷଣକ ମଧ୍ୟରେ ଶରତ ଆକାଶର ହାଲୁକା ମେଘ ପରି କେଉଁ ଆଡ଼େ ଭାସିଗଲା ।

ମିସେସ୍ ଗୁପ୍ତ ଭୟ-ବିହ୍ୱଳିତ କଣ୍ଠରେ 'କିଏ କିଏ' ବୋଲି ଆର୍ତ୍ତ ଚିତ୍କାର କରିବା ସଙ୍ଗେ ସଙ୍ଗେ ପଶ୍ଚାତ୍ ଫେରି ଚାହିଁଥିଲେ । ପଛରେ ଏହି ସୁରୁଚି ଦର୍ଶନ ସ୍ୱାସ୍ଥ୍ୟବାନ ଓ ପାଶ୍ଚାତ୍ୟ ରୁଚିସମ୍ପନ୍ନ ଯୁବକ ବରୁଣ ଦାସଙ୍କୁ ଦେଖି ତାଙ୍କର ଅଧର କୋଣରେ ସ୍ମିତହାସ ଫୁଟିବା ସଙ୍ଗେ ସଙ୍ଗେ ଆଖିର ଦୃଷ୍ଟି ବିସ୍ମୟ-ପୁଲକିତ ତଥା କାମନା ଶାଣିତ ହୋଇ ଉଠିଲା । ସେ ଧୀର ସଂଯତ କଣ୍ଠରେ କହିଲେ—"ଆରେ ବରୁଣ ଯେ ! କେତେବେଳୁ ଆସିଲଣି ? ବସ, ବସ ।" ମାତ୍ର ଆଶଙ୍କା ବଧିର ବରୁଣ ଦାସଙ୍କ କର୍ଣ୍ଣରେ ତାଙ୍କର ଏହି ନିମନ୍ତ୍ରଣ-ବାଣୀ ପ୍ରବେଶ କରି ପାରିଲା ନାହିଁ । ତାଙ୍କର ସ୍ମିତହାସ୍ୟ ଫଳରେ ଚମ୍ପକ କଳି ସଦୃଶ ଯାହା ଦଶନାବକାଶ ଘଟିଥିଲା ତାହା ତାଙ୍କର କ୍ରୋଧ ଜନିତ ଦନ୍ତ ଘର୍ଷଣ ମନେ କରି ବରୁଣ ଅଧିକ ଭୟ ପାଇଥିଲେ ।

ଏଠାରେ ମିସେସ୍ ଗୁପ୍ତଙ୍କ ସହିତ ଆପଣମାନଙ୍କର ଟିକିଏ ପରିଚୟ ଘଟିବା ଉଚିତ । ସେକ୍ରେଟେରିଏଟ୍‌ର ହାକିମ ମିଃ ଗୁପ୍ତଙ୍କ ସହଧର୍ମିଣୀ ମିସେସ୍ ସାଧନା ଗୁପ୍ତ ଜୀବନରେ କୌଣସି ଦିନ ସ୍ୱାମୀ ଅନୁରକ୍ତା ନ ଥିଲେ, ଆଜି ମଧ୍ୟ ନୁହନ୍ତି । ମିଃ ଗୁପ୍ତ ସାଧାରଣ କିରାଣୀ ଜୀବନରୁ କ୍ରମାନ୍ୱୟ ଉତ୍ତୀର୍ଣ୍ଣ ହୋଇ ହାକିମ ହୋଇଛନ୍ତି । ତେଣୁ ସେ ଗୃହକର୍ମ ନିଶାରେ ଆତ୍ମ-ବିଭୋର । କୌଣସି ଦିନ ମିସେସ୍ ଗୁପ୍ତଙ୍କ ଯୌବନ ବା ରୂପ ଚର୍ଚ୍ଚାକୁ ଦୃଷ୍ଟି ଦେବାର ଅବସର ପାଇଲେ ନାହିଁ । ମାତ୍ର ମିସେସ୍ ଗୁପ୍ତ ସେଥିପାଇଁ କୌଣସି ଦିନ ଅଭିମାନ କରି ନାହାନ୍ତି । ସେ ନିର୍ବୋଧ ନୁହନ୍ତି । ତେଣୁ ତାଙ୍କର ଯୌବନର ଉପଯୁକ୍ତ ମୂଲ୍ୟ ସେ ଆଦାୟ କରି ଶିଖିଛନ୍ତି ।

ତାଙ୍କର ଜ୍ୟେଷ୍ଠା କନ୍ୟା ଷୋଡ଼ଶୀ ଇଳା ରାୟ ତାଙ୍କ ପାଖରେ ରହନ୍ତି ଆଉ ସ୍କୁଲ୍ ଆର୍ଟରେ ପଢ଼ନ୍ତି । ଏକାଦଶ ବର୍ଷୀୟ ଏକମାତ୍ର ପୁତ୍ର ଦାର୍ଜିଲିଂରେ ପଢ଼ନ୍ତି ଆଉ କନିଷ୍ଠା ଷଷ୍ଠ ବର୍ଷୀୟା କନ୍ୟା କନ୍‌ଭେଣ୍ଟ୍ ହଷ୍ଟେଲରେ ରହି ପଢ଼ନ୍ତି । ତେଣୁ ମିସେସ୍ ରାୟ ବଙ୍ଗଳା ବଙ୍ଗଳାରେ ଏକ ପ୍ରକାର ନିରବଚ୍ଛିନ୍ନ ଶାନ୍ତିମୟ ନିର୍ଜଂଜାଳ ଜୀବନ ଅତିବାହିତ କରନ୍ତି । ନିଜ ସ୍ୱାମୀଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଏହି ସ୍ୱାସ୍ଥ୍ୟବାନ ସୁନ୍ଦର ଯୁବକ କରୁଣ ଦାସ ପ୍ରତି ସେ ବହୁ ପୂର୍ବରୁ ଆକୃଷ୍ଟା ହୋଇଥିଲେ । ବହୁବାର ଇଙ୍ଗିତରେ ନିମନ୍ତ୍ରଣ ଜଣାଇ ଥିଲେ ସୁଦ୍ଧା କନ୍ୟା-ପ୍ରେମ ପାଗଳ ନିର୍ବୋଧ କରୁଣ ଦାସ ତାହା ଲକ୍ଷ୍ୟ କରି ପାରି ନ ଥିଲେ ମାତ୍ର ଆଜି ସନ୍ଧ୍ୟାରେ ଇଳା ରାୟ ସିନେମା ଯାଇଥିବା ଆଉ ମି: ରାୟ କଲିକତା ଯାଇଥିବା ଅବସରର ଶ୍ରୀମାନ୍ କରୁଣ ଦାସ ଏକ ନାଟକୀୟ ଭଙ୍ଗୀରେ ମିସେସ୍ ରାୟଙ୍କ ଜାଲରେ ଧରା ପଡ଼ିଗଲେ ।

ମିସେସ୍ ରାୟ ଅନ୍ତରର ଅବ୍ୟକ୍ତ ପୁଲକକୁ ଯଥାସାଧ୍ୟ ସଂଯତ କରି ପୁଷ୍ପାରାଣୀ ଓ ଆୟାକୁ ସେଠାରୁ ଅନ୍ତର ହେବା ଲାଗି ଗମ୍ଭୀର କଣ୍ଠରେ ଆଦେଶ ଦେଲେ । ଦାସ ଦାସୀ ବିସ୍ମୟପୂର୍ଣ୍ଣ ଦୃଷ୍ଟିରେ ପରସ୍ପର ମୁହଁକୁ ଚାହିଁ ଘଟଣାଟିର ବାହ୍ୟ ବିସର୍ଗ ଧାରଣା କରି ନ ପାରି ସେଠାରୁ ଚାଲିଗଲେ । ମିସେସ୍ ରାୟ ଧୀରେ ଧୀରେ ଆଗେଇ ଆସି କରୁଣ ଦାସଙ୍କର ଗୋଟିଏ କମ୍ପିତ ହସ୍ତ ନିଜର କର-ପଲ୍ଲବରେ ବନ୍ଦୀ କରି ସ୍ମିତ ହସିଲେ । କହିଲେ—"ମୁଁ ବହୁ ପୂର୍ବରୁ ଏହା ଜାଣିଥିଲି କରୁଣ···।"

କରୁଣ ଦାସ କମ୍ପିତ କଣ୍ଠରେ କହିଲେ—"Up on God ! ମ୍ୟାଡାମ୍, ମୁଁ ପୂର୍ବରୁ ମୋଟେ ଜାଣି ନ ଥିଲି ଯେ···।"

ମିସେସ୍ ଗୁପ୍ତ କରୁଣଙ୍କ ପାଖରେ ବସି ପଡ଼ି ଅଭିମାନ କଣ୍ଠରେ କହିଲେ—"ଚୁପ୍ କର କରୁଣ, ଚୁପ୍ କର । ସେପରି ମ୍ୟାଡାମ୍, ମିସେସ୍ କହିଲେ ମୁଁ ଆଜି ତୁମକୁ କଥା କହିବି ନାହିଁ । ଆଜି ତୁମେ ବଡ଼ ମିଥ୍ୟାବାଦୀ ! ମନେ ମନେ ତୁମେ ମୋତେ ବହୁ ପୂର୍ବରୁ ଭଲ ପାଇବା କଥା ଜାଣି ନ ଥିଲି ବୋଲି କହି ମିଛ କହୁଛ । ମୁଁ କିନ୍ତୁ ଠିକ୍ ଜାଣିଥିଲି ଯେ, ତୁମେ ମୋତେ ଭିତରେ ଭିତରେ ଭଲ ପାଅ ଆଉ ମୋର ସାନ୍ନିଧ୍ୟ ଆଶାରେ ତୁମେ ନିତ୍ୟମିତ ନାନାଦି ଆଳ କରି ଏଠାକୁ ଆସ ।"

ଏ କି ବିଷମ ସଙ୍କଟରେ କରୁଣ ଦାସ ପଡ଼ିଗଲେ ! ଏହା ଯେ ଅଭାବନୀୟ ପ୍ରଣୟ ନିବେଦନ ! କରୁଣ ଦାସ ତ ସ୍ୱପ୍ନରେ ସୁଦ୍ଧା ଏପରି ଦୁରାଶା କରି ନ ଥିଲେ । ହାକିମ ସ୍ୱାମୀର ଅଧଃସ୍ଥନ କର୍ମଚାରୀ ଗରିବ କରୁଣ ଦାସଙ୍କୁ ହାକିମ ପତ୍ନୀ ଅଭିଜାତ ସମାଜର ପ୍ରତୀକ ମିସେସ୍ ସାଧନା ଗୁପ୍ତ ପ୍ରଣୟ ନିବେଦନ କରି ପାରନ୍ତି, ଏହା କ'ଣ ବିଶ୍ୱାସଯୋଗ୍ୟ ? ଏହି ବିଷମ ପରିସ୍ଥିତିର ସମ୍ମୁଖୀନ ହୋଇ ବିଚରା କରୁଣ ଦାସଙ୍କ କଣ୍ଠ ଶୁଖି ଅଠା ଅଠା ଲାଗିଲା । ସେ ଭଗ୍ନ କଣ୍ଠରେ ଖନେଇ ଖନେଇ କହିଲେ—"ମୋତେ··· କ୍ଷ···ମା···କରିବେ···ମେମେସ୍···!"

ଏଥର ମିସେସ୍ ଗୁପ୍ତ କରୁଣ ଦାସଙ୍କ ବକ୍ଷ ଉପରେ ନିଜର ସମସ୍ତ ଅଙ୍ଗ ଲତା ଢାଳି ଦେଇ ଦୁଇ ମୃଣାଳ ବାହୁରେ ତାଙ୍କର କଣ୍ଠ ବେଷ୍ଟନ କରି କହିଲେ—"ପୁଣି ସେହି ମିସେସ୍ ! କାହିଁକି ? ତୁମେ କ'ଣ ମୋତେ ସାଧନା ବୋଲି ଡାକି ପାରିବ ନାହିଁ । ଦେଖ କରୁଣ, ମୋ ସହିତ ଆଉ ଏପରି ଛଳନା କର ନାହିଁ । ମୁଁ ତୁମ ଲାଗି ପାଗଳିନୀ···। ତୁମକୁ ପାଇବା ଜୀବନମୃତ୍ୟୁରେ ମୁଁ ଚରମ

ଷଣ୍ଡ ସହ୍ୟ କରିବାକୁ ପ୍ରସ୍ତୁତ ଅଛି । ତୁମେ କ ମୋତେ ଭଲ ପାଅ ନାହିଁ ?”

—“କିନ୍ତୁ···।” ବରୁଣ ଦାସ କ’ଣ ପ୍ରତିବାଦ କରିବାକୁ ଯାଉଥିଲେ । ମାତ୍ର ମିସେସ୍ ଗୁପ୍ତ ତାଙ୍କ କଥାରେ ବାଧା ଦେଇ କହିଲେ—“ଆମ ଦୁହିଁଙ୍କର ପ୍ରଣୟ ମୂଳରେ କିନ୍ତୁର ସ୍ଥାନ ନାହିଁ ବରୁଣ ! ତୁମର କୌଣସି ଭୟ ନାହିଁ । ସବୁ ବିପଦର ଦାୟିତ୍ୱ ମୁଁ ବହନ କରିବି । ତୁମର ପ୍ରଣୟ ବିନିମୟରେ ତୁମେ ମୋଠୁଁ ଯେଉଁ ସାହାଯ୍ୟ ଲୋଡ଼ିବ, ମୁଁ ଦେବାକୁ ପ୍ରସ୍ତୁତ ଅଛି ।”

ବରୁଣ ଦାସ ଆଉ କ’ଣ କହି ଆସୁଥିଲେ । ମାତ୍ର ସହସା ମିସେସ୍ ଗୁପ୍ତଙ୍କ ଉଷ୍ଣ ଅଧର ଚାପ ତାଙ୍କର କମ୍ପିତ ଅଧରରେ ପଡ଼ିବାରୁ ସେ ବାକ୍‌ଶକ୍ତି ରହିତ ହେଲେ ।

ତା’ ପରର ଘଟଣା ନିହାତି ସହଜ ଓ ସରଳ ହୋଇ ଉଠିଲା । ବରୁଣ ଦାସଙ୍କ ଲିନେନ୍ ସୁଟ୍ ଓ କ୍ୟାପ୍‌ଷ୍ଟାନ୍‌ର ଖର୍ଚ୍ଚ ତୁଲାଇବା ଦିଗରେ ଆଉ ତାଙ୍କୁ ବିଶେଷ ଚିନ୍ତିତ ହେବାକୁ ପଡ଼ି ନ ଥିଲା । ନିୟମିତ ଯଥା ସମୟରେ ଓ ନିର୍ଦ୍ଦିଷ୍ଟ ସ୍ଥାନରେ ଦୁଇ ପ୍ରଣୟୀ ପ୍ରଣୟିନୀଙ୍କ ମିଳନ ଘଟିଲା । ସହରର ସିନେମା, ଥିଏଟର, ଗଡ଼ଗଡ଼ିଆ, କାଠଯୋଡ଼ୀ ସବୁଠି ଫେଲ୍‌ଟହ୍ୟାଟ୍ ଶୋଭିତ ବରୁଣ ଆଉ ଜର୍ଜେଟ୍ ପରିହିତା ମିସେସ୍ ଗୁପ୍ତଙ୍କୁ ଦେଖିବାକୁ ମିଳିଲା । ପରଶ୍ରୀକାତରଙ୍କ ନିନ୍ଦା ଓ କଟୂକ୍ତି ବରୁଣ ଦାସଙ୍କ କ୍ୟାପ୍‌ଷ୍ଟାନ୍‌ର ଧୂଆଁ ସହିତ ମିଳେଇଗଲା ।

---

## —ଦଶ—

ସେଦିନ ସକାଳେ ବାଚେଲର୍‌ସ ମେସ୍‌ର ରୁକ୍‌ମଣୀ ଅରୂପା ଉପର ମହାଲରେ ମ୍ୟାନେଜର କୃଷ୍ଣ ଚରଣଙ୍କ ଘର ଝାଡ଼ୁ ଦେବାକୁ ଯାଇଁ ଆର୍ତ୍ତ ଚିତ୍କାର କରି ଦୌଡ଼ି ପଳାଇ ଆସିଲା । ସିଡ଼ିରେ କ୍ଷିପ୍ର ପଦ କ୍ଷେପରେ ଓହ୍ଲାଇବା ଅବସ୍ଥାରେ ସେ ରଡ଼ି ଛାଡ଼ୁଥାଏ—"ବିଧୁ ଭାଇ, ଭୂପ ଭାଇ, ସମଦ୍ ଭାଇ, ଶୀଘ୍ରେ ଧାଇଁ ଫୁଡ଼ ଗୋ, ଧାଇଁ ପଡ଼ । କୃଷ୍ଣ ଭାଇ କେନ୍ତା କେନ୍ତା କରୁଛନ୍ ଗୋ ଶୀଘ୍ରେ ଧାଇଁ ଆସ— ।"

ତା'ର ଏହି ବିକଟ ରଡ଼ି ଶୁଣି ସମଦ୍ ଖାଁ ଫୁଲ୍‌କା ଉପରୁ ମାଟି ଓ ଲେଙ୍ଗଟି୍ ଧାରୀ କଳେବରରେ ଧାଇଁ ଆସିଲେ । ଭୂପେନ୍ଦ୍ର କୁମାର ଡାଲ ଧରି ପାଇଖାନା ଯାଉଥିଲେ ! ସେ ମଧ୍ୟ ଡାଲ ହାତରେ ଅର୍ଦ୍ଧ ପଥରୁ ଧାଇଁଲେ । ବିଧୁ ଭୂଷଣ ଆକବର ଖାଁ ଗୁଡ଼ାଖୁ ଯୋଗେ ଦନ୍ତ ମାର୍ଜଣା କରୁଥିଲେ, ସେ ମଧ୍ୟ ସେହି ଅବସ୍ଥାରେ ଧାଇଁଲେ । କବି ଆନନ୍ଦ ପ୍ରକାଶ ଗୋଟିଏ ପ୍ରେମ କବିତାର ପ୍ରଥମ ପାଦ ରଚନା କରି ସାରି ଦ୍ୱିତୀୟ ପାଦର ଉପାନ୍ତ ମିଳନ ଖୋଜୁଥିଲେ, ସେ ମଧ୍ୟ ଏହି ଚିତ୍କାର ଫଳରେ କବିତା ଛାଡ଼ି କଲମ ହାତରେ ଧାଇଁଲେ । ସମସ୍ତେ ଆସି ଭୀତି-କମ୍ପିତା, ବିସ୍ଫାରିତ ନେତ୍ରା, ଅସଂଯତ ବସନା ଅରୂପାକୁ ଘେରି ଛିଡ଼ାହେଲେ ।

"କଥା କ'ଣ ? କ'ଣ ହେଲା କହେ ଅରୂପା ?" ସମଦ ଖାଁ ଝାଳ ପୋଛୁ ପୋଛୁ ପଚାରିଲେ ।

—"କୃଷ୍ଣ ଭାଇ ଗୋ କୃଷ୍ଣ ଭାଇ, କୃଷ୍ଣ ଭାଇଟା କେନ୍ତା କେନ୍ତା କରୁଛନ୍ ଗୋ ! ମୁଇଁ କାଣା କରିବି ଗୋ ଭାଇ···ଦେଖିଲା

ଠାନ୍ ଉରେ ପଳାଇ ଆସିଲ । ଶୃଣ୍ଡେ ଆସ ଗୋ, ଧାଇଁ ପଡ଼ ଗୋ...।" ଭୀତି ବିହ୍ୱଳତା ଅରୂପାର ପାଟି ଖନ ମାରିଗଲା ।

ଅନୂଡ଼ା ନିବାସର ଅନ୍ୟାନ୍ୟ ଋହ୍ନ ଅରୂପାର ପ୍ରଳାପର କାରଣ ବୁଝି ନ ପାରି ପରସ୍ପର ମୁହଁକୁ ବିସ୍ମିତ ଦୃଷ୍ଟିରେ ଚାହିଁ ରହିଲେ । ସମଦ ଖାଁ କହିଲେ—"ଏ ପାଗଳୀ ପାଖରେ ଛିଡ଼ା ହୋଇ ଫଳ ନାହିଁ । ଚାଲ କୃଷ୍ଣବାବୁଙ୍କ ଘରକୁ ଯାଇଁ ଘଟଣା କ'ଣ ଦେଖିବା ।"

ସମସ୍ତେ ଊର୍ଦ୍ଧ୍ୱ ଶ୍ୱାସରେ ତିନ ତିନଟା ସିଡ଼ି ଏକା ଏକା ଲମ୍ଫରେ ପାର ହୋଇ କୃଷ୍ଣବାବୁଙ୍କ କୋଠରି ଉଦ୍ଦେଶ୍ୟରେ ଧାଇଁଲେ । ସେଠାରେ ପହଞ୍ଚି ଯେଉଁ ଅଲୌକିକ ଘଟଣା ଦେଖିବାକୁ ପାଇଲେ, ସେଥିରେ କେବଳ ଅରୂପା ଋକରାଣୀ ନୁହେଁ ମେସ୍‌ର ଅନ୍ୟାନ୍ୟ ଋହ୍ନ ମଧ ଭୟରେ ଚିତ୍କାର କରି ଉଠିଲେ । ଅଳ୍ପ ହେଉ ବେଶୀ ହେଉ, ପ୍ରାୟ ସଭିଙ୍କର ଛାତି ଦମ୍ଭ ପାଣି ଫାଟି ଗଲା । ବିଧୂଭୂଷଣ ସମଦ ଖାଁଙ୍କ ପଛରେ ଆସି ଛିଡ଼ା ହେଲେ । ଆନନ୍ଦ ପ୍ରକାଶ ଭୂପେନ୍ଦ୍ର କୁମାରଙ୍କୁ ସମ୍ମୁଖରେ ରଖି ଆତ୍ମଗୋପନ କଲେ । ସୁଦୟ ଶଙ୍କର ଦ୍ୱାର ପାଖରେ ଛିଡ଼ା ରହି ଉଙ୍କି ମାରି ଭିତରର ଦୃଶ୍ୟ ଦେଖୁ ଥାଆନ୍ତି । ଆଉ ସୁଜିତ ରଞ୍ଜିତ ଆଖି ମିଞ୍ଜି ମିଞ୍ଜି କରି ଥରେ ଏ ଦୃଶ୍ୟ ଦେଖିଲା ପରେ ଗାଧୁଆ ଘରକୁ ଦୌଡ଼ିଲେ ।

ବାଚେଲର୍ସ ମେସ୍‌ର ସମସ୍ତ ଋହ୍ନ ସେଦିନ ମ୍ୟାନେଜର କୃଷ୍ଣଚରଣଙ୍କ ଘରେ ଠୁଳ ହୋଇ ଯେଉଁ ଅଭିନବ ଦୃଶ୍ୟ ଦେଖି-ଥିଲେ, ତାହା ଯେପରି ଅଲୌକିକ ସେହିପରି କୌତୁକପ୍ରଦ । କୃଷ୍ଣଚରଣ ବାବୁ ସମ୍ପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ଚଟାଣ ଉପରେ ପଦ୍ମାସନରେ ଥାଇ ଦୁଇ ହାତ ଉପରେଇ ଦଣ୍ଡବତ୍ ଧରୁ ଥାଆନ୍ତି

ଆଜି ମୁହଁରେ "ଶଶୀ ମୀରା, ଶଶୀ ମୀରା" ଶବ୍ଦ କେଉଁଭଳି ଉତ୍ତେଜକ ଭଙ୍ଗୀରେ ଉଚ୍ଚାରଣ କରୁ ଥାଆନ୍ତି । ନୟନ ଯୁଗଳ ମୁଦ୍ରିତ ଅବସ୍ଥାରେ ଥାଏ । ଘୂର୍ଣ୍ଣନ ଯେତେ ଦ୍ରୁତ ହେଉଥାଏ, ମୁହଁର "ଶଶୀ ମୀରା" ଉଚ୍ଚାରଣ ମଧ୍ୟ ସେତେ ପ୍ରଖର ହେଉଥାଏ । ହିମାଳୟ କନ୍ଦରରୁ ଶତ ସ୍ରୋତସ୍ୱିନୀ ପ୍ରବାହିତ ହେଲାପରି ତାଙ୍କ ଅଙ୍ଗରୁ ସ୍ୱେଦବାରି ଶତଧାରାରେ ପ୍ରବାହିତ ହେଉଥାଏ ।

ଏହି ବିଚିତ୍ର ଦୃଶ୍ୟ ଅବଲୋକନ କରି ସମସ୍ତେ ଭୟ ଓ ବିସ୍ମୟରେ ମୂକ ପାଲଟି ଗଲେ । କିଛିକ୍ଷଣ ଲାଗି କାହାରି ମୁହଁରେ କଥାଟିଏ ଫୁଟିଲା ନାହିଁ । ଅଭିଭୂତ ଭାବ କଟିଯିବା ପରେ ପ୍ରଥମେ ସମ୍ପାଦକ କହିଲେ—"ଲୋକଟା ପାଗଳ ହୋଇଗଲା ନା କ'ଣ ? ଏପରି ନଙ୍ଗଳା ହୋଇ ନାଚ କରିବା କିମ୍ବା ଏପରି 'ଶଶୀମୀରା, ଶଶୀମିରା' କହି ପାଟି କରିବାର ମତଲବ ବା କ'ଣ ?

କବି ଆନନ୍ଦ ପ୍ରକାଶ ଭୂପେନ୍ଦ୍ରକୁମାରଙ୍କ ପଛରେ ଥାଇ କହିଲେ—"କାରଣଟା ତ ପରିଷ୍କାର ହୋଇ ଯାଇଛି । କୃଷ୍ଣଚରଣ ବାବୁ ଶଶୀ ଓ ମିରା ନାମ୍ନୀ ଦୁଇଟି ତରୁଣୀଙ୍କ ପ୍ରେମରେ ପଡ଼ିଛନ୍ତି । କାହାକୁ ଛାଡ଼ି କାହାର ପ୍ରେମ ନିବେଦନ ଗ୍ରହଣ କରିବେ ତା'ର ଶେଷ ମୀମାଂସା କରି ନ ପାରି ବୋଧହୁଏ ତାଙ୍କର ଏପରି ଉନ୍ମାଦ ଅବସ୍ଥା ଆସିଛି ।"

ଦାର୍ଶନିକ ଭୂପେନ୍ଦ୍ରକୁମାର କହିଲେ—"ମୁଁ ମଧ୍ୟ ସେହିପରି ଅନୁମାନ କରିଛି । ପ୍ରେମ ଗୋଟାଏ ଏପରି ସୂକ୍ଷ୍ମ ବସ୍ତୁ, ଯାହା ଯଥାସ୍ଥିତରେ ବିନିଯୋଗ ନ ହୋଇ ପାରିଲେ ମନୁଷ୍ୟକୁ ଅତି ସହଜରେ ପାଗଳ କରିଦିଏ । ପ୍ରେମ କରିବା ମୂଳରେ ଚିତ୍ତବୃତ୍ତିର ଗମ୍ଭୀରତା ତଥା ମାନସିକ ଧୈର୍ଯ୍ୟର ଏକାନ୍ତ ଆବଶ୍ୟକତା ରହିଛି । ତା' ଛଡ଼ା ପ୍ରେମ ଏପରି ଗୋଟିଏ ଏକକ ପଦାର୍ଥ, ଯାହାର

ଭଗ୍ନାଂଶ ନାହିଁ କିମ୍ବା ଭଗ୍ନାଂଶକରଣ ସହ୍ୟକରି ନୁହେଁ । ତେଣୁ·· ।"

ଭୂପେନ୍ଦ୍ର କୁମାରଙ୍କ କଥା ମଝିରେ ବାଧା ସୃଷ୍ଟି କରି ସମଦ୍ ଖାଁ ଗର୍ଜି ଉଠିଲେ—"ମଣିଷଟାଏ ମରିବା ଉପରେ ବସିଲାଣି, ଆଉ ତୋର ପ୍ରେମ ତତ୍ତ୍ୱ ବିଶ୍ଳେଷଣ ଚାଲିଛି । ଶଳା, ଯାଲ୍ଦି ଦି' ବାଲ୍ଟି ପାଣି ଆଣବେ । ଆଧା, ଶଳା ମାଇକିନା ପରି ପଛରେ ଲୁଚୁଛୁ କାହିଁକି ? କୃଷ୍ଣବାବୁଙ୍କୁ ପଙ୍ଖା କରି ଯାଲ୍ଦି ।"

ଅସହାୟ ମୃଗ ଶାବକ ଉପରେ ହିଂସ୍ର ଶ୍ୱାପଦ ଆକ୍ରମଣ କଲାପରି ଖାଲିପା ସମଦ ଖାଁ ସମସ୍ତ ଶକ୍ତି ପ୍ରୟୋଗ କରି କୃଷ୍ଣ-ଚରଣ ବାବୁଙ୍କୁ ମାଡ଼ି ବସିଲେ । ଏଣେ ଭୂପେନ୍ଦ୍ର କୁମାର ବାଲ୍ଟି ବାଲ୍ଟି କରି ତାଙ୍କ ମୁଣ୍ଡରେ ପାଣି ଅଜାଡ଼ିବାରେ ଲାଗିଲେ । ଆନନ୍ଦ ପ୍ରକାଶ ବିଞ୍ଚଣା କରିବାରେ ଲାଗିଲେ । ଚାରିଫୁଟ ଉଚ୍ଚତା ବିଶିଷ୍ଟ କ୍ଷୁଦ୍ର କୃଷ୍ଣଚରଣ ସମଦଖାଁଙ୍କର ସାଢ଼େ ତିନିମହଣ ଓଜନର କଳେବର ଚାପରେ ଦମ ବନ୍ଦ ହୋଇ ମରିବା ଉପରେ । ସେ ଆର୍ତ୍ତ ଚିତ୍କାର କରି ଉଠିଲେ—"ମରିଗଲି, ମରିଗଲି ମିଆଁ ସାହେବ ! ମୋ ନାକ କାନରେ ପାଣି ପଶିଗଲା ହୋ । ଆରେ, ମୋତେ ଛାଡ଼ିଦିଅ ହୋ ।"

ମ୍ୟାନେଜର କୃଷ୍ଣଚରଣଙ୍କ ମାନୁଷିକ ଚିତ୍କାର ଶୁଣି ସମଦ୍ ଖାଁ ତାଙ୍କର ଅଙ୍ଗପ୍ରତ୍ୟଙ୍ଗ ଚାପରୁ ତାଙ୍କୁ ମୁକ୍ତ ଦେଇ ଉଠି ଛିଡ଼ା ହେଲେ । କୃଷ୍ଣଚରଣ କ୍ଷିପ୍ର ହସ୍ତରେ ଲୁଙ୍ଗିଟା ପିନ୍ଧି ପକାଇ ତଉଲିଆରେ ଦେହ ମୁଣ୍ଡ ପୋଛିବାକୁ ଲାଗିଲେ । ପୋଛୁ ପୋଛୁରେ କବି ଆନନ୍ଦ ପ୍ରକାଶ ମଧ୍ୟ ତାଙ୍କୁ ସାହାଯ୍ୟ କରି ବସିଲେ—ସମଦ ଖାଁ କ୍ଷଣକ ପରେ ପଚାରିଲେ – କହୋ କୃଷ୍ଣବାବୁ ! ଏପରି ପାଗଳ ପରି କାହିଁକି ହେଉଥିଲେ ?"

ଟାଣି ଟାଣି ନିଶ୍ୱାସ ନେଇ ଦେହ ପୋଛୁଥିବା ଅବସ୍ଥାରେ କୃଷ୍ଣଚରଣ କହିଲେ—"ଟିକିଏ ଅପେକ୍ଷା କରନ୍ତୁ । ସବୁ କଥା କହିବି । ଅତ୍ୟଧିକ ପାଣି ଢାଳିବା ଫଳରେ ମୋର ଶରୀରରେ ଶୀତ ଜନିତ କମ୍ପ ଜାତ ହେଲାଣି । କପେ ଚା' ଦେବା ପାଇଁ ଅନନ୍ତକୁ କହନ୍ତୁ ।"

ଚା' ଆସିଲା । କପ୍‌ର ଶେଷବିନ୍ଦୁ ଚା ନିଃଶେଷ କରି ପାନ କଲା ପରେ କୃଷ୍ଣ ଚରଣ ଟିକିଏ ସୁସ୍ଥ ଓ ସହଜ ଭଙ୍ଗୀରେ କଥା କହିଲେ—"ଶୁଣନ୍ତୁ ସମସ୍ତେ ! ଆଜି ମୋର ବଡ଼ ସୌଭାଗ୍ୟ— ବଡ଼ ଶୁଭଦିନ । ମୁଁ ଆଜି ପ୍ରଭୁଙ୍କ ଅପାର କୃପାରୁ ଜ୍ୟୋତି ଦର୍ଶନ ଲାଭ କଲି । ମୋର ଏହି ପାପ ଚକ୍ଷୁ ଧନ୍ୟ ହେଲା—ମୋର ପାପୀ ମଣିଷ ଜୀବନ ସାର୍ଥକ ହେଲା ।"

କୃଷ୍ଣଚରଣଙ୍କ ଏହି ପ୍ରଳାପର ବିନ୍ଦୁ ବିସର୍ଗ ବୁଝିବା ଅନୁଷ୍ଠାନ ନିବାସର ରହିବୃନ୍ଦଙ୍କ ପକ୍ଷରେ ଏକାନ୍ତ କଷ୍ଟକର । ସେମାନେ ନିର୍ବୋଧ ବିସ୍ମିତ ଦୃଷ୍ଟିରେ ପରସ୍ପରଙ୍କୁ ଚାହିଁ ରହିଲେ । ମି. କରୁଣ ଦାସ କହିଲେ—"He is still not in sense ! କୃଷ୍ଣଚରଣ ବାବୁ ବର୍ତ୍ତମାନ ସୁଦ୍ଧା ପ୍ରଳାପ କରୁଛନ୍ତି ।"

କୃଷ୍ଣଚରଣ ସାଧକର ଶାନ୍ତ ମଧୁର ହସ ହସି କହିଲେ— "କରୁଣବାବୁ, ମୁଁ ପାଗଳ ନ ଥିଲି କିମ୍ବା ପାଗଳ ନୁହେଁ । ତେବେ ଗୋଟାଏ ଅର୍ଥରେ ବିଚାର କଲେ ମୁଁ ବୋଧହୁଏ ପାଗଳ – ଜ୍ଞାନ ପାଗଳ । ତେବେ ଏ କଥା ସତ୍ୟ ଯେ, ମୁଁ ପ୍ରଳାପ କରୁନାହିଁ । ମୁଁ ଆପଣମାନଙ୍କ ପରି ସମ୍ପୂର୍ଣ୍ଣ ଚୈତନ୍ୟରେ ଅତି ସତ୍ୟକଥା କହୁଛି । ମୋର ବାସ୍ତବିକ ଆଜି ଜ୍ୟୋତି ଦର୍ଶନ ଘଟିଲା ।"

ମାତ୍ର କ'ଣ ଏହି ଜ୍ୟୋତି, କିପରି ଏହି ଜ୍ୟୋତି, ତା'ର ରୂପ ରେଖ କିପରି, ଏ ସମ୍ବନ୍ଧରେ ନିବାସୀନ୍ଦ୍ର କୌଣସି ଧାରଣା

କରି ପାରିଲେ ନାହିଁ । ସେ ଘରେ ଟେବଲ ତଳେ ବା ଖଟତଳେ କେଉଁଠି ଜ୍ୟୋତି ପ୍ରକାଶ ଘଟିଥାଏ, ଚନ୍ଦ୍ରାକର ସୁଦଯ୍ସୁ ଶଙ୍କର ଚତୁର୍ଦ୍ଦିଗକୁ ସତର୍କ ସଯତ୍ନ ଦୃଷ୍ଟି ସଞ୍ଚାଳନ କଲେ । ମାତ୍ର ସଭଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା । ଶେଷରେ ସମବର୍ଷୀ ପଚାରିଲେ—"କହୋ ଜ୍ୟୋତି-ଦର୍ଶନ କ'ଣ ?"

—"ଆହା, ଏତିକ ବୁଝି ପାରିଲ ନାହିଁ ମିଆଁ ସାହେବ ! ସେହି ଦୟାର ସାଗର ପ୍ରଭୁଙ୍କ କରୁଣାରୁ ଆଜ ମୁଁ ସେହି ବିଶ୍ୱ-ନିୟନ୍ତା, ଜଗତକର୍ତ୍ତାଙ୍କର ଦିବ୍ୟ ଜ୍ୟୋତି ଦର୍ଶନ କଲି । ଆଜ ମୋର ଜୀବନ ଓ ଜନ୍ମ ଧନ୍ୟ ହେଲା ।"

କବି ଆନନ୍ଦ ପ୍ରକାଶ ମହା ଉଲ୍ଲାସରେ ଚିତ୍କାର କରି ଉଠିଲେ —"କ'ଣ କହୁଛନ୍ତି ! ଆପଣ ଭଗବତ୍ ଦର୍ଶନ ଲାଭ କଲେ ? ଧନ୍ୟ, ଧନ୍ୟ ଆପଣଙ୍କ ଜୀବନ । ଆଜ ଧନ୍ୟ ଏହି ଅନୁତ୍ତ ନିବାସ । ଏଠାରେ ଯେ ଖାଲି ପ୍ରେମ-ପାଗଳ, ଚରିତ୍ରହୀନ ଓ ନାସ୍ତିକ ଦଳ ବାସ କରନ୍ତି, ତାହା ନୁହେଁ; ଏଠାରେ ମ୍ୟାନେଜର କୃଷ୍ଣଚରଣ ବାବୁଙ୍କ ପରି ସିଦ୍ଧ ପୁରୁଷ ଜ୍ୟୋତିଦର୍ଶୀ ମହାତ୍ମା ମଧ୍ୟ ଥାଆନ୍ତି । ତେଣୁ କୁସୁମ ପରଶେ ପଟ ନିସ୍ତାରଣ ହେଲା ପରି ଆପଣଙ୍କ ସଂସ୍ପର୍ଶରେ ଆସି ଆମ ପରି ମୂଢ଼ ପାପୀ ମଧ୍ୟ ଉଦ୍ଧାର ପାଇଲେ । ଅନୁତ୍ତ ନିବାସର ସମସ୍ତ ରତ୍ନ ଆଜି ଧନ୍ୟ ହେଲେ । ବୋଲ ସ୍ୱାମୀ କୃଷ୍ଣଚରଣାନନ୍ଦ କି ଜୟ !

ମ୍ୟାନେଜର କୃଷ୍ଣଚରଣ ଚକ୍ଷୁ ଅର୍ଦ୍ଧ ଉନ୍ମିଳନ କରି, ସ୍ମିତ ହସି ଧୀର ଗମ୍ଭୀର ଭଙ୍ଗୀରେ କହିଲେ—"କବି ଆନନ୍ଦ ପ୍ରକାଶ ଭାବ ପ୍ରବଣ ପ୍ରକୃତିର ଲୋକ । ତେଣୁ ମୋର ଆନନ୍ଦରେ ସେ ବିଶେଷ ଆନନ୍ଦିତ ହେବା ସ୍ୱାଭାବିକ । ପ୍ରଭୁଙ୍କ ଦୟାରୁ ଆଜ ମୋର ଯେଉଁ ଜ୍ଞାନୋଦୟ ହେଲା ସେଥିଲାଗି କବି ଆନନ୍ଦ ମୋର ନାମ ସୁଦ୍ଧା

ଏକ ପ୍ରବଣ୍ଟ ସଂଯୋଗ କରିବାକୁ କୁଣ୍ଠା ବୋଧ କଲେ ନାହିଁ । ମାତ୍ର ମୁଁ ଏହି ସ୍ୱାମୀ, ବାବା, ପ୍ରଭୁପାଦ ସରସ୍ୱତୀ ପ୍ରଭୃତି ପଦବୀ ପସନ୍ଦ କରେ ନାହିଁ । ଏସବୁ ନିହାତି ପୁରାତନ ଓ ରକ୍ଷଣଶୀଳତାର ପରିଚୟସୂଚକ । ମୋତେ ଆପଣମାନେ ଫାଦର ( Father ) ସମ୍ବୋଧନ କରି ପାରନ୍ତି ।”

ପୁଣି ଥରେ ସୁବଯ୍ସ ଶଙ୍କର ପାଟି କରି ଉଠିଲେ—“ବୋଲ ଫାଦର କୃଷ୍ଣଚରଣ କି ଜୟ ! ଅନୁଷ୍ଠ ନିବାସର ନବରତ୍ନମଣ୍ଡଳୀ ସମବେତ କଣ୍ଠରେ ମହାତ୍ମା କୃଷ୍ଣଚରଣଙ୍କର ଜୟଜୟକାର ରବରେ ଗଗନ ପବନ ମୁଖରିତ କରି ତୋଳିଲେ ।

କ୍ୟାଟେଲଉସ୍ ମେସର ମ୍ୟାନେଜର, ସିଦ୍ଧ ପୁରୁଷ, ସ୍ୱନାମ-ଧନ୍ୟ ମହାତ୍ମା କୃଷ୍ଣଚରଣ ଜଗତ୍‌ସିଂହପୁର ଅଞ୍ଚଳର କୌଣସି ଅଖ୍ୟାତ ପଲ୍ଲୀବାସିନ୍ଦା ଏକ କୃଷକର ପୁତ୍ର ଅଟନ୍ତି । ତାଙ୍କର ନିରକ୍ଷର ଦରିଦ୍ର ପିତା ସୁଦାମଚରଣ ପାଞ୍ଚମାଣ ଭାଗ ଚାଷ କରି କୁଟୁମ୍ବ ପ୍ରତିପୋଷଣ କରନ୍ତି । କୃଷ୍ଣଚରଣ ତାଙ୍କ ଜ୍ୟେଷ୍ଠ ପୁତ୍ର । ତାଙ୍କ ତଳେ ଆଉ ଦୁଇ ପୁତ୍ର ଅଛନ୍ତି । ନିରକ୍ଷର ସୁଦାମଚରଣ ପୁତ୍ରକୁ ଦୁଇ ଅକ୍ଷର ପଢ଼ାଇବା ପାଇଁ ଗାଁ ନିଃ ପ୍ରାଃ ସ୍କୁଲରେ ପୁରାଇ ଥିଲେ । ସୁଦାମଚରଣଙ୍କ ସୌଭାଗ୍ୟକୁ ପୁତ୍ର କୃଷ୍ଣଚରଣ ବୃତ୍ତି ପାଇଲେ । ତେଣୁ ଜଗତସିଂହପୁର ମାଇନର ସ୍କୁଲରେ ପାଠ ପଢ଼ିଲେ । ମାଇନର ପରେ ତଥାକଥିତ ଶିକ୍ଷିତ କୃଷ୍ଣଚରଣ ମାଟ୍ରିକ ପଢିବାକୁ ମନ ବଳାଇଲେ । ମାତ୍ର ତାଙ୍କର ପିତା ପଢା ଖର୍ଚ୍ଚ ଚଳାଇ ପାରିବେ ନାହିଁ ବୋଲି ଜଣାଇବା ସଙ୍ଗେ ସଙ୍ଗେ ଚାଷ କାର୍ଯ୍ୟରେ ସାହାଯ୍ୟ କରିବା ଲାଗି କନ୍ୟା ଖଣ୍ଡିଏ ସ୍ବୀକାର କରିବା ଲାଗି ତାଙ୍କୁ ଅନୁରୋଧ କଲେ । ମାତ୍ର କୃଷ୍ଣଚରଣଙ୍କ ଜ୍ଞାନ ପିପାସା ଅସୀମ, ଅନନ୍ତ । ସେ ବା କାହିଁକି ବୁଢ଼ା ବାପାଙ୍କ କଥାରେ

ଚଳିବେ । ତେଣୁ ସେ ରାତି ରାତି ଆସି କଟକରେ ପହଞ୍ଚିଲେ । ବହୁ ଚେଷ୍ଟା ଚରିତ୍ର ପରେ ସେମିନାରି ସ୍କୁଲରେ ନାମ ଲେଖା କାର୍ଯ୍ୟ ସମାଧା ହେଲା । ତା'ପରେ ବାସସ୍ଥାନ ଓ ଭୋଜନର ବ୍ୟବସ୍ଥା କରିବାକୁ ପଡ଼ିବ । ତାହା ମଧ୍ୟ ଟିକିଏ ଚେଷ୍ଟା ଚରିତ୍ର ପରେ ବନ୍ଦୋବସ୍ତ ହେଲା । ସେହି ସ୍କୁଲର ଜଣେ ସ୍ୱଳ୍ପ ବେତନ ଭୋଗୀ ସ୍ୱଧର୍ମୀ ଶିକ୍ଷକ କୃଷ୍ଣଚରଣଙ୍କ ବିପଦରେ ସହାନୁଭୂତିଶୀଳ ହୋଇ ତାଙ୍କୁ ନିଜ ଘରେ ରଖିବାକୁ ସ୍ୱୀକୃତ ହେଲେ । କୃଷ୍ଣଚରଣ ସେହି ଶିକ୍ଷକଙ୍କ ଘରେ ରହିବାକୁ ସ୍ଥାନ ପାଇଲେ ଆଉ ଖାଇବାକୁ ମଧ୍ୟ ପାଇଲେ । ବିନିମୟରେ ଶିକ୍ଷକଙ୍କର ତିନୋଟି ଅପୋଗଣ୍ଡ ସନ୍ତାନଙ୍କୁ ପଢ଼ାଇବାକୁ ହେଲା । ଦଶବର୍ଷର ଝିଅଟି ବଡ଼, ବାକି ଦୁଇଟି ସନ୍ତାନ ତା' ତଳେ ।

ମନ୍ଦ ବ୍ୟବସ୍ଥା ନୁହେଁ । କୃଷ୍ଣଚରଣ ମନେକଲେ, ଏହାଠାରୁ ସୁବିଧା ଜନକ ବ୍ୟବସ୍ଥା କଟକ ସହରରେ ହୋଇ ପାରି ନଥାନ୍ତା । ତେଣୁ ସେ ନବୀନ ଉତ୍ସାହ ଓ ପୂର୍ଣ୍ଣ ପ୍ରାଣରେ ତାଙ୍କ ଶିକ୍ଷକବୃତ୍ତି ଓ ଛାତ୍ର ବୃତ୍ତିରେ ମନ ସଂଯୋଗ କଲେ । ସକାଳେ ନିଜେ ପଠନ ଅଭ୍ୟାସ କରନ୍ତି । ଦଶଟାରେ ସ୍କୁଲକୁ ଯାଆନ୍ତି । ସେଠାରୁ ଫେରି ସନ୍ଧ୍ୟାଠାରୁ ରାତି ନ'ଟା ପର୍ଯ୍ୟନ୍ତ ଆଶ୍ରୟଦାତାଙ୍କ ପୁତ୍ର କନ୍ୟାଙ୍କୁ ପଢ଼ାନ୍ତି । ଆଶ୍ରୟଦାତା ଶିକ୍ଷକ ଜୋସେଫ୍ ଦାସ ଓ ତାଙ୍କର ପତ୍ନୀ କୃଷ୍ଣଚରଣଙ୍କୁ ଜ୍ୟେଷ୍ଠ ପୁତ୍ର ପରି ସ୍ନେହ ଓ ଶ୍ରଦ୍ଧା କରନ୍ତି । ବଡ଼ ଦିନ ପର୍ବକୁ ତାଙ୍କ ପାଇଁ ଲୁଗା ଜାମା କରି ଦିଅନ୍ତି । ବିନିମୟରେ କୃଷ୍ଣଚରଣ ମଧ ସେମାନଙ୍କ ପ୍ରତି ଅଧିକ କୃତଜ୍ଞ ଓ ବିଶ୍ୱସ୍ତ ହୋଇ ପଡ଼ିଲେ ।

ଏହିପରି ଭାବରେ ଦୀର୍ଘ ଚାରିବର୍ଷ ଅତିବାହିତ ହୋଇଗଲା । ଏହା ମଧ୍ୟରେ ଥରେଟି ଗ୍ରୀଷ୍ମଛୁଟିରେ କୃଷ୍ଣଚରଣ ଗାଁକୁ ଆସି

ସ୍ୱଳ୍ପମାସ ମାତ୍ର ରହିଛନ୍ତି । ବେଶୀଦିନ ଗାଁରେ ରହିବାକୁ ତାଙ୍କୁ ଭଲ ଲାଗେନାହିଁ । ଦରିଦ୍ର ପିତା ଶିକ୍ଷିତ ପୁତ୍ରକୁ କିଛି ଭରସା କରି କହି ପାରନ୍ତି ନାହିଁ । ଛୁଟି ଶେଷ କରି ପୁଣି କଟକ ଫେରିଲେ ପିତା ସୁଦାମ ଚରଣ ଅଭିମାନ କରି କଥା କହନ୍ତି ନାହିଁ । ମା' ବୁଢ଼ୀ କାନ୍ଦେ ଆଉ ସାଙ୍ଗରେ କିଛି ଚୂଡ଼ା ହୁଡୁମର ପୁଟୁଳି ବାନ୍ଧି ଦିଏ ।

କୃଷ୍ଣଚରଣ ବର୍ତ୍ତମାନ ଊଣେଇଶ ବର୍ଷର ତରୁଣ । ଫାଇନାଲ୍ ପରୀକ୍ଷା ତାଙ୍କର ଆଉ ଅଳ୍ପ କେଇମାସ ବାକି ରହିଲା । ଆଶ୍ରୟ ଦାତା ଜୋସେଫ୍ ଦାସଙ୍କ ଜ୍ୟେଷ୍ଠାକନ୍ୟା ମିସ୍ ମେରୀୟୁ ଦାସ ବର୍ତ୍ତମାନ ଚଉଦ ବର୍ଷର ନବୀନା । ତାଙ୍କର ଅଙ୍ଗରେ ନବୀନ ରୂପ, ଆଖିରେ ନୂତନ ମାଦକତା ଆଉ ଅଧରରେ ଲାଜସିକ୍ତ ହସର ଅମୃତ । ତାଙ୍କର କଥାରେ ଆନ୍ତରିକତା, ଗତିରେ ନୂତନ ଛନ୍ଦ ସଙ୍କୋଚର ତାଙ୍କର ନବ ବିକଶିତ ଯୌବନ ସହସା ଏକ ଜ୍ୟୋତ୍ସ୍ନା ମଧୁର ସନ୍ଧ୍ୟାରେ ଭୂଗୋଳ ପଢ଼ାଉଁ ପଢ଼ାଉଁ ତରୁଣ କୃଷ୍ଣଚରଣ ଆବିଷ୍କାର କରି ବସିଲେ । ସେହି ମୁହୂର୍ତ୍ତରୁ ତାଙ୍କର ତରୁଣ ମନ ଭିତରେ ଗୋଟାଏ ଅଭିନବ ଆଲୋଡ଼ନ ସୃଷ୍ଟି ହେଲା । ଅବଶେଷରେ ସେ ମେରୀୟୁ ଦାସଙ୍କୁ ମନେ ମନେ ଗଭୀର ଭାବରେ ପ୍ରେମ କରୁଛନ୍ତି ବୋଲି ବୁଝି ପାରିଲେ ଆଉ ତାଙ୍କୁ ପାଇବା ପାଇଁ ଆଶାର ବିରାଟ ତାଜମହଲ ନିର୍ମାଣ କଲେ । ସେ ଜାଣିଥିଲେ ଯେ, ମେରୀୟୁଙ୍କୁ ପାଇବା ବିଶେଷ କଷ୍ଟ ସାଧ୍ୟ ନୁହେଁ । ଜୋସେଫ୍ ଦାସ ଓ ତାଙ୍କ ପତ୍ନୀଙ୍କୁ ସନ୍ତୁଷ୍ଟ କରି ପାରିଲେ ମେରୀୟୁ ଚିରଦିନ ଲାଗି ତାଙ୍କର ହୋଇ ପାରିବ । ଆଉ ଜୋସେଫ୍ ଦାସଙ୍କୁ ସନ୍ତୁଷ୍ଟ କରିବାର ଉପାୟ ଦ୍ୱିବିଧ । ପ୍ରଥମ—କୃଷ୍ଣଚରଣଙ୍କୁ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ

କରିବାକୁ ହେବ । ଦ୍ୱିତୀୟ ଚାକରୀ କରି ପ୍ରତି ମାସର ଉପରମାଟି ଏହି ଅଭାବଗ୍ରସ୍ତ ଶିକ୍ଷକ ହାତରେ ତୋଳି ଦେବାକୁ ପଡ଼ିବ । ମନେ ମନେ ବହୁ ଚିନ୍ତା ଭାବନା, ବାଦ ବିବାଦ, ଯୁକ୍ତି ତର୍କ କରିବା ପରେ ଶିକ୍ଷିତ କୃଷ୍ଣଚରଣ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିବାକୁ ସିଦ୍ଧାନ୍ତ କଲେ ।

ତା' ପରେ ଧର୍ମାନ୍ତର ଗ୍ରହଣ କରିବା ଦିବସ । ତାହା ଜୋସେଫ ଦାସଙ୍କ ପରିବାରରେ ଏକ ଚିରସ୍ମରଣୀୟ ଦିବସ । ସେହି ଉପଲକ୍ଷେ ଜୋସେଫ ଦାସ ଏକ ବିରାଟ ଭୋଜିର ବ୍ୟବସ୍ଥା କରିଥିଲେ । ବହୁ ନିମନ୍ତ୍ରିତ ବନ୍ଧୁ ଉପସ୍ଥିତ ହୋଇ କୃଷ୍ଣଚରଣଙ୍କୁ ଅଭିନନ୍ଦନ କରିଥିଲେ ।

ଜନ୍ମଦାତା ପିତା ସୁଦାମ ଚରଣ ଏ ସମ୍ବାଦ ପାଇ ନୀରବରେ ଅଶ୍ରୁ ବିସର୍ଜନ କରିଥିଲେ । ଏହା ପରେ ନିଜର ସମାଜଠାରୁ ତ୍ୟଜ୍ୟ ହେବା ଆଶଙ୍କାରେ ସମାଜପତିମାନଙ୍କର ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ରେଜେଷ୍ଟ୍ରି ଅଫିସକୁ ଯାଇଁ ନୀରକ୍ଷର ଓ ସରଳ ପ୍ରାଣ କୃଷକ ସୁଦାମ ଚରଣ ନିଜର ଜ୍ୟେଷ୍ଠପୁତ୍ରକୁ ତ୍ୟଜ୍ୟ ପୁତ୍ର କରିଥିଲେ ।

ତା' ପରେ ଦିନ ଗଡ଼ି ଯାଇଛି । କୃଷ୍ଣଚରଣ ତ୍ୟଜ୍ୟପୁତ୍ର ହେବା ସମ୍ବାଦ ଶୁଣିଛନ୍ତି । ତେଣୁ ଜୋସେଫ ଦାସଙ୍କ ଘରଜ୍ୱାଇଁ ଜାମାତାରୂପେ ସେ ଭାବୀ ଶଶୁରଙ୍କ ଘରେ ରହିବାକୁ ବାଧ୍ୟ ହେଲେ । ତ୍ୟଜ୍ୟ ପୁତ୍ର ହେବା ଫଳରେ କୃଷ୍ଣଚରଣ ବିଶେଷ ମନ କଷ୍ଟ କରି ନ ଥିଲେ । କାରଣ ତା' ଫଳରେ ସେ ବିଶେଷ କ୍ଷତିରେ ପଡ଼ି ନାହାନ୍ତି । ତାଙ୍କର ପିତା ସୁଦାମ ଚରଣ । ସେ ତ ଜଣେ ମୂର୍ଖ ଓ ଦରିଦ୍ର ଚଷା । ତାଙ୍କ ସଂସର୍ଗରୁ ଦୂରରେ ରହିବା ପ୍ରତ୍ୟେକ ଶିକ୍ଷିତ ଆଲୋକପ୍ରାପ୍ତ ପୁତ୍ରର ଅବଶ୍ୟ କର୍ତ୍ତବ୍ୟ ।

କୃଷ୍ଣ ଚରଣ ଯଥା ସମୟରେ ମାଟ୍ରିକ ପାଶ କଲେ ଆଉ ନୂଆ ଖୋଲାଯାଇଥିବା ସପ୍ଲାଇ ବିଭାଗରେ ଗୋଟିଏ ଚାକିରି ମଧ୍ୟ ଯୋଗାଡ଼ କରି ପାରିଲେ । ପ୍ରଥମ ମାସର ଦରମା ଆଣି ଯେଉଁଦିନ ଜୋସେଫ ଦାସଙ୍କ ପତ୍ନୀଙ୍କ ହସ୍ତରେ ଅର୍ପଣ କରିଥିଲେ ସେଦିନ ମଧ୍ୟ ତାଙ୍କ ପରିବାରରେ ଏକ ବିରାଟ ଉତ୍ସବ ଦିନରୂପେ ପାଳିତ ହୋଇଥିଲା । ଜୋସେଫ ଦମ୍ପତିଙ୍କ ପାଦ ଆଉ ତଳେ ଲାଗିଲା ନାହିଁ ।

ଏହା ପରେ କୃଷ୍ଣଚରଣଙ୍କ ଦିନଗୁଡ଼ିକ ମହାନଦୀର ବନ୍ୟା ସ୍ରୋତ ପରି ଆନନ୍ଦ ପ୍ଲାବନରେ କଲୋଚ୍ଛ୍ୱାସମୟ ହୋଇ ଉଠିଥିଲା । କୃଷ୍ଣଚରଣ ଚାକିରି କରନ୍ତି, ଯଥା ସମୟରେ ଦରମା ଲଫାପାଟି ଜୋସେଫ ପତ୍ନୀଙ୍କୁ ବଢ଼ାଇ ଦିଅନ୍ତି, ଭଗ୍ନୀ ଶ୍ୟାଳକମାନଙ୍କୁ ପଢ଼ାନ୍ତି ଆଉ ମେସ୍ୟା ଦାସଙ୍କୁ ନାନାଦି ଉପହାର ସାମଗ୍ରୀ ଦେବା ସଙ୍ଗେ ସଙ୍ଗେ ତାଙ୍କ ସସ୍ମିତ ଆଖିରେ ଆଖିରେ ପ୍ରଣୟ ବିନିମୟ କରନ୍ତି । ମାତ୍ର ହଠାତ୍ ଦିନେ ବଡ଼ ଅପ୍ରତ୍ୟାଶିତ ଭାବରେ କୃଷ୍ଣଚରଣଙ୍କ ଆନନ୍ଦ ପ୍ଲାବନରେ ଭଟ୍ଟା ପଡ଼ିଲା । ମେସ୍ୟା ଦାସ ଦଶମ ଶ୍ରେଣୀରେ ପଢ଼ିବାବେଳେ ଜଣେ ସୁଦର୍ଶନ, ସ୍ୱାସ୍ଥ୍ୟବାନ ଶିକ୍ଷିତ ତରୁଣଙ୍କୁ ପ୍ରେମ କରି ବସିଲେ ଆଉ ବାପ ମା'ଙ୍କ ଅନିଚ୍ଛା ସତ୍ତ୍ୱେ ରେଜେଷ୍ଟ୍ରି ପରିଣୟ ସୂତ୍ରରେ ଆବଦ୍ଧ ହୋଇ ଜୋସେଫ ଦାସ ପରିବାରରୁ ବିଦାୟ ନେଲେ ।

ଏହି ଅପ୍ରତ୍ୟାଶିତ ଘଟଣା ପରେ କୃଷ୍ଣଚରଣ ଭିତରେ ଓ ବାହାରେ ବଡ଼ ଶୋଚନୀୟ ଭାବରେ ଭାଙ୍ଗି ପଡ଼ିଲେ । ଜୀବନର ସମସ୍ତ ଉତ୍ସାହ ତାଙ୍କର ମଉଳିଗଲା । ତାଙ୍କର ରୋଜଗାର ଉପରେ ଦୃଷ୍ଟି ରଖି ସ୍ୱାର୍ଥପର ଜୋସେଫ ଦମ୍ପତି ତାଙ୍କୁ ଛାଡ଼ି ପାରିଲେ ନାହିଁ । ବାତ୍ସଲ୍ୟ ଛଳନାରେ ତାଙ୍କୁ ଆହୁରି ଦୃଢ଼ ରୂପେ ବାନ୍ଧି ରଖିଲେ । କୃଷ୍ଣଚରଣ ଜୋସେଫ ଦମ୍ପତିଙ୍କ ପାଖରେ ରହିଲେ

ସତ, ମାତ୍ର ସେହିଦିନଠାରୁ ସେ ବଡ଼ ଉଦାସୀନ ହେବାପରି ଦେଖାଗଲା । କିଛିଦିନ ସେଠାରେ ରହିବା ପରେ ତାଙ୍କର ଭଙ୍ଗା ମନ ଯୋଡ଼ି ନ ହେବାରୁ ଶେଷରେ ସେ ଅନନ୍ତ ନିବାସକୁ ଚାଲି ଆସିଲେ । ଆଜି ସେହି ସଂସାର ବିରାଗୀ, ଉଦାସୀନ କୃଷ୍ଣଚରଣ ଜ୍ୟୋତି ଦର୍ଶନ ଲାଭ କରି ସମସ୍ତଙ୍କୁ ଚମତ୍କୃତ କରିବା ସଙ୍ଗେ ସଙ୍ଗେ ନିଜେ ଧନ୍ୟ ହେଲେ, ଅନନ୍ତ ନିବାସ ଓ ନବରତ୍ନଙ୍କୁ ଧନ୍ୟ କଲେ ।

ଏହି ଜ୍ୟୋତି ଦର୍ଶନ ଘଟଣାର ଠିକ ଏକମାସ ପରେ ଆଉ ଏକ ଚମକପ୍ରଦ ଘଟଣା ଘଟିଲା, ଯାହା ଫଳରେ ଅଣ୍ଟମ ବୋମ ପାତରେ ଚେତନାହତ ହେଲାପରି ନବରତ୍ନ ଗଷ୍ଠିର ବନ୍ଧୁସ୍ତରେ କିଛିକ୍ଷଣଲାଗି ମୂକ ଜଡ଼ ପାଲଟିଗଲେ । ସେହି ଅବିସ୍ମରଣୀୟ ଅବସ୍ଥା ଜନ୍ମିଥିଲା ସେତିକିବେଳେ, ଯେତେବେଳେ ଉଦାସୀ ମହାତ୍ମା କୃଷ୍ଣଚରଣ ତାଙ୍କର ଶୁଭପରିଣୟ ଉପଲକ୍ଷେ ଖଣ୍ଡିଏ ଲେଖାଏଁ ନିମନ୍ତ୍ରଣ ପତ୍ର ନବରତ୍ନଙ୍କ ହାତକୁ ବଢ଼ାଇଥିଲେ । ହତବୁଦ୍ଧି-ବିସ୍ଫାରିତ ନେତ୍ରରେ ନବରତ୍ନ ନିମନ୍ତ୍ରଣ ପତ୍ର ପଢ଼ି ବୁଝି ପାରିଲେ ଯେ, ରବିନ୍‌ସନ ପଟ୍ଟନାୟକଙ୍କ ଏକମାତ୍ର କନ୍ୟା କୁମାରୀ ଉର୍ମିଳାଙ୍କ ସହିତ କୃଷ୍ଣଚରଣଙ୍କର ଶୁଭପରିଣୟ ଆସନ୍ତା ଦଶ ତାରିଖରେ ଘଟିବ ।

ରବିନସନ୍ ପଟ୍ଟନାୟକ ଓ କ ବିଭାଗରେ ଅଫିସର ଗ୍ରେଡର ଜଣେ କର୍ମଚାରୀ । କଟକରେ ଏକ ବିରାଟ କୋଠା ଆଉ ଗ୍ରାମରେ ବିରାଟ ସମ୍ପତ୍ତି ରହିଛି । ଉର୍ମିଳା ତାଙ୍କର ଏକମାତ୍ର କନ୍ୟା ଓ ଏକମାତ୍ର ସନ୍ତାନ । ତେଣୁ ତାଙ୍କର ଅବର୍ତ୍ତମାନରେ କନ୍ୟାହିଁ ସମସ୍ତ ସମ୍ପତ୍ତିର ମାଲିକ ହେବ । ଉର୍ମିଳା ସୁନ୍ଦରୀ କିନ୍ତୁ ରୂପବତୀ ନୁହନ୍ତି, ତା' ଛଡ଼ା ଭଗ୍ନ ସ୍ୱାସ୍ଥ୍ୟ । ବୟସ ସପ୍ତଦଶ, ମାଟ୍ରିକ ପଢ଼ୁଥିଲେ ।

ସବୁଠାରୁ ମଜାର କଥା ନିଜେ କୃଷ୍ଣଚରଣ ଉର୍ମିଳାଙ୍କର ଗୃହ ଶିକ୍ଷକ ଥିଲେ । ଭବନସନ ବାବୁ କୃଷ୍ଣଚରଣଙ୍କ ଜ୍ୟୋତି ଦର୍ଶନ ସମ୍ବାଦରେ ଉଲ୍ଲସିତ ହୋଇ ରାଜ୍ୟ ଓ ରାଜକନ୍ୟା ସବୁ ତାଙ୍କ ହସ୍ତରେ ସମର୍ପି ଦେଇ ବାନପ୍ରସ୍ଥ ଅବଲମ୍ବନ କରିବାକୁ ମନସ୍ଥ କଲେ ।

ନିମନ୍ତ୍ରଣ ପତ୍ର ହାତରେ ପଡ଼ିଲାବେଳକୁ ଦାର୍ଶନିକ ଭୂପେନ୍ଦ୍ର କୁମାର ମୁହୁର୍ମୁହୁ ଦୀର୍ଘନିଶ୍ୱାସ ନିକ୍ଷେପ କରି ଚୈତନ୍ୟ ହରାଇବା ଉପରେ ପହଞ୍ଚିଲେ । କବି ଆନନ୍ଦ ପ୍ରକାଶ ତାଙ୍କୁ ପଙ୍ଖା କରିବାରେ ଲାଗିଲେ । ଭୂପେନ୍ଦ୍ରକୁମାର ବ୍ୟଥାତୁର, ହତାଶ ଭଙ୍ଗୀରେ କହିଲେ —"କବି, ମୁଁ ଆଉ ତୁମେ—ତୁମେ ଆଉ ମୁଁ, ଦୁଇଜଣ ଗର୍ଦ୍ଦଭ ଜାଣିଥା ।"

ଦାର୍ଶନିକଙ୍କ ମସ୍ତିଷ୍କ ବିକୃତି ଘଟିଥିବାର ସନ୍ଦେହକରି କବି ବିସ୍ମିତ ଦୃଷ୍ଟିରେ ତାଙ୍କୁ ଚାହିଁଲେ ।

ଭୂପେନ୍ଦ୍ର କୁମାର କହିଲେ—"ଆହେ, ଚାରିଫୁଟ ଉଚ୍ଚତା ଆଉ ଅଠେଇଶ ଇଞ୍ଚ ଛାତି ବିଶିଷ୍ଟ ପଇଁତିରିଶି ବର୍ଷର ବିଗତ ଯୌବନ କୃଷ୍ଣଚରଣ ଭାଗ୍ୟରେ ରାଜ୍ୟ ଆଉ ରାଜକନ୍ୟା । ଏହାଠାରୁ ଆଶ୍ଚର୍ଯ୍ୟକର ଘଟଣା କ'ଣ ଘଟିପାରେ । ଆଉ ଆମେ ଦୁହେଁ ଶଳା ଖାଲିପା ସମଦ ଖାଁର ସାଗିରଦ ହୋଇ ଯେଉଁ ମସଲ-ପୁଷ୍ଟ ଶରୀର ତିଆରି କଲୁ ତା'ର କଡ଼ାକର ମୂଲ୍ୟ ନାହିଁ । ତେଣୁ କହିଲି, ଆମେ ଦୁହେଁ ନିପଟ ଗର୍ଦ୍ଦଭ । ବୁଝିଲ କବି, ଆଲ୍ଲା ଯାହାକୁ ଦିଅନ୍ତି, ଏହିପରି ଛପର ଫାଡ଼ି ଦିଅନ୍ତି । ଆମର ତ ମୂଳରୁ ଛପର ନାହିଁ, ଆଉ··· ।"

ଦାର୍ଶନିକ ହତାଶ ଓ ଦୁଃଖରେ ବାକ୍ୟଟିକୁ ସମ୍ପୂର୍ଣ୍ଣ କରି ପାରିଲେ ନାହିଁ ।

# ଶେଷ କଥା

ଯେତେଦୂର ସ୍ମରଣ ହୁଏ, ଉଜ୍ଜୟିନୀ ରାଜ ସଭାର ନବରତ୍ନ ସେମାନଙ୍କର ମୃତ୍ୟୁ ପୂର୍ବରୁ ପରସ୍ପର ନିକଟରୁ ବିଚ୍ଛିନ୍ନ ହୋଇ ନ ଥିଲେ । ମନୁଷ୍ୟ ସୃଷ୍ଟି କୌଣସି ବାଧାବିଘ୍ନ ସେମାନଙ୍କୁ ମହାରାଜ ବିକ୍ରମାଦିତ୍ୟଙ୍କ ଦରବାରରୁ ଅନ୍ତର କରି ପାରି ନ ଥିଲା । ଏକମାତ୍ର ଚିର ଅଜେୟ ମୃତ୍ୟୁ ସେମାନଙ୍କୁ ପରସ୍ପରଠାରୁ ଅନ୍ତର କରିଥିଲା । ତାହା ମଧ୍ୟ ବହୁବର୍ଷ ପରେ ଆଉ ଦୀର୍ଘ ଦିନର ବ୍ୟବଧାନରେ । ମାତ୍ର କଟକ ସହର ଅନ୍ତର୍ଗତ ଭତ୍ତଖିଆ ଗଳି ଅଧ୍ୟୁଷିତ ଅନନ୍ତ ନିବାସର ନବରତ୍ନ ମଣ୍ଡଳୀ ମାତ୍ର ଗୁଟିଏ ବର୍ଷ ଏକତ୍ର ରହିବା ପରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇଥିଲେ । ଅବଶ୍ୟ ଏହି ବିଚ୍ଛିନ୍ନତା ମୂଳରେ କୌଣସି ଦୈବୀ ଦୁର୍ଘଟଣା ଘଟି ନ ଥିଲା । ମଣିଷର ବହୁମୁଖୀ କର୍ମ ମୁଖର ଜୀବନ ନିହାତି ସାଧାରଣ ଭାବରେ ସେମାନଙ୍କୁ ଭିନ୍ନ ଭିନ୍ନ ସ୍ରୋତ ମୁଖରେ ଭସାଇ ଦେଇଥିଲା । ସେଥିରେ ଏତେ ଟିକିଏ ବିଚିତ୍ରତା ନ ଥିଲା ।

ଜବ ଆନନ୍ଦ ପ୍ରକାଶ ବି. ଏ. ପାଶ କରିସାରିବା ପରେ ବିହାର ପ୍ରଦେଶର କୌଣସି ଏକ ବିଖ୍ୟାତ ନଗରୀରେ ସ୍କୁଲଟିଏ

ଯୋଗାଡ଼ କରି ଅନୂଢ଼ ନିବାସରୁ ବିଦାୟ ନେଲେ । ତାଙ୍କର ମାନସୀ ସୁକାନ୍ତି ମହାନ୍ତି ରେଭେନ୍ସା କଲେଜରେ ରହିଲେ ଆଜି ତାଙ୍କର ପ୍ରଥମ ଯୌବନର ସୁନେଲି ରଙ୍ଗୀ ସ୍ମୃତି କବିତା ଖାତାଟି ସେ ଜାଣି ଜାଣି ଅନୂଢ଼ ନିବାସରେ ଛାଡ଼ି ଦେଇଗଲେ ।

ନାଗସ୍ୱଭାବ ବିଶିଷ୍ଟ ସୁଜିତ ରାଉତ ହଠାତ୍ ଦିନେ ସମ୍ବଲପୁର ବଦଳିର ପରୱାନା ପାଇ ବିଚଳିତ ହୋଇ ପଡ଼ିଲେ । ପରିଚିତ ଅନୂଢ଼ ନିବାସ ତଥା ଶୁଭାକାଂକ୍ଷୀ ନବରତ୍ନ ମଣ୍ଡଳୀଙ୍କୁ ଛାଡ଼ି ତାଙ୍କୁ କେଉଁ ଦୂର ରାଇଜକୁ ଯିବାକୁ ହେବ । ଏହି ଦୁଃଖରେ ସେ କାନ୍ଦି ପକାଇଲେ । ଶେଷରେ ନବରତ୍ନଙ୍କର ଆଶ୍ୱାସନା ଓ ଆଶୀଷକୁ ସମ୍ବଳ କରି ସେ ତାଳଚେର ଗାଡ଼ିରେ ଚଢ଼ିଲେ ।

ବୈଧ ଅବୈଧ ନାନାଦି ଉପାୟ ଅବଲମ୍ବନ କରି ବହୁ ଦେବ ଦେବୀଙ୍କ ପାଖରେ ମୁଣ୍ଡିଆ ମାରି; ଯଦି ଅନିଦ୍ରା ହୋଇ ନୋଟ ଘୋଷି ସୁଦ୍ଧା ବିଧିଭୂଷଣ ଆଇ. ଏ. ପାଶ କରି ପାରିଲେ ନାହିଁ । ଶେଷରେ ପିତୃଦେବ ମାସିକ ଭତ୍ତା ବନ୍ଦ କରି ଦେବାରୁ ସେ ଚାକିରି ଚେଷ୍ଟାରେ ଲାଗି ପଡ଼ିଲେ । ବହୁ ଚେଷ୍ଟା, ତଦ୍ବିର, ତୈଳ ମର୍ଦ୍ଦନ, ଭୋଗ ଲାଗି କରି ସରିବା ପରେ ସେ ସରକାରୀ ଦପ୍ତରରେ ଖଣ୍ଡିଏ ଚାକିରି ଯୋଗାଡ଼ କରି ପାରିଲେ । ମାତ୍ର ଅନ୍ୟାନ୍ୟ ରତ୍ନ ଜଣ ଜଣ କରି ଅନୂଢ଼ା ନିବାସ ତ୍ୟାଗ କରି ଚାଲି ଯାଇଥିବାରୁ ଡ଼ାଇଭର ଗୁଣ ରାଜୁତର ଆକ୍ରମଣ ଆଶଙ୍କାରେ ସେ ସେଠାରେ ଏକାକୀ ରହିବାଟା ବୁଦ୍ଧିମାନର କାର୍ଯ୍ୟ ବୋଲି ମନେ କଲେ ନାହିଁ । ତେଣୁ ସେ ମଧ୍ୟ ସହରର ଅପର ପ୍ରାନ୍ତରେ ଗୋଟିଏ ଶସ୍ତା ମେସ୍ ସନ୍ଧାନ କରି ଅନୂଢ଼ା ନିବାସ ଛାଡ଼ିଲେ ।

ଖାଲିପା ସମଦ୍ ଖାଁ ଯଥା କାଳରେ ମାତୁଳ କନ୍ୟା ଅମୀନା ଖାତୁନଙ୍କ ପାଣି ଗ୍ରହଣ କରି କଟକରେ ଗୋଟିଏ ଭଲ ଘର ଭଡ଼ା

ନେଇ ସପରିବାରରେ ବାସ କଲେ । ଆଜ ପର୍ଯ୍ୟନ୍ତ ଅମୀନା ଖାତୁନ ଘରଯୋଗ୍ୟା ନ ହୋଇଥିବା କାରଣରୁ ସମଦ୍ ଖାଁଙ୍କ ସାଦିକିୟା ବାକି ପଡ଼ିଥିଲା । ସେହି ଅବସରରେ ସମଦ୍ ଖାଁ ଅନୂଢ଼ ନିବାସରେ ବାସ କରିବା ସଙ୍ଗେ ସଙ୍ଗେ ଦଣ୍ଡ ବୈଠକ ଇତ୍ୟାଦି କରି ଶରୀରଟାକୁ ମଜବୁତ କରି ଆଣିଥିଲେ । ଅମୀନା ଖାତୁନ ଘରଯୋଗ୍ୟା ହେବା ପରେ ପୁଣି ଅନୂଢ଼ ନିବାସରେ ଏକାକୀ ବାସ କରିବା ନିର୍ବୋଧତା ଛଡ଼ା ଆଉ କିଛି ନୁହେଁ । ତେଣୁ ସେ ମଧ୍ୟ ଅନୂଢ଼ ନିବାସ ଛାଡ଼ିଗଲେ ।

ଦାର୍ଶନିକ ଭୂପେନ୍ଦ୍ରକୁମାର ଏମ୍. ଏ. ପାଶ କରିବା ପରେ ଓଡ଼ିଶା ଚାକିରି ବଜାରରେ କୌଣସି ବ୍ୟବସ୍ଥା କରି ନପାରି ସୁଦୂର ଦିଲ୍ଲୀ ନଗରୀରେ ଚାକିରିଟିଏ ଯୋଗାଡ଼ କଲେ । ଖାଲିପା ସମଦ୍ ଖାଁଙ୍କୁ ସଲାମ କରି ଆଉ ଆଜିଯାଏ ମେସରେ ତାଙ୍କର ଡବଲ ମିଲର ଖର୍ଚ୍ଚ ସ୍ୱତଃପ୍ରବୃତ୍ତ ହୋଇ ବହନ କରିଥିବା ବିନିମୟରେ ତାଙ୍କୁ ପୁଣି ଥରେ ଧନ୍ୟବାଦ ଜଣାଇ, ଅନ୍ୟାନ୍ୟ ବନ୍ଧୁଙ୍କଠାରୁ ବିଦାୟ ମାଗି ସେ ମଧ୍ୟ ଦିନେ ଦିଲ୍ଲୀ ଅଭିମୁଖରେ ପୁରୀ ଏକ୍ସପ୍ରେସ ଚଢ଼ିଲେ । ତାଙ୍କର ସ୍ମୃତି ଚିହ୍ନରୂପେ ଶରୀର ସାଧନାର ଉପକରଣ ଗୋଟାଏ ସ୍ପ୍ରିଙ୍ଗ ଆଉ କଣ୍ଠ ସାଧନାର ଉପକରଣ ଖଣ୍ଡିଏ ହାରମୋନିୟମ ସେ ଅନୂଢ଼ ନିବାସର ଭାବୀ ବଂଶଧରଙ୍କ ଉଦ୍ଦେଶ୍ୟରେ ଛାଡ଼ିଗଲେ ।

ହୁସେନ୍ ଆଲାମ ତାଙ୍କର କଥା ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ମରଦ୍ କା ବାତ୍ ଆଉ ହାତୀକା ଦାନ୍ତ । ମେସ୍ ଛାଡ଼ି ଯିବାର ଠିକ୍ ସାତଦିନ ପରେ ସେ ସାଦି କରି ଯଥା ସମୟରେ ସସ୍ତ୍ରୀକ କଟକ ଫେରି ଆଲାମଚାନ୍ଦ ବଜାରରେ ତାଙ୍କର ନୂତନ ବସାଘରେ ହନିମୁନ ଯାପନ କଲେ । ତାଙ୍କର ନବ ପରିଣୀତା

ପତ୍ନୀଙ୍କ ହାତରୁ ସିମେଇ ଖାଇବା ଲାଳସାରେ ନବରତ୍ନ କେତେଥର ଆଳକରି ତାଙ୍କ ନୂତନ ମାଣ୍ଡକୁ ଯାଇଥିଲେ । ମାତ୍ର ପ୍ରତିଥର ସେହି ନୂତନ ମାଣ୍ଡର ସଦର ଦରଜାରେ ବାହାର ପଟୁ ତାଲା ପଡ଼ିଥିବାର ଦେଖି ବ୍ୟର୍ଥ ମନୋରଥ ହୋଇ ଫେରିଛନ୍ତି ।

ସୁଦୟୁ ଶଙ୍କର ବି. କମ୍ ପାଶ କରିବାପରେ କଲିକତା ନଗରୀରେ ଚାକିରି ପାଇଲେ । ତାଙ୍କର ପ୍ରଣୟିନୀ ଉମା, ଦୂତୀ, ଅରୂପା ଆଉ ନବରତ୍ନଙ୍କଠାରୁ ବିଦାୟ ଗ୍ରହଣ କରି ସେ ମଧ୍ୟ ଦିନେ ପୁରୀ ଏକ୍ସପ୍ରେସ୍‌ରେ ଚଢ଼ିଲେ । ତେବେ ଯିବାଦିନ ପ୍ରଣୟିନୀ ଉମା ଖାଣ୍ଟି ଘିଅରେ ଛଣା କାକରା ପିଠାରେ ଯେଉଁ ବିରାଟ ବୁଙ୍ଗୁଳିଟି ମୂତୟୁ ଶଙ୍କରଙ୍କୁ ଦେଇଥିଲେ, ତାହା ଶେଷ କରିବାକୁ ତାଙ୍କୁ ପ୍ରାୟ ପନ୍ଦର ଦିନ ଲାଗିଥିବ ।

ମିଃ କରୁଣ ଦାସ ହାକିମ ପତ୍ନୀଙ୍କ ଅନୁକମ୍ପାରୁ ଆଉ ହାକିମଙ୍କ ସୁପାରିଶ୍ କ୍ରମେ ଯଥାକାଳରେ ସବ୍‌ଡେପୁଟି ଚାକିରି ପାଇ ବାଲେଶ୍ୱରକୁ ଡେପୁଟେଡ୍ ହେଲେ । ସେ ମଧ୍ୟ ଦିନେ ଅନନ୍ତ ନିବାସ ଓ ତାର ରତ୍ନମଣ୍ଡଳୀଙ୍କଠାରୁ ବିଦାୟ ନେଇଗଲେ । ମିସେସ୍ ରାୟ ତାଙ୍କୁ ଷ୍ଟେସନ ପର୍ଯ୍ୟନ୍ତ ଛାଡ଼ିବାକୁ ଆସିଥିଲେ । ଗୋଟିଏ ଜନଶୂନ୍ୟ ସେକେଣ୍ଡ କ୍ଲାସ ଡବାରେ ତାଙ୍କୁ ଉଠାଇ ଦେଇ ନିଜେ ମଧ୍ୟ ତାଙ୍କ ନିକଟରେ ବସି ବହୁକ୍ଷଣ ପର୍ଯ୍ୟନ୍ତ ବିଦାୟ ଅଶ୍ରୁ ବିସର୍ଜନ କରିଥିଲେ । ତତ୍‌ପରେ ତାଙ୍କୁ ନିବିଡ଼ ଆଲିଙ୍ଗନ କରି ବାରମ୍ବାର ଚୁମ୍ବନ ଦେବାପରେ ଗାଡ଼ିରୁ ଓହ୍ଲାଇ ଆସିଥିଲେ ଆଉ ଗାଡ଼ିଟି ଦୃଷ୍ଟି ପଥରୁ ଲୁଚିଯିବା ପର୍ଯ୍ୟନ୍ତ ତାଙ୍କର ଶୁଭ୍ର ନାସି ରୁମାଲ ଆନ୍ଦୋଳିତ କରିଥିଲେ ।

ମ୍ୟାନେଜର କୃଷ୍ଣଚରଣ ରାଜ୍ୟ ଓ ରାଜକନ୍ୟା ପାଇବା ପୂର୍ବରୁ ମେସ୍‌ର ଅନ୍ୟାନ୍ୟ ରତ୍ନ ଗୋଟି ଗୋଟି ହୋଇ ବିଦାୟ ନେଇ

ସାରିଲେଣି । ଗୋଟିଏ ଶୁଭ ସକାଳରେ ହଠାତ୍ ଏକେ ଶୁଣାଗଲା ଯେ, ପୂଜାଣ୍ଡା ଟୋକା ଅନନ୍ତ ନିକଟସ୍ଥ ଚାଲଘର ନିବାସୀ ଜଣେ ତେଲିଙ୍ଗୀ ରିକ୍ସା ଚାଲକର ଯୁବତୀ କନ୍ୟାକୁ ଧରି କେଉଁଆଡେ ପଳାଇଛି । ଅନନ୍ତ • ଜୀବନରେ ନବବସନ୍ତର ଦକ୍ଷିଣା ମଳୟ ବାଜିଥିଲା । ତା'ର ଦୋଷ ନାହିଁ । ତେଣୁ ମ୍ୟାନେଜର କୃଷ୍ଣଚରଣ ତାଙ୍କର ବହୁ ପରିଚିତ, ବଡ଼ ଆଦରର ଜ୍ୟୋତି ଦର୍ଶନ ସ୍କୁଲ ଏବଂ ଅନୂଢ଼ ନିବାସରେ ତାଲା ପକାଇ ଚାବିକାଠି ଓ ଘରଭଡ଼ା ଗୃହ ମାଲିକ ହାତରେ ସମର୍ପି ଦେଇ ଭଗ୍ନୀ ଅରୂପାକୁ ସଙ୍ଗରେ ଧରି ତାଙ୍କର ସ୍ୱପ୍ନ ରାଜ୍ୟ ଓ ରାଜକନ୍ୟାଙ୍କ ନିକଟକୁ ଚାଲିଲେ ।

ମୁଦ୍ରାକର—ଶ୍ରୀପ୍ରାଣକିଶୋର ଦାସ, କୃଷକ ପ୍ରେସ, କଟକ, ୧୯୫୭